
# ଟାଣ୍ଡାର ଜୀବନ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

# ଟାଣ୍ଡାର ଜୀବନ

ନିର୍ଦ୍ଦେଶକ

ପ୍ରଫେସର (ଡକ୍ଟର) ଅଖିଳ ବିହାରୀ ଓତା

ସଂକଳକ

ଡକ୍ଟର ଅନନ୍ତ ଚରଣ ସାହୁ

ତଥ୍ୟ ସଂଗ୍ରହକାରୀ

ଡକ୍ଟର ଲତା ଭୋଳ

ଶ୍ରୀ ବିବେକାନନ୍ଦ ଦାସବାବୁ

ସମ୍ପାଦକ

ପ୍ରଫେସର ଡକ୍ଟର କୃଷ୍ଣ କୁମାର ମହାନ୍ତି

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଟାଣ୍ଡାର ଜୀବନ


ନିର୍ଦ୍ଦେଶକ : ପ୍ରଫେସର (ଡକ୍ଟର) ଅଖିଳ ବିହାରୀ ଓତା

ସଂକଳକ : ଡକ୍ଟର ଅନନ୍ତ ଚରଣ ସାହୁ
ପ୍ରାକ୍ତନ ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

ତଥ୍ୟ ସଂଗ୍ରହକାରୀ: ଡକ୍ଟର ଲତା ଭୋଳ
ଶ୍ରୀ ବିବେକାନନ୍ଦ ଦାସବାବୁ

ସମ୍ପାଦକ : ପ୍ରଫେସର (ଡକ୍ଟର) କୃଷ୍ଣ କୁମାର ମହାନ୍ତି

© ପ୍ରକାଶକ : ସଦସ୍ୟ ସଚିବ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ୨୦୦୯

ମୁଦ୍ରଣ : ଭୋଳାନାଥ ପ୍ରେସ୍, ୧୨୦୧/୧୬୦୧
ବମିଖାଲ, ଭୁବନେଶ୍ୱର-୭୫୧୦୧୦


# TANDARA JIVANA


**Director** : **Prof.(Dr.) A. B. Ota**

**Compiler** : **Dr. A. C. Sahoo,**
**Formerly, Director, ATDC**

**Data Collection** : **Dr. Lata Bhol**
**Shri Bibekananda Dasbabu**

**Editor** : **Prof. (Dr.) K. K. Mohanti**

© ***Publisher*** : Member Secretary,
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

***First Edition*** : 2009

***Printed at*** : Bholanath Press, 1201/1601
Bomikhal, Bhubaneswar-751010

# ଅଗ୍ରଲେଖ

ମଣିଷ ପ୍ରଥମେ ଗୋଷ୍ଠୀ ମଧ୍ୟରେ ରହିବାକୁ ଶିଖିଲା । ଅତୀତରେ ଖାଦ୍ୟ ଅନ୍ୱେଷଣରେ ଇତସ୍ତତଃ ଭ୍ରମଣ କରି ଯାଯାବର ଜୀବନ ନିର୍ବାହ କରୁଥିଲା । କାଳକ୍ରମେ ଯେଉଁମାନେ ସୁବିଧା ସୁଯୋଗ ପାଇ ସ୍ଥାୟୀ ଭାବରେ ରହିଲେ ସେମାନେ କୃଷିଜୀବି ରୂପେ ପରିଚିତ ହେଲେ । ଆଉ କେତେକ ଗୋଷ୍ଠୀ ଯାଯାବର ଜୀବନକୁ ଆପଣେଇ ନେଲେ । ଜଙ୍ଗଲ ଉପରେ ନିର୍ଭର କରି ଏମାନେ ନିଜ ଜୀବନଧାରଣ ନିର୍ବାହ କରିଚାଲିଲେ ଏବଂ ଜଙ୍ଗଲ ଉତ୍ସରୁ ମିଳୁଥିବା ବିଭିନ୍ନ ଦ୍ରବ୍ୟ ସଂଗ୍ରହକୁ ସେମାନଙ୍କ ଜୀବନଧାରଣର ମୁଖ୍ୟ ପନ୍ଥା ଭାବରେ ଗ୍ରହଣ କରିନେଲେ । ଏହା ସେମାନଙ୍କ ପରମ୍ପରା ହୋଇ ରହିଲା । ଏମାନଙ୍କ ମଧ୍ୟରୁ ଆମ ରାଜ୍ୟର ମାଙ୍କିଡ଼ିଆ ଅନ୍ୟତମ ଯାଯାବର ଗୋଷ୍ଠୀ ହିସାବରେ ପରିଚିତ ହେଲେ ।

ଜନସଂଖ୍ୟାରେ ସ୍ୱଳ୍ପ ହେଲେ ମଧ୍ୟ ମାଙ୍କିଡ଼ିଆମାନଙ୍କ ସାଂସ୍କୃତିକ ମୌଳିକତା ରହିଛି । ଓଡ଼ିଶାର ଜନଜାତିମାନଙ୍କ ସଂଖ୍ୟା ୨୦୦୧ ମସିହା ଜନଗଣନା ଅଧାରରେ ୮,୧୪୫,୦୮୧ ମଧ୍ୟରୁ ମାଙ୍କିଡ଼ିଆମାନଙ୍କର ଜନସଂଖ୍ୟା ମାତ୍ର ୧,୦୫୦ । ଏମାନେ ଅଷ୍ଟ୍ରିକ ଭାଷା ଗୋଷ୍ଠୀ ଅଧୀନସ୍ଥ ବିର୍‌ହୋର୍ ଭାଷାରେ ନିଜର ଭାବଗତ ଆଦାନପ୍ରଦାନ କରିଥାନ୍ତି । ଜନଜାତି ସମାଜର ସାମାଜିକ ରୀତିନୀତି, ରାଜନୈତିକ ପୃଷ୍ଠଭୂମି, ଅର୍ଥନୈତିକ ବ୍ୟବସ୍ଥା ଏବଂ ଧର୍ମୀୟ ପରମ୍ପରାକୁ ସୂକ୍ଷ୍ମ ଭାବରେ ଅନୁଶୀଳନ କଲେ ଲୋକତାନ୍ତ୍ରିକ ସମାଜ ବ୍ୟବସ୍ଥାର ମୂଳ ଭିତ୍ତି ସ୍ପଷ୍ଟ ପରିଲକ୍ଷିତ ହୋଇଥାଏ । ଏହି ଲୋକତାନ୍ତ୍ରିକ ବ୍ୟବସ୍ଥା କାଳାନୁକ୍ରମେ ମହାଭାରତୀୟ ସଂସ୍କୃତିର ଅଂଶ ବିଶେଷ ହୋଇଛି । ସଂସ୍କୃତିର ଉଦ୍‌ବିକାଶ ଘଟିବା ସ୍ୱାଭାବିକ । ଜନଜାତି ସଂସ୍କୃତି ମହାଭାରତୀୟ ସଂସ୍କୃତିରେ ବିଲୀନ ହୋଇଯାଇନାହିଁ, ପରନ୍ତୁ ନିଜସ୍ୱ ସଂସ୍କୃତିର ପରିଚୟ ଅଦ୍ୟାବଧି ବଜାୟ ରଖିପାରିଛି । ମୁଖ୍ୟସ୍ରୋତରୁ କାଳାନୁକ୍ରମେ ନିଜକୁ ଦୂରେଇ ନେଇ କ୍ଷୁଦ୍ରାତିକ୍ଷୁଦ୍ର ସାଂସ୍କୃତିକ ଏକକ ହିସାବରେ ପ୍ରତ୍ୟେକ ଜନଜାତି ନିଜର ପରିଚିତି ବଜାୟ ରଖିବାକୁ ସଂଗ୍ରାମ କରୁଛି । ସ୍ୱାଭିମାନ ଓ ପରମ୍ପରା ମାଙ୍କିଡ଼ିଆମାନଙ୍କ ସଂସ୍କୃତିର ପରିଚାୟକ । ସେମାନଙ୍କର ଅସ୍ଥାୟୀ ବାସସ୍ଥଳୀ ଟାଣ୍ଡା ଯାଯାବର ଜୀବନର ସୂଚନା ପ୍ରଦାନ କରେ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ମାଙ୍କିଡ଼ିଆ ଜନଜାତିର ମୌଳିକ ପରମ୍ପରା, ଯଥା; ଖାଦ୍ୟ, ପାନୀୟ, ବାସଗୃହ, ବସତି, ଶ୍ରମସମବାୟ ଇତ୍ୟାଦି ବିଷୟବସ୍ତୁକୁ ଆଧାର କରି କ୍ଷେତ୍ର ଅଧ୍ୟୟନ ପୂର୍ବକ ପୁସ୍ତିକା ପ୍ରସ୍ତୁତ କରିଛି । ସାଂସ୍କୃତିକ ବିଲୋପର ଚରମ ମୁହୂର୍ତ୍ତରେ ଏହି ସବୁ ପାରମ୍ପରିକ ବିଷୟଗୁଡ଼ିକ ସଂଗ୍ରହ ଓ ସଂକଳନ କରିବା ଏକ ଦୁରୂହ ବ୍ୟାପାର । **"ଟାଣ୍ଡାର ଜୀବନ"** ପୁସ୍ତିକା ଏକ ଅନ୍ୟତମ ଉଦ୍ୟମ । ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବା ମାଙ୍କିଡ଼ିଆମାନଙ୍କ ସଂସ୍କୃତି ଓ ପରମ୍ପରା ଏଥିରେ ପ୍ରଦର୍ଶିତ । ଜନଜାତି ସମାଜର ସାଂସ୍କୃତିକ ବିଭବର ସଂପୂର୍ଣ୍ଣ ବିବରଣୀ ସଂକଳନ ସହଜସାଧ୍ୟ ନୁହେଁ । କେତେକ ନିର୍ବାଚିତ ବିଷୟକୁ ଏକାଡ଼େମୀ ସଂଗ୍ରହ କରି ପ୍ରକାଶ କରିଛନ୍ତି । ପ୍ରକାଶିତ **"ଟାଣ୍ଡାର ଜୀବନ"** ପୁସ୍ତିକାଟି ଏକ ଗବେଷଣାତ୍ମକ ଅଧ୍ୟୟନ ହୋଇଥିବାରୁ ଜ୍ଞାନପିପାସୁ ପାଠକ, ପାଠିକା, ଗବେଷକ, ଛାତ୍ରଛାତ୍ରୀ, ଅଧ୍ୟାପକ, ଐତିହାସିକ ତଥା ଜନଜାତିମାନଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପାଇଁ ଉପାଦେୟ ହୋଇପାରିବ ବୋଲି ଦୃଢ଼ ଆଶା ଓ ବିଶ୍ୱାସ ।

ଚୈତନ୍ୟ ପ୍ରସାଦ ମାଝି

ମାନ୍ୟବର ମନ୍ତ୍ରୀ

*ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ*
*ତଥା ସଂଖ୍ୟାଲଘୁ ଓ ଅନଗ୍ରସରବର୍ଗ କଲ୍ୟାଣ*

# ମୁଖବନ୍ଧ

ପ୍ରାକୃତିକ ପରିବେଶରେ ବସବାସ କରି ଜୀବନଯାପନ କରୁଥିବା ଜନଜାତିମାନଙ୍କ ଏକ ସ୍ୱତନ୍ତ୍ର ପରିଚୟ ରହିଛି । ସେମାନଙ୍କ ଜୀବନ ଧାରା ପରିବେଶକୁ ଖାପ ଖୁଆଇ ଗଢି ଉଠିଛି । ଯେଉଁ ଜନଜାତି ସନ୍ନିକଟ ପରିବେଶକୁ ନିଜର କରି ସ୍ଥାୟୀ ଭାବରେ ବସବାସ କରି ରହି ଆସିଛି ସେଠାରେ ସେହି ଜନଜାତିର ସାମାଜିକ ଉଦ୍‌ବିକାଶ ସହିତ କାଳାନୁକ୍ରମେ ନିଜସ୍ୱ ସାଂସ୍କୃତିକ ବାତାବରଣ ସୃଷ୍ଟି ହୋଇଛି । ଓଡ଼ିଶାରେ ବସବାସ କରୁଥିବା ଜନଜାତିମାନଙ୍କ ସଂସ୍କୃତି ଓ ପରଂପରାକୁ ଲକ୍ଷ୍ୟ କଲେ ଉକ୍ତ ପରିବେଶର ସ୍ଥିତି ଲକ୍ଷ୍ୟ କରି ହୁଏ ।

ଜନଜାତିମାନେ ମୁଖ୍ୟତଃ ପ୍ରକୃତି ଉପରେ ନିର୍ଭରଶୀଳ । ତେବେ ପରିବର୍ତ୍ତିତ ସମୟକୁ ଆଧାର କରି ସେମାନଙ୍କ ଜୀବନଯାତ୍ରାରେ ପରିବର୍ତ୍ତନ ଦେଖାଦେବା ସ୍ୱାଭାବିକ । ପରଂପରାପୁଷ୍ଟ ଜନଜାତିମାନଙ୍କ ଚଳଣି, କେତେକାଂଶରେ ତିଷ୍ଠି ରହିବା ସହିତ ପରିବର୍ତ୍ତନଶୀଳ ।

ଉପରୋକ୍ତ ବିଷୟବସ୍ତୁକୁ ଆଖି ଆଗରେ ରଖି ଓଡ଼ିଶାର ଆଦିବାସୀମାନଙ୍କ ପରମ୍ପରା ଓ ଜ୍ଞାନକୌଶଳ ଉପରେ ପରିଚାଳିତ ଗବେଷଣା ପ୍ରକଳ୍ପ ଏକ ସମୟୋଚିତ ଉଦ୍ୟମ । ପ୍ରଥମ ପର୍ଯ୍ୟାୟରେ ବଣ୍ଡା, ସାନ୍ତାଳ, ହୋ, ଦେଶିଆକନ୍ଧ, ମାଙ୍କିଡ଼ିଆ, ଲୋଧା, ଖଡ଼ିଆ, ଜୁଆଙ୍ଗ, ଡିଡ଼ାୟୀ, ଚୁକ୍‌ଟିଆ ଭୁଞ୍ଜିଆ, ଡଙ୍ଗରିଆକନ୍ଧ, କୁଟିଆକନ୍ଧ, କୋୟା, ଗଣ୍ଡ, ପାଉଡ଼ିଭୂୟାଁ, ଭୂମିଆ, ସଉରା, ଓରାଓଁ, କିଶାନ୍, ପରଜା, ଗଦବା, ଧାରୁଆ, ବିଞ୍ଝିଆ ଓ ଭୂମିଜ ଜନଜାତିଙ୍କ ପରମ୍ପରା ଓ ଜ୍ଞାନକୌଶଳ ଉପରେ କ୍ଷେତ୍ର ଅଧ୍ୟୟନ କରାଯାଇ ପାଣ୍ଡୁଲିପି ପ୍ରସ୍ତୁତ କରାଯାଇଛି, ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଅନାଲୋଚିତ ଗୋଷ୍ଠୀ ସମୂହର ପରମ୍ପରା ଓ ଜ୍ଞାନକୌଶଳ ଉପରେ କ୍ଷେତ୍ର ଅଧ୍ୟୟନ କରାଯିବା ପ୍ରସ୍ତାବ ରହିଛି ।

ଜନଜାତି ପରମ୍ପରା ଓ ସଂସ୍କୃତି ସାଂପ୍ରତିକ ପରିବର୍ତ୍ତନ ସତ୍ତ୍ୱେ ମୌଳିକତା ଅକ୍ଷୁର୍ଣ୍ଣ ରଖିଅଛି । ଉନ୍ନୟନ ବ୍ୟବସ୍ଥା ତାଙ୍କ ଉପରେ ଲଦି ଦିଆଯାଇଛି । ସ୍ୱାଧୀନତାର ୬୦ ବର୍ଷ ବିତି ଯାଇଥିଲେ ସୁଦ୍ଧା ତାଙ୍କ ପାଖରେ ଆଶାନୁରୂପ ସଫଳତା ମିଳି ପାରିନାହିଁ । ଆମେ ମୁଖ୍ୟତଃ ତାଙ୍କ ମୂଳ ଆବଶ୍ୟକତା ସହ ସଚେତନ ନେହୁଁ । ତାଙ୍କ ପରମ୍ପରା ଓ ଜ୍ଞାନକୌଶଳ ସହ ଆମର ପରିଚିତି ନାହିଁ । ତେଣୁ ଅଧିକାଂଶ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଓ ପରିକଳ୍ପନା ସଫଳ ହୋଇପାରୁନାହିଁ ।

ଅଧୁନା ଚିନ୍ତନର ସମୟ ଉପସ୍ଥିତ । ଅବବୋଧର ଅବକ୍ଷୟ ଘଟିବା ପୂର୍ବରୁ ସେମାନଙ୍କ ସଂସ୍କୃତି, ଜ୍ଞାନକୌଶଳ ଓ ପରମ୍ପରା ସଂପର୍କରେ ଜ୍ଞାନଲାଭ କରିବା ଏକାନ୍ତ ଆବଶ୍ୟକ । ଏହା ଫଳରେ ଉନ୍ନୟନ ଯୋଜନାର ସଫଳ ରୂପାୟନ ସମ୍ଭବ ହେବ ।

ପ୍ରକାଶିତ **"ଟାଣ୍ଡାର ଜୀବନ"** ପୁସ୍ତିକା ମାଙ୍କିଡ଼ିଆ / ମାଙ୍କିରିଡ଼ିଆମାନଙ୍କ ପରିବେଶ, ସଂସ୍କୃତି ଓ ପରମ୍ପରାକୁ ନେଇ ପୁଷ୍ଟ । ଏହି ପୁସ୍ତିକା ସଂକଳନରେ ଡ଼ଃ ଲତା ଭୋଳ ଓ ଶ୍ରୀ ବିବେକାନନ୍ଦ ଦାସବାବୁଙ୍କ ଶ୍ରମ ସ୍ୱୀକୃତ । ପାଣ୍ଡୁଲିପିର ଆବଶ୍ୟକ ପରିମାର୍ଜନ ସହ ମୟୂରଭଞ୍ଜ ଅଞ୍ଚଳର ବହୁ ବିଦ୍ୱାନ ବ୍ୟକ୍ତି ଶ୍ରମ ସ୍ୱୀକାର ପୂର୍ବକ ତଥ୍ୟ ପ୍ରଦାନ କରି ପାଣ୍ଡୁଲିପିକୁ ପ୍ରକାଶନ ଉପଯୋଗୀ କରିଛନ୍ତି । ପୁସ୍ତକ ପ୍ରକାଶନ ଅବସରରେ ଏକାଡ଼େମୀ ସେମାନଙ୍କ ନିକଟରେ କୃତଜ୍ଞ ।

ଆମ ବିଭାଗର ମାନ୍ୟବର ମନ୍ତ୍ରୀ ମହୋଦୟ ପୁସ୍ତିକାର ଅଗ୍ରଲେଖ ପ୍ରଦାନ କରିଥିବାରୁ ଆମ୍ଭେମାନେ ତାଙ୍କ ନିକଟରେ ଋଣୀ ଓ କୃତଜ୍ଞ ।

ଅଖିଳ ବିହାରୀ ଓତା

**ସଦସ୍ୟ-ସଚିବ**

# ସୂଚିପତ୍ର


| କ୍ର.ସଂ. | ବିଷୟ | ପୃଷ୍ଠା |
|---|---|---|
| | ଅଗ୍ରଲେଖ | |
| | ମୁଖବନ୍ଧ | |
| ୧. | ଉପକ୍ରମଣିକା | ୧ |
| ୨. | ଖାଦ୍ୟାଭ୍ୟାସ | ୬ |
| ୩. | ପାନୀୟ | ୧୩ |
| ୪. | କନ୍ୟାସୁନା | ୨୦ |
| ୫. | ପର୍ବପର୍ବାଣି (ପରବ୍) | ୨୮ |
| ୬. | କୃଷିକାର୍ଯ୍ୟ | ୪୦ |
| ୭. | ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ | ୪୨ |
| ୮. | ଶ୍ରମ ସହଯୋଗ | ୫୩ |
| ୯. | ଯୁବଶୟନାଗାର | ୫୭ |
| ୧୦. | ପାରମ୍ପରିକ ଗ୍ରାମସଭା | ୬୫ |
| ୧୧. | ଗୁଣିଗାରେଡ଼ି ଓ ଧର୍ମୀୟ କାର୍ଯ୍ୟନିର୍ବାହୀ | ୭୪ |
| ୧୨. | ବସତି (ଟାଣ୍ଡା) ସ୍ଥାପନ | ୮୮ |
| ୧୩. | ବାସଗୃହ (କୁମ୍ଭା) | ୯୮ |
| ୧୪. | ପଡ଼ୋଶୀ ଗୋଷ୍ଠୀ | ୧୧୨ |
| ୧୫. | ପାରମ୍ପରିକ ହସ୍ତଶିଳ୍ପ ଓ ଚାରୁକଳା | ୧୧୯ |
| ୧୬. | ଔଷଧ ଓ ଭେଷଜଜ୍ଞ | ୧୨୫ |
| ୧୭. | ବାର୍ଷିକ ପର୍ବପର୍ବାଣି ସାରଣୀ | ୧୩୧ |
| ୧୮. | ବାର୍ଷିକ ବନଜାତ ଦ୍ରବ୍ୟ ସଂଗ୍ରହ ପଞ୍ଜିକା | ୧୩୭ |

## ଉପକ୍ରମଣିକା :

ଶତାବ୍ଦୀ ଶତାବ୍ଦୀ ଧରି ବହୁ ବୈଜ୍ଞାନିକ ସୃଷ୍ଟି ରହସ୍ୟ ଜାଣିବାକୁ ଗବେଷଣା କରି ଆସିଛନ୍ତି । ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ମଣିଷକୁ ଏତେ ବୁଦ୍ଧି, ବିବେକ ଓ ଜ୍ଞାନ ଦେଇ କିଏ, କେବେ, କିପରି ସୃଷ୍ଟି କଲା ତାହା ଏବେ ମଧ୍ୟ ସ୍ପଷ୍ଟ ନୁହେଁ । ଅନ୍ଧକାର ଭିତରେ ବାଡି ବୁଲାଇ ତିନି ଅନ୍ଧ ହାତୀ ଦେଖା ପରି ଭିନ୍ନ ଭିନ୍ନ ମତ ସଭିଏଁ ଉପସ୍ଥାପନ କରିବାରେ ଲାଗିଛନ୍ତି ।

ବିଜ୍ଞାନ ଭିତ୍ତିକ ସମସ୍ତ ଜ୍ଞାନ କୌଶଳ ପ୍ରୟୋଗ କରି ମଧ ସୃଷ୍ଟି ଇତିହାସ ସଂପର୍କରେ ସାର୍ବଜନୀନ ସିଦ୍ଧାନ୍ତ ଗ୍ରହଣ କରିବାରେ ବୈଜ୍ଞାନିକ ସଫଳ ହୋଇ ପାରିନାହାନ୍ତି । ଅନ୍ୟ ପକ୍ଷରେ ଆଧ୍ୟାତ୍ମିକବାଦ ମୁଣ୍ଡ ଟେକିଛି । ଭାରତୀୟ ସଂସ୍କୃତିରେ ଏହି ପାରମ୍ପରିକ ଚେତନା ବିଜ୍ଞାନର ଗଣିତକଷାକୁ ଭୁଲ ପ୍ରମାଣିତ କରିବାକୁ ଯତ୍‌ପରୋନାସ୍ତି ଚେଷ୍ଟିତ । ଏହି ସଂଘର୍ଷରୁ ହୁଏତ ଜନ୍ମ ନେଇଛି ସୃଷ୍ଟି ସଂପର୍କିତ କାହାଣୀ ବା କିମ୍ବଦନ୍ତୀ ।

ଭାରତରେ ବସବାସ କରୁଥିବା ପ୍ରାୟ ସମସ୍ତ ଆଦିବାସୀ ଗୋଷ୍ଠୀରେ ମଧ୍ୟ ସୃଷ୍ଟି ସମ୍ବନ୍ଧୀୟ ଅବଧାରଣା ଦେଖାଯାଏ ।ସୃଷ୍ଟି ତଥ୍ୟ ଇତିହାସ, ଆଧ୍ୟାତ୍ମିକବାଦ ବା ଆଧ୍ୟାତ୍ମିକ ଚେତନା ଉପରେ ହିଁ ପର୍ଯ୍ୟବସିତ ।

ମାଙ୍କିରଡିଆ / ବିର୍‌ହୋର୍‌ଙ୍କ ମଧ ସୃଷ୍ଟି ତତ୍ତ୍ୱ ସମ୍ବନ୍ଧରେ ଜ୍ଞାନ ଅଛି । ଏମାନଙ୍କ କିମ୍ବଦନ୍ତୀ ସୂଚନା ଦିଏ ଯେ, ସୃଷ୍ଟି ପୂର୍ବରୁ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଜଳମୟ ଥିଲା । ଏହାର ଉପରି ଭାଗରେ ଏକ ମନୋରମ ପଦ୍ମଫୁଲ ପ୍ରସ୍ଫୁଟିତ ଥିଲା । ଠାକୁର/ଈଶ୍ୱର ପାତାଳରୁ ଆସି ଏହି ପଦ୍ମଫୁଲ ଉପରେ ଉପବେଶନ ପୂର୍ବକ ପୃଥିବୀ ସୃଷ୍ଟିର କଳ୍ପନା କରି ପ୍ରଥମେ କଇଁଛକୁ ପାତାଳରୁ ମାଟି ଆଣିବାକୁ ନିର୍ଦ୍ଦେଶ ଦେଲେ । କଇଁଛ କିନ୍ତୁ ମାଟି ଆଣିବାରେ ବିଫଳ ହେଲା । ଫଳରେ ଠାକୁର କଙ୍କଡାକୁ ଅନୁରୂପ ଆଦେଶ ଦେଇଥିଲେ ହେଁ କଙ୍କଡା ମଧ୍ୟ ମାଟି ଆଣିବାରେ ସଫଳ ହେଲା ନାହିଁ । ଶେଷରେ ଜିଆ ଠାକୁରଙ୍କ ଇଚ୍ଛା ପୂର୍ଣ୍ଣ କଲା ।

ଠାକୁର ମାଟିକୁ ହାତରେ ଚାପି ଦେଇ କିଛି ମାଟି ଚତୁର୍ଦ୍ଦିଗରେ ଫୋପାଡି ଦେଲେ । ତଦ୍ଦ୍ୱାରା ଜଳ ପଛକୁ ହଟିଗଲା ଏବଂ ପୃଥିବୀର ଉତ୍ପତ୍ତି ହେଲା । ପୃଥିବୀଟି

ଅସମତଳ ତଥା ବନ୍ଧୁର ଥିବାରୁ ଠାକୁର ସମତଳକରଣ ଦଣ୍ଡ ସାହାଯ୍ୟରେ ତାହା ସମାନ କରିବାକୁ ଚେଷ୍ଟା କଲେ । ଫଳରେ ଯେଉଁ ସ୍ତୂପର ଆବିର୍ଭାବ ଘଟିଲା, ସେଗୁଡିକ ପାହାଡ ପର୍ବତରେ ପରିଣତ ହେବା ସହିତ ସମତଳ ଭୂମି ସବୁ ଉପତ୍ୟକା କିମ୍ବା ସମପୃଷ୍ଠ ଭୂମିରେ ରୂପାନ୍ତରିତ ହେଲା । ସେଥିରେ ଠାକୁର କିଚ୍ଛି ମଂଜି ବୁଣିଦେବାରୁ ନାନାବିଧ  ବୃକ୍ଷଲତାରେ ପୃଥିବୀ ଭରି ଉଠିଲା ।

ତତ୍‌ପରେ ପକ୍ଷୀରାଜ ଘୋଡା ପଙ୍ଖରାଜ ସର୍ଜନା କରି ଠାକୁର ମଣିଷ ସୃଷ୍ଟି ପାଇଁ ଇଚ୍ଛା କଲେ । ତେଣୁ ମଣିଷର ଏକ ମାଟି ମୂର୍ତ୍ତି ପ୍ରସ୍ତୁତ କରି ଠାକୁର ଗୋଟିଏ ରାତି ତାହା ଶୁଖିବାକୁ ଛାଡିଦେଲେ । ରାତିରେ କିନ୍ତୁ ପଙ୍ଖରାଜ ମଣିଷ ମୂର୍ତ୍ତିଟିକୁ ଗୋଡରେ ମାଡି ନଷ୍ଟ କରିଦେଲା । କାରଣ ତାର ଆଶଙ୍କା ହେଲାଯେ ମଣିଷ ସୃଷ୍ଟି ହେଲେ ତାକୁ ମଣିଷର ବଶ୍ୟତା ସ୍ୱୀକାର କରିବାକୁ ପଡିବ ।

ପୁନଶ୍ଚ ଠାକୁର ଚତୁରତାର ସହ ମଣିଷ ସହିତ ଏକ କୁକୁର ପ୍ରତିମା ପ୍ରସ୍ତୁତ କରି ବାୟୁ ପ୍ରବାହିତ ଦିଗକୁ ମୁହାଁଇ ରଖିଦେଲେ । ସନ୍ଧ୍ୟା ସୁଦ୍ଧା କୁକୁର ପିତୁଳା ଶୁଖିଗଲା ଏବଂ ନିଶ୍ୱାସ ପ୍ରଶ୍ୱାସ ପ୍ରବାହ ପୂର୍ବକ ଜୀବନ୍ୟାସ ପାଇଲା । ମଣିଷ ମୂର୍ତ୍ତିଟି ଶୁଖି ନଥିବାରୁ ଠାକୁର ରାତିରେ କୁକୁରକୁ ଜଗାଇ ରଖିଲେ । ତେଣୁ ପଙ୍ଖରାଜ ତାହାକୁ ନଷ୍ଟ କରିବାକୁ ଚେଷ୍ଟା କରି ବିଫଳ ହେଲା । ମଣିଷ ପ୍ରତିମାଟି ଶୁଖିଗଲା ପରେ ଠାକୁର ସେଥିରେ ଜୀବନ୍ୟାସ ଦେଲେ ମାତ୍ର ମଣିଷଟିର ଗ୍ରନ୍ଥିଗୁଡିକ ଠିକ୍ ନଥିବାରୁ ସେ ବସାଉଠା  କିମ୍ବା ଚଲାବୁଲା କରିପାରିଲା ନାହିଁ । ଫଳରେ ଠାକୁର ତାଠାରୁ ଜୀବନୀ ଶକ୍ତି ଫେରାଇ ନେଇ ପୁନର୍ବାର ଠିକ୍ ଭାବରେ ମଣିଷ ପିତୁଳା କରି ଜୀବନ୍ୟାସ ଦେଲେ । ଶେଷରେ ମଣିଷ ସୃଷ୍ଟି ହୋଇଗଲା । ପରବର୍ତ୍ତୀ ପର୍ଯ୍ୟାୟରେ କ୍ରମଶଃ ଠାକୁର ସମସ୍ତ ଜୀବଜନ୍ତୁ, କୀଟପତଙ୍ଗ ସର୍ଜନା କରିବାକୁ ଲାଗିଲେ ।

ଅବଶ୍ୟ ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ ଠାକୁର ଏକ ସଂଗେ ଲାକ୍ରା ଓ ସାନି ନାମକ ଦୁଇଟି ମଣିଷ ସୃଷ୍ଟି କରିଥିଲେ, ଜଣେ ପୁରୁଷ ଓ ଅନ୍ୟଟି ସ୍ତ୍ରୀ । ସେମାନଙ୍କ ଦ୍ୱାରା ମଣିଷ ବଂଶ ବିସ୍ତାରିତ ହେଲା ।  ମଣିଷମାନଙ୍କ ମଧ୍ୟରେ ପୁଣି ବିରହୋର ସମ୍ପ୍ରଦାୟ ସୃଷ୍ଟି ପାଇଁ ଏକ ସୁନ୍ଦର କାହାଣୀ ଶୁଣାଯାଏ ।

ଥରେ ସାତଭାଇ କଇମାର୍ ପର୍ବତରୁ ଓହ୍ଲାଇଲେ । ସେ ମଧ୍ୟରୁ ଚାରିଭାଇ ପୂର୍ବକୁ ଗଲେ ଏବଂ ତିନି ଭାଇ ରାମଗଡ ଜିଲ୍ଲାରେ ରହିଲେ । ଦିନେ ତିନି ଭାଇ ଦେଶର

ମୁଖ୍ୟଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଗଲାବେଳେ ଜଣକର ପଗଡି ଗୋଟିଏ ଗଛରେ ଛନ୍ଦି ହୋଇଗଲା । ଏହାକୁ ଅଶୁଭ ସଙ୍କେତ ମନେ କରି ସେହି ଭାଇଟି ଜଙ୍ଗଲରେ ରହିଲା । ଅନ୍ୟ ଦୁଇଭାଇ ଯୁଦ୍ଧ ଅଭିଯାନରେ ଗଲେ । ସେମାନେ ବିଜୟୀ ହୋଇ ବାହୁଡି ଦେଖିଲେ ଯେ, ସେମାନଙ୍କ ଭାଇ ଶିଆଳି ଗଛର ଛେଲି କାଟିବାରେ ବ୍ୟସ୍ତ ଅଛି । ଏହା ଦେଖି ସେମାନେ ତାକୁ ବିର୍‌ହୋର୍ (ଜଙ୍ଗଲ ମଣିଷ) କହି ଘୃଣା କଲେ । ସେହି ଭାଇଟି କିନ୍ତୁ ଏପରି ଅହଂକାରୀ ଭାଇ ମାନଙ୍କ ସହିତ ନରହି ବରଂ ବିର୍‌ହୋର୍ ହୋଇ ରହିବାକୁ ଅଧିକ ପସନ୍ଦ କଲା । ଫଂଳରେ ସେହି ପ୍ରାକ୍ ଐତିହାସିକ କାଳରେ ଜଙ୍ଗଲ ମଣିଷ/ ଜଙ୍ଗଲ ଠାକୁର ବା ବିର୍‌ହୋରର ଉତ୍ପତ୍ତି ହେଲା ।

ବିର୍‌ହୋର ଏକ ଯାଯାବର ଗୋଷ୍ଠୀ ଭାବରେ ଜଙ୍ଗଲ ଜଙ୍ଗଲ ବୁଲି ଜୀବିକା ନିର୍ବାହ କଲେ । ଏମାନଙ୍କର ବଞ୍ଚି ରହିବାର ଏକ ମାତ୍ର ଅବଲମ୍ବନ ହେଲା ପାହାଡ ଓ ଜଙ୍ଗଲ । ସଭ୍ୟତାର ଆଲୋକ ଏମାନଙ୍କୁ ସ୍ପର୍ଶ କରିପାରିଲା ନାହିଁ । କାଳକ୍ରମେ ସେ ପଶୁବତ୍ ଜୀବନଧାରାରେ ଯତ୍‌କିଞ୍ଚିତ ପରିବର୍ତ୍ତନ ହୋଇଥାଇପାରେ, ମାତ୍ର ସମୟ ସହିତ ପାଦ ମିଳାଇ ଚାଲିବାରେ ବିର୍‌ହୋର ସକ୍ଷମ ହେଲେନାହିଁ ।

ସମୟସ୍ରୋତର ଗଡ୍‌ଡାଳିକା ପ୍ରବାହରେ ବିର୍‌ହୋର ପୁଣି ମାଙ୍କିରଡିଆ ନାମରେ ଅଭିହିତ ହୋଇଥିବା ଜଣାଯାଏ । କାରଣ ସେମାନଙ୍କର ଶରୀର ଆକୃତିରେ ପରିବର୍ତ୍ତନ ଘଟିଥିଲେ ହେଁ ମୁଖମଣ୍ଡଳ ଅନେକାଂଶରେ ମାଙ୍କଡ ସଦୃଶ ଥିଲା । ମୁଣ୍ଡ ଅପେକ୍ଷାକୃତ ବଡ, ନାକ ଚେପ୍‌ଟା, ଉଚ୍ଚତା କମ୍ ଏବଂ ବର୍ଣ୍ଣ କଳା ଯୋଗୁଁ ଅନ୍ୟ ସଂପ୍ରଦାୟର ଲୋକେ ଏମାନଙ୍କୁ ବାନର ମାନବ/ମାଙ୍କିଡିଆ/ମାଙ୍କିଡି ଇତ୍ୟାଦି ନାମରେ ସମ୍ବୋଧନ କରୁଥିଲେ । ପୁନଶ୍ଚ ମାଙ୍କଡ ଶୀକାର କରିବାରେ ଏମାନେ ଥିଲେ ସିଦ୍ଧହସ୍ତ ଏବଂ ମାଙ୍କଡ ମାଂସ ଭକ୍ଷଣ କରିବାରେ ବିର୍‌ହୋର ଏକ ମାତ୍ର ସମ୍ପ୍ରଦାୟ । ଏହା ବ୍ୟତୀତ ଏମାନଙ୍କର ଅସ୍ଥାୟୀ ବର୍ଷାକାଳୀନ ବାସଗୃହର ଆକୃତି ଯୋଗୁଁ ଏମାନେ ନିଆରି ଗୋଷ୍ଠୀ ରୂପେ ପରିଗଣିତ ହେଲେ । ତାଳପତ୍ରରେ ନିର୍ମିତ ବାସଗୃହ ଗୁଡିକ ସଭିଙ୍କୁ ମାଙ୍କଡ ପଲା ସଦୃଶ ପ୍ରତୀୟମାନ ହେଉଥିଲା । ତେଣୁ ଆକୃତିରେ ମାଙ୍କଡ ସହିତ ସାମଞ୍ଜସ୍ୟ, ମାଙ୍କଡ଼ ଶୀକାର ଓ ଭକ୍ଷଣ ତଥା କ୍ଷୁଦ୍ରାକୃତିର ବାସଗୃହ - ଏହି ତିନୋଟି କାରଣ ଯୋଗୁଁ ହିଁ ବିର୍‌ହୋର ମାଙ୍କିଡିଆ ନାମରେ ନାମିତ ହେଲେ ।

ସୃଷ୍ଟିର ଉଦ୍‌ବିକାଶ ପ୍ରକ୍ରିୟାରେ ସମୟ, ପରିବେଶ, ପରିସ୍ଥିତି ତଥା ମଣିଷର ମାନସିକତାରେ ପରିବର୍ତ୍ତନ ଘଟିଲା । କ୍ରମେ ମାଙ୍କିରଡିଆ ଗୋଷ୍ଠୀ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଗଲେ । ଗୋଟିଏ ଉଥ୍‌ଲସ୍ / ଉଠାକାନା (ଯାଯାବର) ଏବଂ ଅନ୍ୟଟି ଜାଘି (ସ୍ଥାୟୀ) । କ୍ରମଶଃ ସେମାନେ ବିସ୍ତାରିତ ହୋଇ ବିହାର ଛୋଟନାଗପୁର ମାଳଭୂମିର ରାଞ୍ଚି, ଗୁମ୍‌ଲା ଓ ହଜାରିବାଗ ଜିଲ୍ଲା, ମଧ୍ୟପ୍ରଦେଶର ରାୟଗଡ ଜିଲ୍ଲା, ପଶ୍ଚିମ ବଙ୍ଗଳା, ମହାରାଷ୍ଟ୍ର ଏବଂ ଓଡିଶାର ମୟୂରଭଞ୍ଜ, ସୁନ୍ଦରଗଡ, ସମ୍ବଲପୁର, କଳାହାଣ୍ଡି, କେଉଁଝର ଜିଲ୍ଲା ମାନଙ୍କରେ ବସବାସ କଲେ । ୧୯୭୧ ଜନଗଣନା ଅନୁଯାୟୀ ବିହାରରେ ମାଙ୍କିଡିଆଙ୍କ ସଂଖ୍ୟା ୩୪୬୪ ଥିବା ବେଳେ ମଧ୍ୟପ୍ରଦେଶରେ ୫୬୧ ଓ ଓଡିଶାରେ ମାତ୍ର ୯୮ ମାଙ୍କିଡିଆ ବାସ କରୁଥିଲେ । କିନ୍ତୁ ୧୯୮୧ ଜନଗଣନା ଅନୁଯାୟୀ ଓଡିଶାରେ ମାଙ୍କିଡିଆ ସଂଖ୍ୟା ୩୭୯କୁ ବୃଦ୍ଧି ପାଇଲା ।

**୧୯୯୧-୨୦୦୧:**

ମାଙ୍କିଡିଆ ଭାଷା ଅଷ୍ଟ୍ରୋ-ଏସିଆଟିକ୍ ଭାଷା ପରିବାର ଭୁକ୍ତ । ଏଥିରେ ମୁଣ୍ଡାରୀ ଓ ସାନ୍ତାଳୀ ଭାଷାର ସମ୍ମିଶ୍ରଣ ଘଟିଥିଲେ ହେଁ ଅନେକ ଶବ୍ଦ ମାଙ୍କିଡିଆଙ୍କର ନିଜସ୍ୱ । ତେବେ ଏମାନଙ୍କୁ ମୁଣ୍ଡାରୀ ଗୋଷ୍ଠୀ ଅନ୍ତର୍ଭୁକ୍ତ କରାଯାଇପାରେ । ସାମାଜିକ, ସାଂସ୍କୃତିକ ତଥା ଧର୍ମୀୟ ଦିଗରେ ସାନ୍ତାଳ, ହୋ ଓ ଭୂମିଜ ମାନଙ୍କ ସହିତ ସାମଞ୍ଜସ୍ୟ ଅନେକ, ତଥାପି କେତେକ ପର୍ବପର୍ବାଣି ଆର୍ଯ୍ୟମାନଙ୍କ ସହିତ ସମାନ । କିନ୍ତୁ ଆର୍ଥିକ କ୍ଷେତ୍ରରେ ମାଙ୍କିରଡିଆ ମାନେ ପଛୁଆ ବା ଅନଗ୍ରସର ।

ମୟୂରଭଂଜ ଜିଲ୍ଲାର ଭଣ୍ଡାରିପାଳ, ବଣିଆବସା, ଘଠାଣି, ଧର୍‌ଧରା, କେନ୍ଦୁମୁଣ୍ଡି, ମାଙ୍କିଡିଆ ସାହି ଆଦି ଗ୍ରାମ ଗୁଡିକରେ ମାଙ୍କିଡିଆ (ଜାଘି ଶ୍ରେଣୀର) ଲୋକ ବସବାସ କରୁଥିବା ବେଳେ ମାହେଲବସା, ସୁନାପୋଖରୀ, ଆମ୍ବଡାଳି ପ୍ରଭୃତି ଗ୍ରାମରେ ଉଠାକାନା (wanderer)ଦଳ ଅସ୍ଥାୟୀ ବସତି (ଟାଣ୍ଡା)କରିଥାଆନ୍ତି । ଏମାନେ ସମସ୍ତେ ସାଧାରଣତଃ ପାହାଡ/ପର୍ବତର ପାଦଦେଶ କିମ୍ବା ଜଙ୍ଗଲ ଓ ଜଳାଶୟ ସମୀପବର୍ତ୍ତୀ ଅଂଚଳରେ ବସତି ସ୍ଥାପନ କରିବାକୁ ଉଚିତ ମଣନ୍ତି । ଉଭୟ ଶ୍ରେଣୀର ମାଙ୍କିଡିଆ ସଂପର୍କିତ ତ ଥା ଜୀବିକା ନିର୍ବାହର ପନ୍ଥା ଗୋଟିଏ, ଜଙ୍ଗଲରୁ ସଂଗୃହୀତ ଶିଆଳି ଛେଲିକୁ ଶିଳ୍ପ ରୂପ ଦେବା ।

ସମସ୍ତ ଆଦିବାସୀ ସଂପ୍ରଦାୟ ମଧ୍ୟରେ ମାଙ୍କିଡିଆ ଏକ ବ୍ୟତିକ୍ରମ । ଏମାନଙ୍କ ପାରମ୍ପରିକ ବାସଗୃହ, ମାଙ୍କଡ ଶିକାର ଓ ଭକ୍ଷଣ ତଥା ଶିଆଡି ଛେଲିର ଶିଳ୍ପକଳା ଏମାନଙ୍କୁ ଅନ୍ୟ ଗୋଷ୍ଠୀଠାରୁ ଭିନ୍ନ ରୂପରେ ଚିହ୍ନିତ କରାଇଥାଏ । ଅବଶ୍ୟ ଏବେ ସରକାରୀ ସହାୟତାରେ ଦିଆଯାଉଥିବା ଇନ୍ଦିରା ଆବାସ ଗୃହରେ ଅବସ୍ଥାନ କରି ମାଙ୍କିରଡିଆ ପରମ୍ପରା ଭଙ୍ଗ କରିବାର ମାନସିକତାକୁ ଆପଣେଇଲେଣି । ମାଙ୍କିଡିଆଙ୍କ ପାଇଁ ଏହା ଶୁଭ ସୂଚନା ନିଶ୍ଚୟ । ଏହି ସୁଯୋଗରେ ପୂର୍ଣ୍ଣ ସହାୟତା ଯୋଗାଇ ଦେଲେ ମାଙ୍କିଡିଆ ଜାତୀୟ ସ୍ରୋତରେ ବେଶ୍ ସାମିଲ ହୋଇ ପାରିବେ ।

# ଖାଦ୍ୟାଭ୍ୟାସ
# (ଜଡ ଆଡିମ୍ ଜମା)

ମାଙ୍କିଡିଆ ମାନଙ୍କ ଆର୍ଥିକ ଅବସ୍ଥା ଖୁବ୍ ଅନଗ୍ରସର । କାରଣ ସ୍ଥାୟୀ ଭାବରେ ଏମାନେ ଆଗରୁ କୌଣସି ସ୍ଥାନରେ ବସବାସ କରୁ ନଥିଲେ । ଜଙ୍ଗଲରେ ବୁଲି ବୁଲି କାଳାତିପାତ କରୁଥିଲେ । କେବେ କେମିତି ବର୍ଷା ଋତୁରେ ପାହାଡ ତଳ ସମତଳ ସ୍ଥାନ ବା ଗାଁ ଗଣ୍ଡାରେ ପତ୍ର କୁଡିଆ କରି ରହୁଥିଲେ । ପୁଣି ବର୍ଷା ଛାଡିଲେ ପାହାଡ ପର୍ବତ ଜଙ୍ଗଲ ଆଦିରେ ଶୀକାର ବା ଫଳମୂଳ ସଂଗ୍ରହ କରି ଚଳୁଥିଲେ । ତେଣୁ ଏମାନଙ୍କୁ ଅନ୍ୟାନ୍ୟ କାମ ଜଣା ନଥିବାରୁ ରୋଜଗାରର ପନ୍ଥା ଏମାନଙ୍କ ପାଖରେ କିଛି ନାହିଁ ।

ଅଧୁନା ମାଙ୍କିଡିଆ ମାନେ ବସତି ସ୍ଥାପନ କଲେଣି କିମ୍ବା ସରକାର ତରଫରୁ ସେମାନଙ୍କୁ ବାସଗୃହର ସୁବିଧା ଯୋଗାଇ ଦିଆଯାଉଛି ।

## ମୁଖ୍ୟଖାଦ୍ୟ:

ସେମାନଙ୍କ ମୁଖ୍ୟ ଖାଦ୍ୟ ପଖାଳ । ସକାଳେ ଶାଳ ଦାନ୍ତକାଠିରେ ଦାନ୍ତ ଘଷନ୍ତି ଏବଂ ପଖାଳ ଖାଇ ଜଙ୍ଗଲକୁ ଯାଆନ୍ତି । ଘରକୁ ସନ୍ଧ୍ୟାରେ ବାହୁଡନ୍ତି । ପୁଣି ସନ୍ଧ୍ୟା ପରେ ଗରମ ବା ପଖାଳ ଖାଆନ୍ତି ।

## ସହକାରୀ ଖାଦ୍ୟ :

ମାଙ୍କିଡିଆ ମାନଙ୍କ ସହକାରୀ ଖାଦ୍ୟ କିଛି ନାହିଁ କହିଲେ ଚଳେ । ସକାଳ ଏବଂ ରାତି ବ୍ୟତୀତ ସେମାନେ ଦିନଯାକ କିଛି ଖାଆନ୍ତି ନାହିଁ ବା ସେମାନଙ୍କ ପାଖରେ ଖାଇବାକୁ କିଛି ନଥାଏ । ପୁରୁଷ ଲୋକମାନେ ଦିନଯାକ ପାହାଡ ତଥା ଜଙ୍ଗଲରେ ବୁଲି ଶିଆଳି ଲଟା, ଶିଆଳି ଛେଲି ସଂଗ୍ରହ କରନ୍ତି । ସନ୍ଧ୍ୟାରେ ବାହୁଡନ୍ତି । ମଝି ସମୟରେ କିଛି ଖାଆନ୍ତି ନାହିଁ । ଘରେ ଥିବା ସ୍ତ୍ରୀଲୋକ ଏବଂ ପିଲାମାନେ ଯଦି ଘରେ କିଛି ପଖାଳ ତୋରାଣି ବଳିଥାଏ ତ ତାକୁ ଖାଆନ୍ତି ନଚେତ୍ ଉପାସରେ ରହି ଥାଆନ୍ତି ।

## ସହାୟକ ଖାଦ୍ୟ :

ଏମାନଙ୍କର ସହାୟକ ଖାଦ୍ୟ ମୁଖ୍ୟତଃ ଶାଗ । ସଜନା(ମୁଗାଁକା), ମାମ୍ଡି (ମାଠାଳା), ବାଇବିଣ୍ଡି ବା ଗୁଡ୍ମହନ୍, ନଡରଡୁଙ୍କ (ନରଡଙ୍କ), ଗାଡ୍ରିବାସାରୁ, ଟକଭେଣ୍ଡି,

ଜଙ୍ଗଲି ଶାଗ (କାଣ୍ଟିଆଳା) ଇତ୍ୟାଦି ଋତୁ ଅନୁଯାୟୀ କେବେ କେମିତି ଛତୁ (ପତଡା, ବଡଛତୁ, ରୁଟ୍‌କା, ଟିକିରା ଇତ୍ୟାଦି) ମଧ୍ୟ ଖାଇ ଥାଆନ୍ତି । ପଖାଳ ସହିତ ଖଟା (ତେନ୍ତୁଳି, ଟକଭେଣ୍ଡି) କିମ୍ବା କିଛି ନ ମିଳିଲେ ଲୁଣ ଲଙ୍କା ସହାୟତାରେ ପଖାଳ ଖାଆନ୍ତି । ଏମାନେ ଯେ ଅନ୍ୟାନ୍ୟ କିଛି ଖାଆନ୍ତି ନାହିଁ ତା ନୁହେଁ, ପରନ୍ତୁ କିଛି ଖାଇବା ପାଇଁ ଏମାନଙ୍କ ପାଖରେ ଅର୍ଥ ନଥାଏ କିମ୍ବା ନିଜ ପରିଶ୍ରମରେ ଋଷବାସ କାର୍ଯ୍ୟ ମଧ୍ୟ ଏମାନେ କରି ନଥାଆନ୍ତି ।

## ନିତିଦିନିଆ ଖାଦ୍ୟ :

ସକାଳେ ଶାଗ ଓ ପଖାଳ, ରାତିରେ ଶାଗ ସହିତ ଗରମ ବା ପଖାଳ ଭାତ - ଏତିକି ହେଉଛି ମାଙ୍କିଡିଆ ମାନଙ୍କର ନିତି ଦିନିଆ ଖାଦ୍ୟ । ତେବେ ସିଆଳି ଛେଲିରୁ ପ୍ରସ୍ତୁତ ଉପକରଣ (ଶିକା, ପଘା, ଡାହୁଣୀ, ବରେହି, ଟୁପା, ଅନ୍ଧ, ଯୁତ) ଇତ୍ୟାଦି ବିକ୍ରିରୁ ଯାହା କିଛି ବଳେ, ତେବେ ଏମାନେ ହାଣ୍ଡିଆ ପିଇଥାଆନ୍ତି । କେଉଁଠି କିଛି କାମ ମିଳିଲେ ସେଠାରୁ ପଇସା ପାଇ ମଧ୍ୟ ଏମାନେ ହାଣ୍ଡିଆ ପିଇ ଦିଅନ୍ତି । ଆବାଳ ବୃଦ୍ଧ ବନିତା ସମସ୍ତଙ୍କର ହାଣ୍ଡିଆ ପ୍ରିୟ । ଅବଶ୍ୟ ସ୍ଥାନ ବିଶେଷରେ ଏଥିରେ ବ୍ୟତିକ୍ରମ ରହିଛି । ଶାଗ ଜଙ୍ଗଲରୁ ଆଣନ୍ତି ବା ଗାଁରୁ ମାଗନ୍ତି କିମ୍ବା ସିଆଡି ଦଉଡି, ପଘା ଇତ୍ୟାଦି ବଦଳରେ ଗାଁ ଗଣ୍ଡାରୁ ଶାଗ ଆଣି ଥାଆନ୍ତି । କେଉଁଠି କେମିତି ବସ୍ତି ଭିତରେ ସଜନା ଗଛ ଲଗାଯାଇଥିବା ମଧ୍ୟ ଦେଖାଯାଏ ।

## ପର୍ବପର୍ବାଣୀରେ ବିଶେଷ ଖାଦ୍ୟ :

ଅଣଆଦିବାସୀମାନଙ୍କ ପରି ମାଙ୍କିଡିଆମାନେ ଅନେକ ପର୍ବପର୍ବାଣି ପାଳନ କରନ୍ତି । କିନ୍ତୁ ଉତ୍ସବ ଦିନ ମାନଙ୍କରେ ସ୍ୱତନ୍ତ୍ର ଭାବରେ କିଛି ଖାଦ୍ୟ ପ୍ରସ୍ତୁତ କରନ୍ତି ନାହିଁ । ପର୍ବପର୍ବାଣି ମାନଙ୍କରେ ଏମାନଙ୍କର ହାଣ୍ଡିଆ ଜରୁରୀ । ନଚେତ୍ ସେଇ ଗତାନୁଗତିକ ଭାତ ଓ ଶାଗ । ମିଳିଲେ ମାଂସ (ଗୋରୁ, ହାତୀ, ବାଘ, ଭାଲୁ, ସିଂହ, ଗଣ୍ଡା, ମେଣ୍ଢା - ଏତିକି ବାଦ୍ ଏମାନେ ଅନ୍ୟ ସବୁ ମାଂସ ଖାଆନ୍ତି), ମାଛ ଇତ୍ୟାଦି ଖାଆନ୍ତି । ଡାଲି, ଆଳୁ ମଧ୍ୟ ଖାଆନ୍ତି । ପର୍ବପର୍ବାଣୀ ହେଲେ ମାଙ୍କିଡିଆ ମାନେ ପାଖ ଗାଁ ଗଣ୍ଡାରେ ବୁଲି ବୁଲି ପିଠାପଣା, କ୍ଷୀରିପୁରୀ ସଂଗ୍ରହ କରି ଖାଆନ୍ତି ।

## ଶିଶୁ ଓ ଛୋଟ ପିଲାଙ୍କ ଖାଦ୍ୟ :

ଶିଶୁ ଓ ଛୋଟ ପିଲାଙ୍କ ପାଇଁ ମାଙ୍କିଡିଆ ମାନଙ୍କ କିଛି ସ୍ୱତନ୍ତ୍ର ଖାଦ୍ୟ ନାହିଁ । ମୁଖ୍ୟ ହେଉଛି ମା କ୍ଷୀର । କ୍ଷୀରକୁ ଯେତେ ଦିନ ବା ଯେତେ ବର୍ଷ ଯାଏ ପିଲା ମା କ୍ଷୀର

ଖାଇପାରେ । ଭାତ ଖାଇବା ଭଳି ପିଲା ବଡ ହୋଇଗଲେ ସାଧାରଣତଃ ଭାତ ଓ ଶାଗ ପିଲାଙ୍କୁ ଦିଆଯାଏ ।

## ଗର୍ଭବତୀ ମହିଳା ଓ ପ୍ରସୂତୀଙ୍କ ଖାଦ୍ୟ :

ଗର୍ଭବତୀ ମହିଳା ଓ ଦୁଗ୍ଧଦାତ୍ରୀ ମାଙ୍କ ପାଇଁ ମଧ୍ୟ ଖାଦ୍ୟର ସେପରି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ । ଦୁଗ୍ଧଦାତ୍ରୀ ମା ମାନେ କେବଳ ପିଲା ଜନ୍ମ ହେବାର ୧/୨ ମାସ ଯାଏ ଆମିଷ, ଖଟା, ପଖାଳ (ଖଟା) ଖାଆନ୍ତି ନାହିଁ ।

ଗର୍ଭବତୀ ମହିଳାଙ୍କ ପାଇଁ ଖାଦ୍ୟର କିଛି ବାରଣ ନଥାଏ । ସନ୍ତାନ ପ୍ରସବର ୧/ ୨ ମାସ ଯାଏ ଆମିଷ ଏବଂ ଖଟା ଜିନିଷ ଖାଇବାକୁ ନିଷେଧ କରାଯାଇଥାଏ । ବାହାଘର ସମୟରେ ବରକନ୍ୟା ଦୁଇ ଦିନ ଉପାସ ରହନ୍ତି କିମ୍ୱା ଚୂଡା ଖାଇପାରନ୍ତି । ଭାତ, ମଦ, ହାଣ୍ଡିଆ, ଆମିଷ ଖାଦ୍ୟ ସଂପୂର୍ଣ୍ଣ ନିଷେଧ । କୌଣସି ପୂଜା ଶେଷରେ ଆମିଷ ଭୋଗ (ବଳି) ଖାଆନ୍ତି ।

## ଆମିଷ ଓ ନିରାମିଷ ଖାଦ୍ୟ:

ମାଙ୍କିଡିଆ ମାନଙ୍କ ନିରାମିଷ ଓ ଆମିଷ ଖାଦ୍ୟ ସମ୍ବନ୍ଧରେ ସେପରି କିଛି ବିଶେଷ ଧାରଣା ନଥିଲେ ମଧ୍ୟ ଏମାନେ ଆମିଷ ପ୍ରିୟ । ମାଙ୍କଡ ମାଂସ ଅତି ପ୍ରିୟ । ପୂର୍ବରୁ ମାଙ୍କିଡିଆ ମାନେ ମୁଖ୍ୟତଃ ମାଙ୍କଡ ଶୀକାର କରି ମାଙ୍କଡ ମାଂସ ଖାଉଥିଲେ ଏବଂ ସେଇଥିପାଇଁ ଏମାନେ ମାଙ୍କିଡିଆ ଭାବରେ ପରିଚିତ । ମାଙ୍କଡ ମାଂସ ଖାଇବା ଏମାନଙ୍କର ପରମ୍ପରା । ଏବେ ସରକାରୀ ନିୟନ୍ତ୍ରଣ ଥିଲେ ମଧ ମାଙ୍କଡ ଖାଇବାରୁ ଏମାନେ ନିବୃତ୍ତ ହୋଇ ନାହାନ୍ତି । ଆମିଷ କେବଳ ସ୍ୱାଦଯୁକ୍ତ ବୋଲି ମାଙ୍କିଡିଆମାନଙ୍କ ମତ । ଆମିଷ ଖାଦ୍ୟ ଯେ ସ୍ୱାସ୍ଥ୍ୟ ପାଇଁ ଉପକାର କିମ୍ୱା ଶକ୍ତି ବର୍ଦ୍ଧକ – ଏହା ଏମାନେ ବିଶ୍ୱାସ କରନ୍ତି ନାହିଁ । ବରଂ ଆମିଷ ସବୁଦିନ ଖାଇଲେ ପେଟରେ ଜିଆଣି (ଜିଆ) ହେବା ସହିତ ଦେହ ଅସୁସ୍ଥ ହେବାର ଭୟ ମଧ୍ୟ ରହିଛି । ନିରାମିଷ ଖାଦ୍ୟ ଉପରେ ମଧ୍ୟ ମାଙ୍କିଡିଆମାନଙ୍କ ସେପରି କିଛି ଧାରଣା ନାହିଁ । କାରଣ ସବୁ ପ୍ରକାର ଖାଦ୍ୟ ସେମାନେ ସବୁଦିନେ ପାଆନ୍ତି ନାହିଁ, ତେଣୁ କୌଣସି ଖାଦ୍ୟରେ କିଛି ତଫାତ୍ ବା ଭଲମନ୍ଦ ମଧ୍ୟ ବୁଝନ୍ତି ନାହିଁ ।

## ବିଭିନ୍ନ ଉତ୍ସରୁ ମିଳୁଥିବା ଖାଦ୍ୟ ସାମଗ୍ରୀର ଉତ୍ସ :

ମାଙ୍କିଡିଆ ମାନଙ୍କ ପେଶା ହେଉଛି ଜଙ୍ଗଲରୁ ସିଆଳି ଲଟା ସଂଗ୍ରହ କରି, ସେଥିରୁ ଛୋଟି ବାହାର କରିବା ଏବଂ ସେଇ ଛୋଟିରେ ବିଭିନ୍ନ ପ୍ରକାର ସାମଗ୍ରୀ, ଶିକା, ପଘା, ଡାହୁଣୀ (ପତୁଳି ସମୟରେ ୪/୫ଟା ଗୋରୁଙ୍କ ବେକରେ ଏକକାଳୀନ ବନ୍ଧାଯାଏ), ବରେହି, ତେଲପେଡା ଟୁପା, ଅନ୍ଧ (ହଳ ସମୟରେ ଲଙ୍ଗଳରେ ଲାଗେ), ଯୁତ

(କଳେଇ ବନ୍ଧାଯାଏ) ତିଆରି କରି ବିକ୍ରି କରିବା । ବୃତ୍ତିଗତ କାରଣରୁ ମାଙ୍କିଡିଆମାନେ ସବୁଦିନ ପାହାଡ଼ ଜଙ୍ଗଲକୁ ଯାଉଥିଲେ ସୁଦ୍ଧା ଜଙ୍ଗଲରୁ କୌଣସି ପ୍ରକାର ଖାଦ୍ୟ ଉପାଦାନ ସଂଗ୍ରହ କରିପାରନ୍ତି ନାହିଁ ବା କରନ୍ତି ନାହିଁ । ଆଗରୁ କୁହାଯାଇଛି ଯେ ମାଙ୍କିଡିଆ ମାନେ ଯାଯାବର । କେଉଁଠି କେମିତି ବସତି ସ୍ଥାପନ କଲେ ମଧ୍ୟ ସେମାନଙ୍କୁ ଚାଷ କାର୍ଯ୍ୟ ଜଣା ନାହିଁ କିମ୍ବା ସେମାନଙ୍କ ପାଖରେ ଚାଷ ଜମି ମଧ୍ୟ ନାହିଁ । ଯେତିକି ଗୋଚର ଭୂମି ସେମାନଙ୍କ ନିକଟରେ ଥାଏ ସେଥିରେ ମଧ୍ୟ ସେମାନେ କୌଣସି ପ୍ରକାର ଚାଷ କାର୍ଯ୍ୟ କରନ୍ତି ନାହିଁ । ସମୟ ସମୟରେ ଜଙ୍ଗଲରୁ ଚୁଚୁ, ଆମ୍ବ ଓ ପଣସ ଆଣି ଖାଆନ୍ତି । ବଉ ବର୍ତ୍ତମାନ କିଛି କିଛି କାମ ଶିଖି ଲୋକଙ୍କ ପାଖରେ ଦିନ ମଜୁରିଆ ଭାବରେ କାମ କଲେଣି ।

## ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ :

ମାଙ୍କିଡିଆମାନଙ୍କ ଖାଦ୍ୟ ପ୍ରକାର ସରଳ । ଭାତ ସେମାନେ ମାଟି ହାଣ୍ଡିରେ ରାନ୍ଧୁଥିଲେ । ଏବେ ପ୍ରାୟ ଡେକ୍‌ଚିରେ ରାନ୍ଧିଲେଣି । ଚୁଲୀରେ କାଠ ଜାଳି ପାଣି ଗରମ କରନ୍ତି । ଚାଉଳ କୁଲାରେ ପାଛୁଡ଼ି ଧୁଆ ହେଉ ବା ନ ହେଉ ଗରମ ପାଣିରେ ପଡେ । ଚାଉଳ ସିଝିଗଲେ ପେଜ କଢାଯାଏ । ପଖାଳ ହେଲେ ପେଜ ସେଥିରେ ରହେ । ଯଦି ଡାଲି ଓ ଆଳୁ ଥାଏ, ରାତିରେ ଗରମ ଭାତ ଖାଆନ୍ତି । ନଚେତ୍ ସବୁବେଳେ ପଖାଳ । ଭାତ ଥଣ୍ଡା ହେଲେ ପାଣି ଢଳାଯାଏ ।

**ମାଂସ :** ମସଲାକୁ ପାଣିରେ ବଟୁରାଇ ପଥରରେ ଛେଚି ଦିଆଯାଏ । ମାଟି ପାତ୍ର ବା ସିଲଭର୍ କଡେଇରେ ସୋରିଷ ତେଲ ପକାଇ ମସଲା ଭାଜନ୍ତି । କିଛି ସମୟ ପରେ ମାଂସ ପଡେ ଓ ପୁଣି ଅଳ୍ପ ପାଣି ଢଳାଯାଏ । ୨୦/୨୫ ମିନିଟ ପରେ ମାଂସ ତରକାରୀ ପ୍ରସ୍ତୁତ ହୋଇଯାଏ ।

**ଶାଗ :** ମାଟି ପାତ୍ରରେ ପ୍ରଥମେ ଅଳ୍ପ ପାଣି ଦିଆଯାଇ ଲୁଣ ପଡେ । ପାତ୍ରକୁ ଚୁଲିରେ ବସାଇ ସେଥିରେ ଶାଗ ପକାଯାଏ । ସେଥିରେ ରସୁଣ ଦିଅନ୍ତି କିମ୍ବା ତେଲ ଥିଲେ ଚୁଙ୍କ ଯାଏ ।

**ପରିବା ତରକାରୀ :** ପରିବାକୁ ପାଣିରେ ସିଝାଇ ତେଲ ମସଲା ଥିଲେ ଚୁଙ୍କ ଯାଏ କିମ୍ବା ଆଗ ଚୁଙ୍କାଯାଏ ।

## ମସଲାର ବ୍ୟବହାର:

ମାଙ୍କିଡିଆ ମାନଙ୍କୁ ମସଲା ତରକାରୀ ଭଲ ଲାଗେ । ମିଳିଲେ ସବୁ ପ୍ରକାର ମସଲା ଖାଆନ୍ତି, ଯଥା- ଜିରା (ଜିରାଣୀ), ପିଆଜ, ରସୁଣ, ପୋସ୍ତ, ଧନିଆ, ସୋରିଷ, ଫୁଟଣ, ହଳଦୀ (ସାସଂ।), ଲଙ୍କା (ମାରିଚି), ତେଜପତ୍ର ଇତ୍ୟାଦି ।

## ଖାଦ୍ୟ ପରଷିବା ପ୍ରଣାଳୀ :

ମାଙ୍କିଡିଆମାନେ ସବୁବେଳେ ଭୂଇଁରେ ବସି ଖାଆନ୍ତି । ବନ୍ଧୁବାନ୍ଧବ ଆସିଲେ ପଟିଆ ପଡେ । ଡାଲି, ଆଳୁ କିମ୍ବା କୁକୁଡା ତରକାରୀ ହୁଏ । ହାଣ୍ଡିଆ, ମଦ ମଧ୍ୟ ପିଅନ୍ତି । ଏମିତି ସାଧାରଣ ଭାବରେ ସେମାନେ ଭୂଇଁରେ ବସି ଖାଇବାକୁ ଭଲ ପାଆନ୍ତି । ଘରେ ସମସ୍ତେ ଅଲଗା ଅଲଗା ଖାଇବା ନିୟମ । ପୁରୁଷ ଲୋକ ସହିତ ସ୍ତ୍ରୀ ଲୋକ କିମ୍ବା ପିଲାମାନେ ଖାଆନ୍ତି ନାହିଁ । ସେମାନଙ୍କ ଧାରଣା ଯେ ପିଲା ଓ ସ୍ତ୍ରୀଲୋକ ସାଂଗରେ ଖାଇଲେ ସେମାନଙ୍କୁ ବିଶ୍ରାମ (ଦାସୀ) ଆସିବ । ଏବ ଅବଶ୍ୟ ଏହି ନିୟମ କୋହଳ ହୋଇଗଲାଣି । କେତେକ ଲୋକ ପିଲାମାନଙ୍କୁ ସାଂଗରେ ଖୁଆଉଛନ୍ତି କିନ୍ତୁ ସ୍ତ୍ରୀ ଲୋକଙ୍କୁ ନୁହେଁ ।

ଖାଦ୍ୟ ଚଟୁରେ ବାଢନ୍ତି । ଭାତ ଓ ପଖାଳ ବେଲାରେ ଏବଂ ତରକାରୀ ତାଟିଆରେ । ଆଗରୁ ଅବଶ୍ୟ ମାଙ୍କିଡିଆ ମାନେ ଖାଇବାରେ ପତ୍ର ବ୍ୟବହାର କରୁଥିଲେ । ଏବେ ବି ପତ୍ର ବ୍ୟବହୃତ ହୁଏ ଯେ କିନ୍ତୁ କମ୍ । ବିବାହ ଭୋଜିରେ ଖନ୍ଦା ହୁଏ । ଡାଲି, ଆଳୁ, ଭାତ, ହାଣ୍ଡିଆ ଜରୁରୀ । ଶାଳପତ୍ର ଖଲି ବା ସିଆଳି ପତ୍ରରେ ଖାଆନ୍ତି । ଭୂଇଁରେ ବସନ୍ତି କିମ୍ବା ପଥର, ପତର ଉପରେ ବସି ମଧ୍ୟ ଖାଇଥାଆନ୍ତି ।

## ଭୋଜନର ଶିଷ୍ଟାଚାର :

ଗୋଟିଏ କୋଠରୀ (ପତ୍ର କୁଡିଆ ହେଉ ବା ସରକାରୀ ସାହାଯ୍ୟପ୍ରାପ୍ତ ଘର)ଭିତରେ ରନ୍ଧା ଓ ଖିଆ ହୁଏ । ଘର ସାମ୍ନା ବାରଣ୍ଡା କିମ୍ବା ଘରର ସଂପୂର୍ଣ୍ଣ ବାହାରେ ମଧ୍ୟ ଖାଇବାକୁ ବସନ୍ତି । ପରିବାରରେ ପ୍ରଥମେ ପୁରୁଷ ଲୋକମାନେ ଖାଆନ୍ତି । ପିଲାମାନେ ମଧ୍ୟ ଖାଇ ପାରନ୍ତି । ନଚେତ୍ ମା ସହିତ ପରେ ଖାଇବାକୁ ବସନ୍ତି । ଭାତକୁ ଅଇଁଠା ବୋଲି ମାନନ୍ତି । ଖାଇବା ପରେ ଭୂଇଁ ଗୋବରରେ ଲିପାଯାଏ । ସକାଳେ ଖାଇବା ବେଳେ ଟିକିଏ ଶୀଘ୍ର ଏବଂ ରାତିରେ ଧୀରେ ଧୀରେ ଖାଆନ୍ତି । ଖାଇବା ସମୟରେ ପାଣି ପିଅନ୍ତି । ବାମ ପାଖରେ ଗୋଟିଏ ବେଲାରେ ପାଣି ଥାଏ । ହାତଗୋଡ ଧୋଇ ବା ନ ଧୋଇ ମଧ୍ୟ ଖାଇବାକୁ ବସନ୍ତି । ପୁରୁଷମାନେ ଚଉକା ମାଡି ଓ ସ୍ତ୍ରୀ ଲୋକମାନେ ଯେମିତି ହେଉ ବସି ଯାଆନ୍ତି । ଖାଇବା ବେଳେ କମ୍ କଥା ହୁଅନ୍ତି । ପତରରେ ଲୁଣ, ଲଙ୍କା ରହେ । ପଖାଳ ବେଲାର ଡାହାଣ ପାଖରେ ତରକାରୀ ରହେ । ଖାଇବା ପୂର୍ବରୁ ଅଳ୍ପ ଟିକିଏ ଭାତ ତଳେ ପକାଯାଏ । ମାଙ୍କିଡିଆ ମାନେ କଦଳୀପତ୍ର, ଶାଳପତ୍ର ଓ ସିଆଳି ପତ୍ର ହିଁ ସବୁବେଳେ ବ୍ୟବହାର କରିଥାଆନ୍ତି ।

## ଭିନ୍ନ ଗୋଷ୍ଠୀରୁ ଖାଦ୍ୟ ଗ୍ରହଣ :

ମାଙ୍କିଡିଆମାନେ ଡମ, ଘାଷି, ପଠାଣ ଏବଂ ଖ୍ରୀଷ୍ଟିୟାନ ଜାତିର ଲୋକଙ୍କଠାରୁ କୌଣସି ପ୍ରକାର ଖାଦ୍ୟ ଗ୍ରହଣ କରନ୍ତି ନାହିଁ । କିନ୍ତୁ ଧାନ, ଚାଉଳ ଆଣି ପାରନ୍ତି । ଏତଦ୍ ଭିନ୍ନ ଅନ୍ୟ ସମସ୍ତ ଗୋଷ୍ଠୀର ଲୋକଙ୍କ ଠାରୁ ଏମାନେ ଖାଦ୍ୟ ଗ୍ରହଣ କରିଥାଆନ୍ତି । ସ୍ଥାନ ବିଶେଷରେ ଏହି ନିୟମର ବ୍ୟତିକ୍ରମ ହୋଇଥିବାର ଦେଖାଯାଏ । ପୂନଶ୍ଚ କୌତୁହଳ ବିଷୟ ଏହି ଯେ, ମାଙ୍କିଡିଆ ମାନଙ୍କ ଘରେ କୌଣସି ଅନ୍ୟ ଗୋଷ୍ଠୀ ଖାଆନ୍ତି ନାହିଁ । କେବେ କେମିତି ଅବସ୍ଥା ଚକ୍ରରେ ପଡି ସାନ୍ତାଳ, ହୋ ମାନେ କେବଳ ହାଣ୍ଡିଆ ଓ ମଦ ଗ୍ରହଣ କରିଥାଆନ୍ତି ।

## ଅଶୌଚ ସମୟରେ ଖାଦ୍ୟ ଗ୍ରହଣ:

ପିଲା ଜନ୍ମ ହେଲେ, ତାର ନାହି ନଝଡିବା ଯାଏ (ପ୍ରାୟ ୬/୭ ଦିନ) ପରିବାରରେ ଅଶୈଚ ପାଳନ କରାଯାଏ । କିନ୍ତୁ ଦୁଇ ମାସ ଯାଏ ସ୍ତ୍ରୀ ସ୍ୱାମୀ ପାଇଁ ଅଚ୍ଛୁଆଁ । ପାଖରେ ଗୋଟିଏ ସ୍ୱତନ୍ତ୍ର ପତ୍ର ପଲାରେ ପ୍ରସୂତୀ ତାର ପିଲା ସହିତ ରହେ କିମ୍ବା ଗୋଟିଏ କୋଠରୀରେ ରହିଲେ କୋଠରୀକୁ ଦ୍ୱାରବନ୍ଧ ସହ ଲୁଗା ବାନ୍ଧି ଦୁଇଭାଗ କରାଯାଏ । ସ୍ୱାମୀ, ସ୍ତ୍ରୀ ଉଭୟେ ନିଜ ନିଜ ଭାଗରେ ରହନ୍ତି ଓ ସେହିପରି ଯିବା ଆସିବା କରନ୍ତି । ଏହି ନିୟମକୁ ଅତି କଡାକଡି ଭାବରେ ସେମାନେ ଏବେ ସୁଦ୍ଧା ମାନୁଛନ୍ତି । ପ୍ରସୂତୀ ୧୦ ଦିନ ଯାଏ ଘରକାମ କରେ ନାହିଁ । ପ୍ରସୂତୀ ପୃଥକ୍ ରହେ । ଖାଦ୍ୟ ଏବଂ ପାଣି ତା' ବାସନରେ ଢାଳି ଦିଆଯାଏ ।

ମୃତ୍ୟୁର ଦୁଇଦିନ ପରେ ଶୁଦ୍ଧିକ୍ରିୟା ହୁଏ । ଏହି ଦୁଇଦିନ ଆମିଷ ନିଷେଧ । କିନ୍ତୁ ଶୁଦ୍ଧିକ୍ରିୟାରେ ଭାତ ଓ କୁକୁଡା ମାଂସ ହୁଏ । ଜନ୍ମ କିମ୍ବା ମୃତ୍ୟୁରେ ଖାଦ୍ୟ ଗ୍ରହଣ ତଥା ପ୍ରଦାନରେ କୌଣସି ବାରଣ ନାହିଁ ।

## ଖାଦ୍ୟ ଅଭିରୁଚି :

ତେଲ ମସଲାଯୁକ୍ତ ତରକାରୀ ବେଶୀ ସ୍ୱାଦିଷ୍ଟ ବୋଲି ମାଙ୍କିଡିଆ ମାନଙ୍କ ମତ । ପୋଡାପୋଡି ଠାରୁ ରନ୍ଧା ତରକାରୀ ପ୍ରିୟ । ମାଂସରେ ଆଳୁ କିମ୍ବା ପପୟା (ଅମୃତଭଣ୍ଡା) ପଡିଲେ ଅଧିକ ସ୍ୱାଦ ହୁଏ । ସଜନା ଶାଗ ସହିତ ଚିଙ୍ଗୁଡି ଶୁଖୁଆ ରନ୍ଧା ହେଲେ ଏମାନଙ୍କୁ ଭାରି ଭଲ ଲାଗେ । ପୋଇ ଶାଗ ସହିତ ଆଳୁ, ବୋଇତାଳୁ ମିଶିଲେ ସ୍ୱାଦ ବଢେ । ପର୍ବପର୍ବାଣି ଦିନ ମାନଙ୍କରେ ଯେଉଁ ପିଠାପଣା, କ୍ଷିରୀପୁରୀ ପାଖ ଗାଁ ଗୁଡ଼ାକୁ ସଂଗ୍ରହ କରି ଆଣି ଥାଆନ୍ତି ସେଗୁଡିକ ଏମାନଙ୍କୁ ସ୍ୱାଦିଷ୍ଟ ମନେହୁଏ । କିନ୍ତୁ ଏ ସବୁ ମାଙ୍କିଡିଆ ମାନେ ପାଆନ୍ତିନାହିଁ, ଖାଆନ୍ତି ନାହିଁ କିମ୍ବା ତିଆରି କରିବା ମଧ୍ୟ ଶିଖି ନାହାଁନ୍ତି ।

## ଖାଦ୍ୟର ସାମାଜିକ ଓ ଧାର୍ମିକ ମୂଲ୍ୟବୋଧ:

ବାହାଘର ବା ପର୍ବପର୍ବାଣିରେ ଭାତ, ଡାଲି,ଆଳୁ ସହିତ ହାଣ୍ଡିଆ ମଧ୍ୟ ତିଆରି ହୁଏ । ଗାଁର ଲୋକ ଓ ସାହିପଡିଶାଙ୍କୁ ନିମନ୍ତ୍ରଣ କରି ଏକାଠି ହାଣ୍ଡିଆ ପିଅନ୍ତି । ବାହାଘରରେ ଭାତ, ହାଣ୍ଡିଆ, ଶାଗ, ମାଂସ ଇତ୍ୟାଦି ହୁଏ । ଗାଁର ସବୁ ଲୋକଙ୍କୁ ଏକକାଳୀନ ଡକାଯାଏ ନାହିଁ । କେବଳ ସଂପର୍କୀୟଙ୍କୁ ଆମନ୍ତ୍ରଣ କରନ୍ତି । ଯଦି କେହି ଗାଁ ଲୋକ ଏମିତି ପହଂଚିଯାଆନ୍ତି ତ ତାଙ୍କୁ ସତ୍କାର କରାଯାଏ ।

ଦୂରଦୂରାନ୍ତ ବନ୍ଧୁବାନ୍ଧବ ମାନଙ୍କୁ ମଧ୍ୟ ବାହାଘର ବା ପର୍ବପର୍ବାଣିରେ ଡକା ଯାଇପାରେ । ପିଲାର ଏକୋଇଶାରେ ଗାଁର ମୁରବୀ ଶ୍ରେଣୀୟ ଲୋକଙ୍କୁ ଓ ଧାଈଙ୍କୁ ଡକାଯାଇ ହାଣ୍ଡିଆ ପିଇବାକୁ ଦିଅନ୍ତି ।

ଠାକୁର, ଠାକୁରାଣୀ (ଫିଂଟୁ ହାଡାମ୍, ଫିଂଟୁ ବୁଢୀ), ଗ୍ରାମ ଦେବତା/ଦେବତୀ, ସିମିଳିପାଳ ପାହାଡିଆ ଠାକୁର - ଏ ସମସ୍ତ ଦେବଦେବୀଙ୍କୁ ମାଙ୍କିଡିଆ ମାନେ ପୂଜା କରନ୍ତି । ବର୍ଷକୁ ଥରେ ମାନସିକ ପୂଜା ହୁଏ । ପ୍ରତ୍ୟହ ଜଙ୍ଗଲ ଯାଆନ୍ତି ବୋଲି ଏମାନେ ନିଜର ସୁରକ୍ଷା ପାଇଁ ପାହାଡିଆ ଠାକୁରଙ୍କୁ ପୂଜା କରନ୍ତି । ପୂଜାରେ କୁକୁଡା ବଳିପଡେ । ସେଇ ଭୋଗ ସ୍ତ୍ରୀଲୋକ ମାନଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଖାଆନ୍ତି ।

ପିଲାମାନଙ୍କୁ ଭୂତପ୍ରେତ ଲାଗିଲେ ଫୁଙ୍କା ଫୁଙ୍କି କରି ମାନସିକ କରାଯାଏ । ଦୋଛକି ରାସ୍ତାରେ ପୂଜା ହୁଏ । ବେଳେ ବେଳେ କୁକୁଡା ବଳି ଦିଆଯାଏ । କିନ୍ତୁ ସେ ଭୋଗ ଖିଆଯାଏ ନାହିଁ । ଆଉ କୌଣସି ପୂଜାରେ ସେମିତି ଭୋଗ ନାହିଁ । ଆଖଡା ପୂଜା ରବିବାରକୁ ରବିବାର ହୁଏ । କଦଳୀ, ନଡିଆ ଭୋଗ ଲାଗେ । ୭/୮ ମାସରୁ ୩/୪ ବର୍ଷ ଯାଏ ଏହି ପୂଜା ଚାଲେ । ସେଠାରେ ମନ୍ତ୍ରତନ୍ତ୍ର ଶିକ୍ଷା ଦିଆଯାଏ । ପ୍ରଥମ ପୂଜାରେ ୩ଟି କୁକୁଡା ଏବଂ ଶେଷ ପୂଜାରେ ୨ଟି ପାରା ବଳି ଦିଆଯାଏ । ମଝିରେ ମଝିରେ କଦଳୀ, ନଡିଆ ଓ ପଞ୍ଚ ଭୋଗ ଲାଗେ । ସେ ଭୋଗ ସମସ୍ତେ ଖାଇ ପାରନ୍ତି । କେବଳ ଋତୁବତୀ କନ୍ୟା ବା ସ୍ତ୍ରୀ ଏ ଭୋଗ ଖାଇବାକୁ ବାରଣ ଅଛି । ଆଖଡା ପୂଜାର ବଳି ଭୋଗ ଯେଉଁମାନେ ମନ୍ତ୍ରଶିକ୍ଷା କରୁ ଥାଆନ୍ତି କେବଳ ସେଇମାନେ ହିଁ ଆଖଡା ସ୍ଥାନରେ ଖାଇ ଥାଆନ୍ତି । ଘରକୁ ବଳି ଭୋଗ ଅଣାଯାଇପାରେ, ହେଲେ କମ୍ ଖର୍ଚ୍ଚରେ ଅଳ୍ପ ଭୋଗ ହୋଇଥିବାରୁ ସୀମିତ କେତେଜଣ ସେ ଭୋଗ ଆଖଡା ସ୍ଥାନରେ ଖାଇ ଦିଅନ୍ତି । ଆର୍ଥିକ ଦୁଃସ୍ଥିତି ଓ ଶିକ୍ଷାର ଅଭାବ ଯୋଗୁଁ ମାଙ୍କିଡିଆ ମାନଙ୍କ ଖାଦ୍ୟ ସେବନର ମାନ ଏବଂ ଶୈଳୀ ଉଭୟ ନିକୃଷ୍ଟ ଧରଣର ।

# ପାନୀୟ (ଆରଖ୍)

ମଣିଷର ଜୀବନ ଧାରଣ ପାଇଁ ଖାଦ୍ୟ ପରି ପାନୀୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ଜଳକୁ ଆମେ ଶ୍ରେଷ୍ଠ ପାନୀୟର ମର୍ଯ୍ୟାଦା ଦେଇଥାଉ । ଜଳର ଅନ୍ୟ ନାମ ଜୀବନ । ଜଳ ବିନା ମଣିଷ ବଂଚିବା ଅସମ୍ଭବ । ଯେଉଁ ପଞ୍ଚ ମହାଭୂତରେ ଗଢା ମଣିଷର ଶରୀର, ସେ ମଧ୍ୟରୁ ଜଳ ଅନ୍ୟତମ । ଅତଏବ ଜଳକୁ ବାଦ୍ ଦେଇ ମଣିଷର ଅସ୍ତିତ୍ୱ କଳ୍ପନା କରାଯାଇପାରେନାହିଁ ।

ସୃଷ୍ଟି ପୂର୍ବରୁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଜଳମୟ ଥିଲା ବୋଲି ପୁରାଣ-କିମ୍ବଦନ୍ତୀ କହେ, ପରେ ପରେ ଇଚ୍ଛାମୟ ଈଶ୍ୱର ପୃଥିବୀ, ଜୀବ ଜଗତ, ଗଛଲତା ପ୍ରଭୃତି ସୃଷ୍ଟି କଲେ । ପ୍ରତ୍ୟେକ ମାନବ ଗୋଷ୍ଠୀ ଏହି ମତକୁ ସମ୍ମାନ ଗ୍ରହଣକରିବା ଜଣାଯାଏ । ତେବେ ମଣିଷର ବଂଶ ବୃଦ୍ଧି ସକାଶେ ସ୍ରଷ୍ଟା ଯେ ନିଶାଯୁକ୍ତ ପାନୀୟର ପ୍ରାକୃତିକ ଉପକରଣ ପୃଥିବୀରେ ଭରି ଦେଲେ, ଏ ଘଟଣା ନିଶ୍ଚିତ ଆଶ୍ଚର୍ଯ୍ୟଦୀପକ । ବିଶେଷ କରି ଆଦିବାସୀ ସମାଜରେ ଏହି ବିଶ୍ୱାସ ବଳବତ୍ତର ।

## ପାନୀୟର ଉତ୍ପତ୍ତି ଓ ଇତିହାସ:

ଅନୁରୂପ ଭାବେ ମାଙ୍କିଡିଆ ସମାଜ ଏପରି କିମ୍ବଦନ୍ତୀ ଭିତ୍ତିକ ଇତିହାସରୁ ମୁକ୍ତ ନୁହଁନ୍ତି । ସୃଷ୍ଟିର ପ୍ରଥମ ପୁରୁଷ (ଲାକ୍ରା) ଓ ପ୍ରଥମ ସ୍ତ୍ରୀ (ସାନି)ଙ୍କର ମିଳନରୁ ୪ ଝିଅ ଓ ୭ ପୁଅର ଉତ୍ପତ୍ତି ହୋଇଥିଲା । ସମୟାନୁ କ୍ରମେ ଲାକ୍ରା ତାର ୭ ପୁଅ ସହିତ ଓ ସାନି ୪ ଝିଅ ସହ ପୃଥକ୍ ପୃଥକ୍ ରହିଲେ । ସେମାନଙ୍କ ସନ୍ତାନମାନେ ଯୌବନରେ ପଦାର୍ପଣ କଲାପରେ ବଂଶବୃଦ୍ଧି ଉଦ୍ଦେଶ୍ୟରେ ଲାକ୍ରା ଓ ସାନି ସେମାନଙ୍କୁ ଜଙ୍ଗଲରୁ ସଂଗୃହୀତ ବିଭିନ୍ନ ନିଶାଯୁକ୍ତ ଚେର ଓ ପତ୍ରରେ ପ୍ରସ୍ତୁତ ପାନୀୟ ଖୁଆଇ ଅବାଧ ଯୌନ କ୍ରିୟା ପାଇଁ ପ୍ରୋତ୍ସାହିତ କଲେ । ବସ୍ତୁତଃ ମଣିଷର ବଂଶ ବିସ୍ତାର ହେବା ସଂଗେ ସଂଗେ ପାନୀୟର ଉତ୍ପତ୍ତି ହୋଇଗଲା । ସେହି ପାନୀୟ ଆଜି ବିଭିନ୍ନ ରୂପରେ ମାଙ୍କିଡିଆ ସମାଜରେ ପ୍ରଚଳିତ । ହାଣ୍ଡିଆ ପ୍ରସ୍ତୁତି ହେବାପରେ ତାହା ବ୍ୟବହୃତ ହୁଏ । ଏହି ଗୋଲି ଅନେକ ଦିନ ଯାଏ ସୁରକ୍ଷିତ ରହେ । ମଦ ଜାତୀୟ ପାନୀୟ ମାଙ୍କିଡିଆ ମାନେ ନିଜେ ପ୍ରସ୍ତୁତ କରନ୍ତି ନାହିଁ । ସକ୍ଷମ ଅନୁସାରେ କ୍ରୟ କରି ପାନ କରିଥାଆନ୍ତି ।

ତାଳ ଗଛରୁ ରସ ସଂଗୃହୀତ ହେଉଥିବା ବେଳେ ଖଜୁରୀ ଗଛରୁ ତାଡି ବାହାର କରାଯାଏ । ତାଳଗଛର ରସକୁ ଏମାନେ ରସ ଏବଂ ଖଜୁରୀ ଗଛର ରସକୁ ତାଡି ବୋଲି କହିଥାଆନ୍ତି । ଏ ଉଭୟ ରସ ତଟକା ଅବସ୍ଥାରେ ନିଶା ନ ହେଉଥିଲେ ହେଁ କିଛି ସମୟ ରଖିଦେଲେ ନିଶାଯୁକ୍ତ ହୋଇଯାଏ । ଏ ଦୁଇଟିଯାକ ଗଛର ରସ ମାଙ୍କିଡିଆମାନେ ଗୋଟିଏ ପ୍ରକାର ଶୈଳୀରେ ସଂଗ୍ରହ କରନ୍ତି । ଏଥିପାଇଁ ଏକ ଛୋଟ ମାଟି କଳସୀ, କଳସୀଟିକୁ ବାନ୍ଧିବା ପାଇଁ ଦଉଡି, କଟୁରୀ ଓ ଗୋଟିଏ ନଳୀ ଆବଶ୍ୟକ ହୋଇଥାଏ । ଖଜୁରୀ କିମ୍ବା ତାଳଗଛର ଅଗ୍ରଭାଗ ଯାଏ ଚଢି ସେଠାରେ କତା (କଟୁରୀ) ସାହାଯ୍ୟରେ ଅଳ୍ପ ଗାତ କରାଯାଏ । ତହିଁରେ ନଳୀଟିକୁ ଭର୍ତ୍ତିକରି ନଳୀର ଅପର ପାର୍ଶ୍ୱକୁ କଳସୀ ମଧ୍ୟରେ ସଂଯୋଗ କରନ୍ତି । ଗଛରୁ ରସ ଝରି ନଳୀ ସହାୟତାରେ କଳସୀରେ ସଂରକ୍ଷିତ ହୁଏ । ଗୋଟିଏ ଦିନ ଅନ୍ତରରେ କଳସୀଟିକୁ ଓହ୍ଲାଇ ଆଣି ଗଛର ରସକୁ ପାନୀୟ ଭାବରେ ବ୍ୟବହାର କରନ୍ତି । କିଛି ସମୟ ରଖିଦେଲେ ଏହି ରସ ନିଶାଯୁକ୍ତ ପାନୀୟରେ ରୂପାନ୍ତରୀତ ହୋଇଯାଇଥାଏ ।

## ପାନୀୟର ବ୍ୟବହାର:

ମାଙ୍କିଡିଆ ମାନଙ୍କ ମୁଖ୍ୟ ପାନୀୟ ହେଲା ହାଣ୍ଡିଆ (ଇଲି) । ଆବାଳବୃଦ୍ଧ ବନିତା, ଏପରିକି ଛୋଟ ପିଲାଙ୍କୁ ମଧ୍ୟ ହାଣ୍ଡିଆ ପାନ କରିବାକୁ ଦିଆଯାଇଥାଏ । ଏଥିରେ ବୟସ କିମ୍ବା ଲିଙ୍ଗର ବାଛବିଚାର ନଥାଏ । ମାଙ୍କିଡିଆ ପ୍ରଚୁର ହାଣ୍ଡିଆ ପିଇ ଥାଆନ୍ତି । ଚିତଉ ଅମାବାସ୍ୟା, ଗହ୍ମା ପୂର୍ଣ୍ଣିମା, ମକର, ରଜ, କାଳୀ ପୂଜା, ଦୁର୍ଗା ପୂଜା, କରମ୍ ପୂଜା ପ୍ରଭୃତି ପର୍ବପର୍ବାଣି ଏବଂ ଶିଶୁର ଏକୋଇଶା, ଶୁଦ୍ଧିକ୍ରିୟା, ବାହାଘର ଆଦି ଉତ୍ସବ ଅନୁଷ୍ଠାନ ମାନଙ୍କରେ ହାଣ୍ଡିଆର ବ୍ୟବହାର ଅଧିକ ହୋଇଥାଏ । ନିମନ୍ତ୍ରିତ ଅତିଥି, ବନ୍ଧୁବାନ୍ଧବ, ସାଙ୍ଗସାଥୀ ପଡୋଶୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ହାଣ୍ଡିଆ ଯତ୍ନ ସହକାରେ ପ୍ରସ୍ତୁତ ହୁଏ । ଅଭାବୀ ମାଙ୍କିଡିଆଙ୍କର ଜୀବନକୁ ଗତିଶୀଳ କରାଇବାକୁ ହାଣ୍ଡିଆ ଏକ ବଳିଷ୍ଠ ପାନୀୟ । ଏମାନେ ଏତେ ହାଣ୍ଡିଆ ପ୍ରିୟ ଯେ ବେଳେ ବେଳେ ଖାଦ୍ୟ ବଦଳରେ ହାଣ୍ଡିଆ ପିଇ ମଧ୍ୟ ରହିଯାଇ ପାରନ୍ତି । ତେଣୁ ହାଣ୍ଡିଆ ଯେ ମାଙ୍କିଡିଆଙ୍କ ଜୀବନଧାରା ସହିତ ଓତଃ ପ୍ରୋତଃ ଭାବେ ଜଡିତ - ଏହା ନିଃସନ୍ଦେହ ।

## ସଂରକ୍ଷଣ ପ୍ରଣାଳୀ:

ହାଣ୍ଡିଆ ସଂରକ୍ଷିତ ରହେ ନାହିଁ । ଯାହା ପ୍ରସ୍ତୁତ କରନ୍ତି ପ୍ରାୟ ସବୁ ବ୍ୟବହୃତ ହୋଇଯାଏ । ତେବେ ହାଣ୍ଡିଆ ମାଟି ହାଣ୍ଡିରେ ସଂରକ୍ଷଣ କଲେ ତାହା ଅଧିକ ସ୍ୱାଦିଷ୍ଟ ହୁଏ ବୋଲି ମାଙ୍କିଡିଆଙ୍କ ଧାରଣା । ମାଟିହାଣ୍ଡିରେ ମଧ୍ୟ ହାଣ୍ଡିଆ ଶୀଘ୍ର ପଚେ ଏବଂ ତାର ସ୍ୱାଦ ବଢାଏ । ତେଣୁ ଆବଶ୍ୟକ ହେଲେ ହାଣ୍ଡିଆ ମାଟି ହାଣ୍ଡିରେ ରଖାଯାଏ ।

ମାଙ୍କିଡିଆମାନେ ହାଣ୍ଡିଆ ବ୍ୟତୀତ ଅନ୍ୟ କୌଣସି ପାନୀୟ ଏତେ ପରିମାଣରେ କିମ୍ବା ପ୍ରତ୍ୟେକ ସମୟରେ ବ୍ୟବହାର କରନ୍ତି ନାହିଁ । ମଦ ଘରେ ପ୍ରସ୍ତୁତ ହୁଏ ନାହିଁ । ଇଚ୍ଛା ହେଲେ ସକ୍ଷମ ଅନୁସାରେ କ୍ରୟ କରି ପିଇ ଥାଆନ୍ତି । ଏମାନେ ମଦ ପ୍ରିୟ, ହେଲେ ହେଁ ଆର୍ଥିକ ଦୃଷ୍ଟିରୁ ସବୁବେଳେ ପାଆନ୍ତି ନାହିଁ । ରସ ଏବଂ ତାଡି କେବେ କେମିତି ସଂଗ୍ରହ କରି ପିଅନ୍ତି । ସବୁବେଳେ ମିଳେ ନାହିଁ ।

## ପାନୀୟର ଉପଦେୟତା, ଉପକାର ଓ ଅପକାର :

ହାଣ୍ଡିଆର ଖାଦ୍ୟ ମୂଲ୍ୟ ଭାତ ସହିତ ସମାନ ବୋଲି ମାଙ୍କିଡିଆମାନେ ବିଶ୍ୱାସ କରନ୍ତି । ଭାତ ଖାଇଲେ ଯେଉଁ ଶକ୍ତି ମିଳେ ହାଣ୍ଡିଆ ପାନ କଲେ ସେହି ଶକ୍ତି ମଧ୍ୟ ସେମାନେ ପାଇଥାଆନ୍ତି । କେହି କେହି ମାଙ୍କିଡିଆ ସବୁବେଳେ ପାଆନ୍ତି ନାହିଁ । ତେଣୁ ସେଗୁଡିକର ଖାଦ୍ୟ ମୂଲ୍ୟ ସଂପର୍କରେ ଏମାନେ ଅଜ୍ଞ ।

ହାଣ୍ଡିଆ ସେବନ ଦ୍ୱାରା ମାଙ୍କିଡିଆ ବିଭିନ୍ନ ଦିଗରୁ ଉପକୃତ ହୋଇଥାଆନ୍ତି ।

ତଥାପି କେବେ କେବେ ମାଙ୍କିଡିଆ ସମାଜରେ ହାଣ୍ଡିଆ ପାନକୁ ନିଷେଧ କରାଯାଇଥାଏ, ଯଥା:- (୧) ମନ୍ତ୍ରତନ୍ତ୍ର ଶିକ୍ଷା କରୁଥିବା ଶିଷ୍ୟ ଶିକ୍ଷା ଗ୍ରହଣ କରିବା ଦିନ (ମୁଖ୍ୟତଃ ମଙ୍ଗଳବାର ଓ ଶନିବାର), (୨) ଗର୍ଭବତୀ ମହିଳା, ଏବଂ(୩) ସ୍ତ୍ରୀ- ପୁରୁଷ ଏକ ସଂଗେ ବସି ହାଣ୍ଡିଆ ପାନ କରନ୍ତି ନାହିଁ ।

## ପାନୀୟର ବ୍ୟବହାର :

ମାଙ୍କିଡିଆ ସମାଜରେ ହାଣ୍ଡିଆର ଗୁରୁତ୍ୱ ଅନେକ ବେଶୀ । ବର୍ଷଯାକ ଯେତେ ପର୍ବପର୍ବାଣି ପାଳନ କରାଯାଏ ସବୁଥିରେ ହାଣ୍ଡିଆ ବେଶ୍ ବ୍ୟବହୃତ ହୁଏ । ଗାଁ ଭୋଜି, ବିବାହ, ଶୁଦ୍ଧକ୍ରିୟା, ଜନ୍ମୋତ୍ସବ ପ୍ରଭୃତିରେ ହାଣ୍ଡିଆର ପ୍ରଚଳନ ମଧ୍ୟ ଅଧିକ । ଖୁସିରେ ହେଉ ବା ଦୁଃଖରେ ହାଣ୍ଡିଆ ଜୋରିମନା କିମ୍ବା ଉପହାର୍ ସ୍ୱରୂପ ମଧ୍ୟ ବ୍ୟବହୃତ ହୁଏ । ସାମାନ୍ୟ ଧରଣର  କିମ୍ବା ବଡ ଧରଣର ପ୍ରତ୍ୟେକଟି ମାମଲାର ବିଚାର ପରେ ସାବ୍ୟସ୍ତ ହୋଇଥିବା ଦୋଷୀକୁ ହାଣ୍ଡିଆ ଜୋରିମନା କରା ଯାଇଥାଏ । ଟଙ୍କା ସମେତ ସେମାନେ ହାଣ୍ଡିଆ ଜୋରିମନା ଦେବାକୁ ବାଧ୍ୟ ।

କନ୍ୟାସୁନା ଦେବା ସମୟରେ, ଶୁଦ୍ଧିକ୍ରିୟାରେ ମୃତ ବ୍ୟକ୍ତିର ପରିବାରକୁ ବନ୍ଧୁବାନ୍ଧବ ମାନେ, ନିମନ୍ତ୍ରିତ ବନ୍ଧୁବାନ୍ଧବ ବିବାହ ସମୟରେ ଗୃହକର୍ତ୍ତାଙ୍କୁ, ପିଲାର ଜନ୍ମ ପରେ ପିତା ଗ୍ରାମ ମୁଖିଆଙ୍କୁ ବିଭିନ୍ନ ସମୟରେ ହାଣ୍ଡିଆ ଉପହାର ସ୍ୱରୂପ ପ୍ରଦାନ କରାଯାଇଥାଏ ।

## ଉପକାର :

୧. ଶାରୀରିକ ଶ୍ରମ ସମୟରେ ହାଣ୍ଡିଆ ପାନ କଲେ ଶ୍ରମ ଲାଘବ ହୁଏ ।

୨. ଦେହକୁ ସତେଜ ରଖେ ।

୩. ଦେହକୁ ହାଲୁକା ଓ ଫୁର୍ତ୍ତି ରଖେ ।

୪. ଶରୀର ଶକ୍ତ ଓ ଟାଣ ହୁଏ ।

୫. ପେଟ ଓ ମୁଣ୍ଡ ଥଣ୍ଡା ରହେ

୬. ହାଣ୍ଡିଆ ସେବନ ଦ୍ୱାରା ଧାତୁ କ୍ଷୟ ରୋଗ ଦୂର ହୁଏ ।

## ଅପକାର:

୧. ହାଣ୍ଡିଆ ଅତ୍ୟଧିକ ପାନ କଲେ ବାନ୍ତି ହୁଏ ।

୨. କେହି କେହି ଅଧିକ ପିଇଦେଇ ବାକ୍ ସଂଯମ ହରାଇ ବସନ୍ତି ।

୩. ନିଶାଶକ୍ତ ହୋଇ କିଏ ବା ପାରିବାରିକ ଗଣ୍ଡଗୋଳର ସୂତ୍ରପାତ କରିଥାଏ ।

୪. ନିଶାଶକ୍ତ ଅବସ୍ଥାରେ ବାଡିଆପିଟା ହୋଇ କେବେ କେବେ ମାମଲା ଗ୍ରାମ ସଭା ପର୍ଯ୍ୟନ୍ତ ଯାଇଥାଏ ।

## ପାନୀୟର ବିଭିନ୍ନ ଦେବଦେବୀଙ୍କ ସହିତ ସମ୍ବନ୍ଧ:

ଅନେକ ସମୟରେ ମାଙ୍କିଡିଆମାନେ ଦେବଦେବୀଙ୍କଠାରେ ହାଣ୍ଡିଆ ଭୋଗ କରିଥାନ୍ତି । ଗ୍ରାମଦେବତୀ/ ଦେବତା, ଜଙ୍ଗଲ ଠାକୁରାଣୀ, ଆଷାଢୀ ଠାକୁରାଣୀ ଇତ୍ୟାଦିଙ୍କ ପୂଜାରେ ହାଣ୍ଡିଆ ସହିତ ଦୁଇଟି କଳା ରଂଗର କୁକୁଡା ଭୋଗ ଦିଆଯାଏ । ପୂଜା ପରେ ସେଗୁଡିକ ଏମାନେ ପାନୀୟ ରୂପେ ପିଅନ୍ତି ଓ ମାଂସ ରାନ୍ଧି ଖାଇଥାଆନ୍ତି । ଦେବଦେବୀଙ୍କ ଉଦ୍ଦେଶ୍ୟରେ ଏପରି କଲେ ସର୍ବରିଷ୍ଟ ଖଣ୍ଡନ ହେବା ଆଶା ଏମାନେ କରନ୍ତି ।

## ମହିଳା ଓ ବିଭିନ୍ନ ପ୍ରକାର ପାନୀୟ:

ପାନୀୟ ସେବନରେ ମାଙ୍କିଡିଆ ମହିଳା ମଧ୍ୟ କିଛି କମ୍ ନୁହଁନ୍ତି । ପୁରୁଷଙ୍କ ପରି ଏମାନେ ସମସ୍ତ ପାନୀୟ ଗ୍ରହଣ କରିପାରନ୍ତି । ଏଥିରେ କୌଣସି ପ୍ରତିବନ୍ଧକ ନାହିଁ । କିନ୍ତୁ କେବଳ ଗର୍ଭାବସ୍ଥାରେ ମହିଳାଙ୍କୁ ପାନୀୟ ସେବନ ବାରଣ କରାଯାଇଥାଏ । ସମସ୍ତ ପର୍ବପର୍ବାଣୀ ତଥା ପ୍ରତ୍ୟେକ ସାମାଜିକ ଉତ୍ସବାନୁଷ୍ଠାନ ମାନଙ୍କରେ ପୁରୁଷଙ୍କ ପରି ପ୍ରଚୁର ହାଣ୍ଡିଆ ପାନ କରିଥାଆନ୍ତି । ସାଧାରଣ ଦିନମାନଙ୍କରେ ମହିଳାମାନେ

ଏକତ୍ରିତ ହୋଇ ହସଖୁସି, ଗପସପ ମଧ୍ୟରେ ହାଣ୍ଡିଆ ସେବନ କରୁଥିବା ଦୃଶ୍ୟ ବେଶ୍ ଉପଭୋଗ୍ୟ । ମହିଳା ମାନେ ତାଙ୍କର ଛୋଟ ପିଲାଙ୍କୁ ମଧ୍ୟ ହାଣ୍ଡିଆ ପିଆଇ ଥାଆନ୍ତି । ପୁରୁଷ ଲୋକଙ୍କ ସହିତ ଏକତ୍ର ବସି ହାଣ୍ଡିଆ ବା ପାନୀୟ ସେବନରେ ବାରଣ ଥାଏ ।

## ପୁରୁଷ ଓ ବିଭିନ୍ନ ପ୍ରକାର ପାନୀୟ:

ପୁରୁଷ ମାନଙ୍କ ପାଇଁ ପାନୀୟ ସେବନରେ ସ୍ଥାନ, କାଳର କୌଣସି ବାରଣ/ ନିଷେଧ ନାହିଁ । ସେମାନେ ଯେତେବେଳେ ଯେ କୌଣସିସ୍ଥାନରେ ଯେ କୌଣସି ପ୍ରକାର ପାନୀୟ ଅନାୟାସରେ ଗ୍ରହଣ କରି ଥାଆନ୍ତି । ଭୋଜିଭାତ, ପର୍ବପର୍ବାଣି, ଶୁଦ୍ଧିକ୍ରିୟା କିମ୍ବା ଉତ୍ସବାନୁଷ୍ଠାନ ମାନଙ୍କରେ ପୁରୁଷମାନଙ୍କ ହାଣ୍ଡିଆ ସେବନ କଥା ନକହିବା ଭଲ । ଏତେ ପିଅନ୍ତି ଯେ ଖାଦ୍ୟ ଖାଇବାର ଆବଶ୍ୟକତା ମଧ୍ୟ ଭୁଲିଯାଇଥାଆନ୍ତି । ହାଣ୍ଡିଆ ଜୀବନର ଏକ ଅତ୍ୟାବଶ୍ୟକ ପାନୀୟ ବୋଲି ବିବେଚିତ ହୋଇଥାଏ । କେବଳ ଘରେ ପ୍ରସ୍ତୁତି ହାଣ୍ଡିଆ ନୁହେଁ, ହାଟବଜାର ଏବଂ ରାସ୍ତାପାର୍ଶ୍ୱରେ ବିକ୍ରି ହେଉଥିବା ହାଣ୍ଡିଆ ଭାଟିରୁ ମଧ୍ୟ କ୍ରୟ କରି ପାନ କରନ୍ତି । ବେଳେବେଳେ ପ୍ରଚୁର ପାନ କରି ଗଣ୍ଡଗୋଳର ସୂତ୍ରପାତ କରିଥାଆନ୍ତି ।

## ଉପହାର ଓ ଜୋରିମନା ହିସାବରେ ପାନୀୟର ବ୍ୟବହାର:

ମାଙ୍କିଡିଆ ମାନଙ୍କ ଗୋଷ୍ଠୀରେ ହାଣ୍ଡିଆ ସମ୍ମାନ ସୂଚକ ପାନୀୟ ରୂପେ ପରିଗଣିତ । ତେଣୁ ଉପହାରରେ ତଥା ଜୋରିମନାରେ ହାଣ୍ଡିଆର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ହାଣ୍ଡିଆ ହେଉଛି ମାଙ୍କିଡିଆଙ୍କ ସର୍ବଶ୍ରେଷ୍ଠ ଉପହାର । କୌଣସି ନିମନ୍ତ୍ରିତ ଅତିଥି, ବନ୍ଧୁବାନ୍ଧବ କିମ୍ବା ପଡୋଶୀ ଆସିଲେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ହାଣ୍ଡିଆ ଯତ୍ନ ସହକାରେ ପ୍ରସ୍ତୁତ ହୁଏ ଏବଂ ଉପହାର ସ୍ୱରୁପ ମଧ୍ୟ ହାଣ୍ଡିଆ ସେମାନଙ୍କୁ ଦିଆଯାଇଥା । ଶିଶୁ ଜନ୍ମ ପରେ ପିତା ଗ୍ରାମର ମୁଖିଆଙ୍କୁ ଏକ ହାଣ୍ଡି ହାଣ୍ଡିଆ ଉପହାର ଦେଇଥାଆନ୍ତି । କନ୍ୟାସୁନା ସହିତ ହାଣ୍ଡିଆ ମଧ୍ୟ ଉପହାର ସ୍ୱରୂପ ଆସିଥାଏ । ବିବାହୋତ୍ସବରେ ଯୋଗ ଦେବାକୁ ଆସିଥିବା ନିମନ୍ତ୍ରିତ ବନ୍ଧୁବାନ୍ଧବମାନେ ଅନ୍ୟାନ୍ୟ ଦେୟ ସହ ହାଣ୍ଡିଆ ଉପହାର ଦେଇପାରନ୍ତି । ଏହା ବରକନ୍ୟାଙ୍କ ସମ୍ମାନାର୍ଥେ ଦିଆଯାଇଥାଏ । ମୃତବ୍ୟକ୍ତିର ଶବକୁ ଯେଉଁ ଭାଇବନ୍ଧୁ ମାନେ ପୋତିବାକୁ ନେଇଥାଆନ୍ତି ସେମାନେ ତ ପାରିଶ୍ରମିକ ନିଅନ୍ତି ନାହିଁ ପରନ୍ତୁ କର୍ତ୍ତା ସେମାନଙ୍କୁ ଉପହାର ସ୍ୱରୁପ ଖୁସିରେ ହାଣ୍ଡିଆ ପ୍ରଦାନ କରିଥାଆନ୍ତି । ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଆସିଥିବା ବନ୍ଧୁବାନ୍ଧବମାନେ ଏକ ହାଣ୍ଡି ହାଣ୍ଡିଆ ମଧ୍ୟ ଉପହାର ଆକାରରେ ଦିଅନ୍ତି ଯାହାକି କର୍ତ୍ତାଙ୍କୁ ସହାୟତା ଦେଇଥାଏ ।

ଜୋରିମନା: ଗ୍ରାମର ଯେ କୌଣସି ମାମଲାର ବିଚାର ସଭାପତି (ଦେରିଃ)ଙ୍କ ସଭାପତିତ୍ୱରେ ଗ୍ରାମସଭାରେ ହୋଇଥାଏ । ଏଥିରେ ସାବ୍ୟସ୍ତ ହେଉଥିବା ଦୋଷୀଙ୍କୁ ଟଙ୍କା ସହିତ ହାଣ୍ଡିଆ ଜୋରିମନାର ବ୍ୟବସ୍ଥା ମାଙ୍କିଡିଆ ସମାଜରେ ପ୍ରଚଳିତ । ଦୋଷ ଏବଂ ଦଣ୍ଡର ପ୍ରକାର ନେଇ ଟଙ୍କା ନିର୍ଦ୍ଧାରିତ ହେଉଥିବା ବେଳେ ତା ସହିତ ସାଧାରଣତଃ ଏକ ହାଣ୍ଡିଆ ଜରୁରୀ ଥାଏ । ଟଙ୍କା ସହ ହାଣ୍ଡିଆ ଜୋରିମନା ବାଧ୍ୟତାମୂଳକ । ଏଥିରେ ଖିଲାପ କଲେ ଗ୍ରାମରୁ ବାସନ୍ଦ କରାଯାଇଥାଏ । ଜୋରିମନା ପାନୀୟକୁ ଗ୍ରାମସଭାର ସଦସ୍ୟମାନେ (ସଭାପତିଙ୍କ ବ୍ୟତୀତ) ସେବନ କରିଥାଆନ୍ତି ।

## ପ୍ରସ୍ତୁତି ପ୍ରଣାଳୀ :

ମାଙ୍କିଡିଆମାନେ ଘରେ କେବଳ ହାଣ୍ଡିଆ ପ୍ରସ୍ତୁତ କରନ୍ତି । କେବେ କେବେ ମଦ କ୍ରୟ କରି ଏବଂ ତାଳରସ ତଥା ଖଜୁରୀ ତାଡି ଗଛରୁ ସଂଗ୍ରହ କରି ମଦ ସେବନ କରିଥାଆନ୍ତି । ପ୍ରଥମେ ଗୋଟିଏ ଶୁଖିଲା ମାଟି ହାଣ୍ଡିରେ ପାଣି ଗରମ କରି ୩/୪ ସେର ଉଷୁନା ଚାଉଳ ସିଝାଯାଏ । ଭାତ ରାନ୍ଧିବା ପରି ହୁଏ କିନ୍ତୁ ଭାତ ଅପେକ୍ଷା ଏଥିରେ ପାଣି କମ୍ ଦିଆଯାଏ, ଯେପରି ଚାଉଳ ସିଝିବା ପରେ ପାଣି ପ୍ରାୟ ରହେନାହିଁ । ବହଳିଆ ହୋଇଯାଏ । ସେହି ମଣ୍ଡକୁ ଛାଇ ସ୍ଥାନରେ ପଟିଆ ଉପରେ ଢାଳି ଶୁଖାଇବାକୁ ହୁଏ । ତାହା ଥଣ୍ଡା ହୋଇଗଲେ ସେଥିରେ ପୂର୍ବରୁ ପ୍ରସ୍ତୁତ ଓ ସଂରକ୍ଷିତ ବାଖର୍ ଗୋଲିକୁ ଗୁଣ୍ଡ କରି ମିଶାଇ ଭଲ ଭାବରେ ଚଟୁ ସାହାଯ୍ୟରେ ଘାଣ୍ଟି ଦିଆଯାଏ । ମିଶ୍ରଣ ଠିକ୍ ଭାବେ ମିଶିଯିବା ପରେ ତାକୁ ପୁନର୍ବାର ହାଣ୍ଡିରେ ରଖି ଗରମ କରିବାକୁ ହୁଏ । ଯଦି ହାଣ୍ଡିତଳେ ଲାଗିଯାଏ କିମ୍ବା ଲାଗିଯିବା ଅବସ୍ଥାକୁ ଆସେ ତେବେ ମଝିରେ ମଝିରେ ପାଣି ସିଞ୍ଚିବାକୁ ପଡେ । ବାଖର୍ ଏବଂ ଚାଉଳ ମଣ୍ଡ ଭଲଭାବରେ ସିଦ୍ଧ ହୋଇଗଲେ ତାକୁ ଚଲାରେ ଛଣା ଯାଇଥାଏ । ଚଲାରେ ଘଷି ଘଷି ଖଦରା (ମେରୀ)କୁ ବାହାର କରିଦିଆଯାଏ । ବାକିତକ ସମସ୍ତ ମିଶ୍ରଣକୁ ହାଣ୍ଡିରେ ଭର୍ତ୍ତିକରି ତହିଁରେ ଘୋଡଣି ଲଗାଇବାକୁ ହୁଏ । ଏପରି ଅବସ୍ଥାରେ ୩/୪ ଦିନ ରହିବା ପରେ ତାହା ପଚିଯାଏ ଏବଂ ହାଣ୍ଡିଆରେ ପରିଣତ ହୁଏ । ସେହି ହାଣ୍ଡିଆକୁ ମାଙ୍କିଡିଆ ପାନୀୟ ରୂପେ ବ୍ୟବହାର କରନ୍ତି ।

## ସର୍ବାଧିକ ସେବନ ଓ ଉପଲବ୍ଧର ସମୟ:

ବର୍ଷର ପୌଷ ମାସଠାରୁ ଚୈତ୍ର/ବୈଶାଖ ମାସ ପର୍ଯ୍ୟନ୍ତ ହାଣ୍ଡିଆ ବହୁଳ ମାତ୍ରାରେ ବ୍ୟବହୃତ ହୁଏ । କାରଣ ଏହି ସମୟରେ ହାଣ୍ଡିଆ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ମୁଖ୍ୟ ଉପାଦାନ ଉଷୁନା ଚାଉଳ ସେମାନେ ସହଜରେ ଗାଁମାନଙ୍କରୁ ସଂଗ୍ରହ କରି

ପାରିଥାଆନ୍ତି । ଏହି ମାସ ମଧ୍ୟରେ ପଡୁଥିବା ପର୍ବପର୍ବାଣି ଯଥା: ମକର, ହୋଲି, ରଜ, ପଣାସଂକ୍ରାନ୍ତି, ଚୈତ୍ରପୁଣ୍ଣମୀ, ଆଦି ଦିନ ମାନଙ୍କରେ ସର୍ବାଧିକ ପରିମାଣରେ ହାଣ୍ଡିଆ ସେବନ କରାଯାଏ ଏବଂ ଏହି ସମୟରେ ଅଧିକ ଉପଲବ୍ଧ ମଧ୍ୟ । ପୁନଶ୍ଚ ଏହି ମାସଗୁଡିକରେ ଯଦି ବିବାହୋତ୍ସବ ଅନୁଷ୍ଠିତ ହୁଏତ ମାଙ୍କିଡିଆଙ୍କ ଆନନ୍ଦ କହିଲେ ନ ସରେ । ହାଣ୍ଡିଆ ସେବନର ମାତ୍ରା ଦ୍ୱିଗୁଣିତ ହୁଏ । ବର୍ଷର ଅନ୍ୟାନ୍ୟ ମାସର ବିବାହ ତୁଳନାରେ ଉପରୋକ୍ତ ମାସରେ ଅନୁଷ୍ଠିତ ବିବାହ ଉତ୍ସବରେ ହାଣ୍ଡିଆ ସର୍ବାଧିକ ସେବନ କରିଥାଆନ୍ତି । ବାଖର ପାଇଁ ଚେର ଯେ କୌଣସି ସମୟରେ ଆଣି ତା ପରେ ପ୍ରସ୍ତୁତ କରି ସଂରକ୍ଷିତ ରଖିଥାଆନ୍ତି । ତେଣୁ ପୌଷ ମାସଠାରୁ ଚୈତ୍ର/ବୈଶାଖ ଯାଏ ମାଙ୍କିଡିଆ ହାଣ୍ଡିଆ ପାନରେ ତୃପ୍ତିଲାଭ କରି ଥାଆନ୍ତ ।

ମାଙ୍କିଡିଆ ଗୋଷ୍ଠୀରେ ହାଣ୍ଡିଆର ପ୍ରଚଳନ ଏତେ ବେଶୀ ଯେ ପ୍ରତ୍ୟେକ ସମୟ ତାଙ୍କ ପାଇଁ ହାଣ୍ଡିଆ ସେବନର ସମୟ ପରି ମନେହୁଏ । ପ୍ରତ୍ୟେକ ପର୍ବପର୍ବାଣି, ପୂଜା- ବିବାହ ଉତ୍ସବାଦି, ଶୁଦ୍ଧିକ୍ରିୟା, ଜନ୍ମୋତ୍ସବ, ବନ୍ଧୁବାନ୍ଧବ ଆସିବା କିମ୍ବା ଏମାନେ ଯିବା, ଜୋରିମନା - ସବୁଥିରେ ହାଣ୍ଡିଆର ଗୁରୁତ୍ୱ ବେଶ୍ ଥାଏ । ତେବେ ରଜ, ମକର ପର୍ବ, କରମ୍, ଆଷାଢୀ ପୂଜା, ଶୁଦ୍ଧିକ୍ରିୟା ପ୍ରଭୃତିରେ ହାଣ୍ଡିଆର ଆବଶ୍ୟକତା ଅତି ଜରୁରୀ ଏବଂ ଜୋରିମନା ସ୍ୱରୂପ ହାଣ୍ଡିଆ ଦେବା ବାଧ୍ୟତାମୂଳକ । ଏଥିରେ ଖିଲାପ କରାଯାଏ ନାହିଁ । ମାଙ୍କିଡିଆମାନେ ଆନନ୍ଦ ଉଲ୍ଲାସରେ ପାନୀୟ ବା ହାଣ୍ଡିଆ ସେବନ କରିବା ସମୟରେ ଗୀତ ଗାଇଥାଆନ୍ତି ।

# କନ୍ୟାସୁନା

## କନ୍ୟାସୁନା ଧାରଣାର ଉତ୍ପତ୍ତି :

ବିବାହ୍ (ବାପ୍ଲା) ହେଉଛି ଏକ ସାମାଜିକ ବନ୍ଧନ । ନାରୀ ଓ ପୁରୁଷର ମିଳନକୁ ଏକ ପବିତ୍ର ସାମାଜିକ ସ୍ୱୀକୃତି ଦେବାପାଇଁ ବିବାହ୍‌ର ପରିକଳ୍ପନା । ମାଙ୍କିଡିଆ ସମାଜ ମଧ୍ୟ ଏହି ନୀତିଗତ ପ୍ରକ୍ରିୟାରୁ ବ୍ୟତିକ୍ରମ ନୁହଁନ୍ତି ।

ତେବେ ଆଧୁନିକ ସମାଜରେ ବିବାହ୍ ପୂର୍ବରୁ କନ୍ୟାପିତା/ମାତା ବର ପାଇଁ ଯୌତୁକ ଆକାରରେ ଧନ, ଦ୍ରବ୍ୟ ପ୍ରଦାନ କରୁଥିବା ସ୍ଥଳେ ମାଙ୍କିଡିଆ ସମାଜରେ ବରଘର କନ୍ୟାଘରକୁ ଉପହାର ହିସାବରେ କନ୍ୟାସୁନା (ଗନଂ) ପ୍ରଦାନ କରିଥାଆନ୍ତି ।

ମାଙ୍କିଡିଆ ସମାଜରେ ଏହି କନ୍ୟାସୁନା ବା ଗନଂର ଉତ୍ପତ୍ତି ବିଷୟରେ ଏକ ସୁନ୍ଦର ଲୋକକାହାଣୀ ରହିଛି । ସୃଷ୍ଟିକର୍ତ୍ତା ପ୍ରଥମେ ଦୁଇଜଣ ମଣିଷ ସୃଷ୍ଟି କଲେ । ଜଣେ ପୁରୁଷ ଓ ଜଣେ ମହିଳା । ପୁରୁଷର ନାମ ଲାକ୍ରା ଏବଂ ମହିଳାର ନାମ ସାନି । ବଣ, ଜଙ୍ଗଲ ଓ ପାହାଡ ତଳ ଅଂଚଳରେ ଇତଃସ୍ତତଃ ଭାବରେ ବୁଲୁ ବୁଲୁ ସେ ଦୁହିଁଙ୍କ ମଧ୍ୟରେ ସାକ୍ଷାତ ଓ ପରିଚୟ ହେଲା । ପରିଚୟରୁ ଦୁହିଁଙ୍କ ମଧ୍ୟରେ ପ୍ରେମ ଓ କ୍ରମଶଃ କାମଭାବ ଜାଗ୍ରତ ହେଲା । ପରବର୍ତ୍ତୀ ପର୍ଯ୍ୟାୟରେ ଦୁହେଁ ପ୍ରଣୟ ରଜ୍ଜୁରେ ବାନ୍ଧି ହୋଇଗଲେ । କ୍ରମେ ସେମାନଙ୍କ ସଂସାର ବଢିଲା । ୪ ଝିଅ ଓ ୭ ପୁଅର ପିତାମାତା ହୋଇଗଲେ ସେମାନେ । କିନ୍ତୁ କିଛି ଦିନ ଅନ୍ତେ କୌଣସି କାରଣବଶତଃ ଲାକ୍ରା ତାର ୭ ପୁଅ ସହିତ ଓ ସାନି ତାର ୪ ଝିଅ ସହିତ ପୃଥକ୍ ପୃଥକ୍ ଭାବରେ ବସବାସ କଲେ । ସେମାନଙ୍କର ସନ୍ତାନ ସନ୍ତତି ଯୌବନରେ ପଦାର୍ପଣ କଲାପରେ ଲାକ୍ରା ଓ ସାନି ସେମାନଙ୍କୁ ଜଙ୍ଗଲରୁ ସଂଗୃହୀତ ବିଭିନ୍ନ ନିଶାଯୁକ୍ତ ଚେର ଓ ପତ୍ର ଖୁଆଇ ଅବାଧ ଯୌନକ୍ରିୟା ପାଇଁ ପ୍ରୋତ୍ସାହିତ କଲେ ଏବଂ ସେମାନଙ୍କର ୪ ଝିଅକୁ ୪ ପୁଅ ସହିତ ବିବାହ୍ କରାଇବାକୁ ସିଦ୍ଧାନ୍ତ ନେଲେ । କିନ୍ତୁ କେତେକ ବିଷୟ ଉପରେ ସାନି ଲାକ୍ରାର ପ୍ରସ୍ତାବରେ ସହମତ ହେଲାନାହିଁ । ତେଣୁ ଲାକ୍ରା ସାନିକୁ ମନାଇବା ପାଇଁ କଉଡି (ସେମାନଙ୍କର ଶ୍ରେଷ୍ଠ ଉପହାର) ପ୍ରଦାନ କଲା । ଏଥିରେ ସାନି ଖୁସି ହୋଇ ପୁଅ ଝିଅଙ୍କ ବିବାହ୍ କାର୍ଯ୍ୟ ସୁରୁଖୁରୁରେ ଚଳାଇନେଲା । କନ୍ୟାସୁନା ବା କନ୍ୟାଧନ (ଗନଂ) ନାମରେ ଟଙ୍କାରେ ରୂପାନ୍ତରିତ ହୋଇଗଲା ।

## କନ୍ୟାସୁନା ପ୍ରଥାର ପ୍ରଚଳନ :

କନ୍ୟାସୁନା ପ୍ରଚଳନର ଇତିହାସ ବହୁ ପୁରାତନ । ଲାକ୍ରା ଓ ସାନିଙ୍କ ପୁଅଝିଅ ମାନଙ୍କ ବିବାହ୍ ସମୟଠାରୁ ଏହି ପ୍ରଥା ଆରମ୍ଭ ହୋଇଥିବା ମାଙ୍କିଡିଆ ମାନଙ୍କର

ବିଶ୍ୱାସ । ଲାକ୍ରା, ତା ପୁଅମାନଙ୍କ ବିବାହ ସାନିର ଝିଅମାନଙ୍କ ସହିତ କରିବା ସମୟରେ ସାନିକୁ ଖୁସି କରାଇବାକୁ ଉପହାର ସ୍ୱରୂପ ଯେଉଁ କଉଡି ପ୍ରଦାନ କରିଥିଲା, ତାହା ପରବର୍ତ୍ତୀ ସମୟରେ କେବେ, କେଉଁ ପରିସ୍ଥିତିରେ କନ୍ୟାସୁନା ବା କନ୍ୟାପଣ ରୂପରେ ଟଙ୍କାରେ ପରିଣତ ହେଲା, ସେ ବିଷୟରେ ମାଙ୍କିଡିଆମାନେ ନୀରବ । ଏବେ ମଧ୍ୟ ତାଙ୍କର କନ୍ୟାପଣର ପରିମାଣ ଟ୭.୫୦ରେ ସୀମିତ ରହିଛି । ଏହା ତାଙ୍କ ପାରଂପରିକ କନ୍ୟାସୁନା ପ୍ରଥା ।

## କନ୍ୟାସୁନା ପ୍ରଦନ ରୀତି:

ବିବାହ ପାଇଁ ଦିନ ଧାର୍ଯ୍ୟ ହୋଇ ସାରିବା ପରେ ମଧ୍ୟସ୍ଥି (ଘଟକଦାର୍) ଗ୍ରାମର ଦୁଇଜଣ ମୁରବୀ ଶ୍ରେଣୀୟ ବ୍ୟକ୍ତିଙ୍କ ସହିତ ପୁଅର ପିତାମାତା କନ୍ୟା ଘରକୁ ଯାଇ କନ୍ୟାର ପିତାମାତାଙ୍କୁ କନ୍ୟାସୁନା ସ୍ୱରୂପ ଟ୭.୫୦ (ସାତଟଙ୍କା ପଚଶ ପଇସା) ପ୍ରଦାନ କରିଥାଆନ୍ତି । କିନ୍ତୁ ପରିତ୍ୟକ୍ତା ସ୍ତ୍ରୀ ଓ ବିଧବା ସ୍ତ୍ରୀ ପୁନଃ ବିବାହ କ୍ଷେତ୍ରରେ ଏହି ଟଙ୍କାର ପରିମାଣ ଟ୩.୫୦ (ତିନିଟଙ୍କା ପଚଶ ପଇସା) ହୁଏ । ଟଙ୍କା ବ୍ୟତୀତ ଦ୍ରବ୍ୟ ଆକାରରେ କନ୍ୟାସୁନା ଦେବା ବିଧି ନଥିଲେ ମଧ୍ୟ ଆଧୁନିକ ଯୁଗରେ ଯଦି ବରର ପିତାମାତା କନ୍ୟାସୁନା ସହିତ ଅନ୍ୟାନ୍ୟ ଦ୍ରବ୍ୟ (ଲୁଗାପଟା, ରୂପାଗହଣା, ହାଣ୍ଡିଆ ଇତ୍ୟାଦି) ଦେବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ତାହା ପ୍ରଦାନ କରିପାରନ୍ତି । ବିବାହ ପୂର୍ବଦିନ ସୁଦ୍ଧା କନ୍ୟାସୁନା ପାଇଁ ସମସ୍ତ ଦେୟ ପଇଠ କରିବାକୁ ବାଧ୍ୟ । ଏହି ଦେୟ କିସ୍ତି ଅନୁଯାୟୀ ମଧ୍ୟ ଦିଆଯାଇପାରେ । ସମସ୍ତ କିସ୍ତି ପ୍ରଦାନ ସମୟରେ ଘଟକଦାର୍, ଗାଁ ମୁରବୀ ଓ ବର ଓ କନ୍ୟାର ପିତାମାତାଙ୍କ ଉପସ୍ଥିତି ଅପରିହାର୍ଯ୍ୟ । ବରର ପିତା ମାତା କନ୍ୟାଘରକୁ ଆସି କନ୍ୟାର ପିତାମାତାଙ୍କୁ ଉପସ୍ଥିତ ଘଟକଦାର୍ ଓ ମୁରବୀ ସମ୍ମୁଖରେ କନ୍ୟାସୁନା ପ୍ରଦାନ କରନ୍ତି ।

କନ୍ୟାସୁନା ଦେବା କ୍ଷେତ୍ରରେ ଯେଉଁ ନୀତି ନିୟମ ମାଙ୍କିଡିଆ ସମାଜରେ ପ୍ରଚଳିତ ଅଛି, ସେଗୁଡିକ ହେଲା-(୧) କନ୍ୟାସୁନା ବାହାଘର ପୂର୍ବଦିନ ସୁଦ୍ଧା ପ୍ରଦାନ କରିବାକୁ ବାଧ୍ୟ, (୨) କନ୍ୟାସୁନା କନ୍ୟାଘରେ ଯାଇ ଦେବାକୁ ହୁଏ, (୩) କନ୍ୟାସୁନା ଦେବା ସମୟରେ ଘଟକଦାର୍, ଗାଁର ମୁରବୀ ଶ୍ରେଣୀୟ ଦୁଇଜଣ ବ୍ୟକ୍ତି ଓ ବରକନ୍ୟାଙ୍କ ପିତାମାତାଙ୍କ ଉପସ୍ଥିତି ଅନିର୍ବାଯ୍ୟ, (୪) ସାଧାରଣ ବାହାଘର ପାଇଁ ଟ୭.୫୦ଙ୍କା ଓ ବିଧବା ବା ପରିତ୍ୟକ୍ତା ମହିଳାଙ୍କ ବିବାହ କ୍ଷେତ୍ରରେ ଟ୩.୫୦ଙ୍କା ଦିଆଯାଇଥାଏ, (୫) କନ୍ୟାସୁନା ଏକକାଳୀନ ବା କିସ୍ତି ଅନୁଯାୟୀ ଦିଆଯାଇପାରେ ।

## କନ୍ୟାସୁନା ଦେବାରେ ମଧ୍ୟସ୍ଥିଙ୍କ ଭୂମିକା:

ମାଙ୍କିଡିଆ ସମାଜରେ ବିବାହ୍ କ୍ଷେତ୍ରରେ ମଧ୍ୟସ୍ଥିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିବାହ୍ ପୂର୍ବରୁ ପୁଅ ଓ ଝିଅ ଦେଖାଦେଖି ମଧ୍ୟସ୍ଥିର ସହାୟତାରେ ହିଁ ସମ୍ଭବ ହୋଇଥାଏ । ପୁଅ ଘରର ଲୋକମାନେ କନ୍ୟାଟିକୁ ଯଦି ପସନ୍ଦ କରନ୍ତି, ତେବେ ସେ ଖବର ସଂଗେ ସଂଗେ ମଧ୍ୟସ୍ଥିଙ୍କୁ ଜଣାଇ ଦିଆଯାଏ । ମଧ୍ୟସ୍ଥିଙ୍କର ସହାୟତାରେ କନ୍ୟାପିତା ବା କନ୍ୟାସୁନା ମଧ୍ୟ ପ୍ରଦାନ କରନ୍ତି । ବାହାଘର ଶେଷ ପର୍ଯ୍ୟନ୍ତ ଯଦି କୌଣସି ପ୍ରକାର ସମସ୍ୟା ଉପୁଜେ, ତେବେ ମଧ୍ୟସ୍ଥି ମାର୍ଫତରେ ସେସବୁ ସମାଧାନ କରାଯାଏ । ମଧ୍ୟସ୍ଥି ବିନା ମାଙ୍କିଡିଆ ସମାଜରେ ବିବାହ୍ ଏକ ପ୍ରକାର ଅସମ୍ଭବ । ତେଣୁ ଉଭୟ ବର ଓ କନ୍ୟା ପକ୍ଷ ମଧ୍ୟସ୍ଥିଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିଥାଆନ୍ତି । ସମୟେ ସମୟେ ସେମାନେ ମଧ୍ୟସ୍ଥିକୁ ନୂଆ ଲୁଗାପଟା ଓ ହାଣ୍ଡିଆ ମଧ୍ୟ ଉପହାର ସ୍ୱରୂପ ଦେଇଥାଆନ୍ତି ।

## କନ୍ୟା ପାଇଁ କନ୍ୟାସୁନାର ଗୁରୁତ୍ୱ :

ମାଙ୍କିଡିଆ ସମାଜରେ କନ୍ୟାସନ୍ତାନର ଗୁରୁତ୍ୱ ରହିଛି । ତେଣୁ କନ୍ୟାସନ୍ତାନ ଜନ୍ମରେ ସେମାନେ ବେଶ୍ ଆନନ୍ଦିତ ହୁଅନ୍ତି । ଅନୁରୂପ ଭାବେ କନ୍ୟାସୁନା ପରଂପରା ମଧ୍ୟ ବିବାହ୍ ପୂର୍ବ ଓ ବିବାହୋତ୍ତର କାଳରେ ପିତାଘରେ ତଥା ଶ୍ୱଶୁରାଳୟରେ କନ୍ୟାର ଗୁରୁତ୍ୱ ବା ଆବଶ୍ୟକତାକୁ ସ୍ପଷ୍ଟ କରିଦେଇଥାଏ । ସେଥିପାଇଁ ସେ ବିବାହ୍ ପୂର୍ବରୁ ପିତାମାତାଙ୍କ ସ୍ନେହ ଶ୍ରଦ୍ଧା ଭିତରେ ବଡ ହୁଏ ଏବଂ ବିବାହ୍ ପରେ ଶାଶୁଘରେ ସମସ୍ତଙ୍କର ପ୍ରିୟ ହୋଇ କାଳାତିପାତ କରେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମାଙ୍କିଡିଆ ସମାଜରେ ନାରୀ ନିର୍ଯ୍ୟାତନା ପ୍ରାୟ ନାହିଁ କହିଲେ ଚଳେ । ଏପରିକି ଜଣେ ମାଙ୍କିଡିଆ ପୁରୁଷ ତା'ର ବିବାହିତ ମହିଳାଙ୍କ ଜୀବିତାବସ୍ଥାରେ ଦ୍ୱିତୀୟ ବିବାହ୍ କରନ୍ତି ନାହିଁ । ତେଣୁ ମାଙ୍କିଡିଆ ସମାଜ କନ୍ୟାସନ୍ତାନକୁ ଯଥେଷ୍ଟ ଗୁରୁତ୍ୱ ଦେଉଥିବାରୁ ଏକ ବଳିଷ୍ଠ ପ୍ରତୀକ ହେଉଛି କନ୍ୟାସୁନା ପରମ୍ପରା । ଏତଦ୍ ବ୍ୟତୀତ ଝିଅଟି ପିତାଘରେ ଅଲିଅଳରେ ବଢିଥିବାରୁ ବରଘର ପକ୍ଷରୁ କନ୍ୟାସୁନା ଏକ ପ୍ରତିଶ୍ରୁତି ହୋଇପାରେ ।

ମୋଟାମୋଟି ଭାବରେ ଏତିକି କୁହାଯାଇପାରେ ଯେ, ଉଭୟ ବରପକ୍ଷ ଓ କନ୍ୟାପକ୍ଷର ପରିବାରକୁ ସବୁଦିନ ପାଇଁ ସୁସଂପର୍କରେ ବାନ୍ଧି ରଖିବାକୁ କନ୍ୟାସୁନା ଏକ ସଂଯୋଗକାରୀ ସେତୁ ।

## କନ୍ୟାସୁନାର ସାମାଜିକ ଓ ଅର୍ଥନୈତିକ ଦିଗ:

ସାମାଜିକ ଦୃଷ୍ଟିକୋଣରୁ ମାଙ୍କିଡିଆ ସମାଜରେ କନ୍ୟାସୁନାର ଗୁରୁତ୍ୱ ଅତୁଳନୀୟ । ଉଭୟ ବୁଝାମଣା ଓ ଆତ୍ମିୟତାର ବନ୍ଧନକୁ ସୁଦୃଢ କରିବା ତଥା ଝିଅଟିକୁ ସୁଖରେ ରଖିବା ପାଇଁ କନ୍ୟାର ପିତାମାତାଙ୍କଠାରେ ବରଘର ପକ୍ଷରୁ ପ୍ରତିଶ୍ରୁତିବଦ୍ଧ ହେବା କନ୍ୟାସୁନାର ଉଦ୍ଦେଶ୍ୟ । ତେଣୁ କନ୍ୟାସୁନାର ଅର୍ଥ ପରିମାଣ ବ୍ୟତୀତ ଶ୍ରଦ୍ଧାରେ ସେମାନେ ଝିଅ ପାଇଁ ନୂଆ ଶାଢୀ, ଝିଅର ମାଆ ଓ ମାଇଁ ପାଇଁ ଭକ୍ତି ସହ ନୂଆ ଶାଢୀ ପ୍ରଦାନ କରିଥାଆନ୍ତି । ବନ୍ଧୁତ୍ୱର ଆଦାନ ପ୍ରଦାନ ତଥା ସୁଖଦ ମୁହୂର୍ତ୍ତକୁ ଅଧିକ ରସାଳ କରିବା ପାଇଁ ହାଣ୍ଡିଆ ମଧ୍ୟ ଦେଇପାରନ୍ତି । ଏତଦ୍ ବ୍ୟତୀତ ସକ୍ଷମ ଅନୁସାରେ କନ୍ୟାପାଇଁ ରୂପା ଗହଣା ପ୍ରଦାନ କରାଯାଇଥାଏ । ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କଲେ ମାଙ୍କିଡିଆ ସମାଜରେ କନ୍ୟାସୁନାର ଗୁରୁତ୍ୱ ଉପଲବ୍ଧ ହୁଏନାହିଁ । କାରଣ ଏହାର ପରିମାଣ ଏବେ ସ୍ୱଳ୍ପ ଯେ ଏହା କନ୍ୟାପକ୍ଷର ଆର୍ଥିକ ସ୍ଥିତ ବୃଦ୍ଧି କରିପାରେ ନାହିଁ । ପୂର୍ବରୁ ପ୍ରଚଳିତ କଉଡି ବ୍ୟବସ୍ଥା ଟଙ୍କାରେ ପରିବର୍ତ୍ତିତତ ହେଲେ ହେଁ  କେବଳ ପରମ୍ପରାକୁ ସମ୍ମାନ ଜଣାଇ ଏହା ପ୍ରଚଳିତ । ଅବଶ୍ୟ ଆର୍ଥିକ ଦୃଷ୍ଟିରୁ ସାମୟିକ ସହାୟତା ପାଇଁ ଏବେ ଏହି କନ୍ୟାସୁନାର ପରିମାଣ ସ୍ଥଳ ବିଶେଷରେ ଟ୨୦୦ଙ୍କା (ଦୁଇଶହ ଟଙ୍କା) ପର୍ଯ୍ୟନ୍ତ ପ୍ରଦାନ କରାଗଲାଣି ।

## ବିଭିନ୍ନ ବିବାହରେ କନ୍ୟାସୁନା :

ମାଙ୍କିଡିଆ ସଂପ୍ରଦାୟରେ ବିଭିନ୍ନ ପ୍ରକାର ବିବାହ ଯଥା-ଶୁଭ ବିବାହ, ପ୍ରେମ ବିବାହ, ଜବରଦସ୍ତି/ଧରିପଳା ବିବାହ, ସିନ୍ଦୁରଘଷା ବିବାହ ପ୍ରଥା ପ୍ରଚଳିତ । ଶୁଭ ବିବାହ କ୍ଷେତ୍ରରେ ଟ୭.୫୦ (ସାତଟଙ୍କା ପଚାଶ ପଇସା) କନ୍ୟାସୁନା ବାବଦରେ ଦେବାକୁ ହୁଏ । କିନ୍ତୁ ପରିତ୍ୟକ୍ତା ସ୍ତ୍ରୀ, ବିଧବା ମହିଳାଙ୍କ ବିବାହ କ୍ଷେତ୍ରରେ ଟ. ୩.୫୦ (ତିନିଟଙ୍କା ପଚାଶ ପଇସା) ମାତ୍ର ଦେଇଥାଆନ୍ତି । ପ୍ରେମ ବିବାହ ଯଦି ଉଭୟ ପକ୍ଷର ସହିତ ଅନୁଷ୍ଠିତ ହୁଏ, ତେବେ ସେଥିରେ ଶୁଭ ବିବାହ ପରି ଟ୭.୫୦ ଆଦାୟ କରାଯାଏ । ସିନ୍ଦୁରଘଷା ବିବାହରେ ଯଦି ଝିଅ ବିବାହ ପାଇଁ ଅନିଚ୍ଛା ପ୍ରକାଶ କରେ ତେବେ ଝିଅର ପିତାମାତା ଝିଅକୁ ବୁଝାଶୁଝା କରି ସଂପୃକ୍ତ ପୁଅ ସହିତ ବିବାହ କରାଇ ଦିଅନ୍ତି । ମାତ୍ର ଏଥିରେ ଝିଅ ଓ ତା'ର ପିତାମାତାଙ୍କ ସମ୍ମାନ ଉପରେ ଆଞ୍ଚ ଆସୁଥିବାରୁ ଏଥିପାଇଁ କନ୍ୟାସୁନା ଟ୫୦୦ଙ୍କା (ପାଞ୍ଚଶହ ଟଙ୍କା)ରୁ ଟ୧୦୦୦ଙ୍କା (ଏକ ହଜାର ଟଙ୍କା) ପର୍ଯ୍ୟନ୍ତ ଦେବାକୁ ହୁଏ । ଯଦି ପୁଅର ପିତାମାତା ସେତିକି ପରିମାଣର ଅର୍ଥ ଦେବାକୁ କୁଣ୍ଠା ପ୍ରକାଶ କରନ୍ତି, ତେବେ ଗ୍ରାମର ମୁଖିଆଙ୍କ ସହାୟତାରେ ଜବରଦସ୍ତି ଆଦାୟ କରାଯାଏ ।

## ପରିତ୍ୟକ୍ତା ମହିଳା ପାଇଁ କନ୍ୟାସୁନା:

କ୍ୱଚିତ ଦେଖାଯାଏ ଯେ କୌଣସି ବିବାହିତ ମହିଳା ସ୍ୱାମୀ ଦ୍ୱାରା ପ୍ରତାରିତା ହୋଇ ଅନ୍ୟତ୍ର ପଳାଇଯାଏ କିମ୍ବା ପିତୃଗୃହକୁ ଫେରିଯାଇଥାଏ । ଏପରି କ୍ଷେତ୍ରରେ ସଂପୃକ୍ତ ମହିଳାଙ୍କୁ କେବଳ କୌଣସି ମହିଳା ପରିତ୍ୟାଗ କରିଥିବା ପୁରୁଷ ବିବାହ କରିପାରେ । ଏପରି ବିବାହ ଗ୍ରାମର ଘଟକ୍‌ଦାର୍, ମୁରବୀ ଶ୍ରେଣୀୟ ଲୋକଙ୍କ ମାର୍ଫତରେ ସମ୍ପାଦିତ ହୁଏ । ଏଥିପାଇଁ କନ୍ୟାସୁନା ବାବଦରେ ଟ୩.୫୦ (ତିନିଟଙ୍କା ପଚାଶ ପଇସା) ଦେବାକୁ ହୋଇଥାଏ ।

## ବିଧବା ସ୍ତ୍ରୀ ପାଇଁ କନ୍ୟାସୁନା:

କୌଣସି ବିବାହିତ ମହିଳାଙ୍କ ସ୍ୱାମୀ କୌଣସି କାରଣରୁ ମୃତ୍ୟୁବରଣ କଲେ ବା ଆକସ୍ମିକ ମୃତ୍ୟୁଘଟିଲେ ସଂପୃକ୍ତ ମହିଳା ବିଧବା ହୋଇଥାନ୍ତି । ବିଧବା ମହିଳାଟି ଯଦି ପୁନର୍ବାର ବିବାହ ପାଇଁ ଇଚ୍ଛା ପ୍ରକାଶ କରେ ତେବେ ତାର ପିତାମାତା ଏକ ମହିଳାଙ୍କ ଦ୍ୱାରା ପୁରୁଷର ସନ୍ଧାନ କରନ୍ତି । ସନ୍ଧାନ ପାଇଲା ପରେ ତାଙ୍କ ସମ୍ମତିରେ ଘଟକ୍‌ଦାର୍ ଓ ଅନ୍ୟାନ୍ୟ ମୁରବୀ ତଥା ଗ୍ରାମବାସୀଙ୍କ ସହାୟତାରେ ବିବାହ କାର୍ଯ୍ୟ ସଂପନ୍ନ କରିଥାଆନ୍ତି । ଏଥିପାଇଁ ୩.୫୦ (ତିନିଟଙ୍କା ପଚାଶ ପଇସା) କନ୍ୟାସୁନା ବାବଦରେ ଦେବାକୁ ହୁଏ ।

## ପ୍ରେମ ବିବାହ ପାଇଁ କନ୍ୟାସୁନା:

ଆଧୁନିକ ସମାଜର ପ୍ରେମ ବିବାହ ପରି ମାଙ୍କିଡିଆ ଗୋଷ୍ଠୀରେ ମଧ୍ୟ ପ୍ରେମ ବିବାହର ଅନେକ ଦୃଷ୍ଟାନ୍ତ ରହିଛି । ଯୌବନର ପହିଲି ପାହାଚରେ ପଦାର୍ପଣ କରି ଦେହ ଓ ମନର ଆକର୍ଷଣକୁ ସେମାନେ ବା କିପରି ପ୍ରତିହତ କରିପାରନ୍ତେ । ଅଫୁରନ୍ତ ପ୍ରେମ ସେମାନଙ୍କୁ ଗୋଟିଏ ସୂତ୍ରରେ ବାନ୍ଧିଦିଏ । ଲୁଚାଛପା ପ୍ରେମ ବିବାହକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ଏକତ୍ରିତ ହୁଅନ୍ତି । ଏହି ବିବାହ ସଂଗେ ସଂଗେ ହୋଇପାରେ ନତୁବା ୧ ବର୍ଷ ପରେ ମଧ୍ୟ ବିବାହ କାର୍ଯ୍ୟ ସଂପନ୍ନ ହୋଇଥାଏ । ଏହି ସମୟ ମଧ୍ୟରେ ଯଦି କନ୍ୟାଟି ସନ୍ତାନର ଜନନୀ ହୋଇଯାଇଥାଏ ତେବେ ମଧ୍ୟ ବାହାଘରପାଇଁ ତାହା କୌଣସି ପ୍ରତିବନ୍ଧକ ସୃଷ୍ଟିକରେ ନାହିଁ । ସାଧାରଣ ବିବାହ ପରି ଏହାର ମଧ୍ୟ କନ୍ୟାସୁନା ଦେୟ ଟ୭.୫୦ (ସାତଟଙ୍କା ପଚାଶ ପଇସା) । କନ୍ୟା, କନ୍ୟାର ମାଆ ଓ ମାଇଁଙ୍କ ପାଇଁ ଲୁଗାପଟା ଦିଆଯାଇଥାଏ ।

## ବଳପୂର୍ବକ ଅପହରଣ ବିବାହ ପାଇଁ କନ୍ୟାସୁନା:

ବଳପୂର୍ବକ ବିବାହ କ୍ଷେତ୍ରରେ ପୁଅଟି ସୁଯୋଗ ଦେଖି କୌଣସି ଏକ ଝିଅକୁ ଜବରଦସ୍ତି ଘେରାଇ ନେଇ ନିଜ ଘରକୁ ପଳାଇଯାଏ । ଏ ପରିସ୍ଥିତିରେ ଯଦି ସଂପୃକ୍ତ ଝିଅଟିକୁ ୧/୨ ଦିନ ମଧ୍ୟରେ ଉଦ୍ଧାର କରାଯାଏ ତେବେ ଝିଅଟିକୁ ପିତାମାତାଙ୍କୁ ଫେଂରାଇ ଦିଆଯାଏ ଓ ଗ୍ରାମର ମୁଖିଆଙ୍କ ସହାୟତାରେ ବୈଠକ ଡକାଯାଇ ଘେରାଇ ନେଇଥିବା ଯୁବକ ପାଖରୁ ଟ୫୦୦ଙ୍କା (ପାଞ୍ଚଶହ ଟଙ୍କା), ୫ଟି ବଡ କୁକୁଡା ଓ ହାଣ୍ଡିଏ ହାଣ୍ଡିଆ ଜୋରିମନା ବାବଦକୁ ଆଦାୟ କରାଯାଏ । କିନ୍ତୁ ଯଦି ଝିଅକୁ ଅପହରଣ କରିନେବା ଏକ ମାସରୁ ଅଧିକ କାଳ ବିତିଯାଏ ତେବେ ସଂପୃକ୍ତ ଝିଅ ଓ ପୁଅକୁ ବିବାହ ବନ୍ଧନରେ ବାନ୍ଧିଦିଆ ଯାଇଥାଏ । ଏଥିପାଇଁ କନ୍ୟାସୁନା ବାବଦ ଅର୍ଥ ଟ୫୦୦ଙ୍କାରୁ ଟ୧୦୦୦ଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଏ ।

## କନ୍ୟାସୁନା ଫେରସ୍ତ :

କୌଣସି ମହିଳା ଯଦି ନିଜ ସ୍ୱାମୀକୁ ପରିତ୍ୟାଗ କରି ଅନ୍ୟ ପୁରୁଷକୁ ପୁନର୍ବାର ବିବାହ କରନ୍ତି ଏଭଳି କ୍ଷେତ୍ରରେ ପ୍ରଥମ ସ୍ୱାମୀଙ୍କୁ କନ୍ୟାର ପିତା ମାତା କନ୍ୟାସୁନା ଆକାରରେ ପାଇଥିବା ଟଙ୍କାର ଦୁଇଗୁଣ ଟଙ୍କା ଓ ଝିଅକୁ ଦିଆଯାଇଥିବା ଶାଢୀ ଓ ଅନ୍ୟାନ୍ୟ ଦ୍ରବ୍ୟ ସବୁକୁ ଫେଂରସ୍ତ ଦେଇଥାଆନ୍ତି ।

ପ୍ରେମ ବିବାହ ପରେ ଯଦି ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବିଚ୍ଛେଦ ଘଟେ ଓ ମହିଳାଟି ଅନ୍ୟ ପୁରୁଷକୁ ପୁନଃବିବାହ କରେ, ତେବେ ମଧ୍ୟ କନ୍ୟାଘର ପକ୍ଷରୁ କନ୍ୟାସୁନା ଫେଂରସ୍ତ ଦେବାକୁ ହୁଏ । ମହିଳାଟି ଯଦି ନିଜ ତରଫଂରୁ ତା' ସ୍ୱାମୀକୁ ପରିତ୍ୟାଗ କରି ଚାଲିଥାଏ, ତେବେ କନ୍ୟାର ପିତାମାତା ପାଇଥିବା କନ୍ୟାସୁନାର ଦୁଇଗୁଣ ଅର୍ଥ ଫେଂରସ୍ତ ଦିଅନ୍ତି । ତତ୍ ସହିତ ମୁଖିଆ ମାନଙ୍କୁ ଭୋଜି ପାଇଁ ଆବଶ୍ୟକ ମାଂସ ଓ ହାଣ୍ଡିଆ ଜୋରିମନା ଆକାରରେ ଦେବାକୁ ପଡେ ।

କନ୍ୟାସୁନା ଫେଂରସ୍ତ ସମୟରେ ବିବାହର ମଧ୍ୟସ୍ଥି (ଘଟକଦାର), ଗ୍ରାମର ମୁରବୀ, ବର ଓ କନ୍ୟାଙ୍କ ପିତାମାତା ମାନଙ୍କ ଉପସ୍ଥିତି ଅପରିହାର୍ଯ୍ୟ । ଗ୍ରାମର ମୁଖିଆ ଓ ଘଟକ୍‌ଦାର୍‌ଙ୍କ ଗହଣରେ ବରଘରେ ବୈଠକ ଡକାଯାଇ ଶେଷ ନିଷ୍ପତ୍ତି ଗ୍ରହଣ କରାଯାଏ । ସାଧାରଣତଃ କନ୍ୟାସୁନା ଅର୍ଥର ଦୁଇଗୁଣ ଆଦାୟ କରାଯାଇଥାଏ । କନ୍ୟା ପକ୍ଷରୁ ଲୁଗା, ରୂପା ଗହଣା ବା ଅନ୍ୟାନ୍ୟ ଦ୍ରବ୍ୟର ମୂଲ୍ୟ ଟଙ୍କା ଆକାରରେ ଫେଂରସ୍ତ କରାଯାଏ ।

ଗ୍ରାମର ବୈଠକ ପରେ କନ୍ୟା ପକ୍ଷରୁ ଫେଂରସ୍ତ କରାଯାଇଥିବା କନ୍ୟାସୁନାକୁ ବର ପରିବାରର ମୁଖ୍ୟଙ୍କୁ ପ୍ରଦାନ କରାଯାଇଥାଏ । ଏହାପରେ ବରର ପିତା ଏକ ଭୋଜିର ଆୟୋଜନ କରିଥାଆନ୍ତି । ସେଥିରେ ବୈଠକରେ ଉପସ୍ଥିତ ଲୋକଙ୍କ ସମେତ ନିମନ୍ତ୍ରିତ ବନ୍ଧୁବାନ୍ଧବ ମଧ୍ୟ ଅଂଶ ଗ୍ରହଣ କରନ୍ତି । ଏହି ସମୟରେ ହାଣ୍ଡିଆ ପାନୀୟ ରୂପେ ବ୍ୟବହୃତ ହୁଏ । ଯଦି ସ୍ତ୍ରୀଲୋକ ସ୍ୱଇଚ୍ଛାରେ ସ୍ୱାମୀକୁ ପରିତ୍ୟାଗ କରେ ବା ପରିତ୍ୟାଗ କରି ଅନ୍ୟତ୍ର ବିବାହ କରେ କିମ୍ବା ସ୍ତ୍ରୀଟି ଯଦି ସ୍ୱାମୀ ସହିତ ନିଜ ତରଫଂରୁ ବିଚ୍ଛେଦ ଘଟାଇ ପର ପୁରୁଷକୁ ବିବାହ କରେ, ସେପରି କ୍ଷେତ୍ରରେ କନ୍ୟାର ପିତାମାତାଙ୍କୁ କନ୍ୟାସୁନା ଫେଂରସ୍ତ ଦେବାକୁ ବାଧ୍ୟ କରାଯାଏ ବା ଦାବି କରାଯାଏ । କନ୍ୟାପିତା ତାହା ଦେବାକୁ ଅନିଚ୍ଛା ପ୍ରକାଶ କଲେ ବାଧ କରି ଆଦାୟ କରାଯାଏ । ସଂପୃକ୍ତ କନ୍ୟାପକ୍ଷ ଘରକୁ ଲୋକେ ବାସନ୍ଦ କରନ୍ତି । ନିଆଁ ପାଣି ବାସନ୍ଦ କରିଦିଆଯାଏ ।

## କନ୍ୟାସୁନାର ଉଦ୍‌ବିକାଶ :

ମାଙ୍କିଡିଆ ମାନଙ୍କ କନ୍ୟାସୁନା ପ୍ରଥା ଅତି ପ୍ରାଚୀନ ହେଲେ ହେଁ ତାହା ଉପହାର ସ୍ୱରୂପ କଉଡି ଆକାରରେ ଥିଲା । ମାତ୍ର ସମୟର ପରିବର୍ତ୍ତନ ସଂଗେ ସଂଗେ ତାହା ହୁଏତ ଅର୍ଥରେ ରୂପାନ୍ତରିତ ହୋଇଥିବା ଅନୁମେୟ । କେବେ ଏବଂ କେଉଁ ପରିସ୍ଥିତିରେ ତାହା ଉପହାରରୁ କନ୍ୟାସୁନା ଶବ୍ଦ ବହନ କଲା ତଥା କଉଡିରୁ ଟଙ୍କା ରୂପ ନେଲା, ସେ ବିଷୟରେ ସମ୍ପ୍ରତି ସେମାନେ ନୀରବ । ତେବେ ପୁରୁଖା ମାଙ୍କିଡିଆଙ୍କ ମତ ଯେ, ସେମାନଙ୍କର ହେତୁ ହେଲା ଦିନୁଁ ସେମାନେ କନ୍ୟାସୁନାର ବର୍ତ୍ତମାନ ରୂପ ହିଁ ଦେଖି ଆସୁଛନ୍ତି । ବର୍ତ୍ତମାନ ସାଧାରଣ ବିବାହରେ ଟ୭.୫୦, ପରିତ୍ୟକ୍ତା ଓ ବିଧବା ମହିଳାଙ୍କ ବିବାହରେ ଟ୫.୦୦, ବଳପୂର୍ବକ ଓ ସିନ୍ଦୂର ଘଷା ଆଦି ବିବାହରେ ଟ୫୦୦ ରୁ ଟ୧୦୦୦ଙ୍କା ଯାଏ କନ୍ୟାପଣ ଆଦାୟ କରାଯାଏ । ମାଙ୍କିଡିଆ ଗ୍ରାମଗୁଡିକର ମୁଖିଆ ଓ କେତେକ ବୟସ୍କ/ମୁରବୀ ଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହମତିରେ କନ୍ୟାସୁନାର ପୁନଶ୍ଚ ପରିବର୍ତ୍ତନ ହୁଏତ ହୋଇପାରେ ତେବେ ପରିବର୍ତ୍ତିତ ସମୟର ଆର୍ଥିକ ଗୁରୁତ୍ୱକୁ ଉପଲବ୍ଧି କରାଯାଇ ହୁଏତ ମାଙ୍କିଡିଆ ମାନଙ୍କର କନ୍ୟାସୁନାର ପରିବର୍ତ୍ତନ ଘଟିଛି । ଏବେ ସ୍ଥଳ ବିଶେଷରେ କେବେ କେମିତି କନ୍ୟାସୁନା ଟ୨୦୦ଙ୍କା ପର୍ଯ୍ୟନ୍ତ ମଧ୍ୟ ଆଦାୟ କରାଯାଉଛି ଅଥବା ପ୍ରଦାନ କରାଯାଉଛି ।

ମାଙ୍କିଡିଆ ମାନଙ୍କ ଅତୀତ ଓ ବର୍ତ୍ତମାନର କନ୍ୟାସୁନା ବ୍ୟବସ୍ଥାକୁ ଅନୁଧ୍ୟାନ କଲେ ମନେହୁଏ ଆର୍ଥିକ ଚାପର ସମ୍ମୁଖୀନ ହୋଇ ସେମାନେ ତାଙ୍କ ପାରମ୍ପରିକ ପ୍ରଥା ଓ ଐତିହ୍ୟ ଉପରେ କୁଠାରଘାତ କରିଛନ୍ତି ।

ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ କନ୍ୟାସୁନା କ୍ଷେତ୍ରରେ ମାଙ୍କିଡିଆ ସମାଜ କିପରି ପରିବର୍ତ୍ତନର ସୂତ୍ରପାତ କରିଛନ୍ତି କିମ୍ବା କରିବାର ସମ୍ଭାବନା ଅଛି । ବର୍ତ୍ତମାନ ସମୟରେ କନ୍ୟାସୁନାର ଅର୍ଥ ସହିତ ବରର ପିତାମାତା କନ୍ୟା ପାଇଁ ନୂଆ ଶାଢୀ ଓ ରୂପାଗହଣା କନ୍ୟାର ମାଆ ଏବଂ ମାଇଁ ପାଇଁ ନୂଆ ଶାଢୀ ତଥା ହାଣ୍ଡିଆ ମଧ୍ୟ ପ୍ରଦାନ କରୁଛନ୍ତି । ଏଥିରେ ବାଧ୍ୟବାଧକତା ନଥିଲେ ମଧ୍ୟ ଏହି ପ୍ରଥା ଚାଲିଲାଣି ।

କନ୍ୟାସୁନା ଫେଂରସ୍ତ କ୍ଷେତ୍ରରେ ମଧ୍ୟ ମାଙ୍କିଡିଆ ସମାଜ ଅତୀତ ଠାରୁ କଠୋର ହୋଇଛି । କୌଣସି ପରିସ୍ଥିତିରେ ଏଥିରେ କୋହଳ ହେବାର ଦୃଷ୍ଟିଗୋଚର ହେଉନାହିଁ ।

## କନ୍ୟାସୁନା ଓ ଯୌତୁକ :

କନ୍ୟାସୁନା ପ୍ରଦାନ କରିବା କିମ୍ବା ଆଦାୟ କରିବା ଯଦିଓ ମାଙ୍କିଡିଆ ସମାଜରେ ବାଧ୍ୟତାମୂଳକ କିନ୍ତୁ ଏହାକୁ ଯୌତୁକ ଆଖ୍ୟା ଦିଆଯାଇନାହିଁ । ଏହା ପ୍ରୀତିର ଏକ ଉପହାର ସ୍ୱରୁପ ବିବେଚନା କରାଯାଏ । ଏହା ଯୌତୁକ ଭାବରେ ଦିଆଯାଉନାହିଁ କିମ୍ବା ଯୌତୁକରେ ରୂପାନ୍ତରିତ ହୋଇନାହିଁ । କନ୍ୟାସୁନା ପରମ୍ପରା ମାଙ୍କିଡିଆ ମାନଙ୍କ ସୁସ୍ଥ ସାମାଜିକ ଜୀବନ ଗଠନରେ ଏକ ଅତ୍ୟାବଶ୍ୟକ ବ୍ୟବସ୍ଥାର ମାନ୍ୟତା ଲାଭ କରିଥାଏ ।

# ପର୍ବପର୍ବାଣି (ପରବ୍)

ସାମାଜିକ ଜୀବନକୁ ସରସ, ସୁନ୍ଦର ଓ ମଧୁମୟ କରି ଗଢି ତୋଳିବା ନିମନ୍ତେ ପର୍ବପର୍ବାଣି ଗୁଡିକର ପ୍ରଚ୍ଛନ୍ନ ଭୂମିକା ରହିଛି । ତେଣୁ ଧର୍ମପ୍ରଧାନ ଉତ୍କଳ ଭୂଇଁରେ ବହୁ ପ୍ରାଚୀନ କାଳରୁ ନାନାବିଧ ଉତ୍ସବ ଓ ପର୍ବପର୍ବାଣି ତିଥି,ବାର, ମାସ ଓ ଦିବସ ଅନୁଯାୟୀ ବିଭିନ୍ନ ଗୋଷ୍ଠୀର ଲୋକମାନେ ପାଳନ କରି ଆସୁଛନ୍ତି । ଅନୁରୂପ ଭାବେ ମାଙ୍କିଡିଆ ମାନଙ୍କ ପର୍ବପର୍ବାଣୀ ଆମ ଉତ୍କଳୀୟ ସାଂସ୍କୃତିକ ମହନୀୟତାର ପରିଚୟ ପ୍ରଦାନ କରେ ।

## ମାସ ଅନୁସାରେ ବିଭିନ୍ନ ପର୍ବପର୍ବାଣିର ନାମ :

ବର୍ଷର ବିଭିନ୍ନ ମାସରେ ମାଙ୍କିଡିଆମାନେ ନାନା ପ୍ରକାର ପର୍ବପର୍ବାଣି ପାଳନ କରନ୍ତି । ସେଗୁଡିକ ନିମ୍ନରେ ବର୍ଣ୍ଣିତ ହେଲା :-

ବୈଶାଖ (ବୈଶାଖ ବଙ୍ଗା) ମାସରେ ପଣା ସଂକ୍ରାନ୍ତି ଓ ନୂଆବର୍ଷ, ଆଷାଢ (ଆଷାଢ ବଙ୍ଗା) ମାସରେ ରଜପର୍ବ ଓ ଆଷାଢିଆ ପୂଜା, ଶ୍ରାବଣ (ଶ୍ରାବଣ ବଙ୍ଗା) ମାସରେ ଗହ୍ମାପର୍ବ ଓ ଚିତାଉ (ଚିଓ୍ବା) ଅମାବାସ୍ୟା, ଭାଦ୍ରବ (ଭାଦ୍ର ବଙ୍ଗା) ମାସରେ ନୂଆଖାଇ (ନାମାଜମ୍) କରମ୍ ପୂଜା, ଆଶ୍ୱିନ (ଆଶ୍ୱିନ ବଙ୍ଗା) ମାସରେ ଦାସାଏଁ ବା ଆଠହ୍ୱାର୍ ପର୍ବ, କାର୍ତ୍ତିକ (କାର୍ତ୍ତିକ ବଙ୍ଗା) ମାସରେ ସରାଏ ବଙ୍ଗା (କାଳୀ ପୂଜା), ପୌଷ ମାସରେ ପ୍ରସିଦ୍ଧ ମକର ପର୍ବ, ମାଘ ମାସରେ ମାଘ୍ ବଙ୍ଗା (ଠାକୁରାଣୀ ପୂଜା), ଫାଲ୍‌ଗୁନ ମାସରେ ବାହ୍ୱାବଙ୍ଗା (ଫୁଲ ପୂଜା) ଓ ହୋ୍ଲି ଉତ୍ସବ, ଇତ୍ୟାଦି ପ୍ରଧାନ । ଏତଦ୍ ବ୍ୟତୀତ ବର୍ଷର ଜ୍ୟେଷ୍ଠ, ମାର୍ଗଶିର ଓ ଚୈତ୍ର ମାସରେ ମାଙ୍କିଡ଼ିଆମାନଙ୍କ କୌଣସି ପ୍ରକାର ପର୍ବପର୍ବାଣି ନାହିଁ ।

## ବିଭିନ୍ନ ଦେବଦେବୀଙ୍କ ନାମ:

ବର୍ଷଯାକ ମାଙ୍କିଡିଆମାନେ ପାଳନ କରୁଥିବା ସମସ୍ତ ପର୍ବପର୍ବାଣି ଓ ପୂଜା ସମୂହ ବିଭିନ୍ନ ଦେବଦେବୀଙ୍କ ଉଦ୍ଦେଶ୍ୟରେ ସମର୍ପିତ ହୋ୍ଇଥାଏ । ଏହି ଦେବଦେବୀ ସମୂହ ହେ୍ଲେ ଗ୍ରାମଦେବତୀ ଓ ଗ୍ରାମଦେବତା (ପିଞ୍ଝୁ ବୁଢୀ ଓ ପିଞ୍ଝୁ ଆଡାମ୍), କରମ ଦେବତା, ବଡ ଦେବତା, ମେଘାସନୀ ଠାକୁରାଣୀ, ଶିମିଳିପାଳ ଠାକୁରାଣୀ, ଦେବଗିରି ଠାକୁରାଣୀ,

ଦେବୀ ଦୁର୍ଗା, ମାଆ କାଳୀ ଇତ୍ୟାଦି । ଏମାନଙ୍କ ମଧ୍ୟରୁ ଗ୍ରାମ ଦେବତୀ ଓ ଗ୍ରାମ ଦେବତା ସବୁଠାରୁ ବଡ ବୋଲି ବିବେଚନା କରାଯାଇଥାଏ ।

## ବିଭିନ୍ନ କର୍ମ ଓ ରୋଗ ସହିତ ସଂପୃକ୍ତ ବିଭିନ୍ନ ଦେବଦେବୀ:

ମାଙ୍କିଡିଆ ମାନଙ୍କ ବିଭିନ୍ନ ଦେବଦେବୀଙ୍କ ପୂଜା ଅର୍ଚ୍ଚନା ତାଙ୍କ ବିଭିନ୍ନ କର୍ମ ଓ ରୋଗ ସହିତ ସଂଶ୍ଲିଷ୍ଟ । ସେମାନେ ବର୍ଷର ଅଧିକାଂଶ ଦିନ ବଣ ଜଙ୍ଗଲକୁ ଯାଉଥିବାରୁ ଜଙ୍ଗଲରେ ବିଭିନ୍ନ ହିଂସ୍ରଜନ୍ତୁଙ୍କ ଦାଉରୁ ସୁରକ୍ଷା ପାଇଁ ଜଙ୍ଗଲ ଦେବତାଙ୍କ ସମେତ ଗ୍ରାମ ଦେବତୀ ଓ ଗ୍ରାମ ଦେବତା (ପିଞ୍ଝୁ ବୁଢୀ ଓ ପିଞ୍ଝୁ ଆଡାମ୍)ଙ୍କ ପୂଜା ଆରାଧନା କରିଥାନ୍ତି । ନିଜର ମାନସିକ ପୂରଣ ପାଇଁ ଗ୍ରାମ ଦେବତୀ/ଦେବତାଙ୍କ ନିକଟରେ ପୂଜା ଅର୍ଚ୍ଚନା କରାଯାଏ । ବିବାହ, ଏକାଦଶାହ, ସନ୍ତାନ ପ୍ରସବ, ଶୁଦ୍ଧିକ୍ରିୟା ସମୟରେ ସୁରୁଖୁରୁରେ କାର୍ଯ୍ୟ ସଂପାଦନ ପାଇଁ ଗ୍ରାମ ଦେବତୀ/ଦେବତାଙ୍କ ଠାରେ ଶୁଭ ମନାସୀ ମାନସିକ କରାଯାଏ ।

ମାଙ୍କିଡିଆ ମାନଙ୍କ ବିଶ୍ୱାସ ଅନୁଯାୟୀ ବିଭିନ୍ନ ରୋଗ କିମ୍ବା ଅସୁସ୍ଥତା ସମୟରେ ଆଧୁନିକ ଚିକିତ୍ସା ପଦ୍ଧତିଠାରୁ ନିଜକୁ ଦୂରେଇ ରଖି ବିଭିନ୍ନ ଦେବଦେବୀଙ୍କ ଉଦ୍ଦେଶ୍ୟରେ କୁକୁଡା, ଘୁଷୁରୀ, ବୋଦା, ହାଣ୍ଡିଆ ଇତ୍ୟାଦି ମାନସିକ କରି ଆଶୁ ଆରୋଗ୍ୟ କାମନା କରିଥାଆନ୍ତି । ସ୍ତ୍ରୀ ଲୋକର ପ୍ରସବ ସମୟରେ ଗ୍ରାମଦେବତୀଙ୍କୁ ପୂଜା କଲେ ପ୍ରସବକାଳୀନ ଯନ୍ତ୍ରଣା ଲାଘବ ହୁଏ ବୋଲି ସେମାନଙ୍କ ବିଶ୍ୱାସ ।

## ପର୍ବପର୍ବାଣୀରେ ବ୍ୟବହୃତ ସାମଗ୍ରୀ:

ପର୍ବପର୍ବାଣିମାନଙ୍କରେ ବ୍ୟବହୃତ ଉପକରଣ କ୍ଷେତ୍ରରେ ମାଙ୍କିଡିଆ ସମାଜ ଆଧୁନିକ ସଭ୍ୟତାର ଉପକରଣ ବ୍ୟବହାରର ପଛରେ ପଡିନାହାଁନ୍ତି । ମକର, ରଜ, ନୂଆବର୍ଷ (ପଣାସଂକ୍ରାନ୍ତି), କରମ୍ ପୂଜା, ଗହ୍ମା, ଦୁର୍ଗା ପୂଜା ଇତ୍ୟାଦି ପର୍ବପର୍ବାଣୀ ମାନଙ୍କରେ ନୂଆ ଲୁଗାପଟା ପିନ୍ଧି, ହାଣ୍ଡିଆ ଆକଣ୍ଠ ପାନ କରି ନାଚଗୀତରେ ନିଜକୁ ହଜାଇ ଦେଇଥାଆନ୍ତି । ନାଚଗୀତରେ ସେମାନେ ଧୁମ୍‌ସା, ନାଗରା, ଚଡକା, ହୁଇସିଲ, ବଂଶୀ, ତୂରୀ ଆଦି ବ୍ୟବହାର କରନ୍ତି । ପର୍ବଦିନମାନଙ୍କରେ ଯଦି ବିବାହୋତ୍ସବ ଅନୁଷ୍ଠିତ ହୁଏ, ତେବେ ସେମାନଙ୍କ ଆନନ୍ଦ ଦ୍ୱିଗୁଣିତ ହୋଇଥାଏ । ଯେ କୌଣସି ପର୍ବପର୍ବାଣିରେ ତାଙ୍କର ଗ୍ରାମ ଦେବତୀ/ଦେବତାଙ୍କ ପୂଜା ଆରାଧନା ସୁନିଶ୍ଚିତ । ପୂଜାରେ ସାଧାରଣତଃ ଅରୁଆ ଚାଉଳ, ପଞ୍ଚବର୍ଣ୍ଣ, ଧୂପ, ଝୁଣା, ସିନ୍ଦୁର, ଶାଳପତ୍ର, ଶିଆଳି ପତ୍ର ଓ ଛେଳି, କୁକୁଡା, ବୋଦା ଇତ୍ୟାଦି ବଳୀ ଭାବେ ବ୍ୟବହୃତ ହୋଇଥାଏ ।

## ପର୍ବପର୍ବାଣିରେ ଭୋଗ ଓ ବଳି:

ମାଙ୍କିଡିଆ ମାନଙ୍କ ବିଭିନ୍ନ ପର୍ବପର୍ବାଣିରେ ଭୋଗ ଓ ବଳି ଏକ ଅତ୍ୟାବଶ୍ୟକ ବ୍ୟବସ୍ଥା । ମକର, ରଜ, କରମ ପୂଜା, ଗ୍ରାମ ଦେବତୀ/ଦେବତାଙ୍କ ପୂଜା ସମୟରେ କୁକୁଡା, ବୋଦା, ଘୁଷୁରୀ ଆଦି ଗ୍ରାମ ଦେବତୀ/ଦେବତାଙ୍କ ଠାରେ ବଳି ଦିଆଯାଇ ସେଇ ମାଂସକୁ ଭୋଗ ଆକାରରେ ଗ୍ରହଣ କରାଯାଇଥାଏ । ପୂର୍ବରୁ ନିଜ ପରିବାରର ଶୁଭ ମନାସୀ ଯେତୋଟି କୁକୁଡା ବା ଘୁଷୁରୀ ବଳି ଦେବା ପାଇଁ ମାନସିକ କରାଯାଇଥାଏ, ସେତେ ସଂଖ୍ୟକ ବଳିରେ ପର୍ବପର୍ବାଣିରେ ଆବଶ୍ୟକ ହୋଇଥାଏ ।

## ପର୍ବପର୍ବାଣିରେ ସ୍ୱତନ୍ତ୍ର ଖାଦ୍ୟ, ପୋଷାକ ଓ ଅଳଙ୍କାର:

ସ୍ୱତନ୍ତ୍ର ଖାଦ୍ୟ ହିସାବରେ ମାଙ୍କିଡିଆମାନେ ବିଭିନ୍ନ ପ୍ରକାର ମାଂସକୁ ହିଁ ବିଚାର କରିଥାଆନ୍ତି । ମାଂସ ମଧ୍ୟରେ କୁକୁଡା ମାଂସ, ଘୁଷୁରୀ ମାଂସ, ମାଙ୍କଡ ମାଂସ, ବଣ ଜଙ୍ଗଲରୁ ସଂଗୃହୀତ (ଶୀକାର କରିଥିବା) ବିଭିନ୍ନ ପ୍ରକାର ପକ୍ଷୀର ମାଂସ ଇତ୍ୟାଦି ସେମାନେ ପର୍ବପର୍ବାଣି ଦିନ ମାନଙ୍କରେ ଭକ୍ଷଣ କରନ୍ତି ।

ସ୍ୱତନ୍ତ୍ର ପୋଷାକ ହିସାବରେ ପର୍ବପର୍ବାଣି ଦିନ ପୁରୁଷ ଲୋକମାନେ ଗାମୁଛା, ଲୁଙ୍ଗି, ଗଂଜି, ସ୍ତ୍ରୀଲୋକମାନେ ଶାଢୀ, ସାୟା, ବ୍ଲାଉଜ୍ ଓ ପିଲାମାନେ ଜାମା, ପ୍ୟାଣ୍ଟ ବ୍ୟବହାର କରନ୍ତି । ଏହି ନୂତନ ବସ୍ତ୍ର କିମ୍ବା ସାଇତା ବସ୍ତ୍ର ମକର, ରଜ, ଗହ୍ମା, କରମ୍ ପୂଜା, ପଣାସଂକ୍ରାନ୍ତିରେ ବ୍ୟବହୃତ ହୁଏ । ବିବାହ, ଶିଶୁ ଜନ୍ମୋତ୍ସବରେ ମଧ୍ୟ ସ୍ୱତନ୍ତ୍ର ବସ୍ତ୍ରର ଆବଶ୍ୟକତା ପଡିଥାଏ । କନ୍ୟାସୁନା ସହିତ ବରଘର ପଠାଇଥିବା ଶାଢୀ କନ୍ୟା ପରିଧାନ କରି ବିବାହ କାର୍ଯ୍ୟରେ ବସନ୍ତି ।

ଅଳଙ୍କାର କେବଳ ବିବାହୋତ୍ସବରେ ଆବଶ୍ୟକ ହୁଏ । କନ୍ୟାସୁନା ସହିତ ପଠାଯାଇଥିବା ଅଳଙ୍କାର ବ୍ୟତୀତ ନିକଟସ୍ଥ ହାଟ ବା ବଜାରରୁ ଶସ୍ତା ମୂଲ୍ୟର ଚୁଡି, ହାର, କାନଫୁଲ, ନାକଫୁଲ, ପାଉଁଜି ଇତ୍ୟାଦି ଅଳଙ୍କାର କିଣି କନ୍ୟାର ସାଂଗ ସାଥିମାନେ କନ୍ୟାକୁ ଭେଟି (ଉପହାର) ଦିଅନ୍ତି କିମ୍ବା ନିଜେ ନିଜେ ମଧ୍ୟ ଧାରଣ କରିଥାଆନ୍ତି ।

## ପୂଜା ଓ ପର୍ବପର୍ବାଣିରେ ସଂପୃକ୍ତ ପୂଜକ:

ମାଙ୍କିଡିଆମାନଙ୍କର ବିଭିନ୍ନ ପର୍ବପର୍ବାଣିରେ ସଂପୃକ୍ତ ଗ୍ରାମର ଦେହୁରୀଙ୍କୁ ଧର୍ମୀୟ ବିଶେଷଜ୍ଞ ଭାବରେ ମାନ୍ୟତା ଦିଆଯାଇଥାଏ । ଗ୍ରାମ ଦେବତୀ/ଦେବତା ପୂଜା, କରମ୍

ପୂଜା, ମାନସିକ ପୂଜା, ଆଷାଢିଆ ପୂଜା, ଦେବୀ ଦୁର୍ଗା ପୂଜା ଓ କାଳୀ ପୂଜାମାନଙ୍କରେ ଗାଁ ଦେହୂରୀଙ୍କର ତତ୍ତ୍ୱାବଧାନରେ ସମସ୍ତ ପୂଜାକାର୍ଯ୍ୟ ସଂପାଦିତ ହୁଏ । ଦେହୂରୀଙ୍କ ଅନୁପସ୍ଥିତିରେ ନାଏକେ (ଦ୍ୱିତୀୟ ପୂଜାମୁଖ୍ୟ) ଦେହୂରୀଙ୍କ କାର୍ଯ୍ୟ ତୁଲାଇ ଥାଆନ୍ତି । ଏହା ବ୍ୟତୀତ ଅନ୍ୟ ପର୍ବପର୍ବାଣି ଯଥା - ଚିତଉ (ଚିତା) ଅମାବାସ୍ୟା, ଗହ୍ମା ପୂର୍ଣ୍ଣିମା, ନୂଆବର୍ଷ ଇତ୍ୟାଦିରେ ଘରର ମୁଖିଆ ନିଜେ ପୂଜା ଅର୍ଚ୍ଚନା କରନ୍ତି ।

## ପୂଜା ପଦ୍ଧତି:

ମାଙ୍କିଡିଆ ସମାଜରେ ପ୍ରତ୍ୟେକ ପୂଜା ଗ୍ରାମର ମୁଖ୍ୟ ପୂଜକ (ଆଖଡାଣୀ)ଙ୍କ ଦ୍ୱାରା ଗୋଟିଏ ପଦ୍ଧତିରେ ହୋଇଥାଏ । ଶାଳଗଛ ନିକଟରେ ମାଟି ନିର୍ମିତ ପୂଜାପିଣ୍ଡି ଉପରେ ତୁଳସୀଗଛ ପୋତାଯାଏ । ପୂଜା ପୂର୍ବରୁ ସ୍ଥାନଟି ଗୋବରରେ ଲିପା ହୁଏ । ଆଖଡାଣୀ ପୂଜାପିଣ୍ଡି ସମ୍ମୁଖରେ କାଠ ପିଢାରେ ବସି ପ୍ରଥମେ ଗ୍ରାମ ଦେବତୀ/ଦେବତାଙ୍କୁ ଆବାହନ କରନ୍ତି । ତାପରେ ଧୂପ, ଝୁଣା, ଶାଳ ପତ୍ର, ଶିଆଳି ପତ୍ର, ପଞ୍ଚବର୍ଣ୍ଣ, ସିନ୍ଦୁର ଇତ୍ୟାଦି ଦେଇ ମନ୍ତ୍ରପାଠ ପୂର୍ବକ ପୂଜାଅର୍ଚ୍ଚନା କରିଥାଆନ୍ତି । ପୂଜା ପରେ ଇଚ୍ଛା, ସକ୍ଷମ ଏବଂ ମାନସିକ ଅନୁଯାୟୀ ବଳି ଦିଆଯାଏ । ଅବଶ୍ୟ ମାଙ୍କିଡିଆ ମାନଙ୍କ ଆଷାଢିଆ ପୂଜା ଏବଂ କରମ୍ ପୂଜା ସ୍ୱତନ୍ତ୍ର ଭାବରେ କରାଯାଏ । ଏଥିରେ ବଳି ଅନିବାର୍ଯ୍ୟ । ଆଷାଢିଆ ପୂଜା ଆଷାଢ ମାସର ଯେ କୌଣସି ଦିନରେ ହୋଇପାରେ । ଏହି ଦିନରେ ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ନିକଟସ୍ଥ ଜଙ୍ଗଲକୁ ସମସ୍ତ ପୂଜାଦ୍ରବ୍ୟ ଓ ବଳି ପାଇଁ କୁକୁଡା ଦେଲେ ସେମାନେ ସୁରକ୍ଷିତ ରହିବା ସହିତ ଭଲ ବର୍ଷା ହୁଏ ବୋଲି ମାଙ୍କିଡିଆଙ୍କର ବିଶ୍ୱାସ । ପୂଜା ପରେ ବଳି ଦିଆଯାଏ ଏବଂ ଭୋଗ ମାଂସ ସେହି ଜଙ୍ଗଲରେ ଭୋଜି କରି ଖାଆନ୍ତି ।

ମାଙ୍କିଡିଆମାନେ ସବୁଠାରୁ ଭଲ ଭାବରେ କରମ୍ ପୂଜଗା କରନ୍ତି । ଏହି ପୂଜା ସାଧାରଣତଃ ଭାଦ୍ରବ ମାସରେ ଅନୁଷ୍ଠିତ ହୁଏ । ଅବଶ୍ୟ ଏବେ ମାର୍ଗଶୀର-ପୌଷ ମାସରେ ଅଧିକ କରୁଥିବାର ଦେଖାଯାଉଛି । କାରଣ ପୂଜାରେ ବ୍ୟବହୃତ ହେଉଥିବା ହାଣ୍ଡିଆ ତଥା ଆବଶ୍ୟକୀୟ ଖର୍ଚ୍ଚ ଏହି ମାସଗୁଡିକରେ ଯୋଗାଡ କରିବା ଅପେକ୍ଷାକୃତ ସହଜ ।

କରମ ପୂଜାର ପ୍ରଧାନ ଉଦ୍ଦେଶ୍ୟ ମାନସିକ ପୂରଣ । ଯଦି କୌଣସି ବ୍ୟକ୍ତି ଗୁରୁତର ବ୍ୟାଧିରେ ପୀଡିତ ଥାନ୍ତି କିମ୍ବା ପରିବାର ପ୍ରତି ବିପଦ ଲାଗିରହେ, ତେବେ ଏଭଳି ଦୁର୍ଯୋଗରୁ ମୁକ୍ତି ପାଇଁ ଗୃହକର୍ତ୍ତା ଗାଁ ଆଖଡାଣୀଙ୍କ ପରାମର୍ଶରେ କରମ ପୂଜାର ଆୟୋଜନ କରିଥାଆନ୍ତି ।

କରମ ପୂଜା ସାଧାରଣତଃ ଆୟୋଜକଙ୍କ ଗୃହ ସମ୍ମୁଖରେ ହୁଏ । ସ୍ଥାନଟି ଗୋବରରେ ଲିପାପୋଛା କରି ବାଉଁଶ ବତାରେ ବାଡ ଦିଆଯାଏ । ଏହାକୁ ବିଭିନ୍ନ ଫୁଲରେ ସଜାଯାଇଥାଏ । ମଝିରେ ରହେ ଦୁଇଟି ଗଜାଶସ୍ୟ ଡଲା ଓ ତହିଁ ଉପରେ କରମ ଡାଳ ।

କରମ ପୂଜାର ବିଶେଷତ୍ୱ ଏହା ଯେ ଏଥିରେ ଅଖଡାଣୀ ନୁହେଁ ଗୃହକର୍ତ୍ତା ନିଜେ ହିଁ ପୂଜକ ପୂଜାର ୩/୪ ଦିନ ପୂର୍ବରୁ ୨ଟି ଡାଲାରେ ବାଲି ଭର୍ତ୍ତି ହୁଏ ଓ ସେଥିରେ ମୁଗ, କୋଳଥ, ବୁଣାଯାଇ ପୂଜାଦିନ ପର୍ଯ୍ୟନ୍ତ ହଳଦୀ ପାଣି ସିଞ୍ଚନ କରାଯାଇଥାଏ ଯେପରିକି ପୂଜା ଦିନକୁ ଶସ୍ୟ ଗଜା ହୋଇଥିବ ।

ଏହି ଡାଲା ଦୁଇଟି ପୂଜାର ମଧ୍ୟ ସ୍ଥଳରେ ରଖି ତା' ଉପରେ ଜରମ ଡାଳ ପୋତାଯାଏ । ତା' ପରେ ସିନ୍ଦୁର, ଧୂପ, ଝୁଣା, ଫୁଲ, ଶାଳପତ୍ର, ଶିଆଳି ପତ୍ର ଆଦି ପୂଜା ସାମଗ୍ରୀ ଦେଇ ଗୃହକର୍ତ୍ତା ପୂଜା କରନ୍ତି । ହାଣ୍ଡିଆ ଭୋଗ ଲାଗେ । ପୂଜା ପରେ ଗୋଟିଏ ବୋଦା (ନାଲି) ଓ ଗୋଟିଏ କୁକୁଡା ଗଂଜା (ଧଳା) ବଳି ଦିଆଯାଏ । ବଳି ଭୋଗ ଏବଂ ହାଣ୍ଡିଆ ଭୋଗ ନିମନ୍ତ୍ରିତ ଅତିଥିମାନେ ଗ୍ରହଣ କରନ୍ତି । ପୂଜାକାର୍ଯ୍ୟ ଶେଷ ହେବାକୁ ପ୍ରାୟ ଏକ ଘଣ୍ଟା ସମୟ ଆବଶ୍ୟକ ହୁଏ । ତାପରେ ଆରମ୍ଭ ହୁଏ କରମ ପୂଜାର କାହାଣୀ ବର୍ଣ୍ଣନ, ନାଚଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ।

"କରମ ପୂଜାର କାହାଣୀ"- କରମା ଓ ଧରମା ଦୁଇଭାଇ ଥିଲେ । କରମା ବଡ ଏବଂ ଧରମା ସାନ । ଉଭୟ ବିବାହିତ । ପରିବାରର ଅନ୍ୟାନ୍ୟ ସଦସ୍ୟ ମାନେ ହେଲେ, ଦୁଇ ଭାଇଙ୍କ ସ୍ତ୍ରୀ, ଉଭୟଙ୍କର ଯୋଡିଏ ଲେଖାଏଁ ସନ୍ତାନ ଏବଂ କରମା-ଧରମାଙ୍କର ବୁଢୀ ମାଆ । ସମସ୍ତେ ଏକତ୍ର ରହୁଥିଲେ । ଦୁଃଖେ-ସୁଖେ ଚଳିଯାଉଥିଲେ । ଥରେ ବଡ ଭାଇ କରମା ବେପାର କରିବା ପାଇଁ ନିଜର ଘୋଡା ସହିତ ବିଦେଶ ବାହାରିଲେ । ବାଟରେ ଅନେକ ବଣ, ଜଙ୍ଗଲ, ମରୁଭୂମି ଅତିକ୍ରମ କରି କରମା ବହୁତ କଷ୍ଟ ପାଇଲେ । କ୍ରମଶଃ ଗଣ୍ଡେ ଖାଇବାକୁ କିମ୍ବା ପାଣି ମୁନ୍ଦିଏ ପିଇବାକୁ ମଧ୍ୟ ମିଳିଲା ନାହିଁ । ତେଣୁ ଶ୍ରମ ତଥା ଖାଦ୍ୟାଭାବ ଯୋଗୁଁ ଘୋଡାଟି ମରିଗଲା । ତେବେ ବିଦେଶରେ କରମା ବେପାର ଠିକ୍ ଚଳାଇ ନପାରି ଦୁଃଖଦୁର୍ଦ୍ଦଶାର ସମ୍ମୁଖୀନ ହେଲେ । ଏଣେ ସାନଭାଇ ଧରମା ବଡ ଭାଇ କରମାର ଫେଂରନ୍ତା ବାଟକୁ ଚାହିଁ ଚାହିଁ ହତାଶ ହେବାରୁ ଗ୍ରାମ ପୂଜକ ତଥା ନିଜ ମାଆଙ୍କ ପରାମର୍ଶରେ କରମ ପୂଜା ଆଡମ୍ବର ସହକାରେ କରିବାକୁ

ସିଦ୍ଧାନ୍ତ ନେଲା । ବିଧି ମୁତାବକ ଆବଶ୍ୟକ ପୂଜା ଉପକରଣ ଓ ବଳି ପାଇଁ ବୋଦା, କୁକୁଡ଼ା ଯୋଗାଡ କରି ଗ୍ରାମ ଲୋକଙ୍କୁ ନିମନ୍ତ୍ରଣ ଜଣାଇ ପୂଜା ଅର୍ଚ୍ଚନା କଲା । ତେଣେ କରମା ଏସବୁ ଖବର ଲୋକମାନଙ୍କ ଠାରୁ ପାଇ ଏପରି ପୂଜାର ଆବଶ୍ୟକତା ନଥିବାର ଭାବିଲା ଓ କରମ୍ ଦେବତାଙ୍କୁ ତିରସ୍କାର କଲା । ସେ ବିଦେଶରେ ଦୁଃଖକଷ୍ଟରେ କାଳାତିପାତ କରୁଛି ଅଥଚ ତାର ଭାଇ ଓ ମାଆ ଖୁସିରେ ଅଯଥା ଖର୍ଚ୍ଚ କରି କରମ୍ ପୂଜା କରୁଛନ୍ତି - ଏହା ଭାବି ରାଗରେ ଜର୍ଜରିତ ହୋଇ ଘରକୁ ଫେଂରିଲେ ଓ ପୂଜାସ୍ଥଳୀର ସାଜସଜ୍ଜା ଭାଙ୍ଗିଦେଇ କରମ ଡାଳ ଫୋପାଡି ଦେଲେ । କରମ ଡାଳ ଯାଇ ନର୍କରେ ପଡିଲା । କରମା ନିଜର ସ୍ତ୍ରୀ, ସନ୍ତାନଙ୍କୁ ଧରି ଅଲଗା ରହିଲେ । କିନ୍ତୁ ଆସ୍ତେ ଆସ୍ତେ କରମାର ମାଆ ଦୁଃଖଦୁର୍ଦ୍ଦଶା ଅଧିକ ବଢିଗଲା । ଅଭାବ ଅନାଟନ, ରୋଗବ୍ୟାଧି ତାଙ୍କ ପରିବାରକୁ ଗ୍ରାସ କରି କରମାଙ୍କ ଚୈତନ୍ୟ ଉଦୟ ହେଲା । ସେ ପୂଜକ/ଗୁଣିଆଙ୍କୁ ପରାମର୍ଶ କରିବାରୁ ଜାଣିଲା ଯେ କରମ ଦେବତାଙ୍କୁ ଅବମାନନା କରିଥିବାରୁ ତାର ଆଜି ଏହି କୁପରିଣତି । ତେଣୁ କରମ ଦେବତାଙ୍କ ପୂଜା ଅପରିହାର୍ଯ୍ୟ । କିନ୍ତୁ କରମା ଯେଉଁ କରମ ଡାଳ ନର୍କକୁ ଫିଙ୍ଗିଥିଲା ତାହା ଆଣିବା ନିହାତି ଆବଶ୍ୟକ । ବାଧ୍ୟ ହୋଇ କରମା କରମ ଡାଳ ଆଣିବାକୁ ନର୍କ ଯାତ୍ରା କଲେ । ସାଥିରେ ମହୁଲଭଜା ଗୁଣ୍ଡ ଖାଇବାକୁ ନେଲେ । ବାଟରେ ବରକୋଳି, ଜାମୁକୋଳି ଖାଇବା ଉଦ୍ଦେଶ୍ୟରେ ଗୋଟେଇ ଦେଖନ୍ତିତ ସବୁଥିରେ ପୋକ । ନଦୀ, ଝରଣାର ପାଣି ପିଇବାକୁ ଗଲାରୁ ପାଣିରେ ପୋକ । ତେଣୁ ହଇରାଣ ହରକତ ହୋଇ ନିଜକୁ ଧିକ୍କାର କରିବା ସହିତ କରମ ଦେବତାଙ୍କୁ ପ୍ରାର୍ଥନା କଲେ ଓ ନିଜର କୃତ କର୍ମପାଇଁ କ୍ଷମା ଭିକ୍ଷା କଲେ । ଏହା ଦ୍ୱାରା କରମ ଦେବତା କରମାକୁ କ୍ଷମା କରି ନର୍କକୁ ଯିବାପାଇଁ ଉପାୟ ବତାଇଦେଲେ । ସେଇ ଅନୁସାରେ କରମା ଗୋଟିଏ ନଉକା ସାହାଯ୍ୟରେ ସମୁଦ୍ର ପାରି ହୋଇ ନର୍କରୁ କରମ ଡାଳ ସଂଗ୍ରହ କରିଆଣିଲା । ଘରକୁ ବାହୁଡି ଧୁମ୍‌ଧାମରେ କରମ ପୂଜା କଲା ଓ ସମସ୍ତ ଦୁର୍ଦ୍ଦିନ ଅପସରି ଯିବାରୁ ମହା ଆନନ୍ଦରେ କାଳାତିପାତ କଲା ।"

କରମ ପୂଜାର ଏହି କାହାଣୀ ବର୍ଣ୍ଣନା କରିବା ପରେ ସମସ୍ତେ ନାଚଗୀତରେ ମାତି ଥାଆନ୍ତି । ଏହିପରି ରାତି ପାହିଯାଏ, କରମ ପୂଜା ଶେଷ ହୁଏ ।

ଅନ୍ୟାନ୍ୟ ପୂଜା ମଧ୍ୟରେ ମାଙ୍କିଡିଆ ବାସଗୃହ ନିର୍ମାଣ ପୂର୍ବରୁ ସ୍ଥାନ ନିରୂପଣ ପାଇଁ ଏକ ସ୍ୱତନ୍ତ୍ର ଧରଣର ପୂଜା କରିଥାଆନ୍ତି । ଗ୍ରାମର ଆଖଡାଣୀ ସଂପୃକ୍ତ ସ୍ଥାନରେ

ଏକ ଗାତ ଖୋଳି ସେଥିରେ ଝୁଣା, ଧୂପ, ସିନ୍ଦୁରରେ ପୂଜା କରିବା ସହ ତିନୋଟି ଶାଳ ପତ୍ରରେ ଅରୁଆ ଚଉଳ ଘୋଡାଇ ସେହି ଗାତ ଭିତରେ ପକାନ୍ତି ଓ ମାଟି ଘୋଡାଯାଏ । ତହିଁ ପରଦିନ ସେହି ଗାତଟି ପୁନର୍ବାର ଖୋଳାଯାଏ । ଯଦି ଗାତ ଭିତରୁ ପୂର୍ବଦିନର ସମସ୍ତ ଦ୍ରବ୍ୟ ବାହାରେ ତେବେ ସେଠାରେ ଗୃହ ନିର୍ମାଣ ହୋଇପାରେ ନଚେତ୍ ସେ ସ୍ଥାନ ଗୃହ ନିର୍ମାଣ ପାଇଁ ଅଶୁଭ ବୋଲି ଧରାଯାଏ ।

## ପର୍ବପର୍ବାଣିରେ ସାଂସ୍କୃତିକ କାର୍ଯ୍ୟକ୍ରମ:

ବିଭିନ୍ନ ପର୍ବପର୍ବାଣୀରେ ମାଙ୍କିଡିଆ ମାନଙ୍କ ନାଚଗୀତର ଆସର ଜମେ । ମକର, ରଜ, କରମ ପୂଜା, ଦୁର୍ଗା ପୂଜା, କାଳୀ ପୂଜାରେ ସ୍ତ୍ରୀ ଓ ପୁରୁଷ ସଭିଏଁ ହାଣ୍ଡିଆ ପିଇ ଧୁମ୍‌ସା, ନାଗରା, ଚଡକା ଓ ତୂରୀର ତାଳେ ତାଳେ ନାଚିଥାଆନ୍ତି । ଗୀତର ଲହରୀ ଛୁଟେ । ପ୍ରତ୍ୟେକ ପର୍ବପର୍ବାଣିରେ ପୁରୁଷ ଏବଂ ସ୍ତ୍ରୀ ଅଲଗା ଅଲଗା ଦଳରେ ହାତକୁ ହାତ ଛନ୍ଦି ନାଚୁଥିବା ବେଳେ କେବଳ କରମ ପୂଜାରେ ପୁରୁଷ-ସ୍ତ୍ରୀ ଉଭୟ ମିଳିତ ଭାବରେ ନାଚି ଥାଆନ୍ତି । କେବେ କେମିତି ମୌଖିକ ସଂଳାପରେ ଗ୍ରାମ ଯୁବକ ମାନଙ୍କ ଦ୍ୱାରା ନାଚ ମଞ୍ଚସ୍ଥ ହୁଏ ।

## ପର୍ବପର୍ବାଣୀର ଗୁରୁତ୍ୱ:

ପର୍ବପର୍ବାଣି ମାଙ୍କିଡିଆ ମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନକୁ ସୁସଂଗଠିତ କରିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଧାର୍ମିକ ଚେତନାର ଉଦ୍ରେକ କରେ । ସାମାଜିକ ବନ୍ଧନ ଓ ଏକତାକୁ ସୁଦୃଢ କରେ । ମାଙ୍କିଡିଆ ପୁନର୍ଜନ୍ମରେ ବିଶ୍ୱାସ କରୁଥିବାରୁ ମୃତ୍ୟୁପରେ କୀଟ ପତଙ୍ଗ ଜନ୍ମ ହେବାଠାରୁ ଧର୍ମକର୍ମ କରି ମଣିଷ ଜନ୍ମ ପାଇଁ ଆଶାବାଦୀ ହୋଇଥାଆନ୍ତି । ପୁନଶ୍ଚ ଭୂତପ୍ରେତ କିମ୍ବା ଡାହାଣୀଙ୍କ ଦୌରାତ୍ମ୍ୟରୁ ରକ୍ଷା ପାଇବାକୁ ପର୍ବମାନଙ୍କରେ ହେଉଥିବା ପୂଜାପାଠର ସହାୟତା ନେଇଥାଏ । ପର୍ବପର୍ବାଣିରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ପୂଜା ଓ ଭୋଜି ସଭିଁଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ ।

## ପର୍ବପର୍ବାଣି ପାଳନର ବିଶେଷତ୍ୱ:

ମାଙ୍କିଡିଆମାନେ ପର୍ବପର୍ବାଣିଗୁଡିକର ସାମାଜିକ ମୂଲ୍ୟବୋଧ ଠାରୁ ଆଧ୍ୟାତ୍ମିକ ଚିନ୍ତା ଚେତନାର ବିଶେଷତ୍ୱ ଅଧିକ ଉପଲବ୍ଧି କରିଥାଆନ୍ତି । ଆଧ୍ୟାତ୍ମିକ ଭାବ ହିଁ

ସାମାଜିକ ତଥା ବ୍ୟକ୍ତିଗତ ସ୍ତରରେ ସମସ୍ତ ବାଧାବିଘ୍ନକୁ ଦୂର କରିପାରେ ବୋଲି ଏମାନଙ୍କର ବିଶ୍ୱାସ । ମାଙ୍କିଡିଆ ସଂପ୍ରଦାୟରେ ପ୍ରାୟତଃ ପ୍ରତ୍ୟେକ ପର୍ବପର୍ବାଣିରେ ଗ୍ରାମଦେବତୀ/ଦେବତାଙ୍କର ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୁଏ । ନୂଆବର୍ଷର ଶୁଭାରମ୍ଭରେ (ବୈଶାଖମାସ)ହୁଲୁମୁଟ୍ ପର୍ବ ପାଳନ କରାଯାଏ । ବର୍ଷଟି ଭଲରେ କାଟିବାକୁ ଆଶା ରଖିଥାଆନ୍ତି । ଏହି ମାସକୁ ଲକ୍ଷ୍ମୀଙ୍କର ମାସ ବୋଲି ବିବେଚନା କରାଯାଇଥାଏ । ଯଦି କେହି ଭାଗଚାଷ କାମ କରୁଥାଏ ତେବେ ଏହି ମାସରୁ ହିଁ କାମ ଆରମ୍ଭ କରେ । ଆଷାଢ ମାସରେ ଆଷାଢିଆ ପୂଜା ଭଲ ବର୍ଷା ତଥା ଜଙ୍ଗଲ ଠାକୁରାଣୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କରିଥାଆନ୍ତି । ଭାଦ୍ରବ ମାସରେ ନାମାଜମ୍ ବା ନୂଆଖାଇ ପର୍ବ ପରେ ମାଙ୍କିଡିଆ ନୂତନ ଶସ୍ୟ ଖାଆନ୍ତି । ତା ପୁର୍ବରୁ ନୂଆଧାନର ଭାତ ଖାଇବାକୁ ନିଷେଧ ଥାଏ । କରମ ଦେବତାଙ୍କୁ ସନ୍ତୁଷ୍ଟ କରି ମାନସିକ ପୂରଣ ପାଇଁ କରମ ପର୍ବ ପାଳନ କରିଥାଆନ୍ତି । ଆଶ୍ୱିନ ମାସରେ ଆଠ୍‌ହାର ପୂଜା । ଏଥିରେ ଆଖଡାଣୀ ଶିଷ୍ୟମାନଙ୍କୁ ମନ୍ତ୍ରତନ୍ତ୍ର ଶିକ୍ଷା ଦେବା ଆରମ୍ଭ କରନ୍ତି । କାର୍ତ୍ତିକ ମାସର ସରାଏ ବଙ୍ଗା (କାଳୀପୂଜା)ରେ ମାଙ୍କିଡିଆ ମାନେ ପଶୁ-ପକ୍ଷୀ ମାନଙ୍କୁ ରୋଗବ୍ୟାଧି ନହେବାପାଇଁ କାଳୀ ଠାକୁରଙ୍କଠାରେ ପୂଜା ଅର୍ଚ୍ଚନା କରିଥାଆନ୍ତି । ଜଙ୍ଗଲ ଉପରେ ମାଙ୍କିଡିଆ ସବୁବେଳେ ନିର୍ଭର କରୁଥିବାରୁ ମାଘ୍ ବଙ୍ଗା ପର୍ବରେ ଜଙ୍ଗଲ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ପୂଜା ହୁଏ ।  ଫାଲ୍‌ଗୁନ ମାସରେ ପାଳିତ ହେଉଥିବା ବାହ୍‌ବଙ୍ଗା ମଧ୍ୟ ଜଙ୍ଗଲ ଠାକୁରାଣୀ ପାଇଁ ଉଦ୍ଦିଷ୍ଟ । ସେମାନଙ୍କର ଉତ୍ସାହମୁଖର ରଜ ଏବଂ ମକର ପର୍ବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୁଏ । ତେବେ ରଜ, ମକର, ଗହ୍ମା, ଚିତା ଇତ୍ୟାଦି ପ୍ରତ୍ୟେକ ପର୍ବରେ ଗ୍ରାମଦେବତୀ/ଦେବତାଙ୍କ ଠାରେ ପୂଜା ହୋଇଥାଏ । ସେମାନେ ଗ୍ରାମର ତଥା ପରିବାରର ମଙ୍ଗଳ ମନାସିଥାଆନ୍ତି । କରମ ପୂଜା କିନ୍ତୁ ବ୍ୟକ୍ତିଗତ ଭାବରେ ମାନସିକ ପୂରଣ ପାଇଁ ଉଦ୍ଦିଷ୍ଟ ଥାଏ ।

## ପର୍ବପର୍ବାଣିରେ ନିଷେଧାଜ୍ଞା:

ପର୍ବପର୍ବାଣି ଦିନମାନଙ୍କରେ ମାଙ୍କିଡିଆ ପୁରୁଷମାନଙ୍କ ପାଇଁ କୌଣସି ବାରଣ ବା ନିଷେଧ ନଥାଏ । କିନ୍ତୁ ସ୍ତ୍ରୀ ଏବଂ କୁମାରୀ କନ୍ୟା ମାନଙ୍କ ପାଇଁ କେତେକ ନିଷେଧାଜ୍ଞା ଥାଏ, ଯଥା- (୧) ଗର୍ଭବତୀ ମହିଳା ପର୍ବ ଦିନମାନଙ୍କରେ ବ୍ୟବହୃତ ହାଣ୍ଡିଆ ଭୋଗ ସେବନ କରିପାରିବେ ନାହିଁ । (୨) ସ୍ତ୍ରୀ ପୁରୁଷ ଏକତ୍ର ହାଣ୍ଡିଆ ସେବନ ନିଷେଧ । (୩) ପୂଜା ପାର୍ବଣରେ ଲାଗୁଥିବା ଭୋଗ ପ୍ରଥମେ ସ୍ତ୍ରୀଲୋକଙ୍କୁ

ଦିଆଯାଏ ନାହିଁ । (୪) କୁମାରୀ ତଥା ମହିଳା ମାନେ ମାସିକ ରତୁସ୍ରାବ ସମୟରେ ଭୋଗ ସେବନ କରିପାରିବେ ନାହିଁ କିମ୍ବା ପୂଜାସ୍ଥଳୀକୁ ଯିବେ ନାହିଁ ଅଥବା ପୂଜାଦ୍ରବ୍ୟ ସ୍ପର୍ଶ କରିବେ ନାହିଁ ।

## ପର୍ବପର୍ବାଣି ସଂପୃକ୍ତ ଲୋକକଥା, ଲୋକଗୀତ ଓ ଲୋକନୃତ୍ୟ:

ମାଙ୍କିଡିଆ ମାନଙ୍କ ବିଭିନ୍ନ ପର୍ବପର୍ବାଣିରେ ପାରମ୍ପରିକ ଗୀତ ଓ ନାଚ ଆକର୍ଷଣୀୟ ହୋଇଥାଏ । ନାଚରେ ଧୁମ୍ସା, ନାଗରା, ଚଡକା, ବଂଶୀ, ତୂରୀ ଆଦି ବାଦ୍ୟ ଯନ୍ତ୍ର ବ୍ୟବହୃତ ହୁଏ । ପୁରୁଷ ଏବଂ ସ୍ତ୍ରୀ ଭିନ୍ନ ଭିନ୍ନ ଦଳରେ ନାଚନ୍ତି । କେବଳ କରମ୍ ପର୍ବରେ ପୁରୁଷ ଓ ସ୍ତ୍ରୀ ଏକତ୍ର ହାତକୁ ହାତ ଛନ୍ଦି ନାଚି ଥାଆନ୍ତି । ପର୍ବପର୍ବାଣି ସହିତ ସଂପୃକ୍ତ ସ୍ୱତନ୍ତ୍ର ଭାବରେ ଏମାନଙ୍କର ସେପରି କୌଣସି ଗୀତ କିମ୍ବା ନାଚ ନଥାଏ । ସାଧାରଣ ଗୀତ-ନାଚ ସମସ୍ତ ପର୍ବପର୍ବାଣୀରେ ହୋଇପାରେ । କେବଳ କରମ ପୂଜାପରେ ମିଳିତ ଭାବରେ ନାଚି ସ୍ୱାତନ୍ତ୍ର୍ୟ ସୃଷ୍ଟି କରନ୍ତି ।

### ଲୋକଗୀତ:

୧. "ରାଇପୁର ବାଜାରେ ଦୋ ଦୋ ଦୋଲାଙ୍ଗ, ବାବୁର ବୁଡିମ୍ ଝତାଙ୍ଗ୍ କିରିଂ
ବାବୁର ଝତାଙ୍ଗ୍ କିରିଂ, ବାଂ ଝଲା ରେହ୍ ଡାଡାଙ୍ଗ୍ ଦୋ ଦୋଲାଙ୍ଗ୍ ଜମେ
ମଠେ ତେହ୍ ସିନୁ ଆଲାମ୍ ଝତାଙ୍ଗ୍ କିରିଂ, ଆଲାମ୍ ଝତାଙ୍ଗ କିରିଂ"।

**ଓଡ଼ିଆ ଅନୁବାଦ:** ଝିପିଝିପି ବର୍ଷା ବେଳେ ରାଇପୁର ବଜାରରେ ଦିନେ ପୁଅଟିଏ ଓ ଝିଅଟିଏ ଗୋଟିଏ ଛତା ତଳେ ଆଶ୍ରୟ ନେଇଥିଲେ । ଏହି ସମୟରେ ଦୁହିଁଙ୍କ ମଧ୍ୟରେ ଦେହ ଓ ମନର ଆକର୍ଷଣ ହେଲା ଓ ପ୍ରେମ ସଂପର୍କ ଗଢି ଉଠିଲା ।

୨. "ଚୈତନ୍ୟ ପୁଖୁରୀ ହାନାକି ସେକେଲ୍ ବେଗେଲ୍,
ସେକେଲ୍ ବେଗେଲ୍,
ଲାଣରେ ପୁଖୁରୀ ହାଇକ ସେକେଲ୍ ବେଗେଲ୍,
ସେକେଲ୍ ବେଗେଲ୍,
ହାଇକ ଗିରା ଗିରାତେକେ ଲସ ରେଗେମ୍,
ଥାଲିମ୍ ଗଜାନାମ୍,
ନଇଙ୍କ ଜୁଟୁତି ତେଇଗୋ ଡାଇକଲ୍‌ତେ ନଆର୍
ନଡମ୍ କେ ମାଏଁ ।"

**ଓଡିଆ ଅନୁବାଦ :** ଉପର ପୋଖରୀରେ ମାଛ ବହୁତ ଅଛି, ତଳ ପୋଖରୀରେ ମଧ୍ୟ ବହୁତ ମାଛ ଅଛି । ପୋଖରୀର ପାଣି ଶୁଖାଇ ମାଛ ଧରୁ ଧରୁ ଝିଅମାନେ ପଙ୍କ ଭିତରେ ଅଧା ବୁଡି ରହିଗଲେ । ହେ ମାଛ ଧରାଳୀମାନେ ! ତୁମେ ମାଛରେ ଲୋଭ ନରଖି ଏହି ଝିଅମାନଙ୍କୁ ପଙ୍କରୁ ଉଦ୍ଧାର କର ।

## ଲୋକ ଗଳ୍ପ: ସାତା ହାଗାୟା (ସାତ ଭାଇ)

ଗୋଟିଏ ପରିବାରରେ ସାତ ଭାଇ ଥିଲେ । ଏମାନଙ୍କ ମଧ୍ୟରୁ ସାନ ଭାଇକୁ ଛାଡିଦେଲେ ଅନ୍ୟ ସମସ୍ତ ଭାଇଙ୍କ ନିଜ ନିଜର ବଳଦ ଥିଲା । ବଳଦ କିଣାବିକା କରି ସେମାନେ ଜୀବିକା ନିର୍ବାହ କରୁଥିଲେ । ମାତ୍ର ସାନ ଭାଇର ବଳଦ କିମ୍ବା କୌଣସି ବେପାର ନଥିବାରୁ ସେ ଦୁଃଖେ କଷ୍ଟେ ଚଳୁଥିଲା । ଦିନେ ଛଅ ଭାଇ ଅନ୍ୟଦିନ ମାନଙ୍କ ପରି ନିଜ ନିଜର ବଳଦ ନେଇ ଜଙ୍ଗଲକୁ ଚରାଇବାକୁ ଯାଇଥିଲେ କିନ୍ତୁ ସେଦିନ ସେମାନେ ଘରକୁ ବାହୁଡିଲେ ନାହିଁ । ଏହିପରି ଆଠଦିନ ଅତିକ୍ରାନ୍ତ ହେବାପରେ ସାନ ଭାଇ ସେମାନଙ୍କୁ ଖୋଜିବାକୁ ଜଙ୍ଗଲକୁ ବାହାରିଲା । ବହୁତ ଖୋଜାଖୋଜି ପରେ କୌଣସି ଏକ ସ୍ଥାନରେ ଗୋରୁ ଓ ମଣିଷର ହାଡ, ଖପୁରୀ ଇତସ୍ତତଃ ଭାବେ ପଡିଥିବାର ଦେଖିଲା । ନିକଟରେ ଗୋଟିଏ ବଡ ବାଘ ଗୁମ୍ଫାରେ ଥିବା ଲକ୍ଷ୍ୟ କରି ସେ ଭାବିଲା ନିଶ୍ଚୟ ବାଘମାନେ ତା'ର ଭାଇମାନଙ୍କୁ ଖାଇ ଯାଇଛନ୍ତି । ତେଣୁ ହତ୍ୟାକାରୀ ବାଘମାନଙ୍କ ଉପରେ ପ୍ରତିଶୋଧ ନେବାକୁ ପଣ କଲା । ଏଥିପାଇଁ ସେ ଜଙ୍ଗଲର ତିନି ଜଣଙ୍କ ସହାୟତା ଲୋଡିଲା । ସେମାନେ ହେଲେ ମୟୂର, ଯିଏ କି ବାଘ ଗୁମ୍ଫାରେ ପଶି ବାଘମାନଙ୍କୁ ଘଉଡାଇ ପାରିବ, ଜୁଲୁଜୁଲିଆ ପୋକ, ଯିଏ ରାତିରେ ବାଘ ମାନଙ୍କ ଗତିବିଧି ଲକ୍ଷ କରିବା ନିମନ୍ତେ ସାହାଯ୍ୟ କରିବ ଏବଂ ଏଣ୍ଡୁଅ, ଯିଏ କି ବାଘ ଗୁମ୍ଫା ସମ୍ମୁଖରେ ଜଗିରହି ସେମାନେ ଗୁମ୍ଫା ବାହାରକୁ ଆସିବା ସୂଚନା ଦେବ । ଏହିପରି ଯୋଜନାବଦ୍ଧ ଭାବରେ ସାନଭାଇ ତିନି ଜଣଙ୍କୁ ନିଜ ନିଜ କାମରେ ଲଗାଇ ନିଜେ ଏକ ବଡ ଧାରୁଆ ଖଣ୍ଡା ଧରି ଗୁମ୍ଫା ନିକଟରେ ଜଗିରହିଲା । ଗୋଟିଏ ପରେ ଗୋଟିଏ ଛଅଟି ବାଘ ଗୁମ୍ଫା ବାହାରକୁ ଆସିବା ମାତ୍ରେ ସେ ସେମାନଙ୍କୁ ଖଣ୍ଡା ଚୋଟରେ ହାଣି ପକାଇଲା । ଶେଷରେ ଗୋଟିଏ ମାଇ ବାଘ ଗୁମ୍ଫା ଭିତରେ ରହିଯାଇଥିବାର ଜାଣି ଭାଇଟି ବାଧ୍ୟ ହୋଇ ଗୁମ୍ଫା ଭିତରକୁ ଗଲା । ସେଠାରେ କିନ୍ତୁ ବାଘକୁ ନପାଇ କେବଳ ଗୋଟିଏ ପଥର

ଥିବାର ଦେଖିଲା । ମାଈ ବାଘଟି ପଥରରେ ପରିଣତ ହୋଇଯାଇଛି ବୋଲି ମନରେ ଧାରଣା ଆଣି ସେଇଟିକୁ କାନ୍ଧରେ ବୋହି ଘରକୁ ଆଣିବାକୁ ଚିନ୍ତାକଲା । ଘରକୁ ଆସିବା ବାଟରେ ପଥରଟି ଓଜନିଆ ଲାଗିବାରୁ ତାହାକୁ ସେ ସେହିଠାରେ ପକାଇଦେଲା । ସେହି ପଥରଟି ରୂପ ପରିବର୍ତ୍ତନ କରି ଏକ ସୁନ୍ଦରୀ ସ୍ତ୍ରୀ ହୋଇଗଲା । ସାନ ଭାଇ କିନ୍ତୁ ସ୍ତ୍ରୀର ରୂପରେ ବିମୋହିତ ନହୋଇ ନିଜ ପଥରରେ ଆଗେଇ ଚାଲିଲା । ବାଟରେ ଏକ ଆମ୍ବଗଛ ମୂଳରେ ବିଶ୍ରାମ ନେଉ ନେଉ ଗଛ ତଳେ ପଡିଥିବା ପାଚିଲା ଆମ୍ବ ଖାଇବାକୁ ଇଚ୍ଛା କଲା । ଏହି ସମୟରେ ସେହି ସୁନ୍ଦରୀ ସ୍ତ୍ରୀଟି ସେଠାରେ ପହଞ୍ଚି ରୂପ ପରିବର୍ତ୍ତନ କଲା ଏବଂ ନିଜର ପ୍ରକୃତ ମାଈ ବାଘ ରୂପରେ ଲୋକଟିକୁ ଖାଇବାକୁ ଉଦ୍ୟତ ହେଲା । ସାନ ଭାଇ ଉପାୟଶୂନ୍ୟ ହୋଇ ଏକ ଅବାସ୍ତବ ଇଚ୍ଛା ମନରେ ପୋଷଣ କଲା ଯେ, ସେ ଗୋଟିଏ ଆମ୍ବ ଟାକୁଆ ଭିତରେ ପଶି ଯାଆନ୍ତା କି, ଓ ସେହି ଆମ୍ବଟାକୁଆଟିକୁ ଏକ କୁଆ ଥଣ୍ଟରେ ବୋହି ନେଇ କୌଣସି ଏକ ଦୂରାନ୍ତ ସ୍ଥାନରେ ପକାଇ ଦିଅନ୍ତା କି ! ଅକସ୍ମାତ ତାର ଏପରି ଅବାସ୍ତବ ଇଚ୍ଛା ମଧ୍ୟ ଫଳବତୀ ହେଲା । ସେ ଆ ୍ଟାକୁଆ ଭିତରେ ପଶିଗଲା ଓ କୁଆ ସେଇଟି ନେଇ ଉଡି ଯାଉଥିବା ବେଳେ ଗୋଟିଏ ରାଜ୍ୟର ରାଜାଙ୍କ ପୋଖରୀରେ ଖସି ପଡିବାରୁ ଏକ ମାଛ ତାହାକୁ ଗିଳିଦେଲା । ମାଈ ବାଘଟି ପୁଣି ରୂପ ପରିବର୍ତ୍ତନ କରି ସୁନ୍ଦରୀଟିଏ ହୋଇ ସେହି ପୋଖରୀରେ କିଛି ଖୋଜାଖୋଜି କରୁ ଥିବା ରାଜାଙ୍କ ସିପାହୀମାନେ ଦେଖିଲେ । କାରଣ ପଚାରିବାରୁ ସେ ନିଜର ଏକ ହୀରାମୋତି ଖଚିତ ସ୍ୱର୍ଣ୍ଣ ମୁଦି ସେଠାରେ ହଜାଇ ଦେଇଥିବା ପ୍ରକାଶ କଲା । ରାଜା ଏକଥା ସିପାହୀମାନଙ୍କଠାରୁ ଶୁଣି ପୋଖରୀଟିର ପାଣି ଶୁଖାଇ ମୁଦି ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଲେ । ତଦନୁସାରେ ପୋଖରୀର ପାଣି ଶୁଖାଯାଇ ମୁଦିଟିକୁ ଉଦ୍ଧାର କରିବା ଚେଷ୍ଟା କରାଗଲା । ବହୁତ ମାଛ ମଧ୍ୟ ଧରାହେଲେ । ଏହି ସମୟରେ ସେହି ବାଟ ଦେଇ ଯାଉଥିବା ଏକ ମଧ୍ୟ ବୟସ୍କ ସନ୍ତାନହୀନ ଦମ୍ପତି ପୋଖରୀରେ ପ୍ରବେଶ କରି ମାଛ ଧରିବାକୁ ଉଦ୍ୟମ କରି ସୌଭାଗ୍ୟକୁ ସେହି ଆମ୍ବଟାକୁଆ ଗିଳିଥିବା ମାଛଟିକୁ ଧରିଲେ । ଘରକୁ ନେଇ ମାଛଟି କାଟିବାକୁ ଗଲାବେଳେ ମାଛ କହିଲା -"ମୋ ଗର୍ଭରେ ଗୋଟିଏ ମଣିଷ ରହିଛି । ତେଣୁ ମୋତେ ନକାଟି ମୋ ପେଟକୁ ଆସ୍ତେ ଚିରିଦିଅ ଓ ଗର୍ଭସ୍ଥ ମଣିଷଟିକୁ ଉଦ୍ଧାର

କର ।" ସନ୍ତାନହୀନ ଦମ୍ପତି ସେହିପରି କରିବା ଫଳରେ ମାଛ ପେଟରୁ ଏକ ସୁନ୍ଦର ଶିଶୁପୁତ୍ର ବାହାରିଲା । ସ୍ତ୍ରୀ ଲୋକଟି ମିଛରେ ଗର୍ଭଧାରଣ କରିଚ୍ଛି ବୋଲି ପ୍ରଚ୍ଛର କଲା ଓ ଫଂଳସ୍ୱରୂପ ଶିଶୁପୁତ୍ରକୁ ନିଜ ଜନ୍ମିତ ସନ୍ତାନର ପରିଚୟ ଦେଲା । କ୍ରମଶଃ ଶିଶୁପୁତ୍ର ବଡ ହୋଇ ଯୁବକ ହେଲା ଏବଂ ରାଜାଙ୍କ ସିପାହୀ ଚ୍ଛକିରୀରେ ଯୋଗ ଦେଲା । ଏଣେ ସ୍ତ୍ରୀରୂପ ଧାରଣ କରିଥିବା ମାଈ ବାଘଟି ନିଜର ମାୟାଶକ୍ତି ବଳରେ ଅସଂଖ୍ୟ ବାଘ ସୃଷ୍ଟି କରି ରାଜ୍ୟବାସୀଙ୍କୁ ଆକ୍ରମଣ କରି ଖାଉଥିଲା କିମ୍ବା ଆହତ କରୁଥିଲା । ରାଜାଙ୍କ ସୈନିକମାନେ କୌଶଳ ପୂର୍ବକ ଅନେକ ବାଘ ମାରୁଥିଲେ ମଧ୍ୟ ପ୍ରକୃତ ମାୟାବୀ ବାଘୁଣୀକୁ ମାରିବା ନିମନ୍ତେ ବିଫଂଳ ହେଉଥିଲେ । ତେଣୁ ରାଜା ଘୋଷଣା କଲେ ଯେ ଯିଏ ମାୟାବୀ ବାଘୁଣୀକୁ ମାରି ପାରିବ, ସେ ତାକୁ ରାଜ୍ୟର ଅର୍ଦ୍ଧେକ ତଥା ରାଜକନ୍ୟାକୁ ବିବାହ ଦେବେ । କିନ୍ତୁ ମାୟବୀ ବାଘୁଣୀକୁ ମାରିବାରେ କେହି ସମର୍ଥ ହେଲେ ନାହିଁ । ଶେଷରେ ମାଛ ପେଟରୁ ବାହାରିଥିବା ଯୁବକଟି ଏକ ସୁଚିନ୍ତିତ ଉପାୟ ଚିନ୍ତା କଲା । ସେହି ଅନୁସାରେ ଗୋଟିଏ କଦଳୀଗଛକୁ ଲୁଗା ଘୋଡାଇ ମଣିଷାକୃତି କରି ଦିଆଗଲା । ମାୟାବୀ ବାଘୁଣୀଟି ଏହାକୁ ମଣିଷ ଭାବି ଆକ୍ରମଣ କରିବା ମାତ୍ରେ ତାହାର ପଞ୍ଝା ନଖଗୁଡିକ କଦଳୀଗଛ ମଧ୍ୟରେ ଲାଗି ରହିଲା ଓ ସେ ଶୀଘ୍ର ସେଥିରୁ ମୁକୁଳି ପାରିଲା ନାହିଁ । ଏହି ସମୟରେ ଯୁବକଟି ତାକୁ ଖଣ୍ଡା ଚ୍ଛେଟରେ ହାଣି ପକାଇଲା । ରାଜ୍ୟବାସୀ ଆଶ୍ୱସ୍ତ ହେଲେ । ରାଜାଙ୍କ ସର୍ତ୍ତ ଅନୁସାରେ ଯୁବକଟି ରାଜ୍ୟର ଅର୍ଦ୍ଧେକ ଏବଂ ରାଜକନ୍ୟା ପ୍ରାପ୍ତ ହେଲା । ଫଂଳରେ ସାନଭାଇଟି ତାର ଛଅ ଭାଇଙ୍କୁ ହତ୍ୟା କରିଥିବା ବାଘମାନଙ୍କ ଉପରେ ପ୍ରତିଶୋଧ ନେବା ସହିତ ରାଜ୍ୟ ଓ ରାଜକନ୍ୟାଙ୍କୁ ନେଇ ସୁଖରେ କାଳାତିପାତ କଲା ।

# କୃଷି କାର୍ଯ୍ୟ (ଚାଷ)

ପଲ୍ଲୀ ବହୁଳ ଓଡିଶାର ମୁଖ୍ୟ ଜିବିକା ହେଉଛି କୃଷିକର୍ମ । ଜୀବନ ଧାରଣ ପାଇଁ ଖାଦ୍ୟ ଏକାନ୍ତ ଅପରିହାର୍ଯ୍ୟ ଏବଂ ତାହା ଉତ୍ପାଦନ ନିମିତ୍ତ କୃଷି ହିଁ ଏକ ମାତ୍ର ଅବଲମ୍ବନ । ଓଡିଶାର ଶତକଡା ପଞ୍ଚସ୍ତରୀ ଭାଗ ବ୍ୟକ୍ତି କୃଷି ଉପରେ ନିର୍ଭର କରିଥାଆନ୍ତି । ତେଣୁ କୃଷି ଓ କୃଷକ ଓଡିଆ ଜାତିର ମେରୁଦଣ୍ଡ । ଏ ସବୁ ସତ୍ତ୍ୱେ କୃଷି ବ୍ୟତୀତ ଅନ୍ୟ ଉପାୟ ଅବଲମ୍ବନ କରି ଜୀବନ ଜୀବିକା ନିର୍ବାହ କରୁଥିବା ଅଧିବାସୀଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ । ଓଡିଶାର ମାଙ୍କିଡିଆ ଗୋଷ୍ଠୀ ଏହି ଅଧିବାସୀ ମାନଙ୍କ ମଧ୍ୟରୁ ଅନ୍ୟତମ । ନିଜର ଆଦୌ ଚାଷଜମି ନଥିବାରୁ ଏମାନେ କୃଷିକାର୍ଯ୍ୟ ଠାରୁ ଅନେକ ଦୂରରେ । କାରଣ ମାଙ୍କିଡିଆମାନେ ଯାଯାବର ଶ୍ରେଣୀୟ । ଏମାନେ ଜଙ୍ଗଲରେ ବୁଲି ଖାଦ୍ୟ ସଂଗ୍ରହ କରି ଜୀବନ ଧାରଣ କରୁଥିଲେ । ଜଙ୍ଗଲଜାତ ଫଂଳମୂଳ ଓ ପଶୁପକ୍ଷୀଙ୍କ ମାଂସ ଏମାନଙ୍କର ଖାଦ୍ୟ ଥିଲା । ବର୍ଷା ଋତୁରେ ଜଙ୍ଗଲରେ ବୁଲିବା ଯେହେତୁ ସମ୍ଭବ ହେଉ ନଥିଲା, ତେଣୁ ପାହାଡ ତଳେ ପତ୍ର କୁଡିଆ କରି ଅଳ୍ପ ଦିନ ପାଇଁ ରହୁଥିଲେ । କିନ୍ତୁ ଜୀବିକା ନିର୍ବାହର ଏକ ମାତ୍ର ମାଧ୍ୟମ ଥିଲା ବଣ ଜଙ୍ଗଲ-ପାହାଡ ଅଞ୍ଚଳରୁ ଖାଦ୍ୟ ସଂଗ୍ରହ ।

ସମୟାନୁକ୍ରମେ ସରକାର ମାଙ୍କିଡିଆମାନଙ୍କ ଉନ୍ନତି କଳ୍ପେ ସେମାନଙ୍କ ସ୍ଥାୟୀ ବସବାସ ପାଇଁ ଏକ କୋଠରୀ ବିଶିଷ୍ଟ ଗୃହ ଯୋଗାଇ ଦେଲେ । ମାତ୍ର ଯାଯାବର ଜୀବନ ବିତାଇବାରେ ଅଭ୍ୟସ୍ତ ମାଙ୍କିଡିଆ ବହୁଦିନ ଯାଏ ସ୍ଥାୟୀ ହୋଇ ରହିପାରିଲେ ନାହିଁ ବା ରହିବାକୁ ମନ ବଳାଇଲେ ନାହିଁ । ଅବଶ୍ୟ ସଂପ୍ରତି ଅନେକ ମାଙ୍କିଡିଆଙ୍କ ସେଇ ଘର ଖଣ୍ଡିକ ବ୍ୟତୀତ ତାଙ୍କ ପାଖରେ ଆଉ ବାଡି ବଗିଚା ବା ଚାଷ ଜମି ନାହିଁ । ତଥାପି ପାଖ ପଡୋଶୀଙ୍କ ସଂସ୍ପର୍ଶରେ ଆସି କିଛି କିଛି ଚାଷ କାର୍ଯ୍ୟ ଶିଖିଲେଣି । ଅନେକ ସମୟରେ ଜଙ୍ଗଲକୁ ନଗଲେ ଅନ୍ନ ସଂସ୍ଥାନ ପାଇଁ ପାଖ ଗାଁ ମାନଙ୍କରେ ମଜୁରିଆ ଭାବରେ ଚାଷ କାର୍ଯ୍ୟ କରୁଛନ୍ତି ।

କୃଷିର ଅର୍ଥ ମାଙ୍କିଡିଆ ମାନେ କେବଳ ଧାନ ଚାଷକୁ ହିଁ ବୁଝିଥାଆନ୍ତି । ଡାଲି ଜାତୀୟ କିମ୍ବା ତୈଳ ଜାତୀୟ କୃଷି ଏମାନଙ୍କର ଧାରଣା ବର୍ହିଭୂତ । ପଡୋଶୀ ଗୋଷ୍ଠୀଙ୍କ ଜମିରେ ଧାନଚାଷ ପାଇଁ ଏମାନଙ୍କୁ ଡକାଯାଇଥାଏ । ଧାନ ଚାଷରେ ବିଭିନ୍ନ ପ୍ରକାର କାର୍ଯ୍ୟ, ଯଥା- ହଳ କରିବା, ଖତ ବୁଣିବା, ବିହନ ବୁଣିବା, ଭାର ବୋହିବା, ଘାସ ବାଛିବା, ଜଗିବା ଓ ଫଂସଲ କାଟିବା ଇତ୍ୟାଦି କରିଥାଆନ୍ତି ।

କୃଷିକାର୍ଯ୍ୟରେ ବ୍ୟବହୃତ ସମସ୍ତ ଗତାନୁଗତିକ ଉପକରଣର ବ୍ୟବହାର ଏମାନଙ୍କ ପାଇଁ ନୂଆ ନୁହେଁ । ହଳ କରିବା ପାଇଁ ଲଙ୍ଗଳ ଓ ଯୁଆଳିର ବ୍ୟବହାର, କୋଦାଳ,କୁଡି, ଝୁଡି, ଶିକା-ପାଚ୍ଛିଆ, (ଖତ ବୋହିବା ପାଇଁ), ଦାଆ ଇତ୍ୟାଦି ସମସ୍ତ ଉପକରଣର ଉଚିତ ବ୍ୟବହାର କରୁଛନ୍ତି ।

ମାଙ୍କିଡିଆମାନେ ମୂଲିଆ କାର୍ଯ୍ୟ କରି ଟଙ୍କା ଆକାରରେ ମଜୁରି ପାଆନ୍ତି କିମ୍ବା ଶସ୍ୟ ଆକାରରେ ଧାନ କିମ୍ବା ଚାଉଳ ପାଇଥାଆନ୍ତି । ଏହି ଶସ୍ୟକୁ ସେମାନେ ଭାତ, ହାଣ୍ଡିଆ ରାନ୍ଧି ଖାଆନ୍ତି କିମ୍ବା ଗ୍ରାମର ମୁଖ୍ୟ ପୂଜକକୁ ଉପହାର ସ୍ୱରୂପ ପ୍ରଦାନ କରିଥାଆନ୍ତି । ଅଳ୍ପ କିଛି ଦିନ ପାଇଁ ସାଇତି ରଖିବାକୁ ହେଲେ ଥଳିରେ ଭର୍ତ୍ତି କରି କାନ୍ଥ ଆଙ୍କୁଡିରେ ଟାଙ୍ଗି ଦିଅନ୍ତି । ହାଣ୍ଡିଆ ପ୍ରସ୍ତୁତି କରି ବିକ୍ରି ମଧ୍ୟ କରନ୍ତି ।

କୃଷିକାର୍ଯ୍ୟ ପ୍ରତି ମାଙ୍କିଡିଆ ମାନଙ୍କ ଆଗ୍ରହ ଓ ଶ୍ରଦ୍ଧା ଜନ୍ମିଥିଲେ ମଧ୍ୟ ନିଜସ୍ୱ ଜମିବାଡି ନଥିବାରୁ କୃଷି କ୍ଷେତ୍ରରେ ସେମାନେ ବହୁତ ପଛରେ ପଡି ରହିଛନ୍ତି । ଏଥିପାଇଁ ସରକାରଙ୍କ ଆନ୍ତରୀକତାପୂର୍ଣ୍ଣ ସହାୟତା ଏକାନ୍ତ ଲୋଡା । କୃଷିର ଉନ୍ନତିକୁ ନେଇ ସରକାର ଯେତେ କାର୍ଯ୍ୟକ୍ରମ ହାତକୁ ନେଲେ ମଧ୍ୟ ମାଙ୍କିଡିଆ ମାନେ ଯାଯାବର ବା ଅର୍ଦ୍ଧ ଯାଯାବର ଜୀବନ ଯାପନ କରୁଛନ୍ତି । ମୟୂରଭଂଜର ମାଙ୍କିଡିଆ ଅଂଚଳରେ କେତେକ ମାଙ୍କିଡିଆ କୃଷି ପାଇଁ ଏତେ ମନ ବଳାଇଛନ୍ତି ଯେ ପାହାଡ ତଳେ ଜଙ୍ଗଲ ସଫା କରି ଚକଡାଏ ଲେଖାଏଁ ସ୍ଥାନରେ ଧାନ ବୁଣି ଥିବା ଲକ୍ଷ୍ୟ କରାଯାଉଛି । ସଜନା ଗଛ ଓ ପପୟା ଗଛ ମଧ୍ୟ ଲଗାଉଛନ୍ତି । ପାହାଡିଆ ସ୍ଥାନରେ ଉପଯୁକ୍ତ ଜଳବାୟୁର ଅଭାବ ଯୋଗୁଁ ଆଶାନୁରୂପ ଫଳ ମିଳୁନାହିଁ ।

ଏହି ପରିପ୍ରେକ୍ଷୀରେ ଏତିକି କୁହାଯାଇପାରେ ଯେ, ବର୍ତ୍ତମାନ ସରକାରଙ୍କ ଆବଶ୍ୟକ ପଦକ୍ଷେପ ନିହାତି ଲୋଡା । ମାଙ୍କିଡିଆଙ୍କ ପାଇଁ ଜମି, ଚାଷ ଉପକରଣ ତଥା ଚାଷ ବିଷୟକ ତାଲିମ ଯୋଗାଇଦେଲେ ହୁଏତ ପରିସ୍ଥିତିରେ କିଛିଟା ଉନ୍ନତି ହୋଇ ପାରନ୍ତା ଏବଂ ମାଙ୍କିଡିଆଙ୍କ ଆର୍ଥିକ ଅବସ୍ଥା ସୁଧୁରି ଯାଆନ୍ତା । ସେମାନଙ୍କୁ ଜାତୀୟ ସ୍ରୋତରେ ସାମିଲ କରିବାକୁ ଏହା ଏକ ଉତ୍ତମ ମାଧ୍ୟମ ।

# ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ

ବହୁ ପୁରାତନ କାଳରୁ ପ୍ରକୃତି ସହ ମଣିଷର ସଂପର୍କ ଅତୀବ ନିବିଡ । ଜଙ୍ଗଲର ନାନାବିଧ ବୃକ୍ଷଲତା ଓ ଦ୍ରବ୍ୟ ମଣିଷର ଜୀବନ ଧାରଣରେ ସହାୟକ । ଅର୍ଥାତ ମଣିଷ ଓ ପ୍ରକୃତି ଓତଃପ୍ରୋତଃ ଭାବରେ ଜଡିତ ।

## ଜଙ୍ଗଲଜାତ ଦ୍ରବ୍ୟ:

ଓଡିଶାର ଜଙ୍ଗଲଗୁଡିକ ପ୍ରାକୃତିକ ସଂପଦରେ ଭରା । ଶାଳ, ପିଆଶାଳ, କୁରୁମ, ଶିଶୁ, ଶାଗୁଆନ ଆଦି ବିଭିନ୍ନ ପ୍ରକାର ମୂଲ୍ୟବାନ କାଠ, ବାଉଁଶ, ବେତ, ଲାଖ, ମହୁ, ଝୁଣା, ମହୁଲ, ଖଇର, ଅଁଳା, ହରିଡା, ବାହାଡା, ଝୁମା, ପାଲୁଅ, କରଂଜ, ବିଭିନ୍ନ ଗଛର ପତ୍ର, ଫୁଲ, ଫଳ, ମଂଜି, କାଣ୍ଡ, ଚେର, ଛେଲି, ତନ୍ତୁ, ଅଠା ଇତ୍ୟାଦି ଅର୍ଥକାରୀ ଦ୍ରବ୍ୟ, ଆମ୍ବ ପଣସ, କେନ୍ଦୁ, ତେନ୍ତୁଳି, କୋଳି, ବଣଆଳୁ ପ୍ରଭୃତି ଖାଦ୍ୟୋପଯୋଗୀ ପଦାର୍ଥ ଏବଂ ବିଭିନ୍ନ ଧରଣର ଔଷଧୀୟ ବୃକ୍ଷ ଏଠାରେ ବିଦ୍ୟମାନ ।

ଓଡିଶାରେ ବସବାସ କରୁଥିବା ବହୁ ଆଦିବାସୀ ଗୋଷ୍ଠୀର ଲୋକମାନେ ଏହି ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ । ସେମାନଙ୍କ ମଧ୍ୟରୁ ମାଙ୍କିଡିଆ ଅନ୍ୟତମ । ଏମାନେ ଯାଯାବର ହୋଇଥିବାରୁ ଜଙ୍ଗଲକୁ ଜୀବିକା ନିର୍ବାହର ଏକ ମାତ୍ର ପନ୍ଥା ରୂପେ ଗ୍ରହଣ କରିଥାଆନ୍ତି ଏବଂ ଅଦ୍ୟାବଧି ଏହି ପରମ୍ପରା ପ୍ରଚଳିତ । ତେବେ ମାଙ୍କିଡିଆ ମୁଖ୍ୟତଃ ଜଙ୍ଗଲରୁ ଶିଆଡି ଛେଲି ସଂଗ୍ରହ କରିଥାଆନ୍ତି । ଏତଦ୍ ଭିନ୍ନ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ମଧ୍ୟ ଆଣୁଥିବା ଦେଖାଯାଏ ।

ଜଙ୍ଗଲଜାତ ଦ୍ରବ୍ୟ ସବୁ ସଂଗ୍ରହ କରିବା ପାଇଁ ମାଙ୍କିଡିଆ ମାନେ ଏକତ୍ରିତ ହୋଇ ଜଙ୍ଗଲକୁ ଯାଆନ୍ତି । ସାଙ୍ଗରେ ସେମାନେ କଟୁରି, ଦଉଡି, ଠେଙ୍ଗା, ଭାର, ପାଛିଆ, ଶାବଳ ଇତ୍ୟାଦି ନିଅନ୍ତି । ଉପଲବ୍ଧ ଦ୍ରବ୍ୟ ସଂଗ୍ରହ କରି ଏକତ୍ର ବାନ୍ଧି କିମ୍ବା ପାଛିଆରେ ରଖି ସ୍ତ୍ରୀଲୋକମାନେ ମୁଣ୍ଡରେ ଥୋଇ ଓ ପୁରୁଷ ଲୋକମାନେ ଭାରରେ ବୋହି ଘରକୁ ଆଣିଥାଆନ୍ତି ।

## ଜଙ୍ଗଲଜାତ ଦ୍ରବ୍ୟର ବର୍ଗୀକରଣ:

ଜଙ୍ଗଲଜାତ ଦ୍ରବ୍ୟକୁ ନିମ୍ନଲିଖିତ ପ୍ରକାରେ ବର୍ଗୀକରଣ କରାଯାଇପାରେ ।

**ପତ୍ର(ସାକାମ୍) :** ଶାଳ ପତ୍ର (ସାର୍ଜମ୍ ସାକାମ୍), ଶିଆଡି ପତ୍ର (ଲାମା ସାକାମ୍), କେନ୍ଦୁପତ୍ର (ତିରିଲ୍ ସାକାମ୍), ପଣସ ପତ୍ର (ପଣସ୍ ସାକାମ୍), ମହୁଲ ପତ୍ର (ମାତକମ୍ ସାକାମ୍), ଆମ୍ବ ପତ୍ର (ଉଲ୍ ସାକାମ୍) ଇତ୍ୟାଦି ।

**ଫୁଲ (ବାହ୍ୱା) :** ମହୁଲ ଫୁଲ (ମାତ୍‌କମ୍ ବାହ୍ୱା), ଶାଳଫୁଲ (ସାରଜମ୍ ବାହ୍ୱା)

**ଫଳ (ଜୋ) :** ଶିଆଡି ଫଳ (ଲାମା ଜୋ), ଆମ୍ବ (ଉଲ୍), କେନ୍ଦୁ (ତିରିଲ୍), ପଣସ (ପଣସ୍), ଚାରକୋଳି (ଟାରବ୍), ଖଜୁରୀ କୋଳି (ଖେଜୁର୍ ଜୋ), ଜାମୁକୋଳି (କୁଦାବିଲି) ।

**ମଞ୍ଜି (ଜାଙ୍ଗ୍) :** ଜାମୁ ମଞ୍ଜି, ଶାଳ ମଞ୍ଜି, ମହୁଲ ମଞ୍ଜି ଓ କରଞ୍ଜ ମଞ୍ଜି

**କାଣ୍ଡ (ଡେର୍) :** ଶିଆଳି କାଣ୍ଡ (ଲାମା ଡେର/ବାଏର୍ ଡେର), ଗଦ କାଣ୍ଡ (ଗଦ୍‌ଡେର୍), କଷାଫଳ କାଣ୍ଡ(ମେରାଲ୍ ଡେର୍) ।

**ଚେର (ରେହେଟ୍) :** ଅଗ୍ନିଝାଳ (ଏକ ଔଷଧୀୟ ବୃକ୍ଷ), ସାରାମ୍ ଲୁଟୁର୍ (ଔଷଧୀୟ ତଥା ବାଖର୍ ତିଆରି ହୁଏ), ହାଡାତ୍ ପିତୁର୍ (ପିତା ଚେର), ରାଲି (ଲଙ୍କା ପରି କଡା ଚେର), ମେରାଲ୍ (କଷା ଫଳ), ଗଦ (ସାପ କାମୁଡା ଔଷଧୀୟ ବୃକ୍ଷ), ରାନୁ (ବାଖର୍ ତିଆରି ହୁଏ)

**ଛେଲି (ବାକ୍‌ଲା) :** କୁମ୍ଭ ଛେଲି (ବାଏର ଡମଡ), ଉଦାଳ ଛେଲି (ଉଦାଲ୍ ବାକ୍‌ଲା), ଶିଆଡି ଛେଲି (ଲାମା ବାକ୍‌ଲା), ମାଙ୍କଡ ପିଚୁଲା ଛେଲି (ତାହ୍ନେ ବାକ୍‌ଲା) ।

**ତନ୍ତୁ (ଲୁମାମ୍) :** ଟସର (ଟସଟ୍)

**ଅଠା (ଧୁନା) :** ଝୁଣା

**ଜାଳେଣି କାଠ (ସାହ୍ୱାନ୍ ଝୁରିତ୍) :** ମହୁଲ କାଠ (ମାତକମ୍ ଝୁରିତ୍), କେନ୍ଦୁକାଠ (ତିରିଲ୍ ଝୁରିତ୍), ଆମ୍ବ କାଠ (ଉଲ୍ ଝୁରିତ୍), ଚାରକୋଳି କାଠ (ଟାରବ୍ ଝୁରିତ୍), ଜାମ କାଠ (କୁଦାବିଲ୍ ଝୁରିତ୍), ସାଲ୍‌ମା କାଠ (ଆମ୍ବଡା ଝୁରିତ୍)

**ଝାଡୁ (ଜାନୁ) :** ଖଜୁରୀ ଝାଡୁ (ଖେଜୁର୍ ଝାଡ୍)

**ଛତୁ (ଉଡ୍) :** ମାରାଙ୍ଗ୍ ଉତ୍, ମଞ୍ଜଭି ଉତ୍, ଶିଳାପ୍ କାଟା, ଗିତିଲ୍, ପାତାଡା, ମାଣ୍ଡି, ସିମ୍‌ଦାଲି, କାମାର୍ ପଦା, ପେଣେଇ, ମଚନ୍ଦି ଇତ୍ୟାଦି ।

**ଶାଗ (ଆଡା) :** କାଣ୍ଡେ ଆଡା, ମାଠା, ସାରୁ ।

**ମହୁ :** ଛତରାଳି, ବାଘୁଆ, କାଞ୍ଜିଆ

**ଔଷଧୀୟ ଦ୍ରବ୍ୟ :** ସାରାମ୍ ଲୁଟୁର୍, ଅଗ୍ନିଝାଲ୍, ପାତାଳ ଗରୁଡ, ରାଲି, ବିଶଲ୍ୟକରଣୀ, ଛାଲବିଛାଲ, ଆଡାତ୍ ପିଟୁ, ବେଗୁନିଆ, ଡାଳିମରା ପ୍ରଭୃତି ଗଛର ପତ୍ର, ତୃଣ ଜାତୀୟ ଦୂବ ଘାସ,ପାଲୁଅ ବୁଦା, ବଡ ବାସଙ୍ଗ ଓ ଗଦ ଗଛର କାଣ୍ଡ, ଚେର ହିସାବରେ ସାରାମ୍

ଲୁତୁର, ଅଗ୍ନିଝାଳ, ହାଡାଡ୍ ପିଂଚୁ, ପାତାଳ ଗରୁଡ, ଅରଖ ଇତ୍ୟାଦି, ଶାଳ ମଞ୍ଜି, ବାଇଡଙ୍କ ଲତା, ସୁନାରୀ ମଞ୍ଜି, ଗେଣ୍ଡୁ ଓ ଦୁଦୁରା ଫୁଲ, ରାଲି, ଶାଳ, କରଞ୍ଜ, ଆମ୍ବ, ନିମ୍ବ, କଂଚନ, ମାଙ୍କଡ ପିତୁଳା ପ୍ରଭୃତି ଗଛର ଛେଲି/ବକ୍କଳ ଔଷଧୀୟ ଦ୍ରବ୍ୟ ଭାବରେ ସଂଗୃହୀତ ହୁଏ ।

## ସଂଗ୍ରହ ପ୍ରଣାଳୀ:

ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ପାଇଁ ମାଙ୍କିଡିଆମାନେ ଦଳ ବାନ୍ଧି ଜଙ୍ଗଲକୁ ଯାଆନ୍ତି । ଏଥିରେ ସ୍ତ୍ରୀ, ପୁରୁଷ ଉଭୟ ସାମିଲ ହେଉଥିବାର ଦେଖାଯାଏ । ପ୍ରାୟତଃ ବୟସ୍କ ସ୍ତ୍ରୀଲୋକମାନେ ଯାଇଥାଆନ୍ତି । ଶୀକାର ଉଦ୍ଦେଶ୍ୟରେ ଗଲେ ଅଧିକ ସଂଖ୍ୟକ ମାଙ୍କିଡିଆ ପୁରୁଷଙ୍କୁ ଏକତ୍ର ଯିବାକୁ ହୁଏ । ସାଧାରଣତଃ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଯିବା ସମୟରେ ଏମାନେ ସାଙ୍ଗରେ ଦଉଡି, କୁରାଢୀ, ଶାବଳ, କଟୁରି, ଠେଙ୍ଗା ଓ ପାଛିଆ, ଭାର ଇତ୍ୟାଦି ନେଇ ଥାଆନ୍ତି । ଗଛର କାଣ୍ଡ, ଦାନ୍ତକାଠି (ଦାତେନ୍) ଡାଳ ଇତ୍ୟାଦି ସଂଗ୍ରହରେ କଟୁରୀର ଆବଶ୍ୟକତା ପଡୁଥିବା ବେଳେ ଗଛର ମୂଳ, ଚେର ସଂଗ୍ରହ ପାଇଁ କୁରାଢୀ ବ୍ୟବହାର କରନ୍ତି । ପ୍ରତ୍ୟେକ ସଂଗୃହୀତ ଦ୍ରବ୍ୟକୁ ସ୍ତ୍ରୀ ଲୋକମାନେ ସିଧାସଳଖ ମୁଣ୍ଡାଇ ଆଣନ୍ତି, ପୁରୁଷ ଲୋକମାନେ କାନ୍ଧରେ ଭାର ବୋହି ନେଇ ଆଣିଥାଆନ୍ତି ।

## ସଂଗ୍ରହ କାଳ :

ବର୍ଷଯାକ ଯେଉଁ ସମୟରେ ଯାହା ଦ୍ରବ୍ୟ ଉପଲବ୍ଧ ତଥା ସଂଗ୍ରହ କରିବାରେ ସହଜ ସେହି ଅନୁସାରେ ସେମାନେ ସଂଗ୍ରହ କରିଥାଆନ୍ତି । ଶାଗ, ଛତୁ, ଗଛର ଡାଳପତ୍ର ପାଇଁ ଆଷାଢ ଓ ଶ୍ରାବଣ ମାସ ଉପଯୁକ୍ତ କାରଣ ଏହା ଛତୁ ଋତୁ ଏବଂ ଗଛ ଗୁଡିକ ଡାଳପତ୍ରରେ ଭରି ଯାଇଥାଆନ୍ତି । ଆମ୍ବ, ପଣସ, ଜାମକୋଳି, ଖଜୁରୀ କୋଳି ଇତ୍ୟାଦି ଜ୍ୟେଷ୍ଠ ମାସରେ ଉପଲବ୍ଧ ହୁଏ । ମାଙ୍କଡ ଶୀକାର ଆଶ୍ୱିନ ମାସଠାରୁ ଚୈତ୍ର/ବୈଶାଖ ମାସ ଯାଏ ପ୍ରକୃଷ୍ଟ ସମୟ । ମହୁ, ଝୁଣା ପାଇଁ ଫାଲ୍ଗୁନ ମାସ ଉପଯୁକ୍ତ । କାରଣ ଏହି ମାସରେ ମହୁମାଛି ଅନ୍ୟବରୁ ଅଧିକ ବସା (ଫେଂଣା) ବାନ୍ଧି ମହୁ ସଂରକ୍ଷିତ ରଖନ୍ତି । ଔଷଧୀୟ ଦ୍ରବ୍ୟ ସଂଗ୍ରହ କରିବାକୁ କୌଣସି ନିର୍ଦ୍ଦିଷ୍ଟ ସମୟ ନଥାଏ । ଆବଶ୍ୟକତା ଅନୁଯାୟୀ ବର୍ଷର ଯେ କୌଣସି ସମୟରେ ଏହା ସଂଗୃହୀତ ହୋଇଥାଏ । ଶିଆଳି ଛେଲି ସଂଗ୍ରହ ସମୟ ବର୍ଷା ଋତୁର ଠିକ୍ ପରେ ପରେ ଆରମ୍ଭ ହୁଏ । ଆଶ୍ୱିନ ମାସଠାରୁ ଚୈତ୍ର/ବୈଶାଖ ମାସ ପର୍ଯ୍ୟନ୍ତ ଏହା ଚାଲୁ ରହେ । ଏହି ସମୟ ମଧ୍ୟରେ

ପ୍ରତ୍ୟେକ ମାଙ୍କିଡିଆ ପରିବାରର କେହି ନା କେହି ଜଙ୍ଗଲକୁ ଯାଇ ଶିଆଡି ଛେଲି ସଂଗ୍ରହ କରି ଆଣନ୍ତି ।

ତେବେ ପ୍ରାୟତଃ ଶାଗ, ଛତୁ, ଗଛର ଡାଳପତ୍ର ବ୍ୟତୀତ ଅନ୍ୟ କୌଣସି ଦ୍ରବ୍ୟ ବର୍ଷାଋତୁରେ ସଂଗ୍ରହ କରିବା ସୁବିଧା ଜନକ ହୁଏ ନାହିଁ କିମ୍ବା ମାଙ୍କିଡିଆ ମାନେ ପାଣିପାଗ ଯୋଗୁଁ ଜଙ୍ଗଲ ଯିବାକୁ ଇଚ୍ଛା କରନ୍ତି ନାହିଁ ।

**ସଂଗ୍ରହ ପଦ୍ଧତି:**

ମାଙ୍କିଡିଆ ମାନଙ୍କ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ମଧ୍ୟରୁ ଶିଆଡି ଛେଲି ସର୍ବ ପ୍ରଧାନ । ଏହା ସଂଗ୍ରହରେ ସେମାନେ କୁରାଢୀ (ଟାଙ୍ଗା)କୁ ମୁଖ୍ୟ ଅସ୍ତ୍ର ରୂପେ ବ୍ୟବହାର କରିଥାଆନ୍ତି । ଶିଆଡି ଲତାକୁ ପ୍ରଥମେ କୁରାଢୀ ଦ୍ୱାରା କାଟି ଆଣନ୍ତି ଓ ସେଥିରୁ କେବଳ ଛେଲି ବାହାର କରି ଅବଶିଷ୍ଟାଂଶ ଫିଙ୍ଗି ଦିଅନ୍ତି । ଏହି ଲମ୍ବ ଲମ୍ବ ଛେଲି ସବୁ ଠେଙ୍ଗା ସାହାଯ୍ୟରେ କାନ୍ଧେଇ ଘରକୁ ଫେରନ୍ତି ।

ଔଷଧୀୟ ଚେର ଶାବଳ ଓ କୁରାଢୀ ଦ୍ୱାରା ସଂଗୃହୀତ ହୁଏ । ଶାବଳରେ ନିର୍ଦ୍ଦିଷ୍ଟ ଗଛର ମୂଳକୁ କିଛି ଅଂଶ ଖୋଳି କୁରାଢୀ ସାହାଯ୍ୟରେ ଚେର ହାଣି ବାହାର କରନ୍ତି । ଏହି ଚେର କଞ୍ଚା ବା ଶୁଖାଇ ରଖି ବିଭିନ୍ନ ଔଷଧୀୟ ଉପଚାରରେ ବ୍ୟବହାର କରିଥାଆନ୍ତି । ଶାଗ, ପତ୍ର, ଛତୁ ଇତ୍ୟାଦି ବୁଲି ବୁଲି ସଂଗ୍ରହ କରାଯାଏ । ପତ୍ର, ଶାଗ ହାତରେ ଛିଣ୍ଡାଇ ବା ଛତୁ ଖୁଣ୍ଟି ଆଣି ଶିଆଡି ଓ ଶାଳ ପତ୍ର ଠୁଲାରେ ରଖି ଘରକୁ ଆଣନ୍ତି ।

ଫଳ ସଂଗ୍ରହର କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନଥାଏ, ବା କେବଳ ଫଳ ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଆନ୍ତି ନାହିଁ । ଶିକାର କିମ୍ବା ଅନ୍ୟାନ୍ୟ ଦ୍ରବ୍ୟ ସଂଗ୍ରହ ପାଇଁ ଯାଇଥିଲେ ଯେଉଁ ଫଳ ଯେବେ ଦୃଷ୍ଟି ଗୋଚର ହୁଏ ସେ ସବୁକୁ ସେହି ପାଛିଆରେ ପକାଇ ନେଇ ଆସନ୍ତି । ଝୁଣା ସଂଗ୍ରହ ପାଇଁ ସେମାନଙ୍କୁ ବିଶେଷ ଶ୍ରମ କରିବାକୁ ପଡି ନଥାଏ । ଶାଳଗଛର ଗଣ୍ଡିରେ ଏହା ଅଠା ଭଳି ଲାଖି ରହିଥାଏ । କୁରାଢୀ ସାହାଯ୍ୟରେ ଚାଞ୍ଛି ଘରକୁ ଆଣି ଥାଆନ୍ତି ।

ମହୁ ସଂଗ୍ରହ ପାଇଁ ମହୁଫେଣା ଥିବା ଗଛତଳେ ନିଆଁ ଜାଳିବାକୁ ହୁଏ । ଫଳରେ ବାହାରୁଥିବା ଧୂଆଁ ଯୋଗୁଁ ମହୁମାଛି ମାନେ ବସା ଛାଡି ଦୂର ସ୍ଥାନକୁ ଉଡି ଯାଆନ୍ତି । ସେହି ସମୟରେ ମାଙ୍କିଡିଆ ଗଛକୁ ଚଢି ମହୁଫେଣା ଘରକୁ ନେଇ ଆସନ୍ତି ଓ ଘରେ ତାହାକୁ ଚିପୁଡି ମହୁ ବାହାର କରିଥାଆନ୍ତି ।

ବର୍ଷ ସାରା ଜାଳେଣି କାଠ ସଂଗୃହୀତ ହୁଏ । ଏହା ନିତିଦିନିଆ ଚଳଣିରେ ଅତ୍ୟାବଶ୍ୟକ ତଥା ସଂଗ୍ରହରେ ଝିନ୍‌ଝଟ ନଥାଏ । ମାଙ୍କିଡିଆ ପୁରୁଷ, ସ୍ତ୍ରୀ ଏପରିକି ପିଲାଛୁଆ ମଧ୍ୟ ଶୁଖିଲା ଡାଳ, ପତ୍ର,ଝାଟି ଗୋଟାଇ ଆଣନ୍ତି । ପୁରୁଷ ଲୋକମାନେ ଗଛର ଶୁଖିଲା ଗଣ୍ଡିକୁ କୁରାଢୀରେ ହାଣି ଖଣ୍ଡ ଖଣ୍ଡ (ରୁଳା) କରି କାନ୍ଧ ବା ଭାରରେ ଘରକୁ ଆଣିଥାଆନ୍ତି । ତେବେ ବର୍ଷାଦିନେ ଏହା ସୁବିଧା ଜନକ ହୋଇ ନଥାଏ ।

ଏମାନେ ଘର ବାହାର ସଫାସୁତୁରା କରିବାକୁ ଯେଉଁ ଝାଡୁ ବ୍ୟବହାର କରନ୍ତି, ତାହା ଖଜୁରୀ ବାହୁଙ୍ଗାରୁ ପ୍ରସ୍ତୁତ ହୁଏ । ଖଜୁରୀ ବାହୁଙ୍ଗା ସଂଗ୍ରହ କରିଆଣି ଖରାରେ ଶୁଖାଇ ଦିଅନ୍ତି । ଭଲ ଭାବରେ ଶୁଖିଗଲେ ସଜାଡି ଗୋଛା କରି ଦଉଡିରେ ବାନ୍ଧି ଝାଡୁ ପ୍ରସ୍ତୁତ କରନ୍ତି ।

ଶାଳମଞ୍ଜି ସାଧାରଣତଃ ଫାଲ୍‌ଗୁନ/ଚୈତ୍ର ମାସରେ ଶାଳଗଛରୁ ଫୁଲ ସହିତ ତଳେ ଝଡିଥାଏ । ମାଙ୍କିଡିଆ ମାନେ ଏହାକୁ ଗୋଟାଇ ପାଛିଆ ବା ମୁଣିରେ ଘରକୁ ଆଣି ପାଖୁଡା ଛିଡାଇ ମଂଜି ସଂଗ୍ରହ କରନ୍ତି । ଜ୍ୟେଷ୍ଠ/ଆଷାଢ ମାସରେ ପାଚିଲା ମହୁଲ ଫଳ ତଳେ ପଡେ । ଏମାନେ ତାକୁ ଗୋଟାଇ ଫଳ ଭିତରୁ ମଂଜି ବାହାର କରିଥାଆନ୍ତି । ଶାଳମଂଜି, ମହୁଲମଂଜି ଶୁଖାଇ ତେଲୁଣୀକୁ ଦେଲେ ସେ ପ୍ରତିବଦଳରେ ତେଲ ଦେଇଥାଏ ।

ଝଡରେ ଏଣେତେଣେ ପଡିଥିଲେ ଟସର ଖୋସା ଗୋଟାଇ ଆଣି ଏହାର ସୂତାରେ ଧନୁତୀରର ପଚ୍ଛପଟ ମୟୂର ପର ବାନ୍ଧନ୍ତି ।

**ସଂଗ୍ରହ କାରୀ :** ମାଙ୍କିଡିଆ ସଂପ୍ରଦାୟରେ ଉଭୟ ପୁରୁଷ ଓ ମହିଳାଙ୍କ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାର ଅଧିକାର ରହିଛି । ଯିଏ ଯେଉଁ ଦ୍ରବ୍ୟ ଆଣିବାକୁ ଯାଆନ୍ତି କିମ୍ବା ଖୋଜି ପାଆନ୍ତି, ସେଥିରେ କେହି ହସ୍ତକ୍ଷେପ କରନ୍ତି ନାହିଁ । ସଂଗ୍ରହ କରିବା କ୍ଷେତ୍ରରେ ସମସ୍ତଙ୍କ ପୂର୍ଣ୍ଣ ସ୍ୱାଧୀନତା ଥାଏ । ମାତ୍ର ମାଙ୍କଡ ଶିକାର ସାମୂହିକ ଭାବରେ ହେଉଥିବାରୁ, ଏଥିରେ ଯେଉଁମାନେ ଅଂଶ ଗ୍ରହଣ କରିଥାଆନ୍ତି ସମସ୍ତେ ମାଙ୍କଡମାଂସ ଭାଗ କରି ନିଅନ୍ତି ।

ସଂଗ୍ରହ କରିବା ପାଇଁ କେତେକ ସରଞ୍ଜାମ ଆବଶ୍ୟକ ହୋଇଥାଏ । ସେଗୁଡିକ ହେଲା ଦଉଡି, କୁରାଢୀ, ପାଛିଆ, ଠେଙ୍ଗା, ଶାବଳ, କଟୁରି, ଭାର ଓ ମୁଣି ଇତ୍ୟାଦି । କେବଳ ମାଙ୍କଡ ଶୀକାର କରିବାକୁ ଗଲେ ମାଙ୍କଡ ଧରା ଜାଲ ନେଇଥାଆନ୍ତି କିମ୍ବା ଅନ୍ୟାନ୍ୟ ପଶୁ ପକ୍ଷୀ ଶୀକାର ପାଇଁ ଧନୁତୀର ଦରକାର ହୁଏ ।

## ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ:

ବିଭିନ୍ନ ପ୍ରକାର ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଦ୍ୱାରା ମାଙ୍କିଡିଆ ମାନଙ୍କର ଗୁଜୁରାଣ ମେଣ୍ଟିଥାଏ । କାରଣ ଏମାନଙ୍କର ଅନ୍ୟ କୌଣସି ଆୟର ପନ୍ଥା ନାହିଁ । ଜଙ୍ଗଲରେ ଶିଆଡି ଲତା କାଟି ସେଥିରୁ କେବଳ ଛେଲି ସଂଗ୍ରହ କରାଯାଏ । ସେଗୁଡିକ ଘରକୁ ଆଣି ଖରାରେ ଭଲଭାବେ ଶୁଖାଇ ଦିଅନ୍ତି । ଶୁଖିଯିବା ପରେ ତାକୁ ହାତରେ ବଳନ୍ତି ଓ ବିଭିନ୍ନ ପ୍ରକାର ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ପ୍ରସ୍ତୁତ କରିଥାଆନ୍ତି । ସେଗୁଡିକ ହେଲା - ଗୋରୁ ବନ୍ଧା ପଘା, ପାଣି କଢା ଦଉଡି, ଶିକା, ଡାହୁଣୀ, ଟୁପା ଇତ୍ୟାଦି ।

ସଂଗୃହୀତ ଶାଳପତ୍ର ଓ ଶିଆଡି ପତ୍ରକୁ ସେମାନେ ଖଲି ଓ ଦେନା ପ୍ରସ୍ତୁତିରେ ବ୍ୟବହାର କରନ୍ତି । ଜଙ୍ଗଲରୁ ପତ୍ର ଆଣି ୨/୩ ଦିନ ଟାଣ ଖରାରେ ଶୁଖାଯାଏ । ତାପରେ ପତ୍ରକୁ ପତ୍ର ଚୁନ୍ଦି ବାଉଁଶ କାଠି ସାହାଯ୍ୟରେ ସିଲେଇ କରନ୍ତି । ୧୦୦ଟି ଲେଖାଏଁ ଖଲି ଓ ଦୋନା ଗୋଟିଏ ବିଡା ହୁଏ ବିକ୍ରି କରିବା ପାଇଁ ।

ମହୁଫେଂଣାରୁ ସିଧାସଳଖ ମହୁ ସଂଗୃହୀତ ହୁଏ । ଘରକୁ ମହୁଫେଂଣା ନେଇଆସନ୍ତି ଓ ତାକୁ ଚିପୁଡି ମହୁ ବାହାର କରିଥାଆନ୍ତି । ଔଷଧୀୟ ପତ୍ର, ଫୁଲ, ଫଳ, ମଂଜି, ଚେର, ଛେଲି, ଲତା ଇତ୍ୟାଦିକୁ ଘରକୁ ଆଣି ବିଭିନ୍ନ ଅନୁପାନରେ ବା ଉପାୟରେ ଖାଆନ୍ତି । ଚୋବାଇ, ଘଟି, ଚେଷି, ଗିଳି ବା ପିଇ ଥାଆନ୍ତି । ଆବଶ୍ୟକ ଅନୁଯାୟୀ ଦୁଇଟି ଔଷଧୀୟ ଦ୍ରବ୍ୟର ମିଶ୍ରଣ କିମ୍ବା ମହୁ ଜଳ ଓ ଚିନି ସହିତ ମିଶ୍ରଣ ହୋଇଥାଏ । କେଉଁଟି କଞ୍ଚା ଖାଆନ୍ତି ତ କେଉଁଟି ଶୁଖାଇ ସଂରକ୍ଷିତ ରଖାଯାଏ । କିଛି ଜଙ୍ଗଲଜାତ ଔଷଧୀୟ ଦ୍ରବ୍ୟର ରସ କିମ୍ବା ପ୍ରସ୍ତୁତ ମଲମ ମଧ୍ୟ ବ୍ୟବହାର କରିଥାଆନ୍ତି ।

ଜଙ୍ଗଲରୁ ଶୀକାର କରୁଥିବା ମାଙ୍କଡ ବା ଅନ୍ୟ ବନ୍ୟଜନ୍ତୁଙ୍କ ମାଂସ ସଂଗେ ସଂଗେ ଖାଆନ୍ତି କିମ୍ବା ତାକୁ ଖରାରେ ଶୁଖାଇ ୨/୩ ମାସ ପର୍ଯ୍ୟନ୍ତ ସାଇତି ରଖି ଖାଇଥାଆନ୍ତି । ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟରୁ ମୁଖ୍ୟତଃ ଶିଆଡି ଛେଲି ହିଁ ମାଙ୍କିଡିଆମାନଙ୍କ ପ୍ରଧାନ ସଂଗୃହୀତ ପଦାର୍ଥ ।

## ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ସଂପୃକ୍ତ ପୂଜାପାଠ :

ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ପାଇଁ ଯିବା ସମୟରେ ସବୁବେଳେ ସେମାନେ ପୂଜା କରନ୍ତି ନାହିଁ । ଆଷାଢ ମାସରେ ଆଶାଢିଆ ପୂଜା ହୁଏ । ଏଥିରେ ଜଙ୍ଗଲ ଠାକୁରାଣୀଙ୍କୁ ସନ୍ତୁଷ୍ଟ କରି ନିରାପଦରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ପାଇଁ

ପୂଜା ଅର୍ଚ୍ଚନା ହୁଏ । ଏତଦ୍ ବ୍ୟତୀତ ବନ୍ୟଜନ୍ତୁଙ୍କ ଦାଉରୁ ନିଜକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ କେତେକ ସମୟରେ ଗ୍ରାମଦେବତା/ଦେବତୀଙ୍କ ଠାରେ ପୂଜା ହୁଏ କିମ୍ବା ଜଙ୍ଗଲ ଦେବତୀଙ୍କ ଉଦ୍ଦେଶ୍ୟରେ ନିକଟବର୍ତ୍ତୀ ପାହାଡରେ ମାଙ୍କିଡିଆମାନେ ପୂଜା କରିଥାଆନ୍ତି ।

## ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଜନିତ ନିଷେଧାଜ୍ଞା:

ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କ୍ଷେତ୍ରରେ ମାଙ୍କିଡିଆ ସମାଜରେ କୌଣସି ନିଷେଧ ନାହିଁ । କେବଳ ଆଷାଢିଆ ପୂଜା ପୂର୍ବରୁ କେହି ଜୀବଜନ୍ତୁ ଶୀକାର କରିପାରନ୍ତି ନାହିଁ । ଅବଶ୍ୟ ସରକାରୀ ନିୟନ୍ତ୍ରଣ ଯୋଗୁଁ ଏବେ ପଶୁଶିକାର ହ୍ରାସ ପାଇଛି ।

## ଜଙ୍ଗଲଜାତ ଦ୍ରବ୍ୟର ବ୍ୟବହାର:

ମାଙ୍କିଡିଆମାନେ ଜଙ୍ଗଲଜାତ ଦ୍ରବ୍ୟକୁ ଖାଦ୍ୟ, ପାନୀୟ, ଔଷଧ ଏବଂ ବିଭିନ୍ନ ପ୍ରକାର ଗୃହୋପକରଣରେ ବ୍ୟବହାର କରିଥାଆନ୍ତି ।

**ଖାଦ୍ୟ :** ବିଭିନ୍ନ ପ୍ରକାର ଛତୁ, ଶାଗ, ଫଳ, ମହୁ, ପାଳୁଅ ଏବଂ ମାଂସକୁ ସେମାନେ ଖାଦ୍ୟ ହିସାବରେ ବ୍ୟବହାର କରିଥାଆନ୍ତି ।

**ଔଷଧ ହିସାବରେ :** ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷର ପତ୍ର, ଫୁଲ, ଫଳ, ମଞ୍ଜି, କାଣ୍ଡ, ଚେର,ଲତା, ଛେଲି ଇତ୍ୟାଦି ଭିନ୍ନ ଭିନ୍ନ ପ୍ରକ୍ରିୟାରେ ରୋଗବ୍ୟାଧି ନିବାରଣ ନିମନ୍ତେ ବ୍ୟବହୃତ ହୋଇଥାଏ ।

**ଗୋ-ଖାଦ୍ୟ :** ମାଙ୍କିଡିଆମାନଙ୍କ ଗୋ-ସଂପଦ ନଥାଏ, ତେଣୁ ଜଙ୍ଗଲରୁ ଗୋଖାଦ୍ୟ ସଂଗ୍ରହର ଆବଶ୍ୟକତା ଉପଲବ୍ଧି ହୁଏ ନାହିଁ କିମ୍ବା ଗୋ ଖାଦ୍ୟ ସଂଗ୍ରହ କରି ବିପଣନ କରନ୍ତି ନାହିଁ ।

**ଘରେ ବ୍ୟବହୃତ ଉପକରଣ :** ଖଲି, ଦୋନା, ବର୍ଷାତି, ଆସବାବପତ୍ର, ଦଉଡି ଇତ୍ୟାଦି ସେମାନଙ୍କ ମୁଖ୍ୟ ଗୃହୋପକରଣ । ସେମାନେ ଶାଳ ଓ ଶିଆଡି ଛେଲିରୁ ଦଉଡି, ଶିକା, ଟୁପା, ଖଜୁରୀ ପତ୍ରରୁ ପଟିଆ ପ୍ରସ୍ତୁତ କରି ବ୍ୟବହାର କରିଥାଆନ୍ତି ।

## କୃଷି ଉପକରଣ :

ମାଙ୍କିଡିଆ ମାନଙ୍କ ନିଜସ୍ୱ ଚାଷଜମି ନଥିବାରୁ, ସେମାନେ ଚାଷ ଉପକରଣ ପାଇଁ କୌଣସି ଦ୍ରବ୍ୟ ଜଙ୍ଗଲରୁ ଆଣନ୍ତି ନାହିଁ । ଅବଶ୍ୟ ଶିଆଳି ଛେଲି ବ୍ୟତୀତ

ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସବୁ ସମୟେ ସମୟେ ତଥା ପ୍ରଯୋଜନମତେ ଆଣିଥାଆନ୍ତି । ସେ ସବୁ ଖାଆନ୍ତି, ବିକ୍ରି କରନ୍ତି ବା ବଳକା ରହିଲେ ଅଳ୍ପ କିଛି କିଛି କମ୍ ଦିନ ପାଇଁ ସାଇତିଥାଆନ୍ତି । ସେ ମଧ୍ୟରେ ଥାଏ ମହୁ, ଝୁଣା, ଶିଆଡି ଛେଲିରୁ ପ୍ରସ୍ତୁତ ବ୍ୟବହାର୍ଯ୍ୟ ଦ୍ରବ୍ୟ, ମହୁଲ ଓ ଶାଳପତ୍ର ଏବଂ ଔଷଧୀୟ ଚେରମୂଳି ଇତ୍ୟାଦି । କେବଳ ଜଙ୍ଗଲରୁ ସଂଗୃହୀତ ମାଂସକୁ ଶୁଖାଇ ୨/୩ ମାସ ପର୍ଯ୍ୟନ୍ତ ସଂରକ୍ଷଣ କରନ୍ତି ।

## ସଂରକ୍ଷଣରେ ବ୍ୟବହୃତ ଜ୍ଞାନ, କୌଶଳ ଓ ଦକ୍ଷତା:

ସଂରକ୍ଷଣରେ ମାଙ୍କିଡିଆ ମାନଙ୍କର ସେପରି କୌଣସି ଜ୍ଞାନ କୌଶଳ ବା ଦକ୍ଷତା ଥିବା ଜଣାଯାଏ ନାହିଁ । କେବଳ ସୂର୍ଯ୍ୟକିରଣ ତାଙ୍କର ମୁଖ୍ୟ ଅବଲମ୍ବନ । ଝୁଣା, ପାଳୁଅ, ଶିଆଡି ଛେଲି ଔଷଧିୟ ଚେର କିମ୍ବା ମାଂସ, ଯେ କୌଣସି ଦ୍ରବ୍ୟକୁ ଖରାରେ ଭଲ ଭାବରେ ଶୁଖାଇ ରଖନ୍ତି । ମହୁ ଓ ପଂକ ଶୀତଳ ଛାଇ ସ୍ଥାନରେ ରହେ । ଓଦା ବାଲିଥିବା ମାଟିହାଣ୍ଡିରେ କଞ୍ଚା ମାଂସ ଭର୍ତ୍ତି କରି ଶୀତଳ ସ୍ଥାନରେ ରଖିଲେ ଅନ୍ତତଃ ୩୦/୩୫ ଘଣ୍ଟା ପର୍ଯ୍ୟନ୍ତ ସତେଜ ରହେ ବୋଲି ସେମାନଙ୍କ ଧାରଣା ।

## ସଂରକ୍ଷଣରେ ବ୍ୟବହୃତ ଉପକରଣ ଓ ସରଂଜାମ:

ମହୁ ରଖିବାକୁ କାଚ ବୋତଲ, ଝୁଣା, ପାଳୁଅ, ମହୁଲ ପତ୍ର, ଶାଳ ପତ୍ର, ଔଷଧୀୟ ଚେରମୂଳି ଇତ୍ୟାଦି ସଂରକ୍ଷଣ ପାଇଁ ମୁଣି, ପଲିଥିନ୍ ବା ଟିଣଡବା ପ୍ରଭୃତି ବ୍ୟବହାର କରନ୍ତି । ଶିଆଡି ଛେଲି କିମ୍ବା ଶିଆଡି ଛେଲିରୁ ପ୍ରସ୍ତୁତ ଦ୍ରବ୍ୟକୁ ସେମିତି ଘୋଡାଇ ଦେଇ ଘର ଭିତରେ ଟଙ୍ଗାନ୍ତି ବା ଭାଡି ଉପରେ ରଖନ୍ତି । ହାଣ୍ଡିଆ ପାଇଁ ଆବଶ୍ୟକ ବାଖର୍ ଗୋଲି ମଧ୍ୟ ମାଟି ହାଣ୍ଡି ଓ ବ୍ୟାଗ୍‌ରେ ରହେ ।

## ଜଙ୍ଗଲଜାତ ଦ୍ରବ୍ୟର ବିପଣନ:

ମାଙ୍କିଡିଆମାନଙ୍କ ମୁଖ୍ୟ ବିପଣନ ସାମଗ୍ରୀ ହେଲା ଶିଆଡି ଛେଲିରୁ ପ୍ରସ୍ତୁତ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ । ଏହା ଦ୍ୱାରା ସେମାନେ ଜୀବିକା ନିର୍ବାହ କରିଥାଆନ୍ତି ।

ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟରେ ଶିଆଡି ଛେଲିରୁ ପ୍ରସ୍ତୁତ ବ୍ୟବହାର୍ଯ୍ୟ ସାମଗ୍ରୀ, ଯଥା-ଶିକା, ପଘା, ଦଉଡି,ଡାହୁଣୀ, ଟୁପା ଇତ୍ୟାଦି ବିପଣନ କରାଯାଏ । କେବେ କେବେ ଅଳ୍ପ ପରିମାଣର ମହୁ, ଝୁଣା, ଜାଳେଣି କାଠ, ଖଲି, ଦୋନା, ଶାଳପତ୍ର, ମହୁଲ ପତ୍ର ପ୍ରଭୃତି ବିକ୍ରି କରିଥାଆନ୍ତି ।

ସମସ୍ତ ଜଙ୍ଗଲଜାତ ଦ୍ରବ୍ୟ ବିପଣନ ପାଇଁ ମାଙ୍କିଡିଆ ପାଖ ପଡୋଶୀ ଗ୍ରାମ ତଥା ନିକଟବର୍ତ୍ତୀ ହାଟ ଗୁଡିକ ଉପରେ ନିର୍ଭର କରନ୍ତି । ଶିଆଡିଚ୍ଛେଲିରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ, ଝୁଣା, ମହୁ, ଜାଳେଣି କାଠ ପ୍ରଭୃତି ମାଙ୍କିଡିଆ ସ୍ତ୍ରୀ ଏବଂ ପୁରୁଷ ଗ୍ରାମ ଗୁଡିକରେ ଘରେ ଘରେ ବୁଲି ବିକ୍ରି କରୁଥିବା ଦେଖାଯାଏ । କେହି କେହି ତାଙ୍କୁ ଛୋଟ ଛୋଟ ଦ୍ରବ୍ୟ ବଦଳରେ ପୁରୁଣା ଜାମା କୁର୍ତ୍ତା ସହ ଖାଇବାକୁ ଦେଇଥାନ୍ତି । ଶିଆଡି ଦ୍ରବ୍ୟ, ଜାଳେଣି କାଠ ଇତ୍ୟାଦିକୁ କାନ୍ଧରେ କିମ୍ବା ମୁଣ୍ଡରେ ବୋହି ନେଇ ଯାଆନ୍ତି କିମ୍ବା ଭାରରେ ମଧ୍ୟ ନିଅନ୍ତି । ହାଟକୁ କେବଳ ଶିଆଡି ଦ୍ରବ୍ୟ ନେଇ ଥାଆନ୍ତି ଓ ସେଠାରେ ଭୂଇଁରେ ରଖି ବସି ବିକ୍ରି କରନ୍ତି । ଦୂରଦୂରାନ୍ତରୁ ଆସିଥିବା ଗ୍ରାହକ ମାନେ ଆବଶ୍ୟକୀୟ ଉପକରଣ ସହଜରେ ହାଟରୁ ପାଆନ୍ତି ।

ଶାଳ ପଁଲ, ଖଲି, ଦୋନା କିନ୍ତୁ ସ୍ଥାନୀୟ ବେପାରୀଙ୍କୁ ଦେଇ ଟଙ୍କା ଆଣିଥାଆନ୍ତି । ବେଳେ ବେଳେ ଖଲି, ଦୋନା ପାଖ ପଡୋଶୀ ଗ୍ରାମର କୌଣସି ଉତ୍ସବ କିମ୍ବା ବିବାହ ଭୋଜି ପାଇଁ ଯୋଗଇ ଦେଇ ଉପଯୁକ୍ତ ମୂଲ୍ୟ ଆଣନ୍ତି । ମହୁଲ ପଁଲକୁ କୌଣସି ପାଖ ଦୋକାନୀକୁ ଦେଇ ତାହା ପ୍ରତିବଦଳରେ ସେଠାରୁ ଆବଶ୍ୟକ ଜିନିଷ ମଧ୍ୟ ନେଇ ଥାଆନ୍ତି ।

ସାଧାରଣତଃ ଗ୍ରାମ ମାନଙ୍କରେ ବିପଣନ କଲେ ବଦଳରେ ଚାଉଳ, ଧାନ, ମୁଢି, ଚୂଡା, ଶାଗ ଓ କେବେ କେବେ ପୁରୁଣା ଲୁଗାପଟା ମଧ୍ୟ ଆଣି ଥାଆନ୍ତି । କିନ୍ତୁ ହାଟ ବଜାରରେ ବିକ୍ରି କଲେ ଟଙ୍କାପଇସା କିମ୍ବା ମହୁଲପଁଲ ପ୍ରତିବଦଳରେ ଅନ୍ୟାନ୍ୟ ଆଣନ୍ତି ।

## ଶକାର :

ସମୟ ସମୟରେ ମାଙ୍କିଡିଆ ଖାଦ୍ୟ ପାଇଁ ଶିକାର କରିଥାଆନ୍ତି । ଏକ ଯାଯାବର ଗୋଷ୍ଠୀ ଭାବରେ ମାଙ୍କିଡିଆ ପୂର୍ବରୁ କେବଳ ଶିକାର କରି ଖାଦ୍ୟ ସଂଗ୍ରହ କରୁଥିଲେ । ବିଶେଷ କରି ମାଙ୍କଡ ଶିକାରରେ ପ୍ରବୀଣ ବୋଲି ଏମାନଙ୍କୁ ଅନ୍ୟ ସଂପ୍ରଦାୟ ଲୋକେ ମାଙ୍କିଡିଆ ନାମରେ ଅବିହିତ କରିଥାଆନ୍ତି । ମାଙ୍କିଡିଆ ଖୁବ୍ ମାଙ୍କଡ ମାଂସ ପ୍ରିୟ । ତେବେ ସମୟ ବଦଳିବା ସହିତ ମାଙ୍କିଡିଆଙ୍କର ସ୍ଥାୟୀ ବସବାସ ଏବଂ ଶିକାର ପାଇଁ ସରକାରୀ କଟକଣା ଯୋଗୁଁ ଏମାନଙ୍କ ଶିକାର ପ୍ରବଣତା କମିଛି ।

**ଶିକାରରେ ବ୍ୟବହୃତ ସରଂଜାମ :** ଶିକାର ପାଇଁ ମାଙ୍କିଡିଆ ଜାଲ/ଫାଂଶ (ଝାଲି), ଠେଙ୍ଗା, କୁରାଢ଼ୀ, କାଣ୍ଡ ଶର/ଧନୁତୀର (ଆସାର୍), ବାଲା (ବାଲମ୍) ଇତ୍ୟାଦି ବ୍ୟବହାର କରନ୍ତି ।

**ଶିକାର ସମୟ :**

ଆଷାଢ଼ ମାସରେ ଜଙ୍ଗଲ ଠାକୁରାଣୀଙ୍କ ପୂଜା ପରେ ଶିକାର କରିବା ମାଙ୍କିଡିଆ ସଂପ୍ରଦାୟ ନିୟମ । ଏହା ଚୈତ୍ର ମାସ ପର୍ଯ୍ୟନ୍ତ ବଳବତ୍ତର ରହେ । ଏହି ମାସ ମାନଙ୍କରେ ଯେଉଁ ଋତୁ ହୋଇଥାଉ ନା କାହିଁକି ଶୀକାର କରିବାରେ କୌଣସି ପ୍ରତିବନ୍ଧକ ନଥାଏ । ଏବେ କିନ୍ତୁ ସରକାରୀ କଟକଣା ଏମାନଙ୍କର ଶୀକାର କରିବାରେ ବାଧକ ହୋଇଛି ।

**ବ୍ୟକ୍ତିଗତ ଶିକାର ଅଭିଯାନ :** ସାଧାରଣତଃ ପକ୍ଷୀ ଶୀକାର ସେମାନେ ବ୍ୟକ୍ତିଗତ ଭାବ କରିଥାଆନ୍ତି । କାରଣ ପକ୍ଷୀ ଶୀକାର କଷ୍ଟ ସାଧ୍ୟ ନୁହେଁ । କିନ୍ତୁ ପଶୁ ଶୀକାର ବ୍ୟକ୍ତିଗତ ଭାବରେ ହୋଇ ପାରି ନଥାଏ । ପକ୍ଷୀ ଶୀକାରରେ ମୁଖ୍ୟତଃ କାଣ୍ଡସର ବ୍ୟବହୃତ ହୁଏ ।

**ଗୋଷ୍ଠୀ/ସମୂହ ଶିକାର ଅଭିଯାନ :** ପଶୁ ଶୀକାର ପାଇଁ ସମୂହ ଅଭିଯାନର ଆବଶ୍ୟକତା ଥାଏ । ପୂର୍ବ ଯୋଜନା ଅନୁଯାୟୀ ଏମାନେ ପଶୁ ଶୀକାର କରିବାକୁ ଯାଆନ୍ତି । ବିଶେଷ କରି ସେମାନଙ୍କର ପ୍ରିୟ ମାଙ୍କଡ ଶୀକାର ଗୋଷ୍ଠୀଗତ ଭାବେ ହୁଏ । ଜଙ୍ଗଲରେ ଗଛରେ ଗଛରେ ଜାଲ ବାନ୍ଧି ମାଙ୍କଡ ଘଉଡାନ୍ତି । ମାଙ୍କଡ ଦୌଡାଦୌଡି କରି ଜାଲରେ ପଡେ । ଏତଦ୍ ବ୍ୟତୀତ ଗୋଧିକା, ସମ୍ବର, କୁଟାରୀ ଇତ୍ୟାଦି ଶୀକାର ପାଇଁ ଚତୁରତା ଅବଲମ୍ବନ କରାଯାଇଥାଏ ।

**ଶୀକାର ମାଂସ ଭାଗ:** ପଶୁ ଶିକାର କରି ଘରକୁ ଆଣି ମାଂସକୁ କାଟି ସଫାସୁତୁରା କରାଯାଏ । ଶିକାରରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ସମପରିମାଣରେ ବଣ୍ଟା ହୁଏ ।

**ଶୀକାରର ବିଭିନ୍ନ ବ୍ୟବହାର:**

**ଖାଦ୍ୟ:** ଶିକାରର ପ୍ରଥମ ତଥା ପ୍ରଧାନ ଉଦ୍ଦେଶ୍ୟ ହେଉଛି ଏହାକୁ ଖାଦ୍ୟ ହିସାବରେ ଗ୍ରହଣ କରିବା । ଶିକାର ମାଂସକୁ ତେଲ ମସଲା ଦେଇ ରାନ୍ଧିଲେ ମାଙ୍କିଡିଆଙ୍କୁ ଅଧିକ ସ୍ୱାଦ ଲାଗେ । ମାଂସ ଭିତରେ ସବୁଠାରୁ ବେଶୀ ପସନ୍ଦ ମାଙ୍କଡ ମାଂସ ।

**ଔଷଧ:** ଔଷଧ ପ୍ରସ୍ତୁତିରେ ଶୀକାର ଲବ୍ଧ ମାଂସ ବ୍ୟବହୃତ ହେଉ ନଥିଲେ ହେଁ ଅନେ ସମୟରେ ଏହି ପଶୁପକ୍ଷୀଙ୍କ ମାଂସ ସେମାନଙ୍କ ପାଇଁ ଔଷଧ ତୁଲ୍ୟ କାମଦିଏ । ମାଙ୍କଡମାଂସ ଭକ୍ଷଣ କଲେ ଅର୍ଶ, କର୍କଟ, ଯକ୍ଷ୍ମା ଆଦି ରୋଗ ହେଉ ନଥିବା ସେମାନଙ୍କ ବିଶ୍ୱାସ । ବଣ କୁକୁଡା ମାଂସ ରାନ୍ଧି ତହିଁରୁ ତେଲ ବାହାର କରି ପୋଡା ଘାଆ, କଟା ଘାଆ ଆଦିରେ ଲଗାଇଲେ ଉପଶମ ମିଳେ ।

**ବାଦ୍ୟଯନ୍ତ୍ର:** ମାଙ୍କଡ ଓ ଗୋଧିକାର ଛାଲ ବିଭିନ୍ନ ବାଦ୍ୟଯନ୍ତ୍ର, ଯଥା-ଧୁମ୍ପା, ନାଗରା, ଖଂଜଣି, ଲାଲ ବାଜା, ମୃଦଙ୍ଗ ଇତ୍ୟାଦିରେ ବ୍ୟବହାର କରାଯାଇଥାଏ ।

ମାଙ୍କିଡିଆମାନେ ସଂପୂର୍ଣ୍ଣ ରୂପେ ଜଙ୍ଗଲ ଉପରେ ନିର୍ଭରଶୀଳ ହୋଇ ଥିଲେ ହେଁ ପ୍ରାକୃତିକ ସଂପଦରେ ଭରା ଜଙ୍ଗଲରୁ ସେମାନେ ପୂର୍ଣ୍ଣମାତ୍ରାରେ ଫାଇଦା ଉଠାଇ ପାରନ୍ତି ନାହିଁ । କାରଣ ହୁଏତ ହୋଇପାରେ ସେମାନଙ୍କର ଅଜ୍ଞତା କିମ୍ବା ଅପାରଗତା । ଉପଯୁକ୍ତ ଦିଗ୍ ଦର୍ଶନ ପାଇଲେ ମାଙ୍କିଡିଆମାନେ ଆର୍ଥିକ ଦୃଷ୍ଟିକୋଣରୁ ବେଶ୍ ଲାଭବାନ୍ ହୋଇପାରିବେ ।

# ଶ୍ରମ ସହଯୋଗ (ପାଞ୍ଚ ହଲ୍)

ଶ୍ରମ ସହଯୋଗ କହିଲେ ସାଧାରଣତଃ ମିଳିମିଶି ଏକତ୍ର କାର୍ଯ୍ୟ କରିବା ବ୍ୟବସ୍ଥାକୁ ବୁଝାଏ । ଏଥିରେ ସହଯୋଗ ଭିତ୍ତିରେ ମିଳିମିଶି ସୁରୁଖୁରୁରେ କାର୍ଯ୍ୟଟି ସଂପାଦିତ ହୁଏ । ମାଙ୍କିଡିଆ ମାନଙ୍କ ମତରେ କୌଣସି ଲୋକର କାମକୁ ସମସ୍ତେ ସହଯୋଗ କରି ଶୀଘ୍ର ତଥା ସହଜରେ କରାଇପାରିଲେ, ତାହା ହିଁ ଶ୍ରମ ସହଯୋଗ । ମାଙ୍କିଡିଆ ଭାଷାରେ ସହଯୋଗ ମୂଳକ ଶ୍ରମକୁ "ପାଞ୍ଚହଲ୍" କୁହାଯାଏ ।

## ଜଣକ କାମରେ ପ୍ରତି ପରିବାରରୁ ଜଣେ ଲୋକଙ୍କ ଶ୍ରମଦାନ :

ଗ୍ରାମରେ କୌଣସି ବ୍ୟକ୍ତିଙ୍କ କାମରେ ସହଯୋଗ କରିବା ପାଇଁ ସମୟ ସମୟରେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଶ୍ରମ ଦାନ କରି କାର୍ଯ୍ୟଟିକୁ ସଂପାଦନ କରିଥାଆନ୍ତି । ଅବଶ୍ୟ ଏଥିପାଇଁ ସହଯୋଗ ଲୋଡୁଥିବା କର୍ତ୍ତାଙ୍କୁ ଶ୍ରମ ବାବଦରେ ପାରିଶ୍ରମିକ ଦେବାକୁ ପଡେ । ବିନା ପାରିଶ୍ରମିକରେ କେହି ଶ୍ରମଦାନ କରନ୍ତି ନାହିଁ । କେବଳ କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ ଏଥିରେ ବ୍ୟତିକ୍ରମ ଦେଖାଯାଇଥାଏ । ଏହି ସମୟରେ ଗ୍ରାମର ଅଧିକାଂଶ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ବିନା ପାରିଶ୍ରମିକରେ ଶ୍ରମଦାନ କରି ଶବ ପୋତିବା ଠାରୁ ଶୁଦ୍ଧିକ୍ରିୟା ପର୍ଯ୍ୟନ୍ତ (ମୃତ୍ୟୁର ଦୁଇଦିନ ପରେ ଶୁଦ୍ଧିକ୍ରିୟା କାର୍ଯ୍ୟ ଶେଷ ହୁଏ) ସମସ୍ତ କାର୍ଯ୍ୟରେ ସହଯୋଗ କରିଥାଆନ୍ତି । ଏଥିରେ କେବଳ ହାଣ୍ଡିଆ ପ୍ରଦାନ କରିବା ବ୍ୟବସ୍ଥା ପ୍ରଚଳିତ । ବିବାହ ବା ଅନ୍ୟ କୌଣସି ବ୍ୟକ୍ତିଗତ ଶୁଭକର୍ମରେ ସହଯୋଗୀ ନିଜ ଶ୍ରମ ବଦଳରେ ପାରିଶ୍ରମିକ ନେଇଥାଆନ୍ତି । ଜ୍ୱର ବା ସାଂଘାତିକ ଭାବରେ ପୀଡିତ ରୋଗୀକୁ ଯଦି ଡାକ୍ତରଖାନା ନେବାକୁ ପଡେ, ତେବେ ମଧ୍ୟ ସହଯୋଗୀ ବ୍ୟକ୍ତିଙ୍କୁ ପାରିଶ୍ରମିକ ଦିଆଯାଇଥାଏ । ଏଥିରେ କେବଳ ଜାତି-ଭାଇ ଓ କୁଟୁମ୍ବ ସଂପର୍କୀୟମାନେ ପାରିଶ୍ରମିକ ନିଅନ୍ତି ନାହିଁ ।

## ପ୍ରତ୍ୟେକ ପରିବାରୁ କେତେକ ନିର୍ବାଚିତ ବ୍ୟକ୍ତିଙ୍କ ଶ୍ରମଦାନ :

କେତେକ କାର୍ଯ୍ୟକ୍ଷେତ୍ରରେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ନିର୍ବାଚିତ ବ୍ୟକ୍ତି ଶ୍ରମଦାନ କରନ୍ତି । ବିବାହ କାର୍ଯ୍ୟରେ ଓ ସାଧାରଣ ଭୋଜି ସମୟରେ ପ୍ରତ୍ୟେକ ପରିବାରର କର୍ତ୍ତା ଶ୍ରମଦାନ କରିଥାଆନ୍ତି । ଭାଇ-ଭାଇ ମଧ୍ୟରେ ସଂପତ୍ତି ବଣ୍ଟନ ସମୟରେ ଦେହୁରୀ/ଦେରିଃ (ଗ୍ରାମ ସଭାପତି), ନାଏକେ (ଦ୍ୱିତୀୟ ଗ୍ରାମ ମୁଖ୍ୟ) ଓ ଡାକୁଆ (ଛାଟିଆ)ଙ୍କ ସମେତ ପ୍ରତ୍ୟେକ ପରିବାରର ମୁଖ୍ୟଙ୍କୁ ବିଚାର ଆଲୋଚନା ପାଇଁ ଡକାଯାଇଥାଏ । ମୃତ୍ୟୁ ସମୟରେ ଶବଦାହ ପାଇଁ ପ୍ରତ୍ୟେକ ପରିବାରରୁ ଅନ୍ତତଃ ଜଣେ

ଲେଖାଏଁ ଆସି କାର୍ଯ୍ୟରେ ସହ୍ଯୋଗ କରନ୍ତି । ସ୍ତ୍ରୀର ପ୍ରସବ ସମୟରେ ଗ୍ରାମର ୩ ଜଣ ବୃଦ୍ଧା (ବୟସ୍କା) ନିମନ୍ତ୍ରିତ ହୁଅନ୍ତି । ସେମାନଙ୍କୁ ଦାଦନ୍ ବୁଢୀ କୁହାଯାଏ । ପ୍ରସବ ପରେ ଜଣେ ପିଲାର ନାହି (ବୁକା) କଟାରେ ସହ୍ଯୋଗ କରିବା ସଂଗେ ସଂଗେ ଚୁଆଟିର ଯତ୍ନ ନିଏ । ଜଣେ ପ୍ରସୂତୀର ଯତ୍ନ ନିଏ ଓ ଆଉ ଜଣେ ଘର କାର୍ଯ୍ୟରେ ସହ୍ଯୋଗ କରେ । ଏ ସବୁ କାର୍ଯ୍ୟଧାରାକୁ ଉଠିଆରୀ ବୋଲି କୁହାଯାଏ । ପିଲାଟିର ନାମକରଣ ଉତ୍ସବରେ ଏହି ତିନିଜଣ ଦାଦନ୍ ବୁଢୀଙ୍କ ଉପସ୍ଥିତି ଅନିର୍ବାଯ୍ୟ । ଦାଦନ୍ ବୁଢୀମାନେ ସ୍ତ୍ରୀର ପ୍ରସବ ଯନ୍ତ୍ରଣା ଉପଶମ ପାଇଁ ଆଶ୍ୱାସନା ମଧ୍ୟ ଦେଇଥାଆନ୍ତି ।

## ବାଳିକା ଶୟନାଗାରର ସମସ୍ତ ବାଳିକାଙ୍କ ଶ୍ରମଦାନ:

ମାଙ୍କିଡିଆଙ୍କ ବାଳିକା ଶୟନାଗାରର ବାଳିକା ମାନଙ୍କ କାମ ସେମିତି କିଛି ନଥାଏ । କେବଳ ଶୟନାଗାରଟି ତିଆରି କରିବା ସମୟରେ ସମସ୍ତେ ମିଳିମିଶି କାମ କରିଥାଆନ୍ତି । ଗ୍ରାମର ଯୁବକମାନେ ଏଥିରେ ସହ୍ଯୋଗ କରନ୍ତି । ବରଂ ଯୁବକ ଶୟାନାଗାରଟି ଗ୍ରାମର ଯୁବକ ମାନେ ସହ୍ଯୋଗୀତା ଭିତ୍ତିରେ ସଂପାଦିତ କରି ଥାଆନ୍ତି । ଶୟନାଗାରର ଯୁବକ ମାନେ ମଧ୍ୟ ଗ୍ରାମର ପ୍ରତ୍ୟେକ ସାମୁହିକ ତଥା ବ୍ୟକ୍ତିଗତ କାର୍ଯ୍ୟରେ ସହ୍ଯୋଗ କରିବାକୁ ଆଗେଇ ଆସିଥାଆନ୍ତି ।

ବାଳିକା ଶୟନାଗାରର କୌଣସି ଝିଅର ବାହାଘର ହେଲେ ସମସ୍ତ ଯୁବତୀ ଏକତ୍ରିତ ହୋଇ ଝିଅକୁ ତେଲହଳଦୀ ଲଗାଇ ଗାଧୋଇଦେବା, ନୂଆ ଲୁଗାପଟା ପିନ୍ଧାଇବା, ଚନ୍ଦନ ଲଗାଇ ସଜାଇବା, ହାର, ଚୁଡି ଉପହାର ସ୍ୱରୂପ ପ୍ରଦାନ କରିବା, ବିବାହ କରିବାକୁ ଆସୁଥିବା ବରକୁ ଜେରା କରି ଟଙ୍କା (ଅତିକମ୍‌ରେ ପାଁସୁକା (୧.୨୫ଟଙ୍କା) ଆଦାୟ କରିବା ଆଦି କାମରେ ସହ୍ଯୋଗ କରିଥାଆନ୍ତି । ଏହା ବଦଳରେ ଯୁବତୀମାନଙ୍କୁ ହାଣ୍ଡିଆ, ଭାତ-ତରକାରୀ ପରଷା ଯାଇଥାଏ ।

## ଜଣଙ୍କ ପାଇଁ ବଂଶମଧ୍ରୁ ଜଣଙ୍କ ଶ୍ରମଦାନ:

କେତେକ କ୍ଷେତ୍ରରେ ପ୍ରତ୍ୟେକ ବଂଶରୁ ଜଣେ ଲେଖାଏଁ ଜଣକ ପାଇଁ କର୍ମରେ ସହ୍ଯୋଗ କରନ୍ତି । ବିବାହ କାର୍ଯ୍ୟରେ, କରମ ପୂଜାରେ, ସଂପତ୍ତି ଭାଗବଣ୍ଟାରେ, ଶୁଦ୍ଧିକ୍ରିୟାରେ ପ୍ରତ୍ୟେକ ବଂଶରୁ ଜଣେ ଲେଖାଏଁ ବୟସ୍କ ଲୋକ ଉପସ୍ଥିତ ହୁଅନ୍ତି । ସେମାନେ କାର୍ଯ୍ୟ ସଂପାଦନରେ ସହ୍ଯୋଗ କରିବା ସହିତ କାର୍ଯ୍ୟଧାରାକୁ ଶୃଙ୍ଖଳିତ ଭାବେ ନିୟନ୍ତ୍ରଣ କରିଥାଆନ୍ତି ।

## ଜଣକ ପାଇଁ ପ୍ରତ୍ୟେକ ଘର ଜଣେ ଯୁବକର ଶ୍ରମଦାନ :

ଗ୍ରାମର କୌଣସି ବ୍ୟକ୍ତିର ଅନ୍ୟଗ୍ରାମର କୌଣସି ବ୍ୟକ୍ତି ସହିତ କୌଣସି କାରଣରୁ ବିବାଦ ଉପୁଜିଲେ ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ଯୁବକ ନିଜ ଗ୍ରାମର ବ୍ୟକ୍ତିଙ୍କୁ ବିନା

ପାରିଶ୍ରମିକରେ ସହଯୋଗ କରିଥାଆନ୍ତି । ଏତଦ୍ ବ୍ୟତୀତ ବିବାହ କାର୍ଯ୍ୟରେ, ଶବଦାହ (ପୋତିବା) ସମୟରେ, ଶୁଦ୍ଧିକ୍ରିୟାରେ, ଘର ମରାମତି ବେଳେ ଯଦି କର୍ତ୍ତା ଲୋଡିଥାଆନ୍ତି, ତେବେ ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ଯୁବକ ସହଯୋଗ କରିଥାଆନ୍ତି । ସାଧାରଣ ଭୋଜି ହେଲେ ମଧ୍ୟ ପ୍ରତ୍ୟେକ ଘରୁ ଜଣେ ଜଣେ ଯୁବକ ଆସି କାମ କରନ୍ତି ।

## ମୁକ୍ତ ବା ମାଗଣା ଶ୍ରମ ସହଯୋଗ:

ଅଳ୍ପ କେତେକ କ୍ଷେତ୍ରରେ ସହଯୋଗୀ ଶ୍ରମୀକମାନେ ବିନା ପାଉଣାରେ ଶ୍ରମଦାନ କରିଥାଆନ୍ତି । ଶବ ପୋତିବା ପାଇଁ, ଶୁଦ୍ଧିକ୍ରିୟାରେ କାମ କରିବା ପାଇଁ ପ୍ରତ୍ୟେକ ପରିବାରରୁ  ଜଣେ ଲେଖାଏଁ ମାଗଣା ଶ୍ରମଦାନ କରନ୍ତି । କର୍ତ୍ତା ସେମାନଙ୍କୁ ସେମାନଙ୍କର ଅକୁଣ୍ଠିତ ସାହାଯ୍ୟ ପାଇଁ ହାଣ୍ଡିଆ ଦେଇ ପାରନ୍ତି, ନଦେଲେ ବି ଏଥିରେ ଚଳେ । ଏତଦ୍ ବ୍ୟତୀତ ସାମୂହିକ କାର୍ଯ୍ୟଗୁଡିକ ମଧ୍ୟ ମାଗଣାରେ ସଂପାଦିତ ହୁଏ ।

## ଶ୍ରମ ସମବାୟ ସଂପୃକ୍ତ ପ୍ରତିଦ୍ୱନ୍ଦିତା ଓ ଉପହାର :

ସାଧାରଣତଃ ମାଙ୍କିଡିଆମାନେ ଶ୍ରମ କ୍ଷେତ୍ରରେ ପ୍ରତିଦ୍ୱନ୍ଦିତା କରନ୍ତି ନାହିଁ । ବ୍ୟକ୍ତିଗତ କାର୍ଯ୍ୟ ହାସଲ ସମୟରେ ସେମାନେ ସହଯୋଗୀ ଶ୍ରମୀକ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବେଳେ ବେଳେ ହାଣ୍ଡଆ ଉପହାର ସ୍ୱରୂପ ଦେଇଥାଆନ୍ତି । କିନ୍ତୁ ସରକାରୀ କାର୍ଯ୍ୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦିତା ପରିଲକ୍ଷିତ ହୋଇଥାଏ । ସରକାରଙ୍କ ଦ୍ୱାରା ସଂପାଦିତ ହେଉଥିବା କାର୍ଯ୍ୟ, ଯଥା- କୂପ, ପୋଖରୀ ଖନନ, ରାସ୍ତା ନିର୍ମାଣ ଆଦି ସମୟରେ ଅନ୍ୟ ଗ୍ରାମର ଠିକାଦାର ମାନେ ଶ୍ରମୀକମାନଙ୍କୁ ଦୁଇ ଭାଗରେ ବିଭକ୍ତ କରି ସେମାନଙ୍କ ମନରେ ପ୍ରତିଦ୍ୱନ୍ଦିତା ମନୋଭାବ ସୃଷ୍ଟି କରିଥାଆନ୍ତି । କାର୍ଯ୍ୟ ଶେଷ କଲେ ପୁରୁଷ ଶ୍ରମୀକଙ୍କୁ ମାଗଣାରେ ଗଂଜି, ଲୁଙ୍ଗି, ଗାମୁଛା ଓ ମହିଳାମାନଙ୍କୁ ଶାଢୀ, ବ୍ଲାଉଜ ପ୍ରଭୃତି ପ୍ରଦାନ କରିଥାଆନ୍ତି । ସହଯୋଗୀ ଶ୍ରମରେ କୌଣସି ପୂଜା ପଦ୍ଧତି ପ୍ରଚଳିତ ହେବାର ଦୃଷ୍ଟାନ୍ତ ନାହିଁ ।

## ଶ୍ରମ ସମବାୟ ପ୍ରତି ଲୋକମାନଙ୍କ ମନୋବୃତ୍ତି:

ଶ୍ରମ ସମବାୟ କ୍ଷେତ୍ରରେ ମାଙ୍କିଡିଆମାନେ  ଉଦାରତାର ପରିଚୟ ଦେବାରେ ଏପର୍ଯ୍ୟନ୍ତ ସକ୍ଷମ ହୋଇ ପାରିନାହାଁନ୍ତି । ଅଳ୍ପ କେତେକ କାର୍ଯ୍ୟକୁ ବାଦ୍ ଦେଲେ ସେମାନେ ଅପରକୁ ବିନା ପାରିଶ୍ରମିକରେ ଶ୍ରମ ପ୍ରଦାନ କରିବାକୁ  କୁଣ୍ଠିତ । ସେମାନଙ୍କ ଚିନ୍ତାଧାରାରେ ମୁକ୍ତ ସହଯୋଗ ମନୋବୃତ୍ତି ଏକାନ୍ତ ଅଭାବ । ମାଙ୍କିଡିଆମାନେ ସାଧାରଣତଃ ଅଭାବ ଅନାଟନ ଭିତରେ ଗତି କରୁଥିବାରୁ ଅନ୍ୟକୁ ବିନା ମଜୁରିରେ ସହଯୋଗ କଲେ, ସେହି ଦିନର ପାରିଶ୍ରମିକ ହରାଇବା ଆଶଙ୍କା ହୁଏତ ସେମାନଙ୍କୁ ଏପରି ମନୋବୃତ୍ତିର ଅଧିକାରୀ କରାଇଛି ।

## ସାଂପ୍ରତିକ ଶ୍ରମ ସମବାୟ ବ୍ୟବସ୍ଥା:

ବର୍ତ୍ତମାନ ପରିସ୍ଥିତିରେ ଶ୍ରମ ସହଯୋଗର ଉପକାରୀତାକୁ ଉପଲବ୍ଧି କରି ମାଙ୍କିଡିଆ ମାନେ ସାମାନ୍ୟ ପରିବର୍ତ୍ତିତ ହୋଇଥିବା ସୂଚନା ମିଳେ । ବେଳେ ବେଳେ କୌଣସି ବ୍ୟକ୍ତିକୁ ଶ୍ରମ ସହଯୋଗିତା ପାଇଁ ଡକା ଯାଇନଥିଲେ ମଧ୍ୟ ସ୍ୱତଃସ୍ଫୁର୍ତ୍ତ ଭାବେ ସେ ବିନା ପାରିଶ୍ରମିକରେ ନିଜର ଶ୍ରମଦାନ କରିଥାଏ । ରୋଗୀକୁ ଡାକ୍ତରଖାନା ବୋହିନେବା, ଶବ ପୋତା, ବୁଭୁକ୍ଷୁ ଲୋକଙ୍କୁ ଖାଦ୍ୟ ପଦାର୍ଥ ଯୋଗାଇ ଦେବା ଆଦି କ୍ଷେତ୍ରରେ ବିନା ପାରିଶ୍ରମିକରେ ନିଜ ଶ୍ରମଦାନ କରି ସେମାନେ ମଧ୍ୟ ଅନ୍ୟ ସମାଜ ପରି ଯଥେଷ୍ଟ ପରିବର୍ତ୍ତିତ ହେବାର ଚେଷ୍ଟାରେ ଅଛନ୍ତି ।

## ସମବାୟ ବ୍ୟବସ୍ଥାରେ ପରିବର୍ତ୍ତନ :

ପାରମ୍ପରିକ ଶ୍ରମ ସହଯୋଗ କ୍ଷେତ୍ରରେ କେତେକ ପରିବର୍ତ୍ତନ ଆସିଛି । ରାସ୍ତା ତିଆରି, ରାସ୍ତା ମରାମତି, ପୋଖରୀ ଓ ଗଡିଆ ଖନନ, ପଙ୍କ ଉଦ୍ଧାର ଆଦି କାର୍ଯ୍ୟ ପୂର୍ବରୁ ଗ୍ରାମବାସୀଙ୍କ ଦ୍ୱାରା ସହଯୋଗ ମୂଳକ ଶ୍ରମ ମାଧ୍ୟମରେ ହେଉଥିବା ସ୍ଥଳେ ବର୍ତ୍ତମାନ ଉପରୋକ୍ତ କାର୍ଯ୍ୟ ସମୂହ ସରକାରଙ୍କ ଦ୍ୱାରା ନିଯୁକ୍ତ ଠିକାଦାର ମାନଙ୍କ ମାଧ୍ୟମରେ ଶ୍ରମୀକମାନଙ୍କୁ ପାରିଶ୍ରମିକ ବା ମଜୁରୀ ଦେଇ ସଂପାଦିତ ହେଉଛି ।

## ଅନ୍ୟାନ୍ୟ:

ସମାଜ ପାଇଁ ଶ୍ରମ ସହଯୋଗର ଗୁରୁତ୍ୱ ଯଥେଷ୍ଟ । କୌଣସି କାମ ଜଣେ କରିବାକୁ ଅକ୍ଷମ ହେଲେ, ତାହା ସହଯୋଗୀ ଶ୍ରମ ମାଧ୍ୟମରେ ସହଜରେ ସଂପାଦିତ ହୋଇପାରିଥାଏ । ଯେ କୌଣସି ଦୁଷ୍କର କାର୍ଯ୍ୟ ଅକ୍ଲେଶରେ କରାଯାଇପାରେ । ପରୋପକାର ବା ଅନ୍ୟକୁ ମାନବିକତା ଦୃଷ୍ଟିକୋଣରୁ ସହାୟ ହେବାରେ ସହଯୋଗ ଶ୍ରମ ଏକ ବଳିଷ୍ଠ ମାଧ୍ୟମ । ଅର୍ଥ ସହାୟତା ସମସ୍ତେ ଦେଇ ନପାରନ୍ତି ବା ଦେବାକୁ ସକ୍ଷମ ହୋଇ ନଥାଆନ୍ତି, ହେଲେ ଶ୍ରମଦାନ କରିବା ନିମନ୍ତେ କୌଣସି ଅସୁବିଧା ନଥାଏ ବରଂ ପରମ ତୃପ୍ତି ମିଳେ । ପ୍ରତ୍ୟେକ ସାମାଜିକ ବ୍ୟକ୍ତି ଏହି ନୀତିରେ ଆସ୍ଥାବାନ ହେଲେ ହୁଏତ ଆମ ଦେଶର ଭାଗ୍ୟ ବଦଳି ଯାଇ ପାରନ୍ତା ।

# ଯୁବ ଶୟନାଗାର (ଧାଙ୍ଗାଲା ଗିତିଚ୍)

ପ୍ରାୟ ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀରେ ଯୁବ ଶୟନାଗାର ପ୍ରଥା ପ୍ରଚଳିତ । ମନୁଷ୍ୟ ଜୀବନ ଧାରଣର ଅତ୍ୟାବଶ୍ୟକ ଉପାଦାନ ମଧ୍ୟରୁ ନିଦ୍ରା ଅନ୍ୟତମ । ଶରୀରକୁ ସୁସ୍ଥ ସବଳ ତଥା କାର୍ଯ୍ୟକ୍ଷମ ରଖିବାରେ ନିଦ୍ରାର ପ୍ରଭାବ ଅନସ୍ୱୀକାର୍ଯ୍ୟ । ସେଥିପାଇଁ କର୍ମପ୍ରବଣ ଦିନଚର୍ଯ୍ୟା ପରେ ମଣିଷ ଲୋଡେ ସୁଖନିଦ୍ରାରେ ରାତ୍ରି ଯାପନ ପାଇଁ ଏକ ଶାନ୍ତିମୟ ନୀଡ । ସୃଷ୍ଟି ପ୍ରାରମ୍ଭରୁ ଏହି ପ୍ରକ୍ରିୟାର ଧାରା ଅପରିବର୍ତ୍ତିତ ଭାବରେ ଗଡିଆସିଛି । ମାଙ୍କିଡିଆ ସମାଜ ଏପରି ଏକ ଗତାନୁଗତିକତାର ପ୍ରଭାବରୁ ମୁକ୍ତ ନୁହେଁ । ସେଥିପାଇଁ ତାଙ୍କର ଯୁବଶୟନାଗାରର ପରିକଳ୍ପନା । ଶୟନାଗାରର ଉତ୍ପତ୍ତି ଓ ଇତିହାସ ସଂପର୍କରେ ତଥ୍ୟଭିତ୍ତିକ ଉପାଦାନ ସେପରି କିଛି ନଥିଲେ ହେଁ ସୃଷ୍ଟିର ପ୍ରଥମ ପୁରୁଷ (ଲାକ୍ରା) ଓ ପ୍ରଥମ ସ୍ତ୍ରୀ (ସାନି)ଙ୍କ ବର୍ଦ୍ଧିଷ୍ଣୁ ପରିବାର ପାଇଁ ଏପରି ଏକ ପ୍ରଥାର ଉତ୍ପତ୍ତି ହୋଇଥାଇପାରେ ବୋଲି ଅନୁମାନ କରାଯାଇଥାଏ । ଛରି ଝିଅ ଓ ସାତ ପୁଅଙ୍କୁ ନେଇ ସଂସାର ତାଙ୍କର । ତେଣୁ ଯାଯାବର ଜୀବନ ଧାରା ଭିତରେ ବର୍ଷାଋତୁ ପାଇଁ ବାସଗୃହର ଆବଶ୍ୟକତା ଆସିଲେ ଦୁଏତ କିଶୋର କିଶୋରୀ ପୁଅଝିଅଙ୍କ ରାତ୍ରିଯାପନର ସୁବିଧା ଦୃଷ୍ଟିରୁ ଉଭୟଙ୍କ ପାଇଁ ପୃଥକ ଯୁବଶୟନାଗାର ନିର୍ମାଣ କରିଥାଇ ପାରନ୍ତି । ପୁଣି କ୍ଷୁଦ୍ରାକୃତି ପତ୍ର କୁଡିଆରେ ପିତାମାତାଙ୍କ ସହିତ ଯୁବା ପୁଅଝିଅ ରାତ୍ରିଯାପନ କରିବା ତଥା ନୈତିକତା ଦୃଷ୍ଟିରୁ ସମ୍ଭବପର ହୋଇ ନଥାଇ ପାରେ । ତେଣୁ ଯୁବଶୟନାଗାରର ଉତ୍ପତ୍ତି ଓ ଇତିହାସ ସଂପର୍କରେ ଯେତେବେଳେ ବର୍ତ୍ତମାନର ମାଙ୍କିଡିଆ ନୀରବ, ସେତେବେଳେ ଆମକୁ କିମ୍ବଦନ୍ତୀ ମୂଳକ ସୃଷ୍ଟି ଇତିହାସ ଉପରେ ସିଂହାବଲୋକନ କରିବାକୁ ପଡିଥାଏ । କିନ୍ତୁ ବର୍ତ୍ତମାନର ମାଙ୍କିଡିଆଙ୍କ ଯୁବ ଶୟନାଗାର ବିଷୟରେ ମାତ୍ର ଏତିକି ଧାରଣା ଯେ, ପିଲା ବଡ ହୋଇଗଲେ ପିତାମାତାଙ୍କ ସହିତ ଗୋଟିଏ ଛୋଟ କୋଠରୀ ଭିତରେ ଏକତ୍ର ଶୋଇବା ସୁବିଧାଜନକ ହେଉନଥିବାରୁ ଗ୍ରାମର ଯୁବକ-ଯୁବତୀମାନେ ସେମାନଙ୍କ ପାଇଁ ନିଜେ ସ୍ୱତନ୍ତ୍ର ଶୟନାଗାର ନିର୍ମାଣ କରିଥାଆନ୍ତି । ମାଙ୍କିଡିଆ ଲୋକେ ଯୁବ ଶୟନାଗାରକୁ "ଧାଙ୍ଗାଲା ଗିତିଚ୍" ଓ ଯୁବତୀ ଶୟନାଗାରକୁ 'କୁଳି ଦୁପୁନ୍ ଗିତିଚ୍' କହନ୍ତି । ଏବେ କିନ୍ତୁ ଦେଖାଯାଏ ଯେ ଅନେକ ସ୍ଥାନରେ କେବଳ ଧାଙ୍ଗାଲା ଗିତିଚ୍, ସ୍ଥାନେ ସ୍ଥାନେ ଉଭୟ ଏବଂ କେତେକ ମାଙ୍କିଡିଆ ବସତିରେ କୌଣସି ଗୋଟିଏ ହେଲେ ନାହିଁ । ମୟୂରଭଂଜ ଜିଲ୍ଲାର ଭଣ୍ଡାରିପାଳ, ବଣିଆବସା, ଧରଧରା ଆଦି ଗ୍ରାମଗୁଡିକରେ କେବଳ ଯୁବକ ଶୟନାଗାର, ଛପଣୀ, ସୁନ୍ପୋଖରୀ, କେନ୍ଦୁମୁଣ୍ଡି ଗ୍ରାମରେ ଉଭୟ ଅଛି । ସେମାନେ ଇନ୍ଦିରାଆବାସ ଗୃହ ଏବଂ ସ୍ୱନିର୍ମିତ ପତ୍ରଡାଳ ଗୃହରେ ନିଜ ନିଜ ପରିବାରକୁ

ଚଳାଇ ଥାଆନ୍ତି । କିନ୍ତୁ ଅଧିକାଂଶ ମାଙ୍କିଡିଆ ପରମ୍ପରାକୁ ବଜାୟ ରଖିବା ଚେଷ୍ଟାରୁ ବିରତ ହୋଇନାହାନ୍ତି ।

## ଯୁବକ ଶୟନାଗାର (ଧିଙ୍ଗାଲା ଗିତିଚ୍):

ଯୁବକ ଶୟନାଗାର ଗ୍ରାମର ଯୁବକମାନଙ୍କ ଦ୍ୱାରା ନିର୍ମିତ ହୁଏ । ସେମାନେ ମିଳିମିଶି ଜଙ୍ଗଲରୁ ତାଳପତ୍ର ଆଣି ପାରମ୍ପରିକ ଶୈଳୀରେ ଗୃହ ବା କୁମ୍ଭା ନିର୍ମାଣ କରନ୍ତି । କିନ୍ତୁ ବାସଗୃହ ତୁଳନାରେ ଏହାର ଆକାର ବଡ ହୁଏ । ଶୟନାଗାର ଗୁଡିକ କେବଳ ରାତ୍ରିଯାପନ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ପାଇଁ ବ୍ୟବହୃତ ହୋଇନଥାଏ । କେବେ ଯଦି ଗ୍ରାମର କାହାରି ଘରକୁ ବନ୍ଧୁବାନ୍ଧବ ଆସନ୍ତି, ତେବେ ପୁରୁଷ ଅତିଥି ହୋଇଥିଲେ ଯୁବକ ଶୟନାଗାର କିମ୍ବା ମହିଳା ହୋଇଥିଲେ ଯୁବତୀ ଶୟନାଗାରରେ ରାତ୍ରି ଯାପନ କରିପାରନ୍ତି । ଯୁବ ଶୟନାଗାରରେ ଯେ କୌଣସି ଗୋତ୍ରଯୁକ୍ତ ମାଙ୍କିଡିଆ ଯୁବକ ଯୁବତୀ ଶୋଇ ପାରିବେ-ଏଥିରେ କୌଣସି ବାରଣ ନଥାଏ । କିନ୍ତୁ ଅଶୌଚ (ଛୁଟିକା, ମୃତ୍ତିକା) ପରିବାରର ଯୁବକ ଯୁବତୀଙ୍କୁ ଶୌଚ ହେବା ଯାଏଁ ଏଠାରେ ଶୋଇବା ନିଷେଧ ଥାଏ ।

ତେବେ ବାଳକଟିଏ  କିଶୋର/ଯୁବକ ଅବସ୍ଥାକୁ ଆସିଲେ ତାର ଚିନ୍ତାଧାରା କାର୍ଯ୍ୟକଳାପର ପରିବର୍ତ୍ତନ ଘଟେ । ଭାବର ଆଦାନ ପ୍ରଦାନ ପାଇଁ ସେ ସମବୟସ୍କ ବନ୍ଧୁ ଲୋଡେ । କିଶୋରଟି ଜୀବନର ବନ୍ଧୁର ପଥରେ ଚାଲିବା ପାଇଁ ସାଥିମେଳରେ ପ୍ରେରଣା ଲାଭ କରିଥାଏ, ସହଯୋଗୀ ମନୋଭାବ ଉଦ୍ରେକ ହୁଏ- ଯାହାକି ପରବର୍ତ୍ତୀ ଜୀବନରେ ତାକୁ ସହାୟତା ଦେଇଥାଏ ସାମାଜିକ, ପାରିବାରିକ ତଥା ବ୍ୟକ୍ତିଗତ ସ୍ତରରେ ନିଜକୁ ଖାପ ଖୁଆଇ ଚଳିବାକୁ । ତେଣୁ ମାଙ୍କିଡିଆ ଗୋଷ୍ଠୀରେ ଯୁବ ଶୟନାଗାରର ଭୂମିକା ବେଶ୍ ଗୁରୁତ୍ୱପର୍ଣ୍ଣ ।

## ଯୁବତୀ ଶୟନାଗାର (କୁଲି ହୁପୁନ୍ ଗିତିଚ୍):

ଯୁବତୀ ଶୟନାଗାରର ଭୂମିକା ମଧ୍ୟ କିଛି କମ୍ ନୁହେଁ । ଏହା ଅବିବାହିତା କିଶୋରୀ/ଯୁବତୀଙ୍କ ପାଇଁ ଉଦ୍ଦିଷ୍ଟ ଏବଂ କେବଳ ରାତ୍ରି ଯାପନ ପାଇଁ ବ୍ୟବହୃତ ହୋଇଥାଏ । ସକାଳ ହେଲେ ପୁଣି ସେମାନେ ସାଧାରଣ ଭାବରେ ପରିବାର ସହ ଏକତ୍ର ଚଳନ୍ତି । ଏହି ଯୁବତୀ ଶୟନାଗାରଟି ନିର୍ମାଣ କରିବାରେ ଯୁବତୀମାନଙ୍କୁ ଗ୍ରାମ ଯୁବକମାନେ ସାହାଯ୍ୟ କରିଥାଆନ୍ତି । ଜଙ୍ଗଲରୁ ତାଳପତ୍ର ଆଣିବା ଠାରୁ ଗୃହ ନିର୍ମାଣ ଶେଷ ହେବା ଯାଏ ସେମାନେ ପ୍ରତ୍ୟେକ କାମରେ ସହଯୋଗ କରନ୍ତି । ଏହା ମଧ୍ୟ ପାରମ୍ପରିକ ଶୈଳୀରେ ଟିକିଏ ବଡ ଆକାରରେ ତିଆରି ହୁଏ । ଯେ

କୌଣସି ଗୋତ୍ରର ଝିଅ ଏଠାରେ ରାତ୍ରି ଯାପନ କରିପାରନ୍ତି । ବେଳେ ବେଳେ ଗ୍ରାମର କେହି ବୃଦ୍ଧା/ବୟସ୍କା ମହିଳା ଏମାନଙ୍କ ସହିତ ଯୋଗ ଦେଇଥାଆନ୍ତି । ଗଳ୍ପ ଛଳରେ ସାମାଜିକ ଜୀବନର ଚଳଣି ଯୁବତୀମାନଙ୍କୁ ଶିକ୍ଷା ଦିଅନ୍ତି ଓ ଉପଦେଶ ଦିଅନ୍ତି । ଗ୍ରାମକୁ ଆସିଥିବା ମହିଳା ଅତିଥି ମଧ୍ୟ ଏଠାରେ ରାତ୍ରିଯାପନର ସୁବିଧା ପାଆନ୍ତି । ସାଙ୍ଗସାଥି ଭିତରେ ହସଖୁସି ଥଟ୍ଟା ମଜା ହୁଏ । ସମବୟସ୍କା ଯୁବତୀମାନଙ୍କ ମଧ୍ୟରେ ପରସ୍ପର ମନକଥା ଖୋଲି କହିପାରନ୍ତି । ଭାବର ଆଦାନ ପ୍ରଦାନ ହୁଏ । ସାଂସାରିକ ଜୀବନର ବୋଝ ମୁଖ୍ୟତଃ ସ୍ତ୍ରୀ ଉପରେ ନ୍ୟସ୍ତ ଥିବାରୁ ବିବାହ ପୂର୍ବରୁ ଯୁବତୀମାନେ ନିଜକୁ ଦାୟିତ୍ୱ ସଂପନ୍ନ କରିବାକୁ ଏହି ଶୟନାଗାରକୁ ପାଠଶାଳା ରୂପେ ବ୍ୟବହାର କରନ୍ତି । ସମୂହ ଜୀବନର ଧାରା ଏହିଠାରୁ ହିଁ ସେମାନେ ଶିଖନ୍ତି । ଏଥିରେ ପିତାମାତା-ଗୁରୁଜନଙ୍କ ସ୍ୱୀକୃତି ତଥା ସହଯୋଗ ରହିଥାଏ । ବିବାହର ୨/୩ ବର୍ଷ ପୂର୍ବରୁ ଅନ୍ତତଃ ପ୍ରତ୍ୟେକ କିଶୋରୀ/ଯୁବତୀ ଶୟନାଗାରରେ ରାତ୍ରି ଯାପନ କରିଥାଆନ୍ତି । ଏହା ସୁଗୃହିଣୀ ତାଲିମକେନ୍ଦ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ତେଣୁ ମାଙ୍କିଡିଆ ସଂପ୍ରଦାୟରେ ପ୍ରଚଳିତ ଯୁବତୀ ଶୟନାଗାରର ଭୂମିକା ତାଙ୍କ ପାରମ୍ପରିକ ସମାଜ ପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ।

## ଯୁବ ଶୟନାଗାରର ଅବସ୍ଥିତି ଓ ସ୍ୱତନ୍ତ୍ରତା:

ଯୁବ ଶୟନାଗାର ଗୁଡିକ (ଯୁବକ-ଯୁବତୀ) ଗ୍ରାମର ଯେ କୌଣସି ସ୍ଥାନରେ ନିର୍ମାଣ କରାଯାଇପାରେ । ତେବେ ଏହା ଗ୍ରାମର ମଧ୍ୟ ଭାଗରେ କିମ୍ବା ଛକ ସ୍ଥାନରେ ହେଲେ ଭଲ । ତେବେ ଯୁବତୀ ଶୟନାଗାରଟି ସାଧାରଣତଃ ଗ୍ରାମର ମଧ୍ୟ ଭାଗରେ ହୋଇଥାଏ । ଯୁବକ ଓ ଯୁବତୀଙ୍କ ଶୟନାଗାର ଗୁଡିକ କେତେ ବ୍ୟବଧାନରେ ହେବ, ସେଥିରେ କୌଣସି ନିର୍ଦ୍ଦିଷ୍ଟତା ନଥାଏ । ତଥାପି କିଛି ଦୂରତା ରକ୍ଷା କରାଯାଇଥାଏ ।

ଯୁବ ଶୟନାଗାରର ସ୍ୱତନ୍ତ୍ରତା ବିଶେଷ କିଛି ନାହିଁ । ପାରମ୍ପରିକ ବାସଗୃହ ଶୈଳୀରେ ନିର୍ମିତ ହୋଇଥାଏ । କଣ୍ଟା-ଝଟା, ତାଳପତ୍ର ପ୍ରଭୃତି ଉପକରଣ ବ୍ୟବହୃତ ହୁଏ । ଘରର ବାହାର ଓ ଭିତର ପରିପାଟୀ ସାଧାରଣ ପାରମ୍ପରିକ ଗୃହର ଅନୁରୂପ । କେବଳ ତୁଳନାତ୍ମକ ଭାବେ ଆକାରରେ ବଡ ହୋଇଥାଏ । ଯୁବକ ଶୟନାଗାରଟି ଯୁବକ ମାନଙ୍କ ଦ୍ୱାରା ନିର୍ମିତ ହେଉଥିବା ସ୍ଥଳେ ଯୁବତୀ ଶୟନାଗାରର ନିର୍ମାଣ ଦାୟିତ୍ୱ ଯୁବତୀମାନଙ୍କ ଉପରେ ନ୍ୟସ୍ତ ଥିଲେ ହେଁ ଯୁବକମାନେ ସାହାଯ୍ୟ କରିଥାଆନ୍ତି । ଏଥିରେ ପାରିଶ୍ରମିକ ଦେବାନେବାର ବ୍ୟବସ୍ଥା ନାହିଁ । ଏହି ଗୃହଗୁଡିକ କେବଳ ରାତ୍ରିଯାପନ ପାଇଁ ବ୍ୟବହୃତ ହୋଇଥାଏ । ଏ ଦୁଇଟିଯାକ ଶୟନାଗାରର ରକ୍ଷଣା ବେକ୍ଷଣ ଦାୟିତ୍ୱ ସେମାନେ ନିଜେ ନେଇଥାନ୍ତି ।

## ଯୁବ ଶୟନାଗାର ସଦସ୍ୟତା ପାଇଁ ନୀତି ନିୟମ:

ଯୁବ ଶୟନାଗାରର ସଦସ୍ୟତା ପାଇଁ ସେପରି କୌଣସି କଠୋର ନିୟମ ନଥିଲେ ହେଁ ସାଧାରଣ ଭାବରେ କେତେକ ନିୟମ ପ୍ରାୟତଃ ମାନିଥାଆନ୍ତି, ସେଗୁଡିକ ହେଲା:-

୧. ପଡୋଶୀ ଗ୍ରାମର କିମ୍ବା ଭିନ୍ନ ମାଙ୍କିଡିଆ ଗ୍ରାମର ଯୁବକ ନ ହୋଇ, କେବଳ ନିଜ ଗ୍ରାମର ଯୁବକ ମାନେ ହିଁ ସଦସ୍ୟ ହୋଇ ପାରିବେ ।

୨. ଯୁବ ଶୟନାଗାରର ସଦସ୍ୟମାନେ ସମବୟସ୍କ ଗୋଷ୍ଠୀର ହୋଇଥିବା ଆବଶ୍ୟକ ।

୩. ସଦସ୍ୟମାନେ ସମଭାବାପନ୍ନ ବା ଶୃଙ୍ଖଳା ସଂପନ୍ନ ହୋଇଥିବା ବାଞ୍ଛନୀୟ ।

୪. କୌଣସି ଯୁକ୍ତିଯୁକ୍ତ କାରଣ ଯୋଗୁଁ କାହାରି ସଦସ୍ୟତା କିଛି ଦିନ ପାଇଁ ବାତିଲ କରାଗଲେ, ତାହା ମାନିବାକୁ ବାଧ୍ୟ ।

୫. ନିଜ ନିଜର ଶୋଇବା ସରଂଜାମ ନିଜ ଦାୟିତ୍ୱରେ ରଖିବେ ବା ନବାଆଣିବା କରିବେ ।

୬. ପ୍ରତ୍ୟେକ କାର୍ଯ୍ୟ ସହଯୋଗ ଭିତ୍ତିରେ କରିବେ ।

## ଯୁବଶୟନାଗାରର କାର୍ଯ୍ୟକଳାପ :

ଯୁବ ଶୟନାଗାର ମୁଖ୍ୟତଃ ରାତ୍ରିଯାପନ ପାଇଁ ଉଦ୍ଦିଷ୍ଟ ଥିଲେ ହେଁ ଆବଶ୍ୟକ ସ୍ଥଳେ ଅନ୍ୟାନ୍ୟ କାର୍ଯ୍ୟରେ ଏହାର ବିନଯୋଗ ହୋଇପାରେ । ଏଥିପାଇଁ ଶୟନାଗାରର ସଦସ୍ୟ ମାନଙ୍କ ଅନୁମତି ଲୋଡାଯାଇଥାଏ ବିବାହୋତ୍ସବ, ଗ୍ରାମସଭା, କୌଣସି ଜରୁରୀ ବିଷୟରେ ଆଲୋଚନା ପାଇଁ ବୈଠକ କିମ୍ବା ଏବେ ସରକାରଙ୍କ ନିର୍ଣ୍ଣିତ ଶିକ୍ଷା ଯୋଜନାରେ ଶିକ୍ଷା କେନ୍ଦ୍ର ପ୍ରଭୃତି ଏଥିରେ ଅନ୍ତର୍ଭୁକ୍ତ । ଏସବୁ ଯୁବ ଶୟନାଗାରର କାର୍ଯ୍ୟକଳାପ ନ ହୋଇ ଥିଲେ ମଧ୍ୟ ଯଦି ଏହାର ସଦସ୍ୟମାନେ ସମ୍ମତି ଜଣାନ୍ତି ଏବଂ ତାହା ପୁଣି ସୀମିତ ସମୟ ବା ଦିନ ପାଇଁ ତାହା କରାଯାଇ ପାରେ । ଗ୍ରାମର କୌଣସି ବ୍ୟକ୍ତିଙ୍କ ଘରକୁ ଅତିଥି ବା ବନ୍ଧୁ ଆସିଲେ, ସେମାନେ ମଧ୍ୟ ଏଠାରେ ରାତ୍ରିଯାପନ କରିପାରନ୍ତି ସଦସ୍ୟମାନଙ୍କର ଅନୁମତି ନେଇ । ଏଥିପାଇଁ ଗୃହକର୍ତ୍ତା ଯୁବକମାନଙ୍କୁ ଅନୁରୋଧ କରିଥାଆନ୍ତି । ଆଜିକାଲି ଯୁବକମାନେ ରାଜନୀତି ପ୍ରତି ଆକୃଷ୍ଟ ହେଉଥିବାରୁ ଯୁବଶୟନାଗାରରେ ଏକତ୍ରିତ ହୋଇ ସେମାନେ ରାଜନୈତିକ ଆଲୋଚନା ମଧ୍ୟ କରିଥାଆନ୍ତି । ଯୁବଶୟନାଗାରରେ କିନ୍ତୁ କୌଣସି ଧାର୍ମିକ କାର୍ଯ୍ୟାବଳୀ ସଂପାଦିତ ହୁଏ ନାହିଁ ବରଂ ଧର୍ମ ସଂପର୍କିତ ପୂଜା ଅନୁଷ୍ଠାନରେ ଏହାର ସଦସ୍ୟମାନେ ସକ୍ରିୟ ଭୂମିକା ଗ୍ରହଣ କରୁଥିବା ଦେଖାଯାଏ ।

ବସ୍ତୁତଃ ଗ୍ରାମ ସୁରକ୍ଷା ଦାୟିତ୍ୱ ଯୁବକ ମାନଙ୍କ ଉପରେ ନ୍ୟସ୍ତ କରାଯାଉଥିବାରୁ ସେମାନେ ଏଠାରେ ଏକତ୍ରିତ ହୋଇ କାର୍ଯ୍ୟଧାରା ବିଷୟରେ ଆଲୋଚନା କରିଥାଆନ୍ତି ।

ଏତଦ୍ ବ୍ୟତୀତ, ଯୁବକ ମାନଙ୍କ ଅବସର ବିନୋଦନ ସ୍ଥଳୀ ମଧ୍ୟ ଏହି ଯୁବ ଶୟନାଗାର । ଏଠାରେ ସେମାନେ ଗପସପ, ହସଖୁସି, ନାଚଗୀତ, ତାସ୍ ଖେଳ ଇତ୍ୟାଦି କରି ଅବସର ସମୟର ଉପଭୋଗ କରନ୍ତି ।

## ଯୁବଶୟନାଗାରରେ ବନ୍ଧୁତା:

ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁତ୍ୱ ପୂର୍ଣ୍ଣ ଭାବଧାରାକୁ ଉଦ୍ରେକ କରାଇବା ପାଇଁ ମାଙ୍କିଡିଆ ସମାଜର ଯୁବଶୟନାଗାରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯୁଗେ ଯୁଗେ ଯୁବ ଗୋଷ୍ଠୀ କର୍ମର ପ୍ରତୀକ ରୂପେ ଦଣ୍ଡାୟମାନ । ଅସମ୍ଭବକୁ ସମ୍ଭବ କରାଇବାରେ ଯୁବକ ମାନଙ୍କର ଶକ୍ତି ଅଲୌଲକିକତା ପ୍ରଦର୍ଶନ କରିପାରେ । ଏଥିପାଇଁ ଲୋଡା ଏକତା ତଥା ସହଯୋଗୀ ମନୋଭାବ ଏବଂ ବନ୍ଧୁତ୍ୱ ହିଁ ଏଥିରେ ସେତୁ ଭଳି କାମ ଦିଏ । ଶୟନାଗାରର ସଦସ୍ୟ ମାନଙ୍କ ମଧ୍ୟରେ ବନ୍ଧୁତା ଭାବ ରହେ, ଭାବର ଆଦାନ ପ୍ରଦାନ ହୁଏ, କୌଣସି କାର୍ଯ୍ୟକୁ ସଫଂଳତାର ସହ କରିବାକୁ ସେମାନଙ୍କ ଭିତରେ ଆଗ୍ରହ ଜନ୍ମେ,ହସଖୁସିରେ ଅବସର ବିନୋଦନ ହୁଏ । ମିତସଙ୍ଗାତ ମଧ୍ୟ ବସି ଥାଆନ୍ତି । ଏସବୁ ମାନସିକତା ସେମାନଙ୍କୁ ଭବିଷ୍ୟତ ଜୀବନରେ ସହାୟତା ଦେଇଥାଏ ।

## ଯୁବ ଶୟନାଗାରର ସଦସ୍ୟମାନଙ୍କ ଆଚରେ ବ୍ୟବହାର:

ଭିନ୍ନ ଭିନ୍ନ ଚିନ୍ତାଧାରାର ଯୁବକ ଯୁବ ଶୟନାଗାରର ସଦସ୍ୟ ରହିଥିଲେ ହେଁ ଏହା ସଭିଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଥାଏ । ତେଣୁ ଯିଏ ଯେ କୌଣସି ଗୋତ୍ରରେ ହେଉ ବା ବୟସରେ ତାରତମ୍ୟ ରହିଥାଉ ତଥାପି ସେମାନେ ଶୟନାଗାରରେ ସମଭାବାପନ୍ନ ହୋଇ ଚଳିଥାଆନ୍ତି । ସମସ୍ତେ ସମସ୍ତଙ୍କ ସୁଖଦୁଃଖର ସାଥି ହୁଅନ୍ତି । ସାମୂହିକ କାର୍ଯ୍ୟରେ ମଧ୍ୟ ସମସ୍ତ ଭେଦଭାବ ଭୁଲି ସେମାନେ ଏକତ୍ରିତ ହୋଇଯାଆନ୍ତି । ବ୍ୟକ୍ତିଗତ ଭାବରେ କେହି ସଦସ୍ୟ ଅସୁବିଧାରେ ପଡିଲେ ସଭିଏଁ ମିଶି ତାକୁ ସାହାଯ୍ୟ କରନ୍ତି । ଗ୍ରାମର ବୟସ୍କ ଲୋକ ତଥା ମୁରବୀ ଶ୍ରେଣୀର ବ୍ୟକ୍ତିଙ୍କୁ ସମ୍ମାନ ଦେବାରେ କୁଣ୍ଠିତ ନୁହଁନ୍ତି ।

ଯୁବଶୟନାଗାରର ସଦସ୍ୟ ମାନଙ୍କଠାରୁ କୌଣସି ଚାନ୍ଦା ଆଦାୟ କରାଯାଏ ନାହିଁ କିମ୍ବା ଅନ୍ୟ କୌଣସି ଉତ୍ସ/ ଉପାୟରେ ଏମାନେ ଚାନ୍ଦା ସଂଗ୍ରହ କରନ୍ତି ନାହିଁ । ଶୟନାଗାରଟିର ନିର୍ମାଣ ତଥା ରକ୍ଷଣାବେକ୍ଷଣର ଦାୟିତ୍ୱ ଏହାର ଯୁବ ସଦସ୍ୟଙ୍କ ଉପରେ । ଗ୍ରାମର କୌଣସି ବ୍ୟକ୍ତି ଏଥିରେ ହସ୍ତକ୍ଷେପ କରନ୍ତି ନାହିଁ । ଅବଶ୍ୟ ବେଳେ ବେଳେ ସଦସ୍ୟମାନେ ନିଜ ନିଜ ଘରୁ ଆବଶ୍ୟକୀ ଉପକରଣ ଆଣି ଏଠାରେ ପାନୀୟର ବନ୍ଦୋବସ୍ତ କରିଥାଆନ୍ତି ।

## ଶୟନାଗାର ସଦସ୍ୟମାନଙ୍କ କାର୍ଯ୍ୟକଳାପ:

ଯୁବ ଶୟନାଗାରର ସଦସ୍ୟମାନେ ଭିନ୍ନ ଭିନ୍ନ ସ୍ତରରେ ବିଭିନ୍ନ ପ୍ରକାର କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥାଆନ୍ତି । କାରଣ ଯୁବକମାନେ ହିଁ ବସ୍ତୁତଃ ସମସ୍ତ କାର୍ଯ୍ୟକୁ କାର୍ଯ୍ୟକାରୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଏବଂ ଗ୍ରାମ ଉନ୍ନତିରେ ନିର୍ଣ୍ଣାୟକ ରୂପରେ ଅବତୀର୍ଣ୍ଣ ହୋଇଥାଆନ୍ତି । ଗ୍ରାମରେ କୌଣସି ପୂଜାପାର୍ବଣ, ବିବାହୋତ୍ସବ, ସଫାସୁତୁରା, ରାସ୍ତାନିର୍ମାଣ, ଗ୍ରାମର ସୁରକ୍ଷା ଇତ୍ୟାଦି ସାମୁହିକ କାର୍ଯ୍ୟ ଏବଂ ବ୍ୟକ୍ତିଗତ ଭାବରେ କାହାକୁ ଶ୍ରମଦାନ ବା କୌଣସି ଦିଗରେ ଶାରୀରିକ ସହାୟତା ପ୍ରଦାନ କରିବା ଇତ୍ୟାଦି ଏହି ଯୁବସଦସ୍ୟମାନଙ୍କ ଦ୍ୱାରା ସୁରୁଖୁରୁରେ ସଂପାଦିତ ହୋଇଥାଏ । ପାରିଶ୍ରମିକ ସହ କିମ୍ବା ଅନେକ ସମୟରେ ବିନା ପାରିଶ୍ରମିକରେ ଏମାନେ ଅନେକ କାର୍ଯ୍ୟ କରିଥାଆନ୍ତି । ଗ୍ରାମର ସୁରକ୍ଷା କାଳରେ ଏମାନେ ଗ୍ରାମର ସଭାପତିଙ୍କ ନିର୍ଦ୍ଦେଶରେ ଶତ୍ରୁର ମୁକାବିଲା କରିବାକୁ ପ୍ରସ୍ତୁତ ହୋଇଯାଆନ୍ତି । ଏତଦ୍ ଭିନ୍ନ ନିଜ ନିଜର ପରିବାରକୁ ସହାୟତା ଦେବାକୁ ଏହି ଯୁବ ସଦସ୍ୟ ମାନେ ଜଙ୍ଗଲ ଯିବା, ଶିଆଡି ଛେଲିରୁ ଦ୍ରବ୍ୟ ପ୍ରସ୍ତୁତ କରିବା କିମ୍ବା ନିଜର ବୃଦ୍ଧ ପିତାମାନତାଙ୍କ ସେବାଯତ୍ନ କରିବାପାଇଁ ହେଳା ପ୍ରଦର୍ଶନ କରନ୍ତି ନାହିଁ । ତେଣୁ ସାମାଜିକ, ଧାର୍ମିକ ତଥା ବ୍ୟକ୍ତିଗତ ସ୍ତରରେ ଯୁବକ ବା ଯୁବ ଶୟନାଗାରର ସଦସ୍ୟ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ।

## ସାମାଜିକୀକରଣରେ ଯୁବ ଶୟନାଗାରର ଭୂମିକା:

ସମାଜକୁ ଶୃଙ୍ଖଳିତ ତଥା ସୁପରିଚାଳିତ କରିବା ନିମନ୍ତେ ମାଙ୍କିଡିଆ ମାନଙ୍କ ଯୁବଶୟନାଗାରର ଭୂମିକା ଉଲ୍ଲେଖନୀୟ । ଏହା କେବଳ ରାତ୍ରୀଯାପନ ପାଇଁ ଉର୍ଦ୍ଦିଷ୍ଟ ଥିଲେ ହେଁ ଏହାର ଯୁବ ସଦସ୍ୟମାନଙ୍କ  କାର୍ଯ୍ୟକଳାପରୁ  ହୃଦବୋଧ ହୁଏ ଯେ ମାଙ୍କିଡିଆ ସମାଜ, ଗ୍ରାମ ପରିବାର ତଥା ବ୍ୟକ୍ତି ସେମାନଙ୍କଦ୍ୱାରା କିଭଳି ଭାବେ ଉପକୃତ ହୁଅନ୍ତି । ତେଣୁ ଯୁବଶୟନାଗାର ମାଙ୍କିଡିଆ ସଂପ୍ରଦାୟର ଏକ ଯୁଗାନ୍ତକାରୀ ପ୍ରଥା । ଅବଲୁପ୍ତ ପ୍ରାୟ ଯୁବ ଶୟନାଗାରର ପୁନଃ-ସାମାଜିକ କରଣ ଆବଶ୍ୟକ । ଏଥିପାଇଁ ଯୁବଶୟନାଗାରର ଯୁବ ସଦସ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନେ ନିଜର ଶୟନାଗାରର ମାନ ବୃଦ୍ଧି କରିବା ସହ ସାମାଜିକ ପରମ୍ପରାର ପୁନଃ ସମୀକ୍ଷା ପୂର୍ବକ ପରମ୍ପରାକୁ ଅଧିକ ସାମାଜିକିକରଣ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଆନ୍ତି ।

## ଗ୍ରାମ ସୁରକ୍ଷାରେ ଯୁବ ଶୟନାଗାରର ଭୂମିକା:

ସାଧାରଣତଃ ଗ୍ରାମ ସୁରକ୍ଷା ଦାୟିତ୍ୱ ଗ୍ରାମର ଯୁବକମାନଙ୍କ ଉପରେ ନ୍ୟସ୍ତ ଥାଏ । ଆଖଡାଣୀଙ୍କ ପୂଜାପାଠ ସହିତ ଗ୍ରାମର ସଭାପତିଙ୍କ ନିର୍ଦ୍ଦେଶରେ ଯୁବଗୋଷ୍ଠୀ

ଗ୍ରାମକୁ ସୁଚାରୁରୂପେ ସୁରକ୍ଷା ଯୋଗାଇ ଦେଇଥାଆନ୍ତି । କୌଣସି ଶତ୍ରୁ/ବନ୍ୟଜନ୍ତୁ ବା ରୋଗବ୍ୟାଧି ଯାହା ହେଉନା କାହିଁକି ଏହି ଯୁବକମାନେ ହିଁ ଆଗେଇ ଆସନ୍ତି ବିଭିନ୍ନ ଉପାୟରେ ଗ୍ରାମକୁ ସୁରକ୍ଷା ଦେବାପାଇଁ । ଏତଦ୍ ଭିନ୍ନ ଗ୍ରାମର ଉନ୍ନୟନମୂଳକ କିମ୍ବା ସାମୂହିକ କାର୍ଯ୍ୟ ମଧ୍ୟ ଶୟନାଗାରର ଯୁବ ସଦସ୍ୟଙ୍କ ଦ୍ୱାରା ସଂପାଦିତ ହୋଇଥାଏ ।

## ଯୁବ ଶୟନାଗାରର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ:

ଅତୀତରେ ମାଙ୍କିଡିଆ ସମାଜର ଯୁବଶୟନାଗାର ରାତ୍ରିଯାପନ ନିମନ୍ତେ କେବଳ ବ୍ୟବହୃତ ହେଉଥିଲା । ରାତ୍ର ଯାପନ ବ୍ୟତୀତ ଆଉ କୌଣସି ଭୂମିକା ଯୁବ ଶୟନାଗାରର ନଥିଲା । ଏହାର ଯୁବ ସଦସ୍ୟମାନେ ଯୁବାବସ୍ଥାରେ ପିତାମାତାଙ୍କ ସହିତ କୁମ୍ଭାରେ ଏକତ୍ର ନଶୋଇ କିମ୍ବା ସ୍ଥାନାଭାବ କାରଣରୁ ଶୋଇ ନପାରି ଯୁବଶୟନାଗାର ବ୍ୟବହାର କରୁଥିଲେ । ଗ୍ରାମର କୌଣସି ସ୍ତରର କାର୍ଯ୍ୟକଳାପରେ ମଧ୍ୟ ଏହାର ଯୁବ ସଦସ୍ୟମାନେ ସଂଶ୍ଳିଷ୍ଟ ହେଉ ନଥିଲେ । ଯୁବ ଶୟନାଗାରର ନିର୍ମାଣ ଶୈଳୀ ସଂପୂର୍ଣ୍ଣ ପାରମ୍ପରିକ ଥିଲା ଯାଦ୍ୱାରା ଏକକାଳୀନ ଅନେକ ସଦସ୍ୟ ବ୍ୟବହାର କରିବା କଷ୍ଟକର ହୋଇ ପଡୁଥିଲା ।

ବର୍ତ୍ତମାନ କିନ୍ତୁ ସମୟ ବଦଳିଛି, ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି । ବାହ୍ୟ ସାଂସ୍କୃତିକ ସଂସ୍ପର୍ଶ ସେମାନଙ୍କୁ ଉନ୍ନତ ହେବାକୁ ଶିକ୍ଷା ଦେଇଛି । ସେଥିପାଇଁ ବର୍ତ୍ତମାନ ଯୁବଶୟନାଗାରର ନିର୍ମାଣ ଶୈଳୀରେ କିଂଚିତ୍ ପରିବର୍ତ୍ତନ ହୋଇଛି । ତୁଳନାତ୍ମକ ଭାବରେ ଆକାରରେ ବଡ ହୋଇଛି । କେବଳ ତାଳପତ୍ରରେ ନିବୁଜିଆ ଘର ନକରି ସେମାନେ କୁଟା ଛପରରେ ଖୋଲା ଘର କରୁଛନ୍ତି । ବେଳେବେଳେ କୌଣସି ଅବ୍ୟବହୃତ ଇନ୍ଦିରା ଆବାସ ଗୃହ ମଧ୍ୟ ଯୁବଶୟନାଗାର ଉଦ୍ଦେଶ୍ୟରେ ବ୍ୟବହାର ହେଉଥିବା ଦେଖା ଯାଉଛି । ଯୁବଶୟନାଗାର କିମ୍ବା ଏହାର ଯୁବ ସଦସ୍ୟ ମାନଙ୍କର କାର୍ଯ୍ୟକଳାପରେ ମଧ୍ୟ ପରିବର୍ତ୍ତନ ଆସିଛି । ଯୁବ ଶୟନାଗାର ଗୁଡିକର ସଦସ୍ୟ ମାନଙ୍କର ଅନୁମତି କ୍ରମେ ସମୟ ସମୟରେ ସଭାକାର୍ଯ୍ୟ କିମ୍ବା ବିବାହୋତ୍ସବ ପାଇଁ ବ୍ୟବହୃତ ହେଉଛି । ଏହାର ସଦସ୍ୟ ଯୁବକମାନେ ଗ୍ରାମର ବିଭିନ୍ନ ସାମାଜିକ, ଧାର୍ମିକ, ରାଜନୈତିକ, ଗ୍ରାମ ସୁରକ୍ଷା ତଥା ଶିକ୍ଷା ସଂପର୍କିତ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ହୋଇ ନିଜ ଗୋଷ୍ଠୀର ଉନ୍ନତି କଲ୍ପେ ଚେଷ୍ଟିତ ହେଉଛନ୍ତି । ଏକତା ଓ ସହଯୋଗ ଭିତ୍ତିରେ ସେମାନେ ସମାଜ, ଗ୍ରାମ, ପରିବାର ଏବଂ ବ୍ୟକ୍ତିଗତ ସ୍ତରରେ ସମସ୍ତ କାର୍ଯ୍ୟଧାରାକୁ ପ୍ରଭାବିତ କରୁଛନ୍ତି । ତେବେ ବର୍ତ୍ତମାନ ସମୟରେ ଏହି ଯୁବଶୟନାଗାରର ପ୍ରଚଳନ ହ୍ରାସ ପାଇଥିବା ଅନୁମିତ ହୁଏ । ଅଧିକାଂଶ ସ୍ଥାନରେ ଯୁବତୀ ଶୟନାଗାର ନାହିଁ ଏବଂ କେତେକ ଅଂଚଳରେ ମଧ ଉଭୟ ଶୟନାଗାର ନଥିବା ଦେଖାଯାଏ ।

ଭବିଷ୍ୟତରେ ଏହି ପ୍ରଥା ନିଶ୍ଚିହ୍ନ ହେବାର ଆଶଙ୍କା ଦେଖାଦେଇଛି । ଆଧୁନିକତାର ସ୍ପର୍ଶରେ ମାଙ୍କିଡିଆଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ହେବା ଲକ୍ଷଣରୁ ଏହା ଅନୁମାନ କରାଯାଇପାରେ । ତେବେ ମାଙ୍କିଡିଆଙ୍କ ପାରମ୍ପରିକ ଯୁବ ଶୟନାଗାରର ଆଭିମୁଖ୍ୟ ମନ୍ଦ ହୋଇ ନଥିବାରୁ ସମାଜ ତଥା ସାମାଜିକ ବ୍ୟକ୍ତିବିଶେଷଙ୍କ ପାଇଁ ଏହାର ସୁରକ୍ଷା ବାଞ୍ଛନୀୟ । ଏଥିପାଇଁ ମାଙ୍କିଡିଆ ଗୋଷ୍ଠୀର ଆଗ୍ରହ ଏବଂ ସରକାରୀ ସାହାଯ୍ୟ ସହଯୋଗର ଆବଶ୍ୟକତା ଅନିବାର୍ଯ୍ୟ ।

## ଯୁବଶୟନାଗାର ସମ୍ବନ୍ଧୀୟ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ:

ଯୁବ ଶୟନାଗାର ମାଙ୍କିଡିଆ ସମାଜ ପାଇଁ ମଙ୍ଗଳକର ହେଲେ ହେଁ ସମୟର ପ୍ରଭାବରେ ଏହା କେତେକ କ୍ଷେତ୍ରରେ ଅଶୁଭ ସଙ୍କେତ ଦେଇଥାଏ । ଅନେକ ସମୟରେ ଯୁବକମାନେ ଯୁବସୁଲଭ ଉତ୍ତେଜନାର ବଶବର୍ତ୍ତୀ ହୋଇ କୁପଥଗାମୀ ହୋଇଥାଆନ୍ତି । ବେଳେ ବେଳେ ସାମାନ୍ୟ କଥା ବଚସାର ରୂପ ନିଏ, ଗୋତ୍ର ଗୋତ୍ର ମଧ୍ୟରେ କନ୍ଦଳ ସୃଷ୍ଟି ହୁଏ ।

ପରନିନ୍ଦା-ପରଚର୍ଚ୍ଚାରେ ସମୟ ଅପଚୟ କରି ଯୁବକମାନେ ଜୀବନର ମୂଳଲକ୍ଷ୍ୟରୁ ବିଚ୍ୟୁତ ହୋଇଥାଆନ୍ତି । ଫଳତଃ ଯୁବ ଶୟନାଗାର ନିଶ୍ଚିହ୍ନ ହେଇଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ । ଏଥିପ୍ରତି ଧ୍ୟାନ ଦେଇ ଉପଯୁକ୍ତ ସମୟରେ ଆବଶ୍ୟକ ପଦକ୍ଷେପ ନେଇ ପାରିଲେ ଯୁବ ଶୟନାଗାରର ମହତ୍ ଉଦ୍ଦେଶ୍ୟ ସାଧିତ ହୁଅନ୍ତା ।

ମାଙ୍କିଡିଆ ମାନଙ୍କ ଯୁବଶୟନାଗାର ପ୍ରଥା ଗୋଷ୍ଠୀ ପ୍ରତି ଶୁଭଙ୍କର । ତେବେ ଏହାକୁ ଅଧିକ ସୁସଂହତ, ଶୃଙ୍ଖଳିତ ଓ ଗଠନମୂଳକ କରାଗଲେ ଏହା ସମଧିକ ଫଳପ୍ରସୂ ହୋଇପାରିବ - ଏଥିରେ ସନ୍ଦେହ ନାହିଁ । ଏହାର ନିର୍ମାଣ ଶୈଳୀ ଉନ୍ନତ ମାନର ହେବା ଆବଶ୍ୟକ । ବିଧିବଦ୍ଧ ନିୟମ ଅନୁସୃତ ହେବା ବିଧେୟ । ଏଥିପାଇଁ ମାଙ୍କିଡିଆ ମାନଙ୍କ ସହଯୋଗ ତଥା ସରକାରୀ ସାହାଯ୍ୟ ଏକାନ୍ତ କାମ୍ୟ ।

# ପାରମ୍ପରିକ ଗ୍ରାମସଭା (ଦରବାର୍)

ମଣିଷ ତାର ଦୈନନ୍ଦିନ ଜୀବନରେ ସୁଖଦୁଃଖ, ଭଲମନ୍ଦ ଓ ଠିକ୍‌ଭୁଲ୍ ମଧ୍ୟ ଦେଇ ଗତି କରିଥାଏ । ବେଳେ ବେଳେ ଜାଣିଶୁଣି ବା ଅଜାଣତରେ ହିତାହିତ ଜ୍ଞାନଶୂନ୍ୟ ହୋଇ ଭୁଲ୍ ମାର୍ଗରେ ପାଦ ହୋଇଥାଏ ସେ । ପାଶବିକ ପ୍ରବୃତ୍ତି ତାକୁ ଅନ୍ଧ କରିଦିଏ । ମଣିଷର ଏହି ଅପରିଣାମଦର୍ଶୀ କୁକର୍ମକୁ ବିଚାର କରି ସତ୍ୟାସତ୍ୟ ଅନୁସଂଧାନ ପୂର୍ବକ କ୍ଷମା ବା ଦଣ୍ଡ ଦେବା ଅପରିହାର୍ଯ୍ୟ ହୋଇପଡେ । କାରଣ ମଣିଷ ଏକ ସାମାଜିକ ପ୍ରାଣୀ । ସମାଜକୁ ନେଇ ତାର ଜୀବନର ଗତି । ତେଣୁ ସମାଜକୁ ଶୃଙ୍ଖଳିତ ରଖିବା ନୈତିକ ଦାୟିତ୍ୱ ତାରି ହାତରେ । ଆଧୁନିକ ଧାରାରେ କୋର୍ଟ କଚେରୀର ବ୍ୟବସ୍ଥା ଥିବାବେଳେ ପୂର୍ବେ ଗ୍ରାମସଭାରେ ପ୍ରତ୍ୟେକ ମାମଲାର ବିଚାର ହେଉଥିଲା । ମାଙ୍କିଡିଆ ମାନଙ୍କ ଏହି ଗ୍ରାମସଭା (ଦରବାର) ବ୍ୟବସ୍ଥା ଅଦ୍ୟାବଧି ପ୍ରଚଳିତ ।

## ପାରମ୍ପରିକ ଗ୍ରାମ ସଭାର ଧାରଣା, ଉତ୍ପତ୍ତି ଓ ଇତିହାସ:

ପାରମ୍ପରିକ ଗ୍ରାମସଭା ସମ୍ବନ୍ଧରେ ଧାରଣା, ତା'ର ଉତ୍ପତ୍ତି ବିଷୟରେ ଆଲୋକପାତ କରେ । ଏହା ମାଧ୍ୟମରେ ତାଙ୍କ ସମସ୍ତ ଗଣ୍ଡଗୋଳ ଓ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ହୋଇଥାଏ । ସମସ୍ତେ ଗ୍ରାମସଭାର ନିଷ୍ପତ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇଥାଆନ୍ତି । ଗ୍ରାମସଭାର ଆବଶ୍ୟକତାକୁ ମାଙ୍କିଡିଆ ଏତେ ବେଶୀ ଉପଲବ୍ଧି କରନ୍ତି ଯେ, ଏହାର ବିଲୋପ ସାଧନ କରି ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥାକୁ ଆପଣେଇବାକୁ ପ୍ରସ୍ତୁତ ନୁହଁନ୍ତି । ସୁବିଚାର ପ୍ରଦାନ କ୍ଷେତ୍ରରେ ଏହା ସେମାନଙ୍କ ସର୍ବୋଚ୍ଚ ନ୍ୟାୟାଳୟ ସଦୃଶ । ଏହାର ଉତ୍ପତ୍ତି ସଂପର୍କରେ ସଠିକ୍ ସମୟ ନିର୍ଣ୍ଣୟ କରିବା କଷ୍ଟକର । ସେମାନଙ୍କ ବିଶ୍ୱାସ ଯେ ଯାଯାବର ଜୀବନ ପରିତ୍ୟାଗ କରି ସ୍ଥାୟୀ ଭାବରେ ବସବାସ କରିବା ପରଠାରୁ ହୁଏତ ଏହାର ଉତ୍ପତ୍ତି ହୋଇଥାଇପାରେ । ସେମାନଙ୍କର ଶାନ୍ତ, ସରଳ ଜୀବନ ଧାରାରେ ସେତେବେଳେ ବୋଧହୁଏ କୌଣସି ମୁରବୀ ତଥା ମାନ୍ୟଗଣ୍ୟଲୋକ ସହାୟତାରେ ସମସ୍ୟା ଓ ଗଣ୍ଡଗୋଳର ସମାଧାନ ହେଉଥିଲା । କାଳକ୍ରମେ ଏପରି ଏକ ବ୍ୟକ୍ତିଙ୍କୁ ତାଙ୍କର ସଭାପତି ବା ଦେହୁରୀ (ଦେରିଃବୁଢା) ର ସାମାଜିକ ସ୍ୱୀକୃତି ପ୍ରଦାନ କରାଯାଇ ତାଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଚାରକାର୍ଯ୍ୟ ସଂପାଦିତ ହେଲା । ଦେରିଃଙ୍କୁ ସଭାକାର୍ଯ୍ୟରେ ସାହାଯ୍ୟ କରିବାକୁ ନାଏକେ (ଉପସଭାପତି) ଓ ଗଡେତ୍ (ଡାକୁଆ) ପଦବୀର ସୃଷ୍ଟି କରାଗଲା । ବର୍ତ୍ତମାନ ଏହି ତିନିମୁଖ୍ୟଙ୍କ ସମେତ ମୁହାଲା, ମୁଦେଇ ଓ ସମସ୍ତ ଗ୍ରାମବାସୀ (ପ୍ରତ୍ୟେକ

ପରିବାରର ମୁଖ୍ୟ)ମାନଙ୍କ ଉପସ୍ଥିତିରେ ଯେ କୌଣସି ଗଣ୍ଡଗୋଳର ଆଶୁ ସମାଧାନ କରାଯାଇ ପାରୁଛି । ବହୁ ପୂର୍ବରୁ ଗ୍ରାମସଭାର ଉତ୍ପତ୍ତି ହୋଇଥିଲେ ହେଁ ଅଦ୍ୟାବଧି ଏହାର ମର୍ଯ୍ୟଦା ଅକ୍ଷୁର୍ଣ୍ଣ ରହିଛି ।

## ପାରମ୍ପରିକ ଗ୍ରାମ ସଭାର ଗଠନ :

ଗ୍ରାମସଭା ସଭାପତି, ଉପସଭାପତି (ନାଏକେ), ଗଡେତ୍ (କର୍ତ୍ତା)ମାନଙ୍କୁ ନେଇ ଗଠିତ ହୁଏ । ବୈଠକ ପାଇଁ ସ୍ଥାନ ନିରୂପଣ ସଭାପତିଙ୍କ ଦ୍ୱାରା ସ୍ଥିରୀକୃତ ହୁଏ । ଏହା ସାଧାରଣତଃ ଗ୍ରାମ ନିକଟସ୍ଥ ପ୍ରଶସ୍ତ ଖୋଲା ପଡିଆ, ଗଛତଳ କିମ୍ବା ସଭାପତିଙ୍କ ବାଡିରେ ଥିବା ଆଖଡା ଘରେ ଆହୁତ ହୋଇଥାଏ । ଅନ୍ୟ ଗୋଷ୍ଠୀମାନଙ୍କ ପରି ମାଙ୍କିଡିଆଙ୍କ ସ୍ୱତନ୍ତ୍ର ଗ୍ରାମସଭା ଗୃହ ଅଦ୍ୟାବଧି ତିଆରି ହୋଇନାହିଁ କିମ୍ବା ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦିଆଯାଇନାହିଁ । ଗ୍ରାମସଭାରେ ପ୍ରତ୍ୟେକଟି ମାମଲା ବିଚାର ଆଲୋଚନା ପରିସରଭୁକ୍ତ ।

## ପାରମ୍ପରିକ ଗ୍ରାମସଭାର ସଦସ୍ୟ ମାନଙ୍କ ନିର୍ବାଚନ ପ୍ରଣାଳୀ:

ଗ୍ରାମସଭାର ସଦସ୍ୟମାନଙ୍କୁ ଦୁଇ ପର୍ଯ୍ୟାୟଭୁକ୍ତ କରାଯାଇଥାଏ । ପ୍ରଥମ ପର୍ଯ୍ୟାୟରେ ତିନି ଜଣ ବାଧ୍ୟତାମୂଳକ ସଦସ୍ୟ ରହନ୍ତି । ସେମାନେ ହେଲେ ସଭାପତି ବା ଦେହୁରୀ (ଦେରିଃ), ନାଏକେ (ଉପସଭାପତି) ଓ ଗଡେତ୍ (ଡାକୁଆ) । ସଭାରେ ଏମାନଙ୍କ ଉପସ୍ଥିତି ଅନିବାର୍ଯ୍ୟ । ଏମାନଙ୍କ ଅନୁପସ୍ଥିତିରେ ସଭାକାର୍ଯ୍ୟ ସଂପାଦିତ ହୋଇପାରି ନଥାଏ । ସଭାପତି (ଦେରିଃ)ଙ୍କ ନିର୍ବାଚନ ପାଇଁ ଏକ ନୀତି ଅନୁସୃତ ହୁଏ । ପ୍ରତ୍ୟେକ ବର୍ଷ ପଡୁଥିବା ମାଘ ପୂଜା (ମାଘବଙ୍ଗା) ବା ମକର ପୂଜାରେ ପିଞ୍ଝୁ ବୁଢୀ ଓ ପିଞ୍ଝୁ ଆଡାମ୍‌ଙ୍କ ଉଦ୍ଦେଶ୍ୟରେ ଯେଉଁ ପୂଜା କରାଯାଏ ସେଥିରେ ଗ୍ରାମ ଦେବତୀ/ଦେବତା ଯାହାକୁ ସଭାପତି କରିବାକୁ ଚାହାଁନ୍ତି, ତାହା ଦାସୀମାନଙ୍କ ମାଧ୍ୟମରେ ଘୋଷଣା କରନ୍ତି । ଯେଉଁ ବ୍ୟକ୍ତି ସ୍ୱଭାବରେ ଶାନ୍ତ, ସରଳ, ବୁଦ୍ଧିମାନ, ନିରପେକ୍ଷ ଓ ନିଶା ସେବନରୁ ମୁକ୍ତ, ସେହିଭଳି ଲୋକକୁ ସଭାପତି ହେବାପାଇଁ ଆଦେଶ ମିଳିଥାଏ । ତା'ପର ବର୍ଷ ସେହି ବ୍ୟକ୍ତି ପୁଣି ସଭାପତି ପଦରେ ରହିପାରିବେ କି ନାହିଁ ସେହିପରି ମାଘ ବା ମକର ପୂଜାରେ ଆଦେଶ ମିଳେ । ଏହି ପରମ୍ପରା ପ୍ରତ୍ୟେକ ବର୍ଷ ଚାଲୁ ରହିଥିଲେ ମଧ୍ୟ ଯେଉଁ ବ୍ୟକ୍ତି ଥରେ ସଭାପତି ହୋଇଛନ୍ତି, ସେ ଆଜୀବନ ସେହି ପଦରେ ରହୁଥିବା ଦେଖାଯାଏ । ସ୍ୱଇଚ୍ଛାରେ ସେ ସଭାପତି ପଦ ତ୍ୟାଗ କଲେ ତାଙ୍କ ଉତ୍ତରାଧିକାରୀ ପାଇଁ ଗ୍ରାମ ଦେବତୀ/ଦେବତାଙ୍କ ନିର୍ଦ୍ଦେଶକୁ ମାନି ନିଆଯାଏ । ସଭାପତି ତାଙ୍କ କାର୍ଯ୍ୟ ସୁଚାରୁରୂପେ ତୁଲାଉଥିବା ଯାଏଁ ତାଙ୍କୁ ଏହି ପଦବୀରୁ ହଟାଯାଇ ନଥାଏ ।

କିନ୍ତୁ ନାଏକେ (ଉପସଭାପତି) ଓ ଗଡେତ୍ (ଡାକୁଆ) ମାନଙ୍କ ପାଇଁ ଏପରି ନିର୍ବାଚନ ପଦ୍ଧତି ପ୍ରଚଳିତ ନୁହେଁ। ସେମାନେ ଗ୍ରାମର ଅର୍ଦ୍ଧାଧିକ ଗୃହକର୍ତ୍ତାଙ୍କ ସମର୍ଥନରେ ନିଜନିଜ ପଦବୀରେ ଅଧିଷ୍ଠିତ ହୋଇଥାଆନ୍ତି। ସେମାନଙ୍କୁ କାର୍ଯ୍ୟରୁ ଯେ କୌଣସି ସମୟରେ ଅର୍ଦ୍ଧାଧିକ ଗୃହକର୍ତ୍ତାଙ୍କ ସମର୍ଥନରେ ଅନ୍ତର କରାଯାଇପାରେ।

ଦ୍ୱିତୀୟ ପର୍ଯ୍ୟାୟଭୁକ୍ତ ସଦସ୍ୟମାନେ ହେଲେ ଗ୍ରାମର ସମସ୍ତ ପରିବାର ବା ଗୃହର କର୍ତ୍ତା/ମୁରବୀ। ଏମାନଙ୍କ ପାଇଁ କୌଣସି ନିର୍ବାଚନ ପଦ୍ଧତି ଅନୁସୃତ ହୁଏନାହିଁ। ସେମାନେ ନିଜର ପଦାଧିକାର ବଳରେ ଗ୍ରାମସଭାର ସଦସ୍ୟ ହୋଇଥାଆନ୍ତି। ପ୍ରତ୍ୟେକ ଗୃହକର୍ତ୍ତା ଗ୍ରାମସଭାର ବୈଠକରେ ଯୋଗ ଦେବାକୁ ବାଧ୍ୟ। ନଚେତ୍ ଏକ ହାଣ୍ଡି ହାଣ୍ଡିଆ ଜୋରିମନା ଦେବାକୁ ପଡିଥାଏ। ଗୃହକର୍ତ୍ତା ଘରେ କିମ୍ବା ଗ୍ରାମରେ ଅନୁପସ୍ଥିତ ଥିଲେ ତାଙ୍କର ପ୍ରତିନିଧି ସ୍ୱରୂପ ଘରର ଅନ୍ୟ କୌଣସି ସଦସ୍ୟ (ସ୍ତ୍ରୀଲୋକ ବ୍ୟତୀତ) ଉପସ୍ଥିତ ରହିଲେ ମଧ୍ୟ ଚଳେ। କିନ୍ତୁ ବୈଠକର ଆଲୋଚନାରେ ତାଙ୍କର ଗୁରୁତ୍ୱ ରହେ ନାହିଁ।

## ଗ୍ରାମସଭା ସଦସ୍ୟମାନଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ଅନ୍ୟ ଗୁଣାବଳୀ ସମୂହ:

ଗ୍ରାମସଭା ସଦସ୍ୟ ମାନଙ୍କ ବ୍ୟକ୍ତିତ୍ୱ ତଥା ଗୁଣ ଉପରେ ସାଧାରଣତଃ ସଭାକାର୍ଯ୍ୟର ସଫଂଳତା ନିର୍ଭର କରେ। ଏଥିରେ ସଭାପତିଙ୍କ ବ୍ୟକ୍ତିତ୍ୱ ଓ ଦକ୍ଷତା ବିଶେଷ ପ୍ରଣିଧାନ ଯୋଗ୍ୟ। ସଭାପତି ସ୍ୱଭାବରେ ଶାନ୍ତ, ବ୍ୟବହାରରେ ଅମାୟିକ, ବୁଦ୍ଧିରେ ବିଚକ୍ଷଣ, କଥାବାର୍ତ୍ତାରେ ଶାଳୀନ, ବୟସରେ ପରିପକ୍ୱ ଓ ବିଚାର କ୍ଷେତ୍ରରେ ନିରପେକ୍ଷ ହେବା ଏକାନ୍ତ ବିଧେୟ। ସମସ୍ତ ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ ରହି ସେ ସଭାକାର୍ଯ୍ୟ ପରିଚାଳନା କରିଥାଆନ୍ତି। ଭୟ, ଅନୁଗ୍ରହ, ପକ୍ଷପାତିତା ବା ପ୍ରଲୋଭନ ସଭାପତିଙ୍କ ଚିନ୍ତାଧାରାକୁ ପ୍ରଭାବିତ କରିପାରେ ନାହିଁ। ସଭାପତିଙ୍କ ନିଷ୍ପତ୍ତିକୁ ସମସ୍ତେ ସମ୍ମାନ ଜଣାନ୍ତି। ଗ୍ରାମବାସୀମାନଙ୍କର ସଭାପତିଙ୍କ ଉପରେ ଗଭୀର ଆସ୍ଥା ଥାଏ। ସଭାପତି ମଧ୍ୟ ଲୋକଙ୍କ ଆସ୍ଥାକୁ ସମ୍ମାନ ଜଣାଇ ବିଚାର କ୍ଷେତ୍ରରେ ନିଜର ନିରପେକ୍ଷ ନିଷ୍ପତ୍ତି ପ୍ରଦାନ କରି ସଭାପତି ପଦର ମହନୀୟତା ଅକ୍ଷୁର୍ଣ୍ଣ ରଖନ୍ତି। ସଭାପତି ମଧ୍ୟ ଗ୍ରାମର ବିଭିନ୍ନ ଉତ୍ସବ ଓ ପୂଜାପାର୍ବଣରେ ଉପସ୍ଥିତ ରହି ତଥା ସହଯୋଗ କରି ନିଜ ମାନବିକତାର ଭାବ ପ୍ରଦର୍ଶନ କରିଥାଆନ୍ତି। ସଭାପତି ନିଶାଦ୍ରବ୍ୟ ସେବନ ଠାରୁ ଯଥେଷ୍ଟ ଦୂରରେ ରହନ୍ତି। ଗ୍ରାମସଭାର ଅନ୍ୟ ଦୁଇ ଜଣ ମୁଖ୍ୟ ନାଏକେ ଓ ଗଡେତ୍ ମାନଙ୍କ ବ୍ୟକ୍ତିତ୍ୱ ସଭାପତିଙ୍କ ପରି ବାଧ୍ୟବାଧକତାସଂପନ୍ନ ହୋଇ ନଥିଲେ ମଧ୍ୟ ସେମାନେ ସୁଗୁଣର ଅଧିକାରୀ ହୋଇଥିବା ଆବଶ୍ୟକ। ସଭାପତିଙ୍କ ଅନୁପସ୍ଥିତିରେ ନାଏକେ ଓ ଗଡେତ୍ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନେ ଉତ୍ତମ ଶୈଳୀରେ ଗ୍ରାମସଭାର କାର୍ଯ୍ୟଧାରାକୁ

ସୁରୁରୁ ରୂପେ ଚଳାଇ ନେଇପାରନ୍ତି । ଗ୍ରାମସଭାର ଅନ୍ୟ ସଦସ୍ୟମାନେ ହେଲେ ସଂପୃକ୍ତ ଗ୍ରାମର ପ୍ରତ୍ୟେକ ଗୃହକର୍ତ୍ତା । ଏହି ସଦସ୍ୟମାନଙ୍କର ବ୍ୟକ୍ତିତ୍ୱ ସଂପୂର୍ଣ୍ଣ ନିଜସ୍ୱ । ଭିନ୍ନ ଭିନ୍ନ ଗୁଣର ବ୍ୟକ୍ତିବିଶେଷ ଗ୍ରାମସଭାର ସଦସ୍ୟତା କରିଥାଆନ୍ତି । କିନ୍ତୁ ପ୍ରତ୍ୟେକ ପରିବାରର ମୁଖ୍ୟ ଭାବରେ ଦାୟିତ୍ୱସଂପନ୍ନ ହୋଇଥିବାରୁ ସଭାକାର୍ଯ୍ୟ ପରିଚାଳନାରେ ପ୍ରତିବନ୍ଧକ ସୃଷ୍ଟି ନକରି ଯଥାସାଧ୍ୟ ସହାୟତା ଦେଇଥାଆନ୍ତି ।

## ଗ୍ରାମସଭାକୁ ନିର୍ବାଚିତ ସଦସ୍ୟ ମାନଙ୍କ କାର୍ଯ୍ୟକଳାପ:

ଗ୍ରାମସଭାର ସଦସ୍ୟମାନେ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସଂପାଦନ କରିଥାଆନ୍ତି । ସେଗୁଡିକ ହେଲା- (୧) ପ୍ରତ୍ୟେକ ମାମଲାର ଉପଯୁକ୍ତ ବିଚାର କରି ସଭାପତି ନିଜେ ଦୋଷୀକୁ ଦଣ୍ଡ ବା କ୍ଷମା ପ୍ରଦାନ କରନ୍ତି । ସମସ୍ତ ସଦସ୍ୟ ସଭାପତିଙ୍କ ନିଷ୍ପତ୍ତିକୁ ସମ୍ମାନର ସହ ଗ୍ରହଣ କରନ୍ତି ।

(୨) ଗ୍ରାମରେ ପାଳିତ ସମସ୍ତ ପର୍ବପର୍ବାଣି ଓ ପୂଜା ଆରାଧନାରେ ସଭାପତି ମୁଖ୍ୟ ପୂଜକ (ଆଖଡାଣୀ)ଙ୍କ ସହାୟତା କରନ୍ତି ।

(୩) କୌଣସି ପରିବାରରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଝଗଡା ହେଲେ, ତାହାର ସମାଧାନ ସଭାପତିଙ୍କ ଦ୍ୱାରା ହୋଇଥାଏ ।

(୪) ଗ୍ରାମରେ କୌଣସି ମାରତ୍ମକ ରୋଗ-ବ୍ୟାଧି ବ୍ୟାପିଲେ ତାହାର ପ୍ରତିକାର ପାଇଁ ଗ୍ରାମସଭାର ସଦସ୍ୟ ବୃନ୍ଦ ଉପାୟ ସ୍ଥିର କରନ୍ତି ।

(୫) ଯଦି କୌଣସି କାରଣରୁ କନ୍ୟାସୁନା (ଗନଂ) ଫେଂରସ୍ତ ଦେବାକୁ ପଡେ, ତେବେ ଗ୍ରାମସଭା ମାଧ୍ୟମରେ ଫେଂରସ୍ତ ହୁଏ ।

(୬) ଦୋଷୀ ନିଜ ଦୋଷ ସ୍ୱୀକାର କରିବା ପରେ ପୁନର୍ବାର ଏପରି ଦୋଷ ନକରିବାକୁ ଗ୍ରାମସଭା ତାକୁ ଶପଥ ପାଠ କରାଏ ।

(୭) ଚୋରୀ କରିବା, ଗାଳିଗୁଲଜ କରିବା, ଗୁଣିଗାରେଡି କରି ଅନ୍ୟକୁ ବଶୀଭୂତ କରିବା, ପର ସ୍ତ୍ରୀ/ଝିଅ ଉପରେ କୁଦୃଷ୍ଟି ପକାଇବା, ବିବାହ ପରେ ଝିଅକୁ ହଇରାଣ ହରକତ କରିବା (ଏହି ଦୋଷଟି ସବୁଠାରୁ ଗର୍ହିତ ଅପରାଧ) ଇତ୍ୟାଦି ବିଷୟରେ ଆମୂଳଚୂଳ ଆଲୋଚନା ଗ୍ରାମସଭାରେ କରାଯାଇ ଶେଷ ନିଷ୍ପତ୍ତି ସଭାପତି ନେଇ ଥାଆନ୍ତି ।

## ଗ୍ରାମସଭାରେ ନିଷ୍ପତ୍ତି ନିଆଯାଉଥିବା କେସ୍/ ମାମଲା :

ଗ୍ରାମସଭାରେ ବିଭିନ୍ନ ପ୍ରକାର ମାମଲାର ବିଚାର କରାଯାଇଥାଏ । ସେ ସବୁ ମାମଲା ପରିବାର, ସାହି, ଗ୍ରାମ ତଥା ବ୍ୟକ୍ତିଗତ ସ୍ତରରୁ ଆସିଥାଏ । ତନ୍ମଧ୍ୟରୁ କେତେକ ମୁଖ୍ୟ ମାମଲା ଗୁଡିକ ହେଲା :-

(୧) ବିବାହ ପରେ ଯଦି ସ୍ୱାମୀ ତାର ସ୍ତ୍ରୀକୁ ଗାଳିଗୁଲଜ କିମ୍ବା ମାରପିଟ୍ କରେ ଏବଂ ଘରୁ ତଡିଦିଏ, ଏହି ମାମଲାକୁ ଗୁରତ୍ୱର ସହ ବିଚାର କରାଯାଏ ।

(୨) କୌଣସି ଯୁବକ ଯଦି ଲୁଚାଛପା କୌଣସି ଝିଅ ସହିତ ପ୍ରେମ ସଂପର୍କ ରଖିଥାଏ, ତେବେ ତାଙ୍କର ବିବାହ ପାଇଁ ଗ୍ରାମ ସଭାରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଏ ।

(୩) ପୁତ୍ର ଯଦି ନିଜ ବୃଦ୍ଧ ପିତାମାତାଙ୍କ ଭରଣ ପୋଷଣ ଦାୟିତ୍ୱ ନନିଏ, ସେଭଳି ସମାସ୍ୟା ଗ୍ରାମସଭାରେ ଆଲୋଚିତ ହୋଇ ନିଷ୍ପତ୍ତି ନେବାକୁ ହୁଏ ।

(୪) ଗୋଟିଏ ପରିବାରର ଭାଇ-ଭାଇ ମଧ୍ୟରେ ବିବାଦର ସମାଧାନ କରେ ।

(୫) ଜଙ୍ଗଲରୁ ସଂଗୃହୀତ କୌଣସି ଦ୍ରବ୍ୟ କିମ୍ବା ମାଂସ ବଣ୍ଟନ ସମୟରେ ବିବାଦ ଉପୁଜିଲେ ଗ୍ରାମସଭାର ନଷ୍ପତ୍ତି ଚୂଡାନ୍ତ ।

(୬) କୌଣସି ବ୍ୟକ୍ତି ଯଦି ଅନ୍ୟଜଣକ ଠାରୁ ଚାଉଳ, ଟଙ୍କା କିମ୍ବା ହାଣ୍ଡିଆ ଧାର ସୂତ୍ରରେ ଆଣି ପରିଶୋଧ କରି ନଥାଏ, ତେବେ ଏପରି ମାମଲା ମଧ୍ୟ ଗ୍ରାମସଭାର ଆଲୋଚନା ପରିସରଭୁକ୍ତ ହୋଇ ସମାଧାନ କରାଯାଏ ।

(୭) ଦୋଷୀ ପୁନର୍ବାର ଦୋଷ ନକରିବାକୁ ଗ୍ରାମସଭା ଶପଥ କରାଏ ।

## ଗ୍ରାମ ସଭାରେ ସଦସ୍ୟମାନଙ୍କ ବସିବା ବନ୍ଦୋବସ୍ତ ଓ ପରିଚାଳନା ପଦ୍ଧତି:

ଗ୍ରାମସଭାର ସମସ୍ତ ବୈଠକ ସଭାପତିଙ୍କ ତତ୍ତ୍ୱାବଧାନରେ ହିଁ ପରିଚାଳିତ ହୁଏ । ବୈଠକ ବସିବା ପୂର୍ବରୁ ଗଡେତ୍ (ଡାକୁଆ) ଘରେ ଘରେ ବୁଲି ଗୃହକର୍ତ୍ତା ମାନଙ୍କୁ ବୈଠକ ଆହୁତ ହେଉଛି ବୋଲି ସୂଚନା ଦେଇଥାଆନ୍ତି । ସେହିଦିନ ଅପରାହ୍ନ କିମ୍ବା ସନ୍ଧ୍ୟାରେ ସଭା ବସିଥାଏ । ବସିବା ପାଇଁ ଏକ ବଡ ପଟିଆ କୌଣସି ଖୋଲାସ୍ଥାନରେ କିମ୍ବା କୌଣସି ଗଛ ମୂଳରେ ବିଛାଯାଏ । ସଭାପତିଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଆସନ ନଥାଏ । ସେ ମଧ୍ୟ ପଟିଆରେ ଅନ୍ୟ ସଦସ୍ୟଙ୍କ ସହିତ ସାଥୀ ହୋଇ ବସନ୍ତି । ସଭାପାଇଁ

ପାନୀୟର ବନ୍ଦୋବସ୍ତ ହୁଏନାହିଁ । କେବଳ ପାଣି ବ୍ୟବହୃତ ହୁଏ । ପଟିଆର ମଧ୍ୟ ଭାଗରେ ସଭାପତି ଓ ତାଙ୍କ ପାଖରେ ନାଏକେ ବସନ୍ତି । ମାଙ୍କିଡିଆ ମାନେ ନିରକ୍ଷର ହୋଇଥିବାରୁ ସଭାରେ କାଗଜ କଲମର ବ୍ୟବହାର ଦେଖାଯାଏ ନାହିଁ । କେବଳ ମୌଖିକ ଆଲୋଚନା ହୁଏ । ସଭାକାର୍ଯ୍ୟ ଆରମ୍ଭରେ ସଭାପତି ଗଡେତଙ୍କୁ ବୈଠକ ଡାକିବାର ଉଦ୍ଦେଶ୍ୟ ପଚାରନ୍ତି ଓ ତାପରେ ବିଧିବଦ୍ଧ ସଭାକାର୍ଯ୍ୟ ଚାଲେ ।

## ଆଲୋଚନା ଓ ନିଷ୍ପତ୍ତି ଘୋଷଣା:

ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ ଗଡେତ୍ (ଡାକୁଆ) ପ୍ରଥମେ ବୈଠକ ଆହ୍ୱାନ କରାଇଥିବା ବ୍ୟକ୍ତିଙ୍କୁ (ଅଭିଯୋଗକାରୀ) ନିଜର ଉଦ୍ଦେଶ୍ୟ ପ୍ରକାଶ କରିବାକୁ ସୁଯୋଗ ଦିଅନ୍ତି । ଅଭିଯୋଗକାରୀଙ୍କଠାରୁ ସମସ୍ତ ବିବରଣୀ ଶୁଣିସାରିବା ପରେ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଆବଶ୍ୟକ ସାକ୍ଷୀ (ପ୍ରତ୍ୟକ୍ଷଦର୍ଶୀ) ମାନଙ୍କ ମତାମତ ଶୁଣାଯାଏ । ଏହାପରେ ଦ୍ୱିତୀୟ ପକ୍ଷ (ଅଭିଯୁକ୍ତ)ଙ୍କୁ ନିଜର ଦୋଷ ବା ନିର୍ଦ୍ଦୋଷ ବିଷୟରେ କହିବାକୁ ନିର୍ଦ୍ଦେଷ ଦିଆଯାଇଥାଏ । ସେ ଯଦି ଦୋଷ କରିଥାଏ, ତାହା ସ୍ୱୀକାର କରେ କିନ୍ତୁ ଯଦି ଦୋଷ କରି ନଥାଏ, ତେବେ ତା' ବିରୋଧରେ ମିଥ୍ୟା ଅଭିଯୋଗ ଆସିଥିବା ଯୁକ୍ତି ଉପସ୍ଥାପନ କରେ । ଏହି ପ୍ରକ୍ରିୟାରେ ଉଭୟ ବାଦୀ ଓ ପ୍ରତିବାଦୀର ଯୁକ୍ତି ଶୁଣିସାରିବା ପରେ ସଭାପତି ଉଭୟ ପକ୍ଷଙ୍କୁ ସଂଯତ ରହିବାକୁ ନିର୍ଦ୍ଦେଶ ଦିଅନ୍ତି । ଏହା ପରେ ସଦସ୍ୟମାନଙ୍କ ଭିତରେ ସାଧାରଣ ଭାବରେ ମୌଖିକ ଆଲୋଚନା ଚାଲେ ଓ ସଦସ୍ୟମାନେ ନିଜ ନିଜ ମତାଦେବାକୁ ସଭାପତି ପ୍ରତ୍ୟେକଙ୍କୁ (ଜଣକ ପରେ ଜଣେ) ସୁଯୋଗ ଦେଇଥାଆନ୍ତି । ସବୁ ଶୁଣିସାରିବା ପରେ ସଭାପତି ନିଜେ ଘଟଣାଟିର ଆମୂଳଚୂଳ ତର୍ଜମା କରି ଧୀର ବୁଦ୍ଧି ଓ ସ୍ଥିର ଚିତ୍ତରେ ନିଷ୍ପତ୍ତି ନିଅନ୍ତି ଓ ନ୍ୟାୟ ଘୋଷଣା କରନ୍ତି । ତାଙ୍କ ନିଷ୍ପତ୍ତି ତଥା ନ୍ୟାୟ ଘୋଷଣାକୁ ଉଭୟ ପକ୍ଷ ଗ୍ରହଣ କରିନେବା ବ୍ୟତୀତ ଅନ୍ୟ ପନ୍ଥା ନଥାଏ । ଛୋଟ ଛୋଟ ଭୁଲ ପାଇଁ (ସ୍ୱାମୀ-ସ୍ତ୍ରୀ ମଧ୍ୟରେ କ୍ଷଣିକ ଝଗଡା, ପୁରୁଷ-ପୁରୁଷ ମଧ୍ୟରେ ଗାଳିଗୁଲଜ, ସାଧାରଣ ଧମକ ଇତ୍ୟାଦି) ସାଧାରଣତଃ ଏକ ହାଣ୍ଡି ହାଣ୍ଡିଆ ଓ ୨୦୦ ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଜୋରିମନା ଆଦାୟ ହୁଏ । ଦଣ୍ଡ ସହିତ ସମସ୍ୟାର ସମାଧାନ ମଧ୍ୟ କରାଯାଏ ।

## ଶପଥ:

ଅପରାଧୀ ନିଜର ଦୋଷ ସ୍ୱୀକାର କରିସାରିବା ପରେ ପୁନର୍ବାର ସେପରି ଦୋଷ ନକରିବା ପାଇଁ ସଭାରେ ସମସ୍ତଙ୍କ ସମ୍ମୁଖରେ ଶପଥ/ପ୍ରତିଜ୍ଞା କରିଥାଆନ୍ତି । ନିଜର ପୁଅ, ଝିଅ, ସ୍ତ୍ରୀ କିମ୍ବା ଗ୍ରାମ ଦେବତୀ/ଦେବତାଙ୍କ ରାଣ ଖାଇ ପ୍ରତିଜ୍ଞା କରିବାକୁ ହୁଏ । ପ୍ରତିଜ୍ଞା

କରି ପୁନର୍ବାର ସେହି ଭୁଲ କଲେ ଦୁଇଗୁଣ ଜୋରିମନା ଦେବାର ପ୍ରତିଶ୍ରୁତି ଦେଇଥାଆନ୍ତି । ଏପରି ପ୍ରତିଜ୍ଞା କରିବା ଦ୍ୱାରା ସେ ପୁନଃ ସମସ୍ତଙ୍କ ପ୍ରିୟଭାଜନ ହେବାକୁ ଚେଷ୍ଟା କରନ୍ତି ଓ ତାଙ୍କ ପ୍ରତି ସମସ୍ତଙ୍କର ମନୋଭାବ ସହାନୁଭୂତିଶୀଳ ହୁଏ ।

**ଦଣ୍ଡବିଧି- ଶାରୀରିକ, ଆର୍ଥିକ ଏବଂ ନୈତିକ:**

ଶାରୀରିକ ଦଣ୍ଡ- ଅନ୍ୟ ଗୋଷ୍ଠୀରେ ଶାରୀରିକ ଦଣ୍ଡ ପ୍ରଚଳିତ ଥିବା ସ୍ଥଳେ ମାଙ୍କିଡିଆ ସମାଜରେ ଏପରି ଦଣ୍ଡ ପ୍ରଚଳିତ ନାହିଁ ।

**ଆର୍ଥିକ ଦଣ୍ଡ :** ଗ୍ରାମସଭାର ନିଷ୍ପତ୍ତି କେବଳ ଆର୍ଥିକ ଓ ସାମାଜିକ ଦଣ୍ଡ ଉପରେ ପର୍ଯ୍ୟବସିତ । ମାଙ୍କିଡିଆ ମାନଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ହୋଇଥିବାରୁ ଅର୍ଥଦଣ୍ଡକୁ ସବୁଠାରୁ ବଡ ଦଣ୍ଡ ବୋଲି ବିବେଚନା କରାଯାଏ । ଛୋଟମୋଟ ଭୁଲ ପାଇଁ ଏକ ହାଣ୍ଡି ହାଣ୍ଡିଆ ଓ ୧୦ ରୁ ୨୦ ଟଙ୍କା ଯାଏ ଜୋରିମନା ହୁଏ । ମଧ୍ୟମ ଧରଣର ଭୁଲ ପାଇଁ ଏକ ହାଣ୍ଡି ହାଣ୍ଡିଆ ଓ ୫୦ ରୁ ୧୦୦ ଟଙ୍କା ଯାଏଁ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଥାଏ ।

**ସାମାଜିକ ଦଣ୍ଡ :** ଗ୍ରାମସଭାରେ ମାମଲାର ବିଚାର ହୋଇ ଦୋଷୀକୁ ଯେଉଁ ଦଣ୍ଡ ମିଳେ, ତାହା ସଂପୃକ୍ତ ବ୍ୟକ୍ତି ମାନିବାକୁ ବାଧ୍ୟ । ସଭାପତିଙ୍କ ଦ୍ୱାରା ଘୋଷିତ ଦଣ୍ଡ ଗ୍ରହଣ କରିବାରେ ଅବହେଳା ପ୍ରଦର୍ଶନ କଲେ କିମ୍ବା ଗ୍ରାମ ସଭାର ନୀତିନିୟମକୁ ଅବମାନନା କଲେ ସଂପୃକ୍ତ ଦୋଷୀକୁ ନିଆଁ ପାଣି ବନ୍ଦ କରିଦିଆଯାଏ । ଯେ କୌଣସି କାର୍ଯ୍ୟରେ ତାକୁ ଅସହଯୋଗ କରାଯାଏ । ଏପରିକି ଗ୍ରାମବାସୀ ତା ସହିତ କଥାବାର୍ତ୍ତା ମଧ୍ୟ ବାସନ୍ଦ କରିଦିଅନ୍ତି । ତେଣୁ ଏପରି ମାନସିକ ଯନ୍ତ୍ରଣାଠାରୁ ନିଜକୁ ମୁକ୍ତ ରଖିବାପାଇଁ ଦୋଷି ଦଣ୍ଡ ଗ୍ରହଣ କରିବାକୁ ବାଧ୍ୟ ହୋଇଥାଏ ।

**ଅଲୌକିକ ଦଣ୍ଡ:** ବେଳେ ବେଳେ ଏପରି ବି ହୋଇଥାଏ ଯେ, କୌଣସି ବ୍ୟକ୍ତିକୁ ତାର ଦୋଷ ପାଇଁ ଉପଯୁକ୍ତ ସାକ୍ଷୀ ପ୍ରମାଣର ଅଭାବରୁ କୌଣସି ଦଣ୍ଡ ଦିଆଯାଇ ପାରେ ନାହିଁ । ଏପରି ସ୍ଥଳେ ତା' ଦୋଷର ବିଚାର ଗ୍ରାମ ଦେବତୀ/ଦେବତା କରିବେ ବୋଲି ଗ୍ରାମ ସଭାର ସଦସ୍ୟମାନେ କହିଥାଆନ୍ତି । ଏହାକୁ ମାଙ୍କିଡିଆ ସଂପ୍ରଦାୟରେ ଅଲୌକିକ ଦଣ୍ଡ ବୋଲି କହନ୍ତି ।

**ଗ୍ରାମ ସଭାର ଗଠନ ଓ କାର୍ଯ୍ୟକଳାପରେ ପରିବର୍ତ୍ତନ:**

ଗ୍ରାମସଭା ଗଠନ କ୍ଷେତ୍ରରେ ବଡ ଧରଣର କୌଣସି ପରିବର୍ତ୍ତନ ହୋଇ ନଥିଲେ ମଧ୍ୟ ସାମାନ୍ୟ ପରିବର୍ତ୍ତନର ସୁଚନା ମିଳେ । ସଭାପତି ଗ୍ରାମ ଦେବତୀ/ଦେବତା

ମାନଙ୍କ ଦ୍ୱାରା ଆଦେଶ (ଦାସୀ ମୁହଁରେ) ମାଧ୍ୟମରେ ମନୋନୀତ ହୋଇ ଆସୁଥିଲେ ହେଁ ଯେ କୌଣସି ସମୟରେ ସଭାପତି ଯଦି ନିଜ ପଦବୀରେ ରହିବାକୁ ଅନିଚ୍ଛା ପ୍ରକାଶ କରନ୍ତି, ତେବେ ଗ୍ରାମବାସୀ ଚାହୁଁଥିବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ 'ସଭାପତି' ପଦରେ ଅଧିଷ୍ଠିତ କରାଇ ପାରନ୍ତି । ସଭାପତିଙ୍କ ଅନୁପସ୍ଥିତିରେ ଉପସଭାପତି (ନାଏକେ) ସଭାକାର୍ଯ୍ୟ ପରିଚାଳନା କରିବା ବ୍ୟବସ୍ଥା ଥିଲେ ମଧ୍ୟ ବେଳେ ବେଳେ ଏହାର ବ୍ୟତିକ୍ରମ କରାଇ ଗ୍ରାମବାସୀ ଚାହୁଁଥିବା ଯେ କୌଣସି ବ୍ୟକ୍ତିଙ୍କୁ ଏହି ଦାୟିତ୍ୱ ଅର୍ପଣ କରାଯାଇଥାଏ । କିନ୍ତୁ ସଭାପତି କାର୍ଯ୍ୟ ପାଇଁ ଏହି ନୀତି ପ୍ରଯୁଜ୍ୟ ନୁହେଁ । ସଭାକାର୍ଯ୍ୟ ବା ବୈଠକ ବସିବା ସମୟରେ ସମସ୍ତ ଗୃହକର୍ତ୍ତା ଉପସ୍ଥିତ ରହିବାର ବିଧି ଥିଲେ ହେଁ ଅଳ୍ପ କେତେକ ଗୃହକର୍ତ୍ତା ଅନୁପସ୍ଥିତ ରହିଲେ ତାହା ଧର୍ତ୍ତବ୍ୟ ହୁଏ ନାହିଁ । ଅବଶ୍ୟ ଏ ସବୁ କୋହଳ ନୀତି ଏବେ ଅନୁସୃତ ହେଉଥିବା ଦେଖାଯାଉଛି ।

## ପାରମ୍ପରିକ ଗ୍ରାମସଭାର ଅତୀତ ଓ ବର୍ତ୍ତମାନ:

ସମୟର ପରିବର୍ତ୍ତନ ସହିତ ପାରମ୍ପରିକ ଗ୍ରାମସଭାର ଅତୀତ ଓ ବର୍ତ୍ତମାନର ବିଚାର ଧାରାରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଗ୍ରାମସଭାରେ ସମସ୍ତ ମାମଲାର ବିଚାର ଓ ନିଷ୍ପତ୍ତି ହେବାର ପରମ୍ପରା ମାଙ୍କିଡିଆ ସମାଜରେ ବହୁ ପୁରାତନ । କିନ୍ତୁ ଏବେ ଗ୍ରାମସଭାରେ ଯେଉଁ ମାମଲା ବା କେସ୍ ବିଚାର ହୋଇ ପାରୁନାହିଁ ତାହା ନିକଟସ୍ଥ ପୋଲିସ ଫାଂଣ୍ଡିକୁ ହସ୍ତାନ୍ତର କରାଯାଉଛି । ପୁଣି କେତେକ ଲୋକ ଗ୍ରାମସଭାକୁ ବେଖାତିର କରି ନିଜ ମାମଲାର ସୁବିଚାର ପାଇଁ ସିଧାସଳଖ ଫାଂଣ୍ଡି ସହିତ ଯୋଗାଯୋଗ କରୁଥିବା ଦେଖାଯାଉଛି ।

## ଉଦାହରଣ :

ଗ୍ରାମସଭାରେ ବିଚାର ପାଇଁ ବିଭିନ୍ନ ପ୍ରକାରର କେସ/ମାମଲା ଆସିଥାଏ । ଯଥା- ଚୋରି କରିବା, ଗାଳିଗୁଲଜ କରିବା, ପର ସ୍ତ୍ରୀ/ଝିଅକୁ ଅଶ୍ଳୀଳ ଇଙ୍ଗିତ ଦେବା, ପିଟାପିଟି ହେବା, କନ୍ୟାପଣ ପେଂରସ୍ତ, ବୃଦ୍ଧ ପିତାମାତାଙ୍କର ଭରଣ ପୋଷଣ ଦାୟିତ୍ୱ ନନେବା (ପୁତ୍ରର), ଭାଇ-ଭାଇ ମଧ୍ୟରେ ବିବାଦ, ଯୁବକ-ଯୁବତୀଙ୍କର ଲୁଚାଛପା ପ୍ରେମ ସଂପର୍କ, ବିବାହିତା ସ୍ତ୍ରୀ ପ୍ରତି ଅତ୍ୟାଚାର ବା ଘରୁ ବିତାଡିତ, ଜଙ୍ଗଲରୁ ସଂଗୃହୀତ ଦ୍ରବ୍ୟ ତଥା ମାଂସ ବଣ୍ଟନରେ ବିବାଦ, ଧାରସୂତ୍ରରେ କିଛି ନେଇ ପେଂରସ୍ତ ନଦେବା ଇତ୍ୟାଦି । ସେ ଗୁଡିକ ମଧ୍ୟରୁ ଗୋଟିଏ ମାମଲାର ବିଷୟ ଓ ବିଚାର ପ୍ରକ୍ରିୟା ନିମ୍ନମତେ ଦିଆଗଲା - : **ଚୋରି କରିବା :**

ଅଭିଯୁକ୍ତର ପରିଚୟ- ନାମ- ହିଜରା ମାଙ୍କିଡିଆ
ପିତା- ୰ସୁକୁରା ମାଙ୍କିଡିଆ
ଗ୍ରାମ- ମାଙ୍କିଡିଆ ସାହି
ପୋ:- ସର୍ବଣା
ଜିଲ୍ଲା- ମୟୂରଭଂଜ ।

**ବିଷୟ :**

ଉପରୋକ୍ତ ଗ୍ରାମରେ ସୁକୁରା ମାଙ୍କିଡିଆ ତାର ପଡୋଶୀ ହାରେଲ୍ ମାଙ୍କିଡିଆ ଘରୁ ଘରଲୋକ ଅନୁପସ୍ଥିତିର ସୁଯୋଗ ନେଇ ଅନ୍ତତଃ ଦୁଇ ସେର ଚାଉଳ, ଜଙ୍ଗଲରୁ ସଂଗୃହୀତ କିଛି ସିଆଡି ଛେଲି ଲୁଚାଇ ଚୋରାଇ ନେଇ ଯାଇଛି । ଏ ଘଟଣା ଗ୍ରାମର ଅନ୍ୟ ଜଣେ ଲୋକ ସାଗ୍‌ରାମ୍ ମାର୍ଣ୍ଡି ଦେଖିଥିଲା । ତେଣୁ ସାଗ୍‌ରାମ୍ ଏହି ଚୋରୀ ଘଟଣା ହାରେଲ୍‌କୁ କହିବା ପରେ ଗ୍ରାମ ସଭାପତିଙ୍କୁ ସମସ୍ତ ବିବରଣୀ ଜଣାଇ ଦିଆଗଲା । ସଭାପତି ହାରେଲ୍‌କୁ ଗ୍ରାମସଭା ଡାକିବାକୁ ପରାମର୍ଶ ଦେଲେ । ସେହି ଦିନ ସନ୍ଧ୍ୟାରେ ଗ୍ରାମସଭାର ବୈଠକ ଆହୁତ ହୋଇ ସୁକୁରାକୁ ତାର ଦୋଷ ସ୍ୱୀକାର କରିବାକୁ କୁହାଗଲା । ପ୍ରଥମେ ସୁକୁରା ଦୋଷ ସ୍ୱୀକାର କରୁ ନଥିଲେ ମଧ୍ୟ ତା ଘର ଯାଞ୍ଚ କଲାପରେ ସିଆଡି ଛେଲି ଘର କୋଣରେ ଲୁଚାଯାଇଥିବା ଅବସ୍ଥାରେ ଉଦ୍ଧାର କରାଗଲା । ଏହା ପରେ ସୁକୁରା ଦୋଷ ସ୍ୱୀକାର କରିବାକୁ ବାଧ୍ୟ ହେଲା । ଦଣ୍ଡ ସ୍ୱରୂପ ତାକୁ ହାଣ୍ଡିଏ ହାଣ୍ଡିଆ ଓ ୨୦ଟଙ୍କା ଜୋରିମନା ଏକ ସପ୍ତାହ ମଧ୍ୟରେ ଦେବାକୁ ନିର୍ଦ୍ଦେଶ ଦିଆଗଲା । ପୁନର୍ବାର ଏପରି ଦୋଷ ନକରିବାକୁ ଠାକୁରାଣୀଙ୍କ ନାମରେ ପ୍ରତିଜ୍ଞା/ଶପଥ କରାଗଲା । ସୁକୁରା ନିର୍ଦ୍ଧାରିତ ସମୟ ମଧରେ ଜୋରିମନା ଦାଖଲ କଲା ଓ ସମସ୍ତେ ମିଳିମିଶି (ସଭାପତିଙ୍କ ବ୍ୟତୀତ) ହାଣ୍ଡିଆ ପାନ କଲେ ।

ମାଙ୍କିଡିଆ ଗୋଷ୍ଠୀର ଗ୍ରାମସଭା ବ୍ୟବସ୍ଥା ସେମାନଙ୍କ ସଚ୍ଚୋଟତା ତଥା ଶାନ୍ତି ପ୍ରିୟତାକୁ ସ୍ପଷ୍ଟ କରିଥାଏ । ଗ୍ରାମ ସ୍ତରରୁ ସମସ୍ତ ମାମଲାର ଶାନ୍ତିପୂର୍ଣ୍ଣ ସମାଧାନ ସମ୍ଭବ ହୁଏ । ଏଥିପାଇଁ ପୋଲିସର ସହାୟତା ନେଇ ଅଯଥା ହଇରାଣ ତଥା ଖର୍ଚ୍ଚାନ୍ତ ହେବାକୁ ପଡି ନଥାଏ । ଶୃଙ୍ଖଳିତ ମାଙ୍କିଡିଆଙ୍କ ଗ୍ରାମସଭା ପ୍ରଥା ବେଶ୍ ଉତ୍ସାହଜନକ । କିନ୍ତୁ ଏହାର ହାଣ୍ଡିଆ ଜୋରିମନା ନିୟମ ଅନାବଶ୍ୟକ ମନେ ହୁଏ । କାରଣ ହାଣ୍ଡିଆ ଉଶୃଙ୍ଖଳତାର ଉତ୍ସ । ତେଣୁ ଗ୍ରାମସଭାର ବିଚାରଧାରାରେ ସମାନ୍ୟ ପରିବର୍ତ୍ତନ ଆଣିଲେ, ଏହା ଅଧିକ ସୁସଂହତ ଓ ନ୍ୟାୟଯୁକ୍ତ ହୋଇପାରନ୍ତା ।

# ଗୁଣି ଗାରେଡି ଓ ଧର୍ମୀୟ କାର୍ଯ୍ୟନିର୍ବାହୀ (ଆଖଡାଣୀ)

"ଧାରୟତି ଇତି ଧର୍ମଃ"- ଯାହା ମାନବ ସମାଜକୁ ଧାରଣ କରି ରଖିଛି, ତାହାହିଁ ଧର୍ମ । ସାମ୍ୟ, ମୈତ୍ରୀ, ଶାନ୍ତି, ସଦ୍ଭାବ, କରୁଣା, କର୍ମ ଓ ନ୍ୟାୟର ସମ୍ମିଶ୍ରଣରେ ଧର୍ମ ଏକ ସମାଜିକ ସଂସ୍କୃତିକ ଓ ମାନସିକ ପ୍ରତ୍ୟୟ ଯାହା ସମାଜରେ ଶୃଙ୍ଖଳା ଓ ପ୍ରଗତିକୁ ଦୃଢ କରିଥାଏ । ଧର୍ମ ପ୍ରଧାନ ଭାରତବର୍ଷରେ ଧର୍ମର ଏକ ଅଖଣ୍ଡ ପ୍ରଭାବ ପ୍ରତ୍ୟେକ ଗୋଷ୍ଠୀକୁ ଆଚ୍ଛନ୍ନ କରି ରଖିଛି । ପ୍ରତ୍ୟେକ ସଂପ୍ରଦାୟ ନିଜ ନିଜ ଆରାଧ୍ୟ ଦେବତା ତଥା ବିଭିନ୍ନ ପର୍ବପର୍ବାଣିରେ ସଂପୃକ୍ତ ଦେବଦେବୀଙ୍କୁ ଧର୍ମୀୟ କର୍ମକର୍ତ୍ତା ବା ପୁରୋହିତଙ୍କ ମାଧ୍ୟମରେ ପୂଜା ଆରାଧନା କରିଥାଆନ୍ତି । ଅନୁରୂପ ଭାବରେ ମାଙ୍କିଡିଆ ସମାଜରେ ପୁରୋହିତ (ଆଖଡାଣୀ) ଗ୍ରାମର ଶ୍ରେଷ୍ଠ ପୂଜକ ଭାବରେ ସମସ୍ତ ଧର୍ମୀୟ ଉତ୍ସବ ଅନୁଷ୍ଠାନରେ ପୌରୋହିତ୍ୟ କରନ୍ତି ।

## ଗ୍ରାମ/ଗୋଷ୍ଠୀ ସ୍ତରରେ ଗୁଣିଗାରେଡି ତଥା ଧର୍ମୀୟ କାର୍ଯ୍ୟନିର୍ବାହୀ:

ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀରେ ଗ୍ରାମ ତଥା ଗୋଷ୍ଠୀ ସ୍ତରରେ ଜଣେ ଲେଖାଏଁ ମୁଖ୍ୟ ଧର୍ମୀୟ କର୍ମକର୍ତ୍ତା ଥାଆନ୍ତି । ସେମାନେ ବ୍ୟକ୍ତି ସ୍ୱାର୍ଥଠାରୁ ଊର୍ଦ୍ଧ୍ୱରେ ରହି ସମଗ୍ର ଗ୍ରାମ ଓ ଗୋଷ୍ଠୀଭିତ୍ତିକ ସ୍ୱାର୍ଥ ଉପରେ ଗୁରୁତ୍ୱ ଦେଇଥାଆନ୍ତି । ସମସ୍ତ ଗ୍ରାମବାସୀ ତାଙ୍କ ନିକଟରେ ସମାନ । ସମସ୍ତଙ୍କ ମଙ୍ଗଳ କାମନା ଓ ତତ୍ ସଂକ୍ରାନ୍ତୀୟ ଧର୍ମୀୟ ଅନୁଷ୍ଠାନ ତାଙ୍କର ଏକାନ୍ତ କର୍ତ୍ତବ୍ୟ ।

## ମନୋନୟନ ପଦ୍ଧତି:

ମାଙ୍କିଡିଆ ମାନଙ୍କର ଧର୍ମୀୟ କର୍ମକର୍ତ୍ତା (ଆଖଡାଣୀ) ନିଯୁକ୍ତିରେ ନିର୍ବାଚନ ପରିବର୍ତ୍ତେ ମନୋନୟନ ଉପରେ ଗୁରୁତ୍ୱ ଦିଆଯାଇଥାଏ । ଏହି ମନୋନୟନ କାର୍ଯ୍ୟ ସଭାପତି (ଦେରିଃ)ଙ୍କ ଦ୍ୱାରା ସଂପାଦିତ ହୁଏ । ଆଖଡାଣୀ ଦାୟିତ୍ୱରେ ରହି ହଠାତ୍ କୌଣସି ଆକସ୍ମିକ ଦୁର୍ଘଟଣାରେ ମୃତ୍ୟୁବରଣ କଲେ କିମ୍ବା ସେ ବୃଦ୍ଧ ହୋଇଗଲେ କିମ୍ବା ପୂଜା କରିବାରେ ଅନିଚ୍ଛା ପ୍ରକାଶ କଲେ, ସେ କ୍ଷେତ୍ରରେ ତାଙ୍କର ପୁତ୍ର କିମ୍ବା ତାଙ୍କ ବଂଶର ଯେ କୌଣସି ବ୍ୟକ୍ତିଙ୍କୁ ସଭାପତି ଆଖଡାଣୀ ପଦବୀରେ ଅଭିଷିକ୍ତ କରାଇ ଥାଆନ୍ତି ।

## ଗୁଣିଗାରେଡି ଓ ଧର୍ମୀୟ କାର୍ଯ୍ୟନିର୍ବାହୀଙ୍କ ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣାବଳୀ:

ଆଖଡାଣୀ ସାଧାରଣତଃ ଅତ୍ୟନ୍ତ ସରଳ ଓ ଧର୍ମପ୍ରାଣ ବ୍ୟକ୍ତି ହୋଇଥାଆନ୍ତି । ତାଙ୍କର ଈଶ୍ୱରଙ୍କ ପ୍ରତି ଓ ଗ୍ରାମ ଦେବତୀ/ଦେବତା ମାନଙ୍କ ପ୍ରତି ଅଖଣ୍ଡ ଭକ୍ତି ଓ ବିଶ୍ୱାସ ରହିଥାଏ । ପୂଜା ଆରାଧନା ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟରେ ସେ ସିଦ୍ଧହସ୍ତ ହୋଇଥାଆନ୍ତି । ପୂଜାର ନୀତିନିୟମକୁ ନିଷ୍ଠାର ସହ ସମ୍ମାନ ପ୍ରଦର୍ଶନ କରନ୍ତି । ବଳିଷ୍ଠ ବ୍ୟକ୍ତିତ୍ୱ ସମ୍ପନ୍ନ ହୋଇଥିବା ଯୋଗୁଁ ସେ ସମସ୍ତଙ୍କର ସମ୍ମାନନୀୟ ମଧ୍ୟ ହୋଇପାରନ୍ତି । ବ୍ୟକ୍ତି ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସେ ଗ୍ରାମ ତଥା ଗୋଷ୍ଠୀର ମଙ୍ଗଳ କାମନା କରନ୍ତି ।

## ପ୍ରଶିକ୍ଷଣ:

ଯଥାରୀତିରେ ପୂଜା ପରିଚାଳନା ପାଇଁ ଆଖଡାଣୀଙ୍କର ସ୍ୱତନ୍ତ୍ର ତାଲିମର ଆବଶ୍ୟକତା ରହିଥାଏ । ଏହି ତାଲିମ ସେ ନିଜ ଗ୍ରାମର ଗୁରୁ କିମ୍ବା ପଡୋଶୀ ମାଙ୍କିଡିଆ ଗୋଷ୍ଠୀର ଗୁରୁଙ୍କ ଠାରୁ ଶିକ୍ଷା ଲାଭ କରନ୍ତି । ତାଲିମ ବିନା ତାଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରତି ଭକ୍ତି, ନିଷ୍ଠା ତଥା ବିଶ୍ୱାସ ଭାବ ଉଦ୍ରେକ ହେବା ସମ୍ଭବ ନୁହେଁ । ଉପଯୁକ୍ତ ତାଲିମପ୍ରାପ୍ତ କୌଣସି ନିଷ୍ଠାବାନ୍ ବ୍ୟକ୍ତିଙ୍କୁ ସଭାପତି ଆଖଡାଣୀ ପଦ ପାଇଁ ମନୋନୀତ କରିଥାଆନ୍ତି ।

## କାର୍ଯ୍ୟକଳାପ:

ମାଙ୍କିଡିଆ ମାନଙ୍କ ପୂଜାରୀ ବା ଆଖଡାଣୀ ଗ୍ରାମର ସମସ୍ତ ସାମୂହିକ ପୂଜାପାର୍ବଣ, ସାପ୍ତାହିକ ପୂଜାପାଠ, ମନ୍ତ୍ରଶିକ୍ଷା, ଡାହାଣୀ-ଭୂତ-ପ୍ରେତ ଝଡାଫୁଙ୍କା, ଗ୍ରାମ ଲୋକଙ୍କ ମାନସିକ ପୂଜା, ମାଘବଙ୍ଗା ପୂଜା, କରମ୍ ପୂଜା ମାନଙ୍କରେ ଗ୍ରାମର ମୁଖ୍ୟ ପୂଜକର ଦାୟିତ୍ୱ ସୁଚାରୁରୂପେ ତୁଲାଇ ଥାଆନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କ ଖାଦ୍ୟ ଓ ଅନ୍ୟାନ୍ୟ ବିଧି:

ଆଖଡାଣୀ ସାଧାରଣ ଲୋକ ପରି ଚଳନ୍ତି । କିନ୍ତୁ କେତେକ ପୂଜାପାଠ ଏବଂ କର୍ମକର୍ମାଣିରେ ସେ ନିଷିଦ୍ଧ ଖାଦ୍ୟ ଗ୍ରହଣ କରିନଥାଆନ୍ତି । ସେଗୁଡିକ ମଧ୍ୟରେ ଆମିଷ, ହାଣ୍ଡିଆ, ମଦ, ଭାତ ପ୍ରଧାନ । ଗ୍ରାମ ଦେବତା/ଦେବତୀଙ୍କ ପୂଜା, ସାପ୍ତାହିକ ପୂଜା, କରମ୍ ପୂଜା ମାନଙ୍କରେ ପୂଜା ଶେଷ ହେବାଯାଏଁ ଉପରୋକ୍ତ ଖାଦ୍ୟ ଗୁଡିକୁ ଆଖଡାଣୀ ସ୍ପର୍ଶ କରନ୍ତି ନାହିଁ । ଅବଶ୍ୟ ପୂଜା ଶେଷ ହେଲେ ସମସ୍ତ ଖାଦ୍ୟ ସେ ଖାଇ ପାରନ୍ତି ।

ନୂତନ ଗୃହ ପ୍ରତିଷ୍ଠା ଦିନ ପୂଜକ ଓ ଗୃହକର୍ତ୍ତା ଆମିଷ ଦ୍ରବ୍ୟ ଓ ମଦ ଖାଆନ୍ତି ନାହିଁ । ସମସ୍ତ ସାମୂହିକ ପୂଜାର ପୂର୍ବଦିନ ଓ ପୂଜାଦିନ ଆଖଡାଣୀଙ୍କ ପାଇଁ ସ୍ତ୍ରୀ ସହବାସ ନିଷିଦ୍ଧ କରାଯାଇଛି ।

## କାର୍ଯ୍ୟନିର୍ବାହୀଙ୍କ ପାଇଁ ଲୋକଙ୍କ ମନୋଭାବ:

ଗ୍ରାମର ମୁଖ୍ୟ ପୂଜକ ହିସାବରେ ଆଖଡାଣୀ ମାଙ୍କିଡିଆ ଗ୍ରାମବାସୀଙ୍କ ଅତୀବ ପ୍ରିୟ ତଥା ସମ୍ମାନନୀୟ । ଆଖଡାଣୀଙ୍କ ପୂଜା ଆରାଧନା ଦ୍ୱାରା ଗ୍ରାମରେ ତଥା ପରିବାରରେ ଶାନ୍ତି ବିରାଜମାନ କରୁଥିବାରୁ ପ୍ରତ୍ୟେକେ ତାଙ୍କୁ ଯଥେଷ୍ଟ ଆଦର କରନ୍ତି । ପ୍ରତ୍ୟେକ କାର୍ଯ୍ୟରେ ତାଙ୍କୁ ସହଯୋଗ ମିଳେ । ସମସ୍ତେ ଆଖଡାଣୀଙ୍କ କଥାକୁ ଅକ୍ଷରେ ଅକ୍ଷରେ ପାଳନ କରିଥାଆନ୍ତି ।

## କାର୍ଯ୍ୟନିର୍ବାହୀଙ୍କ ପ୍ରତି ଲୋକଙ୍କ ବ୍ୟବହାର :

ଗ୍ରାମର ଆଖଡାଣୀ ପ୍ରତି ମାଙ୍କିଡିଆ ମାନଙ୍କର ବ୍ୟବହାର ଖୁବ୍ ଉତ୍ତମ । ପ୍ରତ୍ୟେକ କ୍ଷେତ୍ରରେ ତାଙ୍କୁ ସମ୍ମାନ ଜଣାନ୍ତି । କୌଣସି ପରିବାରକୁ ସେ ବୁଲିବାକୁ ଗଲେ କିମ୍ବା ନିମନ୍ତ୍ରିତ ହେଲେ, ତାଙ୍କ ବସିବା ପାଇଁ ଖଟର ବ୍ୟବସ୍ଥା ହୁଏ । ପିଇବା ପାଇଁ ହାଣ୍ଡିଆ ଓ ସମ୍ଭବ ହେଲେ ଭାତ-ମାଂସ ମଧ୍ୟ ଆୟୋଜନ କରାଯାଏ । ବିବାହ ଓ ଶୁଦ୍ଧିକ୍ରିୟାରେ ଗୃହକର୍ତ୍ତା ତାଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରିବା ସହ କାମକାର୍ଯ୍ୟ ପରେ ଆଖଡାଣୀଙ୍କ ସମ୍ମାନାର୍ଥେ ଚୁଅ ହାତ ଲମ୍ବ ଧଳା ଗାମୁଛା ଓ ଧଳା ଗଂଜି ଉପହାର ସ୍ୱରୂପ ପ୍ରଦାନ କରିଥାଆନ୍ତି । ଆଖଡାଣୀଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ନିଷ୍ଠା ତଥା ଧର୍ମଭାବ ଯୋଗୁଁ ପ୍ରତ୍ୟେକ ମାଙ୍କିଡିଆ ଲୋକ ତାଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରିଥାଆନ୍ତି ।

## କାର୍ଯ୍ୟନିର୍ବାହୀଙ୍କ ପୋଷାକ ପରିଚ୍ଛଦ ଓ ପରିପାଟି:

ସାଧାରଣ ଭାବରେ ଆଖଡାଣୀ ଯେ କୌଣସି ପୋଷାକ ବା ବସ୍ତ୍ର ପରିଧାନ କରିପାରନ୍ତି, କିନ୍ତୁ ସମସ୍ତ ପୂଜାପାଠ ସମୟରେ ସେ ଚୁଅ ହାତ ବିଶିଷ୍ଟ ଧଳା ଗାମୁଛା ବା ଧଳା ଚୁକ ପକା ଗାମୁଛା ବ୍ୟବହାର କରନ୍ତି । ଦେହରେ ଧଳା ଗଂଜି ଓ କାନ୍ଧରେ ଚରିହାତ ଲମ୍ବ ଧଳା ଗାମୁଛା ପକାଇ ଥାଆନ୍ତି । ଉପରୋକ୍ତ ବସ୍ତ୍ର ନୂଆ ହୋଇଥିଲେ ଭଲ, ନଚେତ୍ ପୁରୁଣା ହୋଇଥିଲେ ଧୂଆ ହୋଇ ପବିତ୍ର ହୋଇଥାଏ ।

## କାର୍ଯ୍ୟନିର୍ବାହୀଙ୍କ ପାଉଣା :

ଆଖଡାଣୀଙ୍କର କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ନିର୍ଦ୍ଦିଷ୍ଟ ପାଉଣାର ବ୍ୟବସ୍ଥା ନାହିଁ । ଗୃହ ପୂଜାରେ ଗୃହକର୍ତ୍ତା ଖୁସିରେ ଯାହା ପ୍ରଦାନ କରିପାରନ୍ତି । ବିବାହ ଓ

ଶୁଦ୍ଧିକ୍ରିୟାରେ ନୂଆ ଗାମୁଛା କିମ୍ବା ଲୁଙ୍ଗି ପାଉଣା ହିସାବରେ ପାଉଥିବା ସ୍ଥଳେ ଅନ୍ୟାନ୍ୟ ପୂଜା, ଯଥା- ମାନସିକ ପୂଜା, ମନ୍ତ୍ରଶିକ୍ଷା ପୂଜା, ଡାହାଣୀ ଝଡା ପୂଜା ମାନଙ୍କରେ ଚାଉଳ, ହାଣ୍ଡିଆ ଆଦି ଯିଏ ଯେତେ ପରିମାଣରେ ଦେଲା, ସେ ସବୁ ସେ ଗ୍ରହଣ କରିଥାଆନ୍ତି ।

## ବିଭିନ୍ନ ମାମଲାରେ ନିଷ୍ପତ୍ତି ନେବାର ଭୂମିକା:

ବିଭିନ୍ନ ମାମଲାରେ ସାଧାରଣତଃ ଶେଷ ନିଷ୍ପତ୍ତି ସଭାପତି (ଦେରିଃ) ନେଇଥାଆନ୍ତି । କିନ୍ତୁ ଆବଶ୍ୟକ ମନେକଲେ ସଭାପତି ପୂଜାପାଠ ସମ୍ବନ୍ଧୀୟ କୌଣସି ମାମଲାର ନିଷ୍ପତ୍ତି ନେବାପାଇଁ ଆଖଡାଣୀଙ୍କ ସହାୟତା ଲୋଡିଥାଆନ୍ତି । ଏହି ସମୟରେ ଆଖଡାଣୀ ସଭାପତିଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରି ନିଷ୍ପତ୍ତି ପ୍ରକ୍ରିୟାକୁ ପ୍ରଭାବିତ କରିପାରନ୍ତି ।

## ଗ୍ରାମ/ଗୋଷ୍ଠୀ ସ୍ତରରେ ପ୍ରାପ୍ତ ସ୍ୱତନ୍ତ୍ର ଉପହାର ଏବଂ ପାଉଣା:

ଗ୍ରାମ/ଗୋଷ୍ଠୀ ସ୍ତରରେ ଆଖଡାଣୀଙ୍କ ପାଇଁ କେତେକ ସ୍ୱତନ୍ତ୍ର ଉପହାର ପ୍ରଚଳିତ ଥିବା ଦେଖାଯାଏ । ବିବାହ ଓ ଶୁଦ୍ଧିକ୍ରିୟାରେ, ମନ୍ତ୍ର ଶିକ୍ଷାରେ କିମ୍ବା ଡାହାଣୀ ଝଡାପୁଙ୍କାରେ ଆଖଡାଣୀଙ୍କୁ ଉପହାର ରୂପେ ଚାଉଳ, ହାଣ୍ଡିଆ କିମ୍ବା ଅତି ବେଶୀରେ ନୂଆ ଗାମୁଛା/ ଲୁଙ୍ଗି, ଗଂଜି ଉପହାର ସ୍ୱରୂପ ମିଳିଥାଏ ।

## ସ୍ୱତନ୍ତ୍ର ସୁଯୋଗ:

ଆଖଡାଣୀ ବା ଧର୍ମୀୟ କର୍ମକର୍ତ୍ତା କୌଣସି ସ୍ୱତନ୍ତ୍ର ସୁଯୋଗ ବା ସୁବିଧା ଲାଭ କରୁଥିବା ଦେଖାଯାଏ ନାହିଁ । କେବଳ କେତେକ ପୂଜା ପାର୍ବଣ, ବିବାହ, ଶୁଦ୍ଧିକ୍ରିୟା ମାନଙ୍କରେ ଖୁସି ବା ସକ୍ଷମ ଅନୁସାରେ କିଛି କିଛି ଚାଉଳ, ହାଣ୍ଡିଆ କିମ୍ବା ଅତି ବେଶୀରେ ନୂଆ ଗାମୁଛା/ଲୁଙ୍ଗି, ଗଂଜି ଉପହାର ସ୍ୱରୂପ ମିଳିଥାଏ ।

## ପରିବାର ସ୍ତରରେ ଗୁଣି ଗାରେଡି ଓ ଧର୍ମୀୟ କାର୍ଯ୍ୟନିର୍ବାହୀ:

ମାଙ୍କିଡିଆ ଗୋଷ୍ଠୀରେ ପରିବାର ସ୍ତରରେ ପୂଜକ ବା ଧର୍ମୀୟ କର୍ମକର୍ତ୍ତା ସାଧାରଣତଃ ପରିବାରର ମୁଖ୍ୟ ହୋଇଥାଆନ୍ତି । ଏଠାରେ ନିର୍ବାଚନ ନାହିଁ । ଉତ୍ତରାଧିକାରୀ ସୂତ୍ରରେ ସେ ପରିବାରର ପୂଜକ ହୁଅନ୍ତି । ଏହି ପଦବୀ ପାଇଁ ପ୍ରଥମେ ଜ୍ୟେଷ୍ଠ ପୁତ୍ରକୁ ସୁଯୋଗ ଦିଆଯାଏ । ସେ ତାଙ୍କ ପିତାଙ୍କ ଠାରୁ ଘରୋଇ ପୂଜା ଉପଚାର ପଦ୍ଧତି ଶିକ୍ଷା ଲାଭ କରିଥାଆନ୍ତି ।

## ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣାବଳୀ:

ଘରର ମୁଖିଆ ସାଧାରଣତଃ ସରଳ, ଧର୍ମ ପରାୟଣ ବ୍ୟକ୍ତି ହୋଇଥାଆନ୍ତି । ପରିବାରକୁ ଶୃଙ୍ଖଳିତ ତଥା ଶାନ୍ତିର ସହ ଚଳାଇବା ତାଙ୍କ ଦାୟିତ୍ୱ । ତେଣୁ ନିଶ୍ଚିତ ଉତ୍ତମ

ବ୍ୟକ୍ତିତ୍ୱର ଅଧିକାରୀ ହେବା ଆବଶ୍ୟକ । ପରିବାରରେ ସମସ୍ତ ବ୍ୟକ୍ତିଗତ ପୂଜା ସେହି ମୁଖିଆ ହିଁ କରିଥାଆନ୍ତି । ତେଣୁ ପରିବାର ତଥା ବ୍ୟକ୍ତିଗତ ସ୍ତରରେ ସେ ସମସ୍ତ ସଦସ୍ୟ/ ସଦସ୍ୟାଙ୍କଠାରୁ ସମ୍ମାନ ଲାଭ କରନ୍ତି ।

## ପ୍ରଶିକ୍ଷଣ:

ଗୃହକର୍ତ୍ତା ବା ପରିବାରର ମୁଖିଆ ନିଜର ପାରିବାରିକ ତଥା ବ୍ୟକ୍ତିଗତ ପୂଜାପାଠ ପଦ୍ଧତି ନିଜ ବାପାଙ୍କଠାରୁ ହିଁ ଶିଖି ଥାଆନ୍ତି । ଏହି ତାଲିମ ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନଥାଏ । ଏକତ୍ର ବସବାସ କରିବା ସମୟରେ ସେ ବିଭିନ୍ନ ମନ୍ତ୍ର, ଦେବଦେବୀଙ୍କ ପୂଜାପାଠ ଇତ୍ୟାଦି ବିଷୟରେ ଜ୍ଞାନ ଅର୍ଜନ କରିପାରନ୍ତି ।

## କାର୍ଯ୍ୟକଳାପ:

ପରିବାରର କୌଣସି ବ୍ୟକ୍ତି ବା ପିଲାଙ୍କୁ ଯଦି ଭୂତପ୍ରେତ ଲାଗେ କିମ୍ବା ଜ୍ୱର, ଝାଡା, ବାନ୍ତି ହୁଏ, ତେବେ ପ୍ରଥମ ପ୍ରତିକାର ସ୍ୱରୂପ ଗୃହକର୍ତ୍ତା ପୂଜାପାଠ ମାଧ୍ୟମରେ ଭୂତପ୍ରେତଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରନ୍ତି । ଗୃହ ଦେବତୀ/ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂଜାପାଠ କରିବାକୁ ହୁଏ । ତଦ୍ୱାରା ରୋଗବାଧକ ଭଲ ହୋଇଯାଏ ବୋଲି ମାଙ୍କିଡିଆମାନଙ୍କ ବିଶ୍ୱାସ । ଏତଦ୍ ବ୍ୟତୀତ ପାଖ ପଡୋଶୀ ଗୃହକର୍ତ୍ତାଙ୍କ ଶାରୀରିକ ଅସୁସ୍ଥତା କିମ୍ବା ଅନୁପସ୍ଥିତି ଯୋଗୁଁ ନିମନ୍ତ୍ରଣ କଲେ ସେ ପଡୋଶୀଙ୍କ ଘରେ ମଧ୍ୟ ଘରୋଇ ପୂଜାପାଠ କରିପାରନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କ ପାଳିତ କରୁଥିବା ନୀତି ନିୟମ:

କର୍ମକର୍ତ୍ତାମାନେ ପୂଜାଦିନ ମାନଙ୍କରେ ଅନ୍ୟ ସାଧାରଣ ଦିନ ପରି ନିତିଦିନିଆ ଭାତ ଓ ତରକାରୀ ଖାଆନ୍ତି । ଯେଉଁ ପୂଜା କର୍ମରେ କୁକୁଡା ବଳି ପଡେ ସେଦିନ କୁକୁଡା ମାଂସକୁ ଭୋଗ ହିସାବରେ ରାନ୍ଧି ଖିଆଯାଏ । ତା ସହିତ ହାଣ୍ଡିଆ ମଧ୍ୟ ପାନୀୟ ଭାବରେ ଗ୍ରହଣ କରାଯାଇପାରେ । କିନ୍ତୁ ଯେଉଁ ପୂଜା ପାଠରେ କେବଳ ସିନ୍ଦୁର, ପଞ୍ଚବର୍ଣ୍ଣୀ ଓ ଫଂଳମୂଳରେ ପୂଜା ହୁଏ ସେହି ଦିନ ମାନଙ୍କରେ ଆମିଷ ଭକ୍ଷଣ ନିଷେଧ ।

ପୂଜାର ପୂର୍ବଦିନ ଓ ପୂଜାଦିନ ଗୃହକର୍ତ୍ତା ନିଜର ସ୍ତ୍ରୀ ସହିତ ସହବାସ କରିବାକୁ ନିଷିଦ୍ଧ କରାଯାଇଛି । ଏହି ନିୟମ ନିଷ୍ଠାର ସହିତ ପାଳିତ ହୁଏ । ଏହା ବାଦ୍ ଗୃହକର୍ତ୍ତାଙ୍କ ସ୍ତ୍ରୀ ଗର୍ଭବତୀ ହୋଇଥିଲେ ପୂଜାଦିନରେ ବଳି ଦିଆଯାଉଥିବା କୁକୁଡା/ଘୁଷୁରୀ/ବୋଦା ଆଦି ମାଂସ ସ୍ତ୍ରୀଙ୍କୁ ଖାଇବାକୁ ଦିଆଯାଏ ନାହିଁ ।

## ମନୋନୟନ ପଦ୍ଧତି :

ଧର୍ମୀୟ କର୍ମକର୍ତ୍ତାଙ୍କୁ ପୂଜାକାର୍ଯ୍ୟରେ ସାହାଯ୍ୟ କରୁଥିବା ଗ୍ରାମ ସଭାପତି ବା ପୂଜକଙ୍କ ପୁତ୍ର ପାଇଁ କୌଣସି ନିର୍ବାଚନ ପଦ୍ଧତି ଅନୁସୃତ ହୁଏ ନାହିଁ । ସେମାନେ ସ୍ୱଇଚ୍ଛା କିମ୍ବା ପୂଜକଙ୍କ ପରାମର୍ଶରେ ସହାୟତା କରନ୍ତି । ଏମାନେ ପୂଜାକାର୍ଯ୍ୟରେ ସହାୟତା କରିବାକୁ ବାଧ୍ୟ ନୁହଁନ୍ତି କିନ୍ତୁ ସାଧାରଣଭାବରେ ପୂଜା ସମୟରେ ସହାୟକ ଭାବେ କାର୍ଯ୍ୟ କରୁଥିବା ଦେଖା ଯାଇଥାଏ । ପୂଜକଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଯଦି ପୂଜାବିଧିକୁ ଭଲଭାବେ ଆୟତ୍ତ କରି ପାରିଥାଆନ୍ତି, ତେବେ ତାଙ୍କୁ ଗ୍ରାମର ମୁଖ୍ୟ (ସଭାପତି) ଧର୍ମୀୟ କର୍ତ୍ତା ରୂପେ ମନୋନୀତ କରିଥାଆନ୍ତି ।

## ସହାୟକ କାର୍ଯ୍ୟନିର୍ବାହୀ ମାନଙ୍କ ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣାବଳୀ:

ମାଙ୍କିଡିଆ ମାନଙ୍କ ଧର୍ମକର୍ମରେ ସହାୟତା କରୁଥିବା କର୍ମକର୍ତ୍ତା ମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଗୁଣର ଆବଶ୍ୟକତା ନାହିଁ । ତେବେ ସାଧାରଣ ଭାବ ରେ ସେମାନେ ଉତ୍ତମ ସ୍ୱଭାବଯୁକ୍ତ, ଚରିତ୍ରବାନ୍ ଓ ନ୍ୟାୟବନ୍ତ ହୋଇଥାଆନ୍ତି । କାରଣ ପୂଜାକର୍ମରେ ପ୍ରଥମ ସହାୟକ ଗ୍ରାମର ସଭାପତି । ସେ ସ୍ୱଭାବିକ ଭାବେ ତ ଉନ୍ନତ ବ୍ୟକ୍ତିତ୍ୱର ଅଧିକାରୀ । ଦ୍ୱିତୀୟରେ ପୂଜକଙ୍କ ପୁତ୍ର ପିତାଙ୍କ ମହତ୍ ଗୁଣରେ ପ୍ରଭାବିତ । ତେଣୁ ଆପଣାଛାଏଁ ସେମାନେ ସମ୍ମାନାସ୍ପଦ ।

## ପ୍ରଶିକ୍ଷଣ:

ସହାୟକ କର୍ମକର୍ତ୍ତାଙ୍କ ପାଇଁ ସ୍ୱତନ୍ତ୍ର ତାଲିମର ଆବଶ୍ୟକତା ନାହିଁ । ପୂଜା ସମୟରେ ଆଖଡାଣୀଙ୍କଠାରୁ ପୂଜା ପଦ୍ଧତି ଦେଖି ଦେଖି ଯାହା କିଛି ଶିକ୍ଷାଲାଭ କରିଥାଆନ୍ତି ।

## କାର୍ଯ୍ୟକଳାପ:

ଏମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ନିମନ୍ତେ ଦାୟିତ୍ୱ ଦିଆଯାଇ ନଥାଏ । କେବଳ ଆଖଡାଣୀଙ୍କ ଆବଶ୍ୟକତା ଅନୁଯାୟୀ କେତେକ କ୍ଷେତ୍ରରେ ସହାୟତା ଚହୁଁଥିଲେ, ସେହି କାର୍ଯ୍ୟଟି ହିଁ ଏମାନେ କରିଥାଆନ୍ତି ।

## କାର୍ଯ୍ୟନିର୍ବାହୀଙ୍କ ପ୍ରତି ନିଷେଧାଜ୍ଞା:

ସହାୟକ କର୍ମକର୍ତ୍ତାଙ୍କ ପାଇଁ କୌଣସି କ୍ଷେତ୍ରରେ ନିଷେଧାଜ୍ଞା ନାହିଁ । ସାଧାରଣ ଲୋକ ପରି ସେମାନଙ୍କ ପକ୍ଷେ ସବୁ ଗ୍ରହଣୀୟ । କିନ୍ତୁ ପୂଜକଙ୍କ ମୃତ୍ୟୁ ପରେ ଯଦି

ତାଙ୍କର ପୁତ୍ର କିମ୍ବା ତାଙ୍କ ବଂଶରେ କୌଣସି ବ୍ୟକ୍ତି ଦାୟିତ୍ୱ ବହନ କରନ୍ତି, ତେବେ ଆଖଡାଣୀଙ୍କ ଭଳି ଖାଦ୍ୟ, ସ୍ତ୍ରୀ ସଂପର୍କ ଓ ନିଷେଧ ଆଦି ମାନି ଚଳିବାକୁ ବାଧ୍ୟ ।

## ସହାୟକ କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ଲୋକମାନଙ୍କ ବ୍ୟବହାର:

ସହାୟକ କର୍ମକର୍ତ୍ତାମାନେ ମୁଖ୍ୟତଃ ସମ୍ମାନାସ୍ପଦ ବ୍ୟକ୍ତି ହୋଇଥିବାରୁ ସମସ୍ତଙ୍କର ସେମାନଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ରହିବା ସ୍ୱଭାବିକ । ସେଥିରେ ପୁଣି ଧର୍ମକର୍ମ ବା ପୂଜାକାର୍ଯ୍ୟରେ ସହାୟତା କରୁଥିବାରୁ ଲୋକ ମାନଙ୍କ ସେମାନଙ୍କ ପ୍ରତି ମନୋଭାବ ତଥା ବ୍ୟବହାର ବେଶ୍ ଆଦରଯୁକ୍ତ । ସେମାନଙ୍କ କଥାକୁ ସମସ୍ତେ ପ୍ରାୟ ମାନନ୍ତି ।

## ସହାୟକ କାର୍ଯ୍ୟନିର୍ବାହୀଙ୍କର ପୋଷାକ ପରିଚ୍ଛଦ ଓ ପରିପାଟି:

କର୍ମକର୍ତ୍ତାମାନେ ସହାୟତା କରୁଥିବା ସମୟରେ ପୋଷାକ ପରିଚ୍ଛଦ ଓ ପରିପାଟିରେ କୌଣସି ନିର୍ଦ୍ଦିଷ୍ଟତା ନଥାଏ । ତେବେ ପ୍ରାୟ ସେମାନେ ସଫା ଲୁଗାପଟା ପରିଧାନ କରିଥାଆନ୍ତି ।

## ସହାୟକ କାର୍ଯ୍ୟନିର୍ବାହୀଙ୍କ ପାଉଣା :

ଏମାନଙ୍କ ପାଇଁ କୌଣସି ପାଉଣା ନାହିଁ । କେବଳ ପୂଜା ଓ କର୍ମକାର୍ଯ୍ୟରେ ମିଳୁଥିବା ହାଣ୍ଡିଆ ପାନରେ ଅଂଶୀଦାର ହୋଇଥାଆନ୍ତି କିମ୍ବା ଯଦି ଭୋଜିର ଆୟୋଜନ ହୁଏ, ତେବେ ଖାଦ୍ୟ ଗ୍ରହଣ କରିପାରନ୍ତି ।

## ବିଭିନ୍ନ ମାମଲାରେ ନିଷ୍ପତ୍ତି ନେବାର ଭୂମିକା:

ସହାୟକ କର୍ମକର୍ତ୍ତାମାନେ କୌଣସି ମାମଲାରେ ନିଷ୍ପତ୍ତି ନେଇ ପାରନ୍ତି ନାହିଁ । କିନ୍ତୁ ବେଶ୍ କୌତୁହଳର କଥା ଏହି ଯେ ପୂଜା କାର୍ଯ୍ୟରେ ଆଖଡାଣୀଙ୍କୁ ସାହାଯ୍ୟ କରୁଥିବା ସଭାପତି (ଦେରିଃ) ହିଁ ସମସ୍ତ ମାମଲାରେ ଶେଷ ଓ ଶ୍ରେଷ୍ଠ ବିଚାରକ । ଧର୍ମୀୟ ମାମଲାରେ ମଧ୍ୟ ସେ ଶେଷ ନିଷ୍ପତ୍ତି ନେଇଥାଆନ୍ତି । ଅବଶ୍ୟ ଏଥିରେ ଆଖଡାଣୀଙ୍କର ପରାମର୍ଶ ଲୋଡା ଯାଇଥାଏ । କିନ୍ତୁ ପୂଜକଙ୍କ ପୁତ୍ରଙ୍କର ନିଷ୍ପତ୍ତି ନେବାର ଅଧିକାର ନାହିଁ ।

## ସ୍ୱତନ୍ତ୍ର ସୁଯୋଗ:

ସହାୟକ କର୍ମକର୍ତ୍ତା ଭାବରେ ସଭାପତି ହୁଅନ୍ତୁ ବା ପୂଜକଙ୍କ ପୁତ୍ର ହୁଅନ୍ତୁ- ଉଭୟଙ୍କ ପାଇଁ କୌଣସି ସ୍ୱତନ୍ତ୍ର ସୁଯୋଗ ନାହିଁ ।

## ତାନ୍ତ୍ରିକ ବା ଗୁଣିଆ (ଗୁଣିଆ-ଜାନ୍):

ମାଙ୍କିଡିଆ ସମାଜରେ ତନ୍ତ୍ରର ଏକ ଅଖଣ୍ଡ ପ୍ରଭାବ ରହିଛି । ତନ୍ତ୍ର ମାଧ୍ୟମରେ ସେମାନେ ଅନେକ ଅସାଧ୍ୟ କାର୍ଯ୍ୟ ସାଧନ କରି ପାରୁଥିବା ଦାବି କରନ୍ତି । ତନ୍ତ୍ରକୁ ମାଙ୍କିଡିଆ ଭାଷାରେ 'ଜାନ୍' ବୋଲି କୁହାଯାଏ । ତନ୍ତ୍ର ମାଧ୍ୟମରେ ସେମାନେ ଭୂତପ୍ରେତଙ୍କୁ ବିତାଡିତ କରିବା ସହିତ ଯେ କୌଣସି ପ୍ରକାର ଦୁଷ୍ଟ ଶକ୍ତିକୁ ଦୂରେଇ ଦେଇ ପାରନ୍ତି ।

## ମନୋନୟନ ପଦ୍ଧତି :

ତନ୍ତ୍ର ସାଧକ ସାଧାରଣତଃ କୌଣସି ପୁରୁଖା ତାନ୍ତ୍ରିକଠାରୁ ତନ୍ତ୍ର ଶିକ୍ଷା ଲାଭ କରିଥାଆନ୍ତି । ତାଙ୍କୁ କେହି ବାଛନ୍ତି ନାହିଁ କିମ୍ବା ନିର୍ବାଚିତ ହୁଅନ୍ତି ନାହିଁ ଅଥବା ଉତ୍ତରାଧିକାରୀ ସୂତ୍ରରେ ତାନ୍ତ୍ରିକ ହୁଅନ୍ତି ନାହିଁ । ଯେ କୌଣସି ବ୍ୟକ୍ତି ଇଚ୍ଛା କଲେ ଯେ କୌଣସି ଗୁରୁଙ୍କଠାରୁ ଏହି ବିଦ୍ୟା ହାସଲ କରିପାରନ୍ତି । ପ୍ରାୟତଃ ବୟସ୍କ ମାଙ୍କିଡିଆ ଏହି ତନ୍ତ୍ର ବିଦ୍ୟାର ଅଧିକାରୀ ହୋଇଥାଆନ୍ତି ।

## ଗୁଣିଗାରେଡି ଧର୍ମୀୟ କାର୍ଯ୍ୟନିର୍ବାହୀଙ୍କ ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣବଳୀ:

ତନ୍ତ୍ର ବିଦ୍ୟା ହାସଲ କରୁଥିବା ବା କରିଥିବା କର୍ମକର୍ତ୍ତାମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ଅନ୍ୟାନ୍ୟ ଗୁଣାବଳୀର ଆବଶ୍ୟକତା ନଥାଏ । କୌଣସି ବୟସ୍କ ବ୍ୟକ୍ତି ଇଚ୍ଛା କଲେ ନିଜ ଗ୍ରାମରୁ ହେଉ ବା ଅନ୍ୟ ମାଙ୍କିଡିଆ ଗ୍ରାମରୁ ହେଉ ଯେ କୌଣସି ଗୁରୁଙ୍କଠାରୁ ତନ୍ତ୍ର ବିଦ୍ୟା ଶିକ୍ଷା ଲାଭ କରିପାରିବ ।

## ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା :

ତନ୍ତ୍ର ବିଦ୍ୟା ହାସଲ ପାଇଁ ସ୍ୱତନ୍ତ୍ର ତାଲିମର ଆବଶ୍ୟକତା ରହିଥାଏ । ଏହି ପ୍ରଶିକ୍ଷଣ ସପ୍ତାହରେ ଦୁଇଦିନ (ମଙ୍ଗଳବାର ଓ ଶନିବାର)ରାତିରେ ତନ୍ତ୍ରଗୁରୁଙ୍କ ଠାରୁ ପ୍ରାପ୍ତ ହେବାକୁ ପଡିଥାଏ । ତନ୍ତ୍ର ଶିକ୍ଷା ସମାପ୍ତ ହେବାକୁ ସାଧାରଣତଃ ଛଅ ମାସରୁ ଏକ ବର୍ଷ ଯାଏ ଲାଗେ । ଶିକ୍ଷା ଗୁରୁଙ୍କ ଘରେ ଏହି ବିଦ୍ୟା ଶିକ୍ଷା ଦିଆଯାଏ ।

## କାର୍ଯ୍ୟକଳାପ:

ତାନ୍ତ୍ରିକ ତନ୍ତ୍ର ମାଧ୍ୟମରେ ଭୂତପ୍ରେତ, ଡାହାଣୀ ଓ ପେଷଣ ଆଦି ଅପଶକ୍ତିକୁ ବଶୀଭୂତ କରିପାରନ୍ତି । ଅନେକ ସମୟରେ ଶରୀର ଯନ୍ତ୍ରଣା, ଯଥା- ପେଟ ଟାଣିବା, ଛାତି ପୋଡାଜଳା କରିବା ଇତ୍ୟାଦିରେ ତନ୍ତ୍ର ପ୍ରୟୋଗ ଦ୍ୱାରା ଉପଶମ ମିଳେ । ତନ୍ତ୍ର

ଦ୍ୱାରା ରୋଗ ବ୍ୟାଧିରୁ ମଧ୍ୟ ମୁକ୍ତି ମିଳିପାରେ ବୋଲି ମାଙ୍କିଡିଆଙ୍କ ବିଶ୍ୱାସ । ସାଧାରଣତଃ ତନ୍ତ୍ର ସାଧନାକୁ ଅପଶକ୍ତି ମାନଙ୍କଠାରୁ ରକ୍ଷା ପାଇବା ପାଇଁ ବ୍ୟବହାର କରିଥାଆନ୍ତି । ଅନ୍ୟର କ୍ଷତି ଘଟାଇବାକୁ ସେମାନେ ତନ୍ତ୍ର ପ୍ରୟୋଗ କରନ୍ତି ନାହିଁ । ତେଣୁ ମାଙ୍କିଡିଆ ସମାଜର ତାନ୍ତ୍ରିକ ମହତ୍ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ । କୌଣସି ପରିବାରରେ ଅସୁସ୍ଥତା ଦେଖାଦେଲେ ପ୍ରଥମେ ତାନ୍ତ୍ରିକଙ୍କୁ ସ୍ମରଣ କରାଯାଇଥାଏ ।

## ଗୁଣିଆ/ତାନ୍ତ୍ରିକ ମାନଙ୍କ ଖାଦ୍ୟ ଓ ଅନ୍ୟାନ୍ୟ ନିଷେଧାଜ୍ଞା:

ମାଙ୍କିଡିଆ ସମାଜରେ ତନ୍ତ୍ର ଶିକ୍ଷା କରୁଥିବା ଶିଷ୍ୟଙ୍କ ପାଇଁ ମଙ୍ଗଳବାର ଓ ଶନିବାର ଦିନ ଆମିଷ ଦ୍ରବ୍ୟ ଓ ସ୍ତ୍ରୀ ସହବାସର ନିଷେଧ ରହିଛି । ମାତ୍ର ଶିକ୍ଷାଗୁରୁଙ୍କ ପାଇଁ ଖାଦ୍ୟ, ସ୍ତ୍ରୀ ସଂପର୍କ ବା ଅନ୍ୟାନ୍ୟ ନିଷେଧ କିଛି ନାହିଁ ।

## କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ଲୋକମାନଙ୍କର ମନୋଭାବ:

ତାନ୍ତ୍ରିକ ନିନ୍ଦା ଓ ପ୍ରଶଂସା ଉଭୟର ଭାଜନ ହୋଇଥାଆନ୍ତି । ଯେତେବେଳେ ତନ୍ତ୍ର ବିଦ୍ୟା ପ୍ରୟୋଗ କରି କୌଣସି ଲୋକର ହିତ ସାଧନ କରନ୍ତି, ସେତେବେଳେ ତାଙ୍କୁ ପ୍ରଶଂସା କରାଯାଇଥାଏ, ମାତ୍ର ଲୋକଙ୍କ କ୍ଷତି କଲେ ଲୋକେ ନିନ୍ଦା କରିଥାଆନ୍ତି । ଅବଶ୍ୟ ମାଙ୍କିଡିଆ ତାନ୍ତ୍ରିକ ପ୍ରାୟତଃ ଅନ୍ୟର କ୍ଷତି ସାଧନ କରୁ ନଥିବାରୁ ବରଂ ତନ୍ତ୍ର ବିଦ୍ୟାର ଅଧିକାରୀ ହୋଇ ସମସ୍ତଙ୍କର ମଙ୍ଗଳ କରୁଥିବାରୁ ତାଙ୍କୁ ଗ୍ରାମରେ ସମ୍ମାନନୀୟ ବ୍ୟକ୍ତି ହିସାବରେ ପରିଗଣିତ କରାଯାଇଥାଏ ।

ପୁନଶ୍ଚ ଗ୍ରାମର ମୁଖ୍ୟ ପୂଜକ (ଆଖଡାଣୀ) ତନ୍ତ୍ର କାମ କରୁଥିବାରୁ ପୂଜକ ଭାବରେ ତ ସେ ସମସ୍ତଙ୍କ ପ୍ରିୟ, ସେଥିରେ ପୁଣି ତନ୍ତ୍ର ମାଧ୍ୟମରେ ଗ୍ରାମ ଲୋକଙ୍କର ଉପକାର/ସହାୟ ହେଉଥିବାରୁ ସମସ୍ତେ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରନ୍ତି । ଆବଶ୍ୟକ ସ୍ଥଳେ ଯଦି ସେ କାହାରି ଘରକୁ ଆସନ୍ତି, ତାଙ୍କୁ ସମ୍ମାନର ସହ ସତ୍କାର କରାଯାଏ । ତେଣୁ ତାନ୍ତ୍ରିକ ପ୍ରତି ଲୋକମାନଙ୍କ ମନୋଭାବ ଭକ୍ତି ଭାବ ସଂପନ୍ନ ।

## ଏମାନଙ୍କ ପୋଷାକ ପରିଚ୍ଛଦ ଓ ପରିପାଟି:

ତାନ୍ତ୍ରିକ ଠାରୁ ତନ୍ତ୍ର ଶିକ୍ଷା କରିବା ଦିନ (ଶନିବାର ଓ ମଙ୍ଗଳବାର) ତନ୍ତ୍ର ଶିକ୍ଷା କରୁଥିବା ଶିଷ୍ୟମାନେ ସ୍ୱଚ୍ଛ ଧଳା ଗାମୁଛା ଓ ଧଳା ଗଂଜି ପରିଧାନ କରନ୍ତି । ତନ୍ତ୍ରଗୁରୁଙ୍କ ପୋଷାକ ପରିପାଟୀରେ କୌଣସି ବାରଣ ନାହିଁ । କୌଣସି ସ୍ଥାନକୁ ତନ୍ତ୍ରପୂଜା କରିବାକୁ ଗଲେ କେବଳ ଧଳା ଗାମୁଛାଟିଏ କଚ୍ଛାମାରି ପିନ୍ଧି, ଆଣ୍ଠୁମାଡି ଭୂଇଁ ଉପରେ ପୂର୍ବ ଦିଗକୁ ରହିଁ ପୂଜା କରନ୍ତି ।

## ତନ୍ତ୍ରିକ ବା ଗୁଣିଆଙ୍କ ପାଉଣା:

ଯେଉଁ ଲୋକଙ୍କ ମଙ୍ଗଳ ଉଦ୍ଦେଶ୍ୟ ରଖି ତନ୍ତ୍ର ପୂଜା କରାଯାଏ, ସିଦ୍ଧି ହାସଲ ପରେ ତାନ୍ତ୍ରିକକୁ ଟ୫୦ଙ୍କା ପର୍ଯ୍ୟନ୍ତ ପାଉଣା ଦିଆଯାଇଥାଏ, କିନ୍ତୁ କେହି କେବେ ଯଦି ଅନିଷ୍ଟକାରୀ କାର୍ଯ୍ୟ ପାଇଁ ତନ୍ତ୍ରକୁ ବ୍ୟବହାର କରନ୍ତି, ତେବେ ସିଦ୍ଧି ପାଇସାରିବା ପରେ ଟ୫୦ଙ୍କାରୁ ଟ୧୦୦ଙ୍କା ପର୍ଯ୍ୟନ୍ତ ଦାବି କରାଯାଇପାରେ ।

## ବିଭିନ୍ନ ମାମଲାରେ ନିଷ୍ପତ୍ତି ନେବାର ଭୂମିକା:

ସେମାନଙ୍କ ସମାଜରେ ତନ୍ତ୍ର ବିଦ୍ୟାର ଅସତ୍ ବିନଯୋଗ ହେଉ ନଥିବାରୁ ତନ୍ତ୍ର ବିଦ୍ୟା ସମ୍ବନ୍ଧୀୟ କୌଣସି ମାମଲା ବା ଗଣ୍ଡଗୋଳ ସୃଷ୍ଟି ହେବାର ନଜିର ନାହିଁ କିମ୍ବା ତାନ୍ତ୍ରିକଙ୍କ ଅନ୍ୟ କୌଣସି ମାମଲାରେ ନିଷ୍ପତ୍ତି ନେବାର ଭୂମିକା ନାହିଁ ।

## ଗ୍ରାମ/ଗୋଷ୍ଠୀ ସ୍ତରରେ ପ୍ରାପ୍ତ ସ୍ୱତନ୍ତ୍ର ଉପହାର ଏବଂ ପାଉଣା:

ଲୋକଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ତାନ୍ତ୍ରିକ କାର୍ଯ୍ୟ କରୁଥିବାରୁ ତାଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରାଯାଇ ହାଣ୍ଡିଆ, ମଦ, ମାଂସ, ଭାତ ଆଦି ଖାଇବାକୁ ଦିଆଯାଏ । ବିଭିନ୍ନ ପର୍ବପର୍ବାଣି ତଥା ସାଧାରଣ ଦିନ ଗୁଡିକରେ ମଧ୍ୟ ତାନ୍ତ୍ରିକ ନିମନ୍ତ୍ରିତ ହୋଇ ଥାଆନ୍ତି । ଶରୀର ଅସୁସ୍ଥତା ପାଇଁ କେହି ତନ୍ତ୍ର ପୂଜା କରାଇଲେ ତାନ୍ତ୍ରିକଙ୍କୁ ଖାଦ୍ୟ ତଥା ପାନୀୟରେ ଆପ୍ୟାୟିତ କରନ୍ତି । ଏ ସବୁ ବ୍ୟକ୍ତିଗତ ସ୍ତରରେ ହୁଏ । ଗ୍ରାମ ସ୍ତରରେ ସେପରି କିଛି ଉପହାର ବା ପାଉଣାର ବ୍ୟବସ୍ଥା ନାହିଁ ।

## ସ୍ୱତନ୍ତ୍ର ସୁଯୋଗ:

ବ୍ୟକ୍ତିଗତଭାବେ ନିମନ୍ତ୍ରଣ କରି କେବଳ ଖାଇବାକୁ ଦେବା ବ୍ୟତୀତ, ଗ୍ରାମ/ଗୋଷ୍ଠୀ/ବ୍ୟକ୍ତିଗତ ସ୍ତରରେ ତାନ୍ତ୍ରିକ ସ୍ତରରେ ତାନ୍ତ୍ରିକଙ୍କ ପାଇଁ କିଛି ସ୍ୱତନ୍ତ୍ର ସୁଯୋଗ ନାହିଁ ।

## ସ୍ୱତନ୍ତ୍ର ଉତ୍ସବରେ ଗୁଣିଆ ମାନଙ୍କ ଭୂମିକା:

ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ତାନ୍ତ୍ରିକ ବା ଗୁଣିଗାରେଡି କର୍ମକର୍ତ୍ତା ହେଉଛନ୍ତି ଗ୍ରାମର ମୁଖ୍ୟ ପୂଜକ ବା ପୁରୋହିତ (ଆଖଡାଣୀ) । ସେ ପୂଜକ ଭାବରେ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାନ୍ତି କିନ୍ତୁ ତାନ୍ତ୍ରିକ ଭାବରେ କୌଣସି ସ୍ୱତନ୍ତ୍ର ଉତ୍ସବରେ ତାଙ୍କର ଭୂମିକା କିଛି ନାହିଁ ।ଅର୍ଥାତ୍ ଉତ୍ସବାନୁଷ୍ଠାନ ମାନଙ୍କରେ  କେବଳ ପୂଜକର ହିଁ

କାମ, ତାନ୍ତ୍ରିକର ନୁହେଁ । ଦେବାଦେବୀଙ୍କ ମହୋତ୍ସବ, ପୂଜାପାର୍ବଣ ଏବଂ ତନ୍ତ୍ର ଦୁଇଟି ଭିନ୍ନ କଥା । ଉଭୟକାର୍ଯ୍ୟରେ ପୂଜା ହୁଏ କିନ୍ତୁ ଗୋଟିକରେ ଦେବଦେବୀଙ୍କ ଆଶୀର୍ବାଦ ଭିକ୍ଷା କରାଯାଏ ଓ ଅନ୍ୟଟିରେ ଦୃଷ୍ଟି ଶକ୍ତି ବିନାଶ ହୁଏ । ତେଣୁ ଯାଦୁଧର୍ମୀୟ କର୍ମକର୍ତ୍ତାଙ୍କ ପାଇଁ ସ୍ୱତନ୍ତ୍ର ଉତ୍ସବାନୁଷ୍ଠାନ କିଛି ନାହିଁ ।

## ମହିଳା ଗୁଣିଆ:

ମାଙ୍କିଡିଆ ମହିଳାମାନେ ମଧ୍ୟ ପୁରୁଷ ମାନଙ୍କ ପରି ଧର୍ମୀୟ କର୍ମକାଣ୍ଡରେ ଅଂଶ ଗ୍ରହଣ କରିବା ନିମନ୍ତେ ସମାନ ଅଧିକାରୀ । ଘରର ଇଷ୍ଟ ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ତଥା ପରିବାରରେ ସମସ୍ତଙ୍କର ସୁଖାଶାନ୍ତି ପାଇଁ ଏହା ଆବଶ୍ୟକ ହୋଇଥାଏ ।

## ମନୋନୟନ ପଦ୍ଧତି :

ଯେଉଁ ପରିବାରରେ ମହିଳା ମୁରବୀ ବା ମୁଖିଆ ହୋଇଥାଆନ୍ତି (ଯେ କୌଣସି କାରଣରୁ ଥାଉନା କାହିଁକି), ସେହି ପରିବାରରେ ସ୍ୱତଃ ଗୃହକର୍ତ୍ତ୍ରୀ ବା କର୍ମକର୍ତ୍ତ୍ରୀ ହିସାବରେ ପରିଗଣିତ ହୋଇଥାଆନ୍ତି । ଏଥିପାଇଁ ମନୋନୟନ ବା ନିର୍ବାଚନ ପଦ୍ଧତି ଅନୁସୃତ ହୁଏନାହିଁ । କିନ୍ତୁ ମହିଳାଙ୍କ ମୃତ୍ୟୁ ପରେ ତାଙ୍କର କନ୍ୟା ନ ହୋଇ ପୁତ୍ର ହିଁ ପରିବାରର ମୁଖ୍ୟ ହୁଅନ୍ତି ।

## ମହିଳା ପୁରୋଧାଙ୍କ ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣାବଳୀ:

ଏମାନେ ବୟସ୍କା ତଥା ଅଭିଜ୍ଞତା ସଂପନ୍ନ । ତେଣୁ ଧର୍ମପ୍ରାଣା ଓ ଭକ୍ତିଯୁକ୍ତା ହେବା ସ୍ୱଭାବିକ । ପରିବାରର ଦାୟିତ୍ୱ ବହନ କରୁଥିବାରୁ ଗାମ୍ଭିର୍ଯ୍ୟପୂର୍ଣ୍ଣା ତଥା ସମ୍ମାନନୀୟା । ପୂଜାଦିନ ମାନଙ୍କରେ ସେ ନିଷ୍ଠାର ସହିତ ସମସ୍ତ ନୀତିନିୟମ ପାଳ କରନ୍ତି ।

## ପ୍ରଶିକ୍ଷଣ:

ତାଲିମ ପାଇଁ ସେମାନେ ଯେ କୌଣସି ବୟସ୍କା ଧର୍ମପ୍ରାଣା ମହିଳାଙ୍କ ସହାୟତା ନେଇଥାଆନ୍ତି, କିମ୍ବା ନିଜ ଅଭିଜ୍ଞତାରୁ ଯାହା କିଛି ପୂଜା ଉପଚାର ଶିଖିଥାଆନ୍ତି । ସେ ସବୁକୁ ପାଥେୟ କରି ଏପରି ମହିଳାମାନେ ଘରୋଇ ପୂଜା ଅର୍ଚ୍ଚନା କରନ୍ତି କିମ୍ବା କେହି କେହି ମହିଳା ଅତି ଆବଶ୍ୟକ ମନେକଲେ ଗ୍ରାମର ମୁଖ୍ୟ ପୂଜକ (ଆଖଡାଣୀ)ଙ୍କୁ ମୌଖିକ ଭାବରେ କେତେକ ପୂଜା ଉପଚାରର ବିଧି ପଚାରି ବୁଝନ୍ତି ।

## କାର୍ଯ୍ୟକଳାପ:

ମହିଳା କର୍ମକର୍ତ୍ତୀ ମାନେ ନିଜ ଘରର ଇଷ୍ଟ ଦେବଦେବୀଙ୍କୁ ପୂଜା କରନ୍ତି । ନିଜ ପିଲାଛୁଆଙ୍କର ମଙ୍ଗଳ କାମନା କରି ଠାକୁରଙ୍କ ନିକଟରେ ମାନସିକ ମଧ୍ୟ କରିଥାଆନ୍ତି । ମାନସିକ ପୂରଣ ପରେ ଘରେ ପୁଣି ପୂଜା କରନ୍ତି ।

## ଖାଦ୍ୟ ଓ ଅନ୍ୟାନ୍ୟ ନିଷେଧାଜ୍ଞା:

ଏମାନେ ଘରେ ପାଳନ କରାଯାଉଥିବା ଇଷ୍ଟ ଦେବଦେବୀଙ୍କ ପୂଜା, ମାନସିକ ପୂରଣ ପୂଜା ଆଦି ଦିନମାନଙ୍କରେ ଆମିଷ ଖାଆନ୍ତି ନାହିଁ । ଏହି ନିୟମକୁ ନିଷ୍ଠାର ସହିତ ପାଳନ ମାନନ୍ତି । ମଦ, ହାଣ୍ଡିଆ ଇତ୍ୟାଦି ପାନୀୟ ମଧ୍ୟ ଏହି ଦିନ ମାନଙ୍କରେ ବାରଣ ଥାଏ । ପୁରୁଷ ଲୋକର ଅଭାବରେ (ମୃତ୍ୟୁ କିମ୍ବା ଅକର୍ମଣ୍ୟ) ମହିଳା ଗୃହ କର୍ତ୍ତୀର ଆସନ ଅଳଙ୍କୃତ କରୁଥିବାରୁ ପୁରୁଷ ସଂପର୍କର ପ୍ରଶ୍ନ ଉଠେ ନାହିଁ । ଏତଦ୍ ଭିନ୍ନ ସାଧାରଣ ବୟସ୍କା ମାଙ୍କିଡିଆ ମହିଳା ଭାବେ ଏମାନେ ଚଳନ୍ତି ।

## ପୁରୋଧାଙ୍କ ପ୍ରତି ଲୋକମାନଙ୍କ ବ୍ୟବହାର:

ମହିଳା ଗୃହକର୍ତ୍ତୀଙ୍କ ପ୍ରତି ଲୋକମାନେ ଉଚିତ ବ୍ୟବହାର ପ୍ରଦର୍ଶନ କରନ୍ତି । ଘରେ ତାଙ୍କର ପୂଜା କଲେ ଗ୍ରାମର ଅନ୍ୟମାନେ ସହଯୋଗ କରନ୍ତି । ପୁରୁଷ ଧର୍ମୀୟ କର୍ମକର୍ତ୍ତାଙ୍କ ପରି ଏମାନଙ୍କ କଥାକୁ ମାନିବା,ସମ୍ମାନ ଜଣାଇବା, ମତାମତ ଗ୍ରହଣ କରିବା, ଭକ୍ତି କରିବା, ନିଜ ଘରକୁ ନିମନ୍ତ୍ରଣ ଜଣାଇବା ଇତ୍ୟାଦି ଦେଖାଯାଇଥାଏ । ଗ୍ରାମରେ କାହାରି ଘରକୁ ଗଲେ ହାଣ୍ଡିଆ ମଧ୍ୟ ପିଇବାକୁ ଦେଇ ଥାଆନ୍ତି । ଅଭିଜ୍ଞତା ସଂପନ୍ନ ଓ ସମ୍ମାନନୀୟ ବୋଲି ଏମାନଙ୍କ ପ୍ରତି ଲୋକମାନଙ୍କ ମନୋଭାବ ତଥା ବ୍ୟବହାର ରୁଚିପୁର୍ଣ୍ଣ ।

## ପୋଷାକ ପରିଚ୍ଛଦ ଓ ପରିପାଟି:

ସାଧାରଣ ଦିନଠାରୁ ପୂଜା ଦିନ ମାନଙ୍କରେ ମହିଳା କର୍ମକର୍ତ୍ତୀମାନଙ୍କ ପୋଷାକ ବା ବସ୍ତ୍ରାଦିରେ କୌଣସି ବୈଷମ୍ୟ ଦେଖାଯାଏ ନାହିଁ । କେବଳ ଶୁଦ୍ଧତା ଉପରେ ପ୍ରାଧାନ୍ୟ ଦିଆଯାଇଥାଏ । ସାଧାରଣ ଭାବରେ ମାଙ୍କିଡିଆ ମହିଳା ଯେ କୌଣସି ରଙ୍ଗର (ନାଲି ରଙ୍ଗ ବ୍ୟତୀତ) ସାଧା ବା ଛିଟ ଶାଢୀ ପରିଧାନ କରନ୍ତି । ସାୟା, ବ୍ଲାଉଜ ବ୍ୟବହାର ତ କମ୍, ସେଥିରେ ପୁଣି ବୟସ୍କା ହେଲେ ଏ ସବୁ ପ୍ରାୟ ପିନ୍ଧନ୍ତି ନାହିଁ ।

## କାର୍ଯ୍ୟନିର୍ବାହୀଙ୍କ ପାଉଣା:

ଏମାନଙ୍କ ପାଇଁ କୌଣସି ପାଉଣାର ବ୍ୟବସ୍ଥା ନାହିଁ ।

## ବିଭିନ୍ନ ମାମଲାରେ ନିଷ୍ପତ୍ତି ନେବାର ଭୂମିକା:

ଏମାନଙ୍କ ବିଭିନ୍ନ ମାମଲାରେ ସିଦ୍ଧାନ୍ତ ନେବାର ଦୃଷ୍ଟାନ୍ତ ଆଜିଯାଏ ଦୃଷ୍ଟିଗୋଚର ହୋଇନାହିଁ ।

## ଗ୍ରାମ/ଗୋଷ୍ଠୀ ସ୍ତରରେ ଉପହାର ବା ପାଉଣା:

ଗ୍ରାମ/ଗୋଷ୍ଠୀ ସ୍ତରରେ ଏମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଉପହାର ବା ପାଉଣା ନାହିଁ । କେବଳ ଘରେ ପୂଜା କିମ୍ବା ଉତ୍ସବ ହେଲେ ଗ୍ରାମ ଲୋକମାନେ ସାହାଯ୍ୟ ସହଯୋଗ କରିଥାଆନ୍ତି । ଗ୍ରାମରେ କୌଣସି ସ୍ୱତନ୍ତ୍ର ସୁଯୋଗର ଅଧିକାରିଣୀ ଏମାନେ ନୁହଁନ୍ତି ।

## ଦେବତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଦ୍ରବ୍ୟ:

ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା ପୂଜା ଏବଂ ଭୋଗ ସାମଗ୍ରୀ ଗୁଡିକ ହେଲା- ଧୂପ, ଝୁଣା, ପଞ୍ଚବର୍ଣ୍ଣୀ, ସିନ୍ଦୁର, ଶାଳପତ୍ର, ଶିଆଡିପତ୍ର ଇତ୍ୟାଦି ବ୍ୟବହୃତ ହେଉଥିବା ବେଳେ କେତେକ ମୁଖ୍ୟ ପର୍ବପର୍ବାଣି, ଯଥା- ଗହ୍ମା, ଚିତଉ ଆମାବାସ୍ୟା, ରଜ, ମକର ଆଦି ପର୍ବ ମାନଙ୍କରେ ସାଧାରଣ ପୂଜା ଉପକରଣ ସହିତ କୁକୁଡା, ବୋଦା, ଘୁଷୁରୀ, ପାରା ଇତ୍ୟାଦିର ଆବଶ୍ୟକତା ଉପଲବ୍ଧ ହୋଇଥାଏ । ସାଧାରଣ ପୂଜାରେ ଫଂଳମୂଳ ଥିଲେ ଭୋଗ ଲାଗେ ।

## କର୍ମକର୍ମାଣି ପଦ୍ଧତି:

ବିଭିନ୍ନ କର୍ମକର୍ମାଣିରେ ଗ୍ରାମବାସୀ ପୂଜାସ୍ଥଳୀରେ ଉପସ୍ଥିତ ରହି ଅଂଶ ଗ୍ରହଣ କରନ୍ତି । ଦେବଦେବୀଙ୍କ ପୂଜାଅର୍ଚ୍ଚନା ପାଇଁ ଏକ ପୂଜା ପିଣ୍ଡି ୫ଫୁଟ ଲମ୍ବ ବିଶିଷ୍ଟ ମାଟିରେ ତିଆରି କରାଯାଇଥାଏ । ପିଣ୍ଡି ଉପରେ ତୁଳସୀଗଛ ପୋତା ଯାଏ । ସ୍ଥାନଟିକୁ ଗୋବର ପାଣିରେ ଲିପା ଯାଇଥାଏ । ମୁଖ୍ୟ ପୂଜକ (ଆଖଡାଣୀ) ପିଣ୍ଡି ସମ୍ମୁଖରେ ଉପସ୍ଥିତ ରହି ମନ୍ତ୍ର ଉଚ୍ଚାରଣ କରନ୍ତି, ସଂଗୃହୀତ ପୂଜା ଉପକରଣ ପ୍ରଦାନ କରି ଦେବଦେବୀଙ୍କୁ ଆହ୍ୱାନ କରନ୍ତି । ଠାକୁରଙ୍କ ବସିବା ପାଇଁ ଏକ ଛୋଟ କାଠ ନିର୍ମିତ ଆସନ ରଖାଯାଇଥାଏ । ଏତଦ୍ ବ୍ୟତୀତ ଦେବୀ/ଦେବତା ମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ

କିଛି ଫଂଳମୂଳ, କୁକୁଡା, ବୋଦା, ଘୁଷୁରୀ ଇତ୍ୟାଦି ଭୋଗର ବ୍ୟବସ୍ଥା ହୋଇଥାଏ । ଉପସ୍ଥିତ ଗ୍ରାମବାସୀ ଦେବାଦେବୀଙ୍କୁ ପ୍ରଣାମ ଜଣାଇ ନିଜର ତଥା ଗ୍ରାମର ଶୁଭ ମନାସୀ ଥାଆନ୍ତି । ଭୋଗ ମାଂସକୁ ଗ୍ରାମବାସୀ ଭୋଜି କରି ସେହି ସ୍ଥାନରେ କିମ୍ବା ନିକଟସ୍ଥ ଖୋଲା ସ୍ଥାନରେ ଖାଇ ଦିଅନ୍ତି ।  ଶେଷରେ ପୁଣି ଦେବୀ/ଦେବତାଙ୍କୁ ସମସ୍ତେ ପ୍ରଣାମ ଜଣାଇ ବିଦାୟ ସମ୍ବର୍ଦ୍ଧନା ଜଣାନ୍ତି ।

## ଅନ୍ୟ ଧର୍ମ ଗ୍ରହଣ/ନିଜ ଧର୍ମ ପ୍ରତ୍ୟାଖ୍ୟାନ:

ମାଙ୍କିଡିଆ ସଂପ୍ରଦାୟର ଲୋକମାନେ ଆଜି ପର୍ଯ୍ୟନ୍ତ ନିଜ ଧର୍ମ ମଧ୍ୟରେ ଚଳିଆସୁଛନ୍ତି । ନିଜ ଧର୍ମ ତ୍ୟାଗ କରି ଅନ୍ୟ ଧର୍ମ ଗ୍ରହଣ କରିବା ଦେଖାଯାଇନାହିଁ । କୌଣସି ପ୍ରକାର ଭୟ, ଅନୁଗ୍ରହ କିମ୍ବା ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ନିଜ ଧର୍ମକୁ ଶ୍ରେଷ୍ଠ ମନେ କରନ୍ତି । ଅନ୍ୟ ଧର୍ମକୁ ସମ୍ମାନ କରୁଥିଲେ ମଧ୍ୟ, ତାହା ଗ୍ରହଣ କରନ୍ତି ନାହିଁ ।

## ସାମ୍ପ୍ରତିକ ଧାରାର ବିବର୍ତ୍ତନ:

ମାଙ୍କିଡିଆ ଗୋଷ୍ଠୀର ଧର୍ମଧାରାରେ ବିଶେଷ ପରିବର୍ତ୍ତନ ଲକ୍ଷ୍ୟ କରାଯାଇନାହିଁ । ପୂର୍ବରୁ ପ୍ରଚଳିତ ସମସ୍ତ ରୀତିନୀତି ଯଥାବିଧି ନିଷ୍ଠାର ସହିତ ପାଳନ କରାଯାଉଛି । ଏମାନେ ସାଧାରଣତଃ ପରମ୍ପରା ପ୍ରିୟ । ତେଣୁ ସେମାନେ ପୂର୍ବ ପରମ୍ପରାକୁ ପରିବର୍ତ୍ତନ କରିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ଗ୍ରାମର ଅଳ୍ପ କିଛି ଲୋକ ପଶୁପକ୍ଷୀ ବଳିଦେବା ନୀତିକୁ ବିରୋଧ କରୁଥିଲେ ମଧ୍ୟ , ସେଭଳି ଯୁକ୍ତି ପ୍ରତ୍ୟାଖ୍ୟାତ ହୁଏ । କାରଣ ମୁଖ୍ୟ ପୂଜକ (ଆଖଡାଣୀ)ଙ୍କ ବଳିଷ୍ଠ ମତ ଏ ପର୍ଯ୍ୟନ୍ତ ପଶୁ ପକ୍ଷୀ ବଳିପ୍ରଥା ସପକ୍ଷରେ ରହିଛି । ପୂଜାପାର୍ବଣ ତଥା ସମସ୍ତ କର୍ମକର୍ମାଣିରେ ଆଖଡାଣୀଙ୍କ ପ୍ରାଧାନ୍ୟ ଏବେ ମଧ୍ୟ ଅତୁଟ ରହିଥିବାରୁ ସବୁକିଛି ପାରମ୍ପରିକ ଭାବରେ ଚାଲିଛି ।

ଏଥିରୁ ସ୍ପଷ୍ଟ ଅନୁମେୟ ଯେ ମୁଖ୍ୟ ପୁରୋହିତ(ଆଖଡାଣୀ) ମାଙ୍କିଡିଆ ଗୋଷ୍ଠୀରେ ଏକ ସମ୍ମାନନୀୟ ବ୍ୟକ୍ତିତ୍ୱ । ସେ ମୁଖ୍ୟ ପୂଜକ ସହିତ ତାନ୍ତ୍ରିକ ମଧ୍ୟ । ତେଣୁ ମାଙ୍କିଡିଆ ମାନଙ୍କର ମଙ୍ଗଳ ସକାଶେ ଆଖଡାଣୀ ଉଭୟ ଦିଗରୁ ଏକ ସ୍ୱତନ୍ତ୍ର ବ୍ୟକ୍ତିବିଶେଷ  ।

# ବସତି (ଟାଣ୍ଡା) ସ୍ଥାପନ

ମାଙ୍କିଡିଆ ମାନଙ୍କ ବାସ ସ୍ଥଳୀକୁ ଟାଣ୍ଡା କୁହାଯାଏ । ଟାଣ୍ଡାରେ ଥିବା ବାସଗୃହକୁ କୁମ୍ବା କହନ୍ତି । କେକେ ଗୁଡିଏ କୁମ୍ବା ତିଆରି କରି ଟାଣ୍ଡାରେ ବାସ କରନ୍ତି ।

## ଧାରଣା, ଉତ୍ପତ୍ତି ଓ ଲୋକକଥା:

ମାଙ୍କିଡିଆ ଗୋଷ୍ଠୀର ବସତି ସ୍ଥାପନ ଇତିହାସ ଅତି ପୁରାତନ ନୁହେଁ । ଲୋକକଥା ଅନୁସାରେ ସୃଷ୍ଟିର ପ୍ରଥମ ପୁରୁଷ ଲାକ୍ରା ଓ ସ୍ତ୍ରୀ ସାନି ବଣ ଜଙ୍ଗଲରେ ଇତଃସ୍ତତଃ ଭାବେ ବୁଲୁ ବୁଲୁ ଉଭୟଙ୍କ ମଧ୍ୟରେ ପରିଚୟ, ପରେ ବିବାହ ଓ ପୁଣି ବଂଶ ବିସ୍ତାର କରି ଯାଯାବର ଜୀବନ ଯାପନ କରୁଥିଲେ । କାଳକ୍ରମେ ଏହି ଯାଯାବର ଜୀବନ ପ୍ରଣାଳୀକୁ ସାମୟିକ ପରିହାର କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସତି ସ୍ଥାପନ କରିବା ପଦ୍ଧତିକୁ ଗ୍ରହଣ କଲେ । ଏସବୁ ସ୍ଥାନ ସାଧାରଣତଃ ହେଲା ପାହାଡ ତଳ ଅଞ୍ଚଳ ବା କୌଣସି ଗ୍ରାମର ସୀମାନ୍ତ ଅଞ୍ଚଳ କିମ୍ବା ଜଙ୍ଗଲର ମଧ୍ୟବର୍ତ୍ତୀ ଅଂଶ । ଏହି ଅଞ୍ଚଳମାନଙ୍କରେ ପତ୍ର କୁଡିଆ କରି ରହିଲେ । ଜଙ୍ଗଲରୁ ଦ୍ରବ୍ୟମାନ ସଂଗ୍ରହ କରି ନିଜର ଅନ୍ନସଂସ୍ଥାନ ସହଜରେ କରିପାରୁଥିଲେ । କିନ୍ତୁ ସମୟାନୁକ୍ରମେ ସେମାନଙ୍କୁ ରୁଚିକର ସ୍ଥାନରେ ଏକ କୋଠରୀ ବିଶିଷ୍ଟ ଇନ୍ଦିରା ଆବାସ ଗୃହ ଯୋଗାଇ ଦିଆଗଲା । ଅଧିକାଂଶ ମାଙ୍କିଡିଆ ଏହି ଘର ମାନଙ୍କରେ ବସବାସ କରୁଥିବା ସ୍ଥଳେ ଅନ୍ୟ କେତେକ ପାରମ୍ପରିକ ତାଳପତ୍ର ନିର୍ମିତ କୁଡିଆ ବା କୁମ୍ବାରେ ବାସ କରିବା ସହିତ ଅର୍ଦ୍ଧ ଯାଯାବର ଜୀବନ ବିତାଉଛନ୍ତି । ତାଳପତ୍ର ନିର୍ମିତ ଗମ୍ବୁଜାକାର କୁମ୍ବା ସେମାନଙ୍କ ପାଇଁ ଅଧିକ ଆରାମଦାୟକ ତଥା ନିରାପଦ ବୋଲି ସେମାନଙ୍କ ବିଶ୍ୱାସ । ଏବେ ମଧ୍ୟ ସ୍ଥାୟୀ ବାସିନ୍ଦା ମାଙ୍କିଡିଆ ପରମ୍ପରାର ସ୍ମୃତି ସଦୃଶ ତାଳପତ୍ରର କୁମ୍ବାଟିଏ ଇନ୍ଦିରା ଆବାସ ଗୃହ ସମୀପରେ ତିଆରି କରୁଥିବା ଦେଖାଯାଏ ।

## ବସତିର ଅବସ୍ଥିତି:

ପାହାଡ ପର୍ବତର ପାଦଦେଶରେ, ଜଙ୍ଗଲ ନିକଟସ୍ଥ ଗ୍ରାମର ଶେଷ ମୁଣ୍ଡରେ, ନଦୀ, ଝରଣା ସମୀପରେ କିମ୍ବା ବନ୍ୟ ପରିବେଶ ମଧ୍ୟରେ ଏମାନଙ୍କ ବସତି ଅବସ୍ଥିତ । ଆଜିକାଲି ସରକାରଙ୍କ ତରଫରୁ ଇନ୍ଦିରା ଆବାସ ଯୋଗାଇ ଦିଆଯାଇ ଅପେକ୍ଷାକୃତ ସଦର ଅଞ୍ଚଳରେ ରହିବା ସୁବିଧା ଯୋଗାଇ ଦେଲେ ମଧ୍ୟ ସେମାନେ ଏପରି ସ୍ଥାନ

ମାନଙ୍କରେ ରହିବାକୁ କୁଣ୍ଠିତ । ତେବେ ମୟୂରଭଂଜ ଜିଲ୍ଲାର ଭଣ୍ଡାରିପାଳ, ମାଙ୍କିଡିଆ ସାହି, ଘଠାଣି, ଧରଧରା, କେନ୍ଦୁମୁଣ୍ଡି ଓ ବଣିଆବସା ଗ୍ରାମଗୁଡିକରେ ମାଙ୍କିଡିଆଙ୍କ ଜାଘି (settler) ଶ୍ରେଣୀର ଲୋକ ରହୁଥିବା ସ୍ଥଳେ ମାଦ୍ଲେବେସା, ସୁନ୍‌ପୋଖରୀ ଓ ଆମ୍ବଡାଳି ପ୍ରଭୃତିଗ୍ରାମ ମାନଙ୍କରେ ଉଠାକାନା (wanderer) ଶ୍ରେଣୀୟ ଲୋକ ରହୁଥିବା ଦେଖାଯାଏ । ଏ ସବୁ ଜଙ୍ଗଲ ସମୀପବର୍ତ୍ତୀ ପାହାଡିଆ ଅଂଚଳ । ଯିଏ ଯେଉଁ ଶ୍ରେଣୀର ହେଉ କିମ୍ବା ଅଂଚଳରେ ରହିଥାଆନ୍ତୁ ନା କାହିଁକି ସମସ୍ତେ ପାହାଡ-ଜଙ୍ଗଲ ଉପରେ ନିର୍ଭରଶୀଳ । ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରି (ମୁଖ୍ୟତଃ ଶଆଡି ଛେଲି) ସମସ୍ତେ ଜୀବିକା ନିର୍ବାହ କରନ୍ତି । ମାଙ୍କିଡିଆ ମାନଙ୍କ ବସତି ସ୍ଥାପନ ସମ୍ବନ୍ଧୀୟ କୌଣସି ପୂଜା ବିଧି ପ୍ରଥା ନାହିଁ । କେବଳ ବାସଗୃହ ନିର୍ମାଣ ପୂର୍ବରୁ ଆଖଡାଣୀ ଦ୍ୱାରା ପୂଜାପାଠ କରାଇ ଶୁଭାଶୁଭ ନିର୍ଣ୍ଣିତ ହୋଇଥାଏ ।

## ବସତିର ଚତୁପାର୍ଶ୍ୱ:

ମାଙ୍କିଡିଆ ବସତି ସ୍ଥଳୀ ଗୁଡିକ ସାଧାରଣତଃ ପାହାଡିଆ ଅଞ୍ଚଳରେ ହୋଇଥିବାରୁ ଚତୁଃପାର୍ଶ୍ୱ ଜଙ୍ଗଲ ସୁଷମାରେ ଭରି ରହିଥାଏ । ପାହାଡ ପର୍ବତ ରୂପୀ ସୁଉଚ୍ଚ ଅଟ୍ଟାଳିକା, ସବୁଜିମାମୟ ଘଞ୍ଚ ବନାନୀ ଏହାର ଚତୁଃପାର୍ଶ୍ୱକୁ ଅଧିକ ଆକର୍ଷଣୀୟ କରିଥାଏ । ଝରଣାର କଳକଳ ନାଦ, ବନ୍ୟପକ୍ଷୀଙ୍କ କାକଳୀରେ ପରିବେଶ ସଂଗୀତର ମୂର୍ଚ୍ଛନାକୁ କୋଳାଗ୍ରତ କରେ ।

ପ୍ରାୟତଃ ପ୍ରତ୍ୟେକ ମାଙ୍କିଡିଆ ବସତି ପ୍ରକୃତିରାଣୀର ପଣତରେ ବନ୍ଧା । କେଉଁଠି ପାହାଡ ତଳେ ତ କେଉଁଠି ପାହାଡ ଜଙ୍ଗଲ ସମୀପରେ କିମ୍ବା ପାହାଡ ଉପରେ ଜଙ୍ଗଲ ମଧ୍ୟରେ । ସାଧାରଣ ଭାବରେ ନିକଟରେ ଜଳର ଉତ୍ସ ରହିଥାଏ, ଯାହାକୁ ମାଙ୍କିଡିଆ ନିର୍ଭୟ ତଥା ନିସଙ୍କୋଚରେ ବ୍ୟବହାର କରିପାରନ୍ତି । କେତେକ ଅଂଚଳରେ ମାଙ୍କିଡିଆ ବସତିକୁ ଲାଗି ପଡୋଶୀ ଗ୍ରାମବାସୀଙ୍କ ଋଷକ୍ଷେତ ମଧ୍ୟ ଥାଏ । ସେଥିରେ ମାଙ୍କିଡିଆମାନେ ଦିନ ମଜୁରିଆ ଭାବରେ ବେଳେବେଳେ କାମ କରିଥାଆନ୍ତି । ମାଙ୍କିଡିଆ ବସତି ସ୍ଥାନର ନିକଟବର୍ତ୍ତୀ ଅଂଚଳରେ ବିଭିନ୍ନ ଗୋଷ୍ଠୀ ବସବାସ କରୁଥିବା ଦେଖାଯାଏ । କେଉଁଠାରେ ୧୦୦/୨୦୦/୩୦୦ ମିଟର ତ କେଉଁଠାରେ ୫୦୦ ମିଟର ଦୂରତାରେ ପଡୋଶୀ ପ୍ରଜାତି ଗୋଷ୍ଠୀ ରହିଥାଆନ୍ତି । କିନ୍ତୁ ମାଙ୍କିଡିଆ ମାନଙ୍କର ଖୁବ୍ ନିକଟତମ ପଡୋଶୀ ଭାବେ କୌଣସି ଗୋଷ୍ଠୀର ଲୋକ ବାସ କରନ୍ତି ନାହିଁ । ପଡୋଶୀ ଗୋଷ୍ଠୀ ମଧ୍ୟରେ ସାନ୍ତାଳ, ହୋ, ଖଡିଆ, ଭୂମିଜ, ମାହାଲୀ, କୁମ୍ଭାର, କମାର, ବାଥୁଡି, ଗୁଡିଆ, ଚମାର,

ଡୋମ, ରାଢୀ, ତନ୍ତୀ ଓ ବିଭିନ୍ନ ଓଡିଆ ଜାତିର ଲୋକ ରହିଥାଆନ୍ତି । ଅବଶ୍ୟ ସବୁ ମାଙ୍କିଡିଆ ବସତି ନିକଟରେ ସବୁ ପ୍ରକାର ପ୍ରଜାତିକ ଗୋଷ୍ଠୀ ନଥାଆନ୍ତି । ମାଙ୍କିଡିଆ ବସତି ସ୍ଥଳୀକୁ ପିଚୁ କିମ୍ବା କଚ୍ଚା ରାସ୍ତା ସଂଯୋଗ ହୋଇଥାଏ । ଗମନାଗମନର ଅସୁବିଧା ନାହିଁ । ପ୍ରତ୍ୟେକ ମାଙ୍କିଡିଆ ବସତି ଗୁଡିକର ଚତୁପାର୍ଶ୍ୱ ପ୍ରାୟତଃ ଜଙ୍ଗଲପୂର୍ଣ୍ଣ ଥିବା ଦେଖା ଯାଇଥାଏ । ବଡ ବଡ ବନ୍ଧୁର ପଥର କିମ୍ବା ମସୃଣ ପଥର ପଡିରହିଥାଏ ଏବଂ ବସତି ଭୂମିଠାରୁ ଉଚ୍ଚ ସ୍ଥାନମାନଙ୍କରେ ତିଆରି ହୁଏ । ମୟୂରଭଂଜ ଜିଲ୍ଲାର ପ୍ରତ୍ୟେକ ମାଙ୍କିଡିଆ ବସତିର ଚତୁଃପାର୍ଶ୍ୱ ଓ ପରିବେଶ ଏହିପରି ହୋଇଥିବା ଦେଖାଯାଏ ।

**ମାଙ୍କିଡିଆ ଗୃହ ଓ ବନ୍ଦୋବସ୍ତ ପଦ୍ଧତି :** ମାଙ୍କିଡିଆ ସଂପ୍ରଦାୟର ବସତି ସ୍ଥଳୀ ଗୁଡିକ ପ୍ରାୟତଃ ପାହାଡିଆ ଅଂଚଳରେ ହୋଇଥିବାରୁ ସେମାନଙ୍କ କୁମ୍ଭା ଗୁଡିକୁ ଅସମତଳ ସ୍ଥାନରେ କରିବାକୁ ହୁଏ । ସ୍ଥାନ ନେଇ ଭୂମି ସଂଲଗ୍ନ ଗୃହ ଗୁଡିକ ବର୍ଷା ଜଳରୁ ରକ୍ଷା ପାଇପାରିଥାଏ । ଗ୍ରାମ ଭିତରକୁ କିମ୍ବା ଗ୍ରାମ ଭିତରେ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଇନ୍ଦିରା ଆବାସ ଗୃହ ନିର୍ମିତ ହୋଇଥାଏ । ଏହି ଗୃହ ସମୀପରେ ଅନେକ ପାରମ୍ପରିକ ତାଳପତ୍ର ଘର ବା କୁମ୍ଭା ନିର୍ମାଣ କରିଥିବା ଦେଖାଯାଏ । ଇନ୍ଦିରା ଆବାସ ଗୃହ ଗୁଡିକ ଅଳ୍ପ ଦିନରେ ଭଗ୍ନପ୍ରାୟ ହୋଇଯାଉଥିବାରୁ ମରାମତି କରିବାକୁ ସମ୍ବଳ କିମ୍ବା ବ୍ୟବସ୍ଥା ହେଉ ନଥିବାରୁ କିମ୍ବା ପରମ୍ପରାବୋଧତା ଯୋଗୁଁ ଏପରି ପାରମ୍ପରିକ ବାସଗୃହ ବା କୁମ୍ଭା ନିର୍ମିତ ହୋଇଥାଏ । କିଏ ସଂପୂର୍ଣ୍ଣ ପୁରାତନ ଶୈଳୀରେ, କିଏ କିଏ ସାମାନ୍ୟ ପରିବର୍ତ୍ତନ କରି ଗୃହ ନିର୍ମାଣ କରିଥାଆନ୍ତି । ତଥାପି ପରମ୍ପରା ସୁରକ୍ଷିତ ରଖନ୍ତି । ଉଭୟ ଗୃହ ବ୍ୟବହୃତ ହୁଏ । ଗୃହ ଚତୁପାର୍ଶ୍ୱରେ ଅନାବନା ଗଛ ଭରି ରହିଥାଏ । କାଁଭାଁ ପପୟା, ସଜନା ଗଛ ଲଗାନ୍ତି ।

ବନ୍ଦୋବସ୍ତ ପଦ୍ଧତି କହିଲେ ମାଙ୍କିଡିଆ କିଛି ବୁଝନ୍ତି ନାହିଁ । କାରଣ ଭ୍ରମଣଶୀଳ ମନୋଭାବ ପରିହାର କରି ସେମାନଙ୍କ ମଧ୍ୟରୁ କେତେକ ଯେତେବେଳେ ସ୍ଥାୟୀ ଭାବରେ ବସବାସ କରିବାକୁ ମନ ବଳାଇଲେ, ସେତେବେଳେ ତାଙ୍କର ପସନ୍ଦ ମୁତାବକ ସ୍ଥାନରେ ଗୃହ ନିର୍ମାଣ କଲେ । କେବଳ ମୁଖ୍ୟ ପୂଜକ ଆଖଡାଣୀଙ୍କ ପରାମର୍ଶ ଅନୁସାରେ ସରକାରୀ ଜମି ଉପରେ ପାରମ୍ପରିକ ତାଳପତ୍ର ବାସଗୃହ ନିର୍ମିତ ହେଲା । ସେଥିରେ ବନ୍ଦୋବସ୍ତ ବା ମପାମପିର ଆବଶ୍ୟକତା ନଥିଲା । ସେମାନେ ନିଜର ନିତ୍ୟ ନୈମିତିକ ଜୀବନର ଆବଶ୍ୟକତାକୁ ଆଖି ଆଗରେ ରଖି ସ୍ଥାନ ନିରୂପଣ କରିଥିଲେ । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାମ୍‌ରେ ସରକାର ଯେଉଁ ଅଂଚଳରେ

ଯେତିକି ମାଙ୍କିଡିଆ ବାସ କରୁଥିଲେ, ସେମାନଙ୍କୁ ଗଣନା କରି, ସେତିକିଟି ଇନ୍ଦିରା ଆବାସ ଗୃହ ନିର୍ମାଣ କରାଇଲେ । ଏହି ଗୃହ ଗୁଡିକର ବନ୍ଦୋବସ୍ତ ବାବଦରେ ମାଙ୍କିଡିଆମାନେ ସଂପୂର୍ଣ୍ଣ ଅଜ୍ଞ ଏବଂ ଏବେ ଯେଉଁ ପାରମ୍ପରିକ ବାସଗୃହ ଇନ୍ଦିରା ଆବାସ ଗୃହ ସମୀପରେ କରିଛନ୍ତି, ସେଗୁଡିକରେ ମଧ୍ୟ କୌଣସି ବନ୍ଦୋବସ୍ତ ପଦ୍ଧତି ଅନୁସୃତ ହୋଇନାହିଁ ।

## ଗୃହ ସଂଲଗ୍ନ ବାଡିରେ ପନିପରିବା ଚାଷ:

ମାଙ୍କିଡିଆମାନେ ପ୍ରାୟତଃ ପନିପରିବା ଚାଷ କରନ୍ତି ନାହିଁ । କାରଣ ଏକ ଭ୍ରମଣଶୀଳ/ଯାଯାବର ଜାତି ଭାବରେ ପ୍ରଥମତଃ କୌଣସି ଚାଷ କାର୍ଯ୍ୟ ସେମାନେ କରିନଥିଲେ କିମ୍ବା ଶିଖି ନଥିଲେ । ଦ୍ୱିତୀୟତଃ, ଏବେ ଯଦି ପଡୋଶୀ ଗୋଷ୍ଠୀଙ୍କ ଠାରୁ ଦେଖିଶିଖି କରିବାକୁ ଚାହୁଁଛନ୍ତି, ତେବେ ଆବଶ୍ୟକ ସ୍ଥାନ ତାଙ୍କ ପାଖରେ ନାହିଁ । ତଥାପି କେହି କେହି କେତୋଟି ଲେଖାଏଁ କଦଳୀ ଗଛ (କାଏରା), ପପୟା ଓ ସଜନା ଗଛ ଲଗାଉଥିବା ଦେଖାଯାଏ । ପାହାଡିଆ/ପ୍ରାକୃତିକ ଅନୁର୍ବରତା ଯୋଗୁଁ କିମ୍ବା ଆବଶ୍ୟକୀୟ ଯତ୍ନ ଅଭାବରେ ବିଶେଷଏହା ଫଂଳପ୍ରସୂ ହୁଏନାହିଁ । କିଏ କେମିତି କଖାରୁ ଗଛ ତାଙ୍କ ତାଳପତ୍ର ସାହାଯ୍ୟରେ ନିର୍ମିତ ବାସଗୃହ ଉପରକୁ ମଡାଇଥାଆନ୍ତି । ଏକାଧିକ ମାଙ୍କିଡିଆ ଲୋକ ଅଳ୍ପ ଅଳ୍ପ ଭେଣ୍ଡି ଗଛ ଲଗାଇଥିବାର ଦେଖାଯାଏ । କାରଣ ଏହା ତାଙ୍କର ଏକ ସହାୟକ ଖାଦ୍ୟ । ପଖାଳ ସହିତ ଖାଇଥାଆନ୍ତି ।

## ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀ ମାନଙ୍କ ବସତି :

ସାଧାରଣତଃ ଦେଖାଯାଏ ଯେ ମାଙ୍କିଡିଆ ବସତି ଭିତରେ ଅନ୍ୟ କୌଣସି ପ୍ରଜାତିକ ଗୋଷ୍ଠୀ ବସବାସ କରନ୍ତି ନାହିଁ । ଅବଶ୍ୟ ମାଙ୍କିଡିଆଙ୍କ ବସତି ସ୍ଥାନଠାରୁ ଅନତିଦୂରରେ ସାନ୍ତାଳ, କୋହ୍ଲ, ଭୂମିଜ, ବାଥୁଡି, ମାହାଲୀ ଆଦି ବିଭିନ୍ନ ପ୍ରଜାତିକ ଗୋଷ୍ଠୀର ବସତି ସ୍ଥାପିତ ହୋଇଥିବାର ଦେଖାଯାଏ । କିନ୍ତୁ ମାଙ୍କିଡିଆଙ୍କ ବସତି ସ୍ଥାନରେ କେବଳ ମାଙ୍କିଡିଆ ଗୋଷ୍ଠୀର ଲୋକ ହିଁ ବସବାସ କରନ୍ତି ।

**ବସତିର ବାସ୍ତୁବିଦ୍ୟା ନକ୍ସା :** ମାଙ୍କିଡିଆ ମାନଙ୍କର ବସତି ବାସ୍ତୁବିଦ୍ୟା ନକ୍ସା ଅନୁଯାୟୀ ସ୍ଥାପିତ ହୋଇନଥାଏ । ନିଜର ସୁବିଧା ଅନୁସାରେ ଓ ପସନ୍ଦରେ ବସତି ସ୍ଥାପନ କରିଥାଆନ୍ତି । ତେବେ ବଣଜଙ୍ଗଲ, ପାହାଡ, ଝରଣା, ନଦୀ, ପୋଖରୀ, ନାଳ ଇତ୍ୟାଦିର ନିକଟବର୍ତ୍ତୀ ଅଂଚଳକୁ ବସତି ନିର୍ମାଣ ପାଇଁ ଉପଯୁକ୍ତ ମଣିଥାଆନ୍ତି । ଜୀବିକା ନିର୍ବାହ ତଥା ଜୀବନଚର୍ଯ୍ୟା ଏପରି ସ୍ଥାନମାନଙ୍କରେ ସୁଗମ ହୋଇଥାଏ ।

## ଗ୍ରାମ ମଧ୍ୟରେ ଥିବା ଅନ୍ୟାନ୍ୟ ସଂରଚନା:

**ଯୁବ ଶୟନାଗାର :** ଯୁବ ଶୟନାଗାର ପରମ୍ପରା ମାଙ୍କିଡିଆ ସମାଜରେ ପ୍ରଚଳିତ । ପୁଅ ଓ ଝିଅ ଟିକିଏ ଯୁବାବସ୍ଥାକୁ ଆସିଗଲେ, ଆଉ ମାତାପିତାଙ୍କ ସହିତ ଗୋଟିଏ କୋଠରୀରେ ରାତ୍ରିଯାପନ କରନ୍ତି ନାହିଁ । ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଯୁବକ ଶୟନାଗାରରେ ଯୁବକମାନେ ଏବଂ ଯୁବତୀ/କିଶୋରୀ ଶୟନାଗାରରେ ଯୁବତୀମାନେ ଶୋଇଥାଆନ୍ତି । ଯୁବ ଶୟନାଗାର ଗୁଡିକ କେବଳ ରାତ୍ରିଯାପନ ପାଇଁ ଉଦ୍ଦିଷ୍ଟ । ଗ୍ରାମର ଯେ କୌଣସି ସ୍ଥାନରେ ଏହା ନିର୍ମିତ ହୋଇପାରେ । ଦୁଇଟିଯାକ ଶୟନାଗାର ପାରମ୍ପରିକ ଶୈଳୀରେ ସଂରଚିତ ହୁଏ । ଜଙ୍ଗଲରୁ କଣ୍ଢଝଟା, ତାଳପତ୍ର ସଂଗ୍ରହ କରି ଆଣିବା କାର୍ଯ୍ୟରେ ଗ୍ରାମ ଯୁବକମାନେ ସାହାଯ୍ୟ କରିଥାଆନ୍ତି । ଏଥିରେ ପାରିଶ୍ରମିକ ନଥାଏ । ଉଭୟଙ୍କ ଶୟନାଗାର ଗ୍ରାମରେ ଭିନ୍ନ ଭିନ୍ନ ସ୍ଥାନରେ ହୁଏ । ମାଙ୍କିଡିଆଙ୍କ ପାରମ୍ପରିକ ବାସଗୃହ ବା କୁମ୍ଭା ଭଳି ଏଗୁଡିକ ନିର୍ମିତ ହେଉଥିଲେ ହେଁ ତୁଳନାତ୍ମକ ଭାବରେ ଆକାରରେ ବଡ ହୁଏ ।

**ଗୋଷ୍ଠୀ ଗୃହ:** ମାଙ୍କିଡିଆମାନେ ଗୋଷ୍ଠୀଗୃହ ନିର୍ମାଣ କରନ୍ତି ନାହିଁ । ଯଦି କୌଣସି ଇନ୍ଦିରା ଆବାସ ଘର କିଛି କାରଣରୁ ଖାଲି ପଡିଥାଏ ତେବେ ତାହାକୁ ଗୋଷ୍ଠୀ ଗୃହ ଭାବରେ ବ୍ୟବହାର କରିଥାଆନ୍ତି । ନତୁବା ଗ୍ରାମର ଯୁବକ ମାନଙ୍କୁ ଅନୁରୋଧ ପୂର୍ବକ ଯୁବ ଶୟନାଗାର ମଧ୍ୟ କେବେକେବେ ବ୍ୟବହୃତ ହୋଇଥାଏ । ନଚେତ୍ ଗ୍ରାମର ଏକାଧିକ ଲୋକ ମିଳିତ ହୋଇ କୌଣସି ବିଷୟରେ ବା ଗ୍ରାମର ଭଲମନ୍ଦ ବାବଦରେ ଆଲୋଚନା କରିବାକୁ ଥିଲେ ନିକଟସ୍ଥ ଗଛମୂଳେ, ଖୋଲା ପଡିଆ କିମ୍ବା ଗ୍ରାମ ଭିତରେ କୌଣସି ଚକ ସ୍ଥାନରେ ଏକତ୍ରିତ ହୁଆନ୍ତି ।

**ଗୁଣି ଗାରେଡି ଓ ଧର୍ମୀୟ ଗୃହ:** ଗୁଣି ଗାରେଡି ଓ ଧର୍ମୀୟ ଗୃହ ମାଙ୍କିଡିଆ ମାନଙ୍କ ବାସ ସ୍ଥଳୀରେ ନଥାଏ । ଗ୍ରାମର ମୁଖ୍ୟ ପୂଜକ ଆଖଡାଣୀ ଗୃହ ସମ୍ମୁଖରେ ସ୍ୱତନ୍ତ୍ର ଭାବରେ ମାଟିରେ ଏକ ପିଣ୍ଡି କରାଯାଇଥାଏ । ଏହି ପିଣ୍ଡି ପାଖରେ ଆଖଡାଣୀଙ୍କ ଗ୍ରାମ ଦେବତୀ/ ଦେବତା ପୂଜା, ମାନସିକ ପୂଜା, ସାପ୍ତାହିକ ପୂଜା, ମନ୍ତ୍ର ଶିକ୍ଷା ଇତ୍ୟାଦି ସଂପନ୍ନ କରିଥାଆନ୍ତି । ପିଣ୍ଡି ସମୀପରେ ଶାଳଗଛଟିଏ ରହିଥିବା ଜରୁରୀ । ପାଖରେ ତାଳପତ୍ର ଛପର ହୋଇଥିବା ଏକ ଛୋଟ ଚାଳିଆ (ଖୋଲା) ନିର୍ମିତ ହୋଇଥାଏ । ଉକ୍ତ ଚାଳିଆ ତଳେ, ପୂଜା ପିଣ୍ଡି ସମ୍ମୁଖରେ ଶିଷ୍ୟମାନଙ୍କୁ ବସାଇ ଆଖଡାଣୀ ଧର୍ମ ସମ୍ବନ୍ଧୀୟ ମନ୍ତ୍ରତନ୍ତ୍ର ଶିକ୍ଷା ଦେଇ ଥାଆନ୍ତି ।

**ଦେବ ପୀଠ:** ଆଖଡାଣୀଙ୍କ ଗୃହ ସମ୍ମୁଖରେ ଥିବା ପୂଜା ପିଣ୍ଡିକୁ ମାଙ୍କିଡିଆମାନେ ଦେବପୀଠରେ ଆସ୍ଥାନ ବୋଲି ବିଶ୍ୱାସ କରି ପୂଜା ଅର୍ଚ୍ଚନା କରିଥାଆନ୍ତି । ଆଖଡାଣୀ ସେହିଠାରେ ହିଁ ସମସ୍ତ ଦେବଦେବୀଙ୍କୁ ଆହ୍ୱାନ କରି ପୂଜା କାର୍ଯ୍ୟ ସଂପନ୍ନ କରନ୍ତି । ସମସ୍ତ ଗ୍ରାମବାସୀ ପୂଜା ପାର୍ବଣ ଦିନ ମାନଙ୍କରେ ସେଠାରେ ଉପସ୍ଥିତ ରହି ଦେବଦେବୀଙ୍କ ଉଦ୍ଦେଶ୍ୟରେ ପ୍ରଣତି ଅର୍ପଣ କରନ୍ତି । ଏତଦ୍ ବ୍ୟତୀତ ଜଙ୍ଗଲି ଜନ୍ତୁଙ୍କ ଦାଉରୁ ରକ୍ଷା ପାଇବାକୁ ମାଙ୍କିଡିଆ ଜଙ୍ଗଲ କିମ୍ବା ପାହାଡର କୌଣସି ସ୍ଥାନରେ ପୂଜାପାଠ କରନ୍ତି ।

**ଭୋଜି ସ୍ଥଳୀ :** ଗ୍ରାମ ମଧ୍ୟରେ ଭୋଜି କରିବା ପାଇଁ ବିଧିବଦ୍ଧ କୌଣସି ସ୍ଥାନ ନଥାଏ । ଭୋଜି କରିବାକୁ ହେଲେ କୌଣସି ବୃକ୍ଷ ମୂଳ ବା ଖୋଲା ସ୍ଥାନରେ ଭୋଜିର ଆୟୋଜନ କରିଥାଆନ୍ତି ।

**ଅବସର ବିନୋଦନ ସ୍ଥଳୀ:** ଅବସର ବିନୋଦନ ପାଇଁ ମାଙ୍କିଡିଆ ଯୁବକ-ଯୁବତୀମାନେ ହିରୁପରବ୍, ହେରେଇ ଋବ୍, ବାରମଣ୍ଡା ନୃତ୍ୟର ଆୟୋଜନ କରନ୍ତି । ଏହା ପୂଜାଦିନ ମାନଙ୍କରେ ଦେବପୀଠ ନିକଟରେ କିମ୍ବା ପର୍ବପର୍ବାଣି ଦିନରେ ଯେ କୌଣସି ମୁକ୍ତ ସ୍ଥାନରେ ଅନୁଷ୍ଠିତ ହୋଇଥାଏ । ଯଦି କୌଣସି ନାଟକ କରିବାକୁ ଋହାଁନ୍ତି ତେବେ ଖୋଲା ପଡିଆରେ ମଞ୍ଚସ୍ଥ ହୁଏ । ପଡୋଶୀ ଗୋଷ୍ଠୀର ଯୁବକ ମାନଙ୍କ ସହିତ ଦାଣ୍ଡିଆ ଖେଳୁଥିବା ମଧ୍ୟ ଦେଖାଯାଏ ।

**ସଭାସ୍ଥାନ:** ଏମାନଙ୍କର ସେପରି ନିର୍ଦ୍ଦିଷ୍ଟ ସଭାସ୍ଥାନ ଥିବା ଦେଖାଯାଏ ନାହିଁ । କୌଣସି ମାମଲାର ବିଋର ପାଇଁ ଆୟୋଜିତ ବୈଠକ କୌଣସି ବୃକ୍ଷମୂଳେ କିମ୍ବା ଖୋଲାପଡିଆରେ ହୁଏ । ଏଥିରେ ଗ୍ରାମର ହେରିଃ (ସଭାପତି)ଙ୍କ ସଭାପତିତ୍ୱରେ ମାମଲାର ଫଇସଲା ହେବା ସହିତ ଗ୍ରାମର ପ୍ରତ୍ୟେକଟି ସୁବିଧା ଅସୁବିଧା ବିଷୟରେ ମଧ୍ୟ ଆଲୋଚନା କରାଯାଏ ଏବଂ ସିଦ୍ଧାନ୍ତ ନିଆଯାଏ ।

**ଗ୍ରାମରେ ଥିବା ପାନୀୟ ଜଳର ଉତ୍ସ:** ଗ୍ରାମ ମଧ୍ୟରେ ସେପରି କୌଣସି ପାନୀୟ ଜଳର ସୁବିଧା ମାଙ୍କିଡିଆ ବସତି ମାନଙ୍କରେ ନଥାଏ । ଏବେ ଅବଶ୍ୟ ସରକାର ତରଫରୁ ସ୍ଥାନେ ସ୍ଥାନେ କୂପ ଓ ନଳକୂପ ଖୋଳାଯାଏ । ତେବେ ପାନୀୟ କମ୍ବା ଅନ୍ୟାନ୍ୟ ବ୍ୟବହାର ପାଇଁ ସେମାନେ ଜଳର ଉତ୍ସ ନିକଟରେ ବସତି ସ୍ଥାପନ କରିବାକୁ ପସନ୍ଦ କରନ୍ତି ।

**ଗ୍ରାମର ମୁଖ୍ୟ ରାସ୍ତା :** ପୂର୍ବେ ମାଙ୍କିଡିଆ ଗ୍ରାମ ଗୁଡିକୁ ମୁଖ୍ୟ ରାସ୍ତାର ସଂଯୋଗ ନଥିବା ସ୍ଥଳେ ଏବେ ପ୍ରତ୍ୟେକ ମାଙ୍କିଡିଆ ଗ୍ରାମକୁ ଗମନାଗମନର ଅସୁବିଧା ନାହିଁ ।

ସରକାରଙ୍କ ତରଫଂରୁ ପିଚୁ କିମ୍ବା କଚ୍ଚା ରାସ୍ତା ନିର୍ମାଣ କରାଯାଇଥିବା ଦେଖାଯାଏ । ପୁଣି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ପ୍ରତ୍ୟେକ ଗ୍ରାମକୁ ମୁଖ୍ୟ ରାସ୍ତା ହେଉଥିବାରୁ ସେମାନେ ଉପକୃତ ହେଉଛନ୍ତି ।

**ପାଦଚଲା ରାସ୍ତା ବା ଗଳିରାସ୍ତା:** ମୁଖ୍ୟ ରାସ୍ତାକୁ ମାଙ୍କିଡିଆ ବସ୍ତି ଯାଏ ଆସିଥିବା ପାଦଚଲା ରାସ୍ତା ସଂଯୁକ୍ତ ହୋଇଥାଏ । ଅବଶ୍ୟ ଏହାର ଦୂରତ୍ୱ ଅତିବେଶୀ ନୁହେଁ । ଅନ୍ୟ ଗ୍ରାମ କିମ୍ବା ବଜାର ହାଟକୁ ଗଲେ ପାଦ ଚଲା ରାସ୍ତାରେ ଯିବାକୁ ପଡେ । କାରଣ ରାସ୍ତା ନିହାତି ସଂକୀର୍ଣ୍ଣ ଏବଂ ବର୍ଷା ଋତୁରେ ଅଧିକ ବିପଦସଂକୁଳ ।

**ଅନ୍ୟାନ୍ୟ ଆକୃତି:** ମାଙ୍କିଡିଆ ବସତି ବା ଗ୍ରାମଗୁଡିକ ପାହାଡିଆ ଅଂଚଳରେ ହୋଇଥିବାରୁ ଗ୍ରାମ ଭିତରେ କିମ୍ବା ବାହାରେ ଅନେକ ଛୋଟ ଏବଂ ବଡ଼ ପଥରମାନ ଦେଖିବାକୁ ମିଳିଥାଏ । ଏପରିକି ସମଗ୍ର ଗ୍ରାମଗୁଡିକର ପ୍ରାୟ ଅସମତଳ ଅବସ୍ଥିତି ପରିଲକ୍ଷିତ ହୁଏ । ଗ୍ରାମର ଗୋଟିଏ ପାଖରେ ଛିଡା ହୋଇ ଅପର ପାର୍ଶ୍ୱକୁ ଚାହିଁଲେ ଏହା ସ୍ପଷ୍ଟ ଜଣାପଡେ । ଜଙ୍ଗଲ ପାହାଡ ଯୋଗୁଁ ବର୍ଷାଋତୁରେ ଜଳର ପ୍ରାଚୁର୍ଯ୍ୟ ଅନୁଭୂତ ହୋଇଥାଏ । କିନ୍ତୁ ପଥୁରିଆ ଭୂମି ଓ ଉଚ୍ଚ ସ୍ଥାନରେ ବସତି ହୋଇଥିବାରୁ ବର୍ଷାଜଳ ଏମାନଙ୍କୁ କ୍ଷତି ପହଞ୍ଚାଇ ପାରେନାହିଁ । ଗ୍ରାମର ସ୍ୱରୂପକୁ ସୌନ୍ଦର୍ଯ୍ୟମୟ କରିଥାଏ ବୃକ୍ଷର ଆଧିକ୍ୟ, ନିକଟସ୍ଥ ପାହାଡ ଏବଂ ପାହାଡି ଝରଣା ।

## ଗ୍ରାମ ବାହାରେ ଥିବା ସଂରଚନା:

(୧) ମୟୂରଭଂଜ ଜିଲ୍ଲାରେ ପ୍ରତ୍ୟେକ ମାଙ୍କିଡିଆ ବସତି ପ୍ରାୟ ପାହାଡ ତଳେ, ପାହାଡ ନିକଟରେ ବା ପାହାଡର କିଛି ଉପର ଅଂଶରେ ଥାଏ । ମୂଳତଃ ପର୍ବତ ଓ ଜଙ୍ଗଲର ନାମ ଶିମିଳିପାଳ ହୋଇଥିଲେ ହେଁ ସ୍ଥାନ ବିଶେଷ ବା ଆକାରର ତାରତମ୍ୟ ଯୋଗୁଁ ଭିନ୍ନଭିନ୍ନ ଅଂଚଳରେ ବିଭିନ୍ନ ନାମ ଲୋକମାନେ କହିଥାଆନ୍ତି । ଯେପରି ମେଘାସନ ପାହାଡ ଜଙ୍ଗଲ, କୁକୁନ୍ଦ ହୁଡି ଇତ୍ୟାଦି ଶିମିଳିପାଳ ପର୍ବତଟି ମୟୂରଭଂଜର ସୀମାନ୍ତ ଅଂଚଳକୁ ଘେରି ରହିଥିବାରୁ ଏହାର ପାଦଦେଶରେ ମାଙ୍କିଡିଆ ବସତି ମାନ ଗଢି ଉଠିଛି । କିନ୍ତୁ ପୋଡାଡିହା ପଞ୍ଚାୟତର ମାଙ୍କିଡିଆ ସାହି ବସତିଟି କୁକୁନ୍ଦ ହୁଡି ନିକଟରେ ଅବସ୍ଥିତ, ଯାହାର ଆକାର ଅତି ବିସ୍ତୃତ ନୁହେଁ ।

## ଗାଧୁଆ ଓ ଧୁଆଧୋଇ ସ୍ଥାନ:

ଜଳର ଉତ୍ସ ମାଙ୍କିଡିଆ ଗ୍ରାମ ଭିତରେ ନ ଥାଇ । ପ୍ରତ୍ୟେକ ଗ୍ରାମ ବାହାରେ ହିଁ ଥାଏ । ଏମାନେ ସାଧାରଣତଃ ନଦୀ, ଝରଣା, ନାଳ, ପୋଖରୀ ଇତ୍ୟାଦିର ନିକଟବର୍ତ୍ତୀ ଅଂଚଳରେ କିମ୍ବା ପାହାଡ ପର୍ବତର ପାଦଦେଶରେ ବସତି ସ୍ଥାପନ କରୁଥିବାରୁ କୌଣସି

ଉତ୍ସରୁ ଜଳସଂଗ୍ରହ ବା ବ୍ୟବହାର କରିପାରନ୍ତି । ନିତିଦିନିଆ ଚଳଣିରେ ଯେତେବେଳେ ଯେ କୌଣସି କାର୍ଯ୍ୟପାଇଁ ଜଳର ଆବଶ୍ୟକତା ପଡେ ଏବଂ ତାହା ସଂଗେ ସଂଗେ ଉପଲବ୍ଧ ହୋଇଥାଏ । ପାନୀୟ ଜଳ ଭାବରେ ସେମାନେ ଏହି ନିକଟବର୍ତ୍ତୀ ଉତ୍ସର ଜଳକୁ ବ୍ୟବହାର କରିଥାଆନ୍ତି । ଏବେ ଅବଶ୍ୟ ସ୍ଥାନେ ସ୍ଥାନେ ସରକାରୀ ନଳକୂପ, କୂପ ଆଦି ଖୋଦିତ ହୋଇଥିବାରୁ ଏହାର ଜଳ ପାନୀୟ ରୂପେ ବ୍ୟବହାର କରୁଥିବା ସ୍ଥଳେ ଗାଧୁଆ ଓ ଧୁଆଧୋଇ ପାଇଁ ପ୍ରାକୃତିକ ଜଳ ଉପରେ ନିର୍ଭର କରନ୍ତି ।

## ଦେବୀପୀଠ :

ଅନ୍ୟାନ୍ୟ ଆଦିବାସୀ ଗୋଷ୍ଠୀ ସଦୃଶ ମାଙ୍କିଡିଆମାନଙ୍କର ଜାହିରା ପୂଜା ନାହିଁ କିମ୍ବା ଗ୍ରାମ ବାହାରେ ସେପରି କୌଣସି ପୂଜା/ଦେବୀ ପୀଠ ନାହିଁ । କେବଳ ଜଙ୍ଗଲୀ ଜନ୍ତୁଙ୍କ ଦାଉରୁ ନିଜକୁ ରକ୍ଷା କରିବା ପାଇଁ ଏମାନେ ଏକାଧିକ ବାର ପାହାଡ କିମ୍ବା ଦୁଡି ଉପରେ ପୂଜା କରନ୍ତି । ଏହି ପୂଜା ଜଙ୍ଗଲ ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ହୋଇଥାଏ । ପ୍ରତ୍ୟେକ ଆଷାଢ ମାସରେ ମଧ୍ୟ ଏପରି ପୂଜା କରାଯାଏ ଜଙ୍ଗଲ ଦେବତାଙ୍କ ଉଦ୍ଦେଶ୍ୟରେ । ଜୀବିକା ନିର୍ବାହ ପାଇଁ ପାହାଡ ଜଙ୍ଗଲ ଉପରେ ନିର୍ଭର କରିବା ସଂଗେ ସଂଗେ ବର୍ଷର ଅଧିକାଂଶ ଦିନ ଜଙ୍ଗଲ ଯିବାର ଆବଶ୍ୟକତା ଥିବାରୁ ସେମାନଙ୍କୁ ଜଙ୍ଗଲ ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ପଡିଥାଏ । କାରଣ ବନ୍ୟଜନ୍ତୁଙ୍କ ଆକ୍ରମଣର ଆଶଙ୍କା ଯଥେଷ୍ଟ ଥାଏ । ଅବଶ୍ୟ ଏଥିପାଇଁ ବୋଧ ହୁଏ ମାଙ୍କିଡିଆ ଜଙ୍ଗଲ ଭିତରେ କିମ୍ବା ପାହାଡର ପାଦ ଦେଶରେ ବସବାସ କରୁଥିଲେ ହେଁ ବନ୍ୟଜନ୍ତୁ ସେମାନଙ୍କର ପ୍ରାୟ କିଛି କ୍ଷତି କରନ୍ତି ନାହିଁ । ଏପରିକି ସର୍ପ ଦଂଶନ କରେ ନାହିଁ ।

## ନୃତ୍ୟପୀଠ:

ବିଧିବଦ୍ଧ ଭାବରେ ଏମାନଙ୍କର କୌଣସି ନୃତ୍ୟ ପୀଠ ନାହିଁ । ତେବେ ଆବଶ୍ୟକ ସ୍ଥଳେ ଏମାନେ ନିକଟସ୍ଥ ଖୋଲା ପଡିଆ ବା ମୁକ୍ତାକାଶ ତଳେ ହାତକୁ ହାତ ଛନ୍ଦି ବିଭିନ୍ନ ଭଙ୍ଗୀରେ ନୃତ୍ୟ ପରିବେଷଣ କରିଥାଆନ୍ତି । ବିଭିନ୍ନ ପର୍ବପର୍ବାଣିରେ ନୃତ୍ୟଗୀତର ଆସର ଜମେ । ଏତଦ୍ ବ୍ୟତୀତ ପୂଜାଦିନ ମାନଙ୍କରେ ପୂଜା ପିଣ୍ଡି ନିକଟରେ ନୃତ୍ୟ ପରିବେଷିତ ହୋଇଥାଏ ।

## ଶ୍ମଶାନ:

ମାଙ୍କିଡିଆମାନେ ମୃତବ୍ୟକ୍ତିର ଶବ ପୋଡନ୍ତି ନାହିଁ, ମାଟିତଳେ ପୋତି ଦେଇଥାଆନ୍ତି । ଏଥିପାଇଁ ସାଧାରଣତଃ ଆଖପାଖ ଅଂଚଳ (ଯେଉଁଠାକୁ ସେମାନେ ଯାତାୟାତ କରନ୍ତି ନାହିଁ) କିମ୍ବା ଜଙ୍ଗଲର ଏକ ପାର୍ଶ୍ୱ ସ୍ଥାନ ମନୋନୀତ କରିଥାଆନ୍ତି । ଶବ ସତ୍କାର ସେଇ ଗୋଟିଏ ନିର୍ଦ୍ଧାରିତ ସ୍ଥାନରେ ହିଁ ହୋଇଥାଏ । ଏଥିପାଇଁ ଆବଶ୍ୟକ

ମାପ ଅନୁସାରେ ଉତ୍ତର-ଦକ୍ଷିଣ ଦିଗ କରି ଲମ୍ବା ଗାତ ଖୋଳନ୍ତି । ପୋତିବା ସମୟରେ ଶବର ମୁଣ୍ଡକୁ ଦକ୍ଷିଣଦିଗ ଓ ଗୋଡ ଉତ୍ତର ଦିଗକୁ ରଖି ଲମ୍ବ ଭାବରେ ଶୁଆଇ ଦିଅନ୍ତି । ତା' ଉପରେ ମାଟି, ପଥର ପକାଇ ଭଲ ଭାବରେ ପୋତନ୍ତି ଯେପରି କୌଣସି ଜୀବଜନ୍ତୁ କ୍ଷତି କରି ପାରିବେ ନାହିଁ ।

## ପୋଡୁ ଚାଷ ଜମି

ମାଙ୍କିଡିଆମାନଙ୍କର କୌଣସି କିସମର ଜମି ନଥାଏ । ମାଙ୍କଡିଆ ବସତି ସ୍ଥାନ ଆଖପାଖ ଅଂଚଳରେ ପଡୋଶୀ ଗ୍ରାମର ଗୋଷ୍ଠୀଙ୍କର କିଛି କିଛି ଜମି ଥିବା ଦେଖାଯାଇଥାଏ । ସେଗୁଡିକରେ ପ୍ରାୟ ଧାନ ଚାଷ ହୁଏ । ଅଳ୍ପ ବହୁତେ ଗୋଚର ଭୂମି ଥାଏ । ଯେଉଁଠାରେ ପଡୋଶୀ ଗ୍ରାମବାସୀଙ୍କ ଗୃହପାଳିତ ଗୋରୁଗାଈ, ଛେଳି, ମେଣ୍ଢା ଚରନ୍ତି । ମାଙ୍କିଡିଆ ମାନେ ସେଠାରେ କେବେ କେବେ କୌଣସି ଆଲୋଚନା/ସଭା ଇତ୍ୟାଦି ପାଇଁ ଏକତ୍ରିତ ହେବା ସହିତ ନାଚଗୀତର ଆୟୋଜନ କରିଥାଆନ୍ତି ।

## ଗ୍ରାମ ପାଚେରୀ:

ଗ୍ରାମର ସୀମା ନିର୍ଦ୍ଧାରଣ ପାଇଁ କୌଣସି ପାଚେରୀ ଦିଆଯାଏ ନାହିଁ । ଏମାନଙ୍କ ବସତି କିମ୍ବା ଗୃହ ନିର୍ମାଣରେ ବନ୍ଦୋବସ୍ତ/ନକ୍ସା କିଛି ନାହିଁ । କେବଳ ଗ୍ରାମ ନୁହେଁ, ବ୍ୟକ୍ତିଗତ ସ୍ତରରେ ମଧ୍ୟ ଏମାନେ ସୀମା ଆବଦ୍ଧ କରନ୍ତି ନାହିଁ । ତେଣୁ ସୀମା ସମ୍ବନ୍ଧୀୟ କୌଣସି ବିବାଦ ଏମାନଙ୍କର ସାଧାରଣତଃ ନଥାଏ । ଗ୍ରାମ ଚତୁଃପାର୍ଶ୍ୱରେ ନିର୍ମିତ ପାଚେରୀ ନଥିଲେ ମଧ୍ୟ ଏହାକୁ ଘେରି ରହିଥିବା ଜଙ୍ଗଲ ପାହାଡ ଆଦି ପ୍ରାକୃତିକ ପାଚେରୀ ସଦୃଶ ପ୍ରତୀୟମାନ ହୁଏ ।

## ବସତି ରକ୍ଷକ:

ଗ୍ରାମର ସୁରକ୍ଷା ଦାୟିତ୍ୱ ସାଧାରଣ ଭାବରେ ଗ୍ରାମର ସଭାପତି (ଦେରିଃ) ଓ ମୁଖ୍ୟ ପୂଜକ (ଆଖଡାଣୀ)ଙ୍କ ଉପରେ ନ୍ୟସ୍ତ ଥାଏ । ସୁରକ୍ଷା ସକାଶେ ସଭାପତିଙ୍କ ପରାମର୍ଶ ସାଂଗକୁ ଆଖଡାଣୀଙ୍କ ପୂଜାପାଠ/ମନ୍ତ୍ରତନ୍ତ୍ର ଓ ତତ୍ ସହିତ ଗ୍ରାମବାସୀଙ୍କ ଅକୁଣ୍ଠ ସମର୍ଥନ ସହଯୋଗ ମିଳିତ ଭାବରେ କାର୍ଯ୍ୟ କରିଥାଏ । କୌଣସି ଶତ୍ରୁ କିମ୍ବା ବିପଦକାରକ ସୂଚନା ନଆସିବା ପାଇଁ ଆଖଡାଣୀ ପୂଜାପାଠ କରିଥାଆନ୍ତି କିମ୍ବା ବିପଦର ଲକ୍ଷଣ ଦେଖାଗଲେ ତୁରନ୍ତ ପ୍ରତିକାର ପାଇଁ ପୂଜାବିଧି ଅନୁସୃତ ହୋଇଥାଏ । ବସତିର ରକ୍ଷାପାଇଁ ସଭାପତିଙ୍କ ନିର୍ଦ୍ଦେଶରେ ଗ୍ରାମର ଯୁବକମାନେ ମୁକାବିଲା କରିବାକୁ ପ୍ରସ୍ତୁତ ହୋଇଯାଆନ୍ତି । ପଡୋଶୀ ଗ୍ରାମରେ ସଂକ୍ରାମକ ରୋଗ ବ୍ୟାପିଲେ ନିଜ ଗ୍ରାମକୁ ରକ୍ଷା କରିବା ପାଇଁ

ତୁରନ୍ତ ପୂଜାପାଠର ବ୍ୟବସ୍ଥା ହୁଏ ଏବଂ ଅନ୍ୟାନ୍ୟ ପ୍ରତିକାର ପାଇଁ ସଭାପତିଙ୍କ ପରାମର୍ଶ କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ । ତେବେ ପାରମ୍ପରିକ ସୁରକ୍ଷା ବ୍ୟବସ୍ଥା ସହିତ ଗ୍ରାମର ପ୍ରତ୍ୟେକ ବ୍ୟକ୍ତି ବସତି ରକ୍ଷକ ଭାବରେ ନିଜ ନିଜର ଦାୟିତ୍ୱ ସଂପାଦନ କରିଥାଆନ୍ତି । ମାଙ୍କିଡିଆ ମାନଙ୍କ ସହଯୋଗ ଭିତ୍ତିକ ମନୋଭାବ ଯୋଗୁଁ ହିଁ ଏହା ସମ୍ଭବପର ହୋଇଥାଏ ।

ମାଙ୍କିଡିଆ ବସତି ପଦ୍ଧତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଆଧୁନିକ ଯୁଗରେ ପଦାର୍ପଣ କରି ମଧ୍ୟ ସେମାନେ ସଂପୂର୍ଣ୍ଣ ଭାବରେ ପରମ୍ପରାକୁ ତ୍ୟାଗ କରିପାରି ନାହାଁନ୍ତି କିମ୍ବା ତ୍ୟାଗ କରିବାକୁ ପ୍ରସ୍ତୁତ ନୁହଁନ୍ତି । ସେଥିପାଇଁ ତୁଳନାତ୍ମକ ଭାବରେ ମାଙ୍କିଡିଆ ଅନ୍ୟ ଗୋଷ୍ଠୀଠାରୁ ପଛରେ ପଡିଯାଇଛନ୍ତି । କୌଣସି ମାଙ୍କିଡିଆ ଗ୍ରାମକୁ ଯାଇ ସ୍ୱଚକ୍ଷୁରେ ନଦେଖିଲେ ବିଶ୍ୱାସ କରାଯାଇ ନପାରେ ସେମାନଙ୍କର ବାସସ୍ଥାନ, ବସତି ସ୍ଥଳୀ, ଚଳଣିର ମାନ କେତେ ନିମ୍ନ ଧରଣର, ସେମାନେ କେତେ ଅସ୍ୱାସ୍ଥ୍ୟକର ।

# ବାସଗୃହ (କୁମ୍ବା)

ମନୁଷ୍ୟ ବଞ୍ଚି ରହିବା ପାଇଁ ତିନିଗୋଟି ଅପରିହାର୍ଯ୍ୟ ଉପାଦାନ ଖାଦ୍ୟ, ବସ୍ତ୍ର ଓ ବାସଗୃହ ମଧ୍ୟରୁ ବାସଗୃହ ଅନ୍ୟତମ । ଏହି ବାସଗୃହରେ ସେ ତା'ର ସାରା ଜୀବନ ବିତାଏ । ଗ୍ରୀଷ୍ମ, ବର୍ଷା ଓ ଶୀତ ଦାଉରୁ ନିଜକୁ ରକ୍ଷା କରେ । ସମସ୍ତ ସୁଖଦୁଃଖର ମୂକସାକ୍ଷୀ- ବାସଗୃହ ମଣିଷର ଚୀର ସହଚର ।

ଯାଯାବର ଶ୍ରେଣୀୟ ମାଙ୍କିଡିଆ କିନ୍ତୁ ଏହାର ବ୍ୟତିକ୍ରମ । ସାରା ଜୀବନ ବଣ ଜଙ୍ଗଲରେ ବୁଲିବୁଲି ଜୀବିକା ନିର୍ବାହ କରିବାରେ ଏମାନେ ଅଭ୍ୟସ୍ତ । କେବଳ ବର୍ଷାଋତୁରେ ପାହାଡ ତଳ ଅଞ୍ଚଳରେ ପତ୍ର କୁଡିଆ କରି ରହନ୍ତି । ପୁଣି ବର୍ଷାର ପ୍ରାବଲ୍ୟ ହ୍ରାସ ପାଇଲେ ଯାଯାବର ଭଳି ବୁଲନ୍ତି ।

ପରିବର୍ତ୍ତିତ ସମୟ ତଥା ସରକାରୀ ଉଦ୍ୟମ ମାଙ୍କିଡିଆ ମାନଙ୍କ ଯାଯାବରୀୟ ଜୀବନର ମାନସିକତାକୁ ପରିବର୍ତ୍ତନ କରିଥିବା ଦେଖାଯାଏ । ଏହି ମାନସିକତାକୁ ଆଧାର କରି ପୂର୍ବେ ମାଙ୍କିଡିଆ ସଂପ୍ରଦାୟ ଦୁଇଟି ଉପ ଗୋଷ୍ଠୀରେ ବିଭକ୍ତ ହୋଇଥିଲେ । ଗୋଟିଏ ଉଠାକାନା (uthulus) ଓ ଅନ୍ୟଟି ଜାଘି(Jaghis) । ଯେଉଁମାନେ କିଛିଦିନ ବୁଲିଲେ କିଛି ଦିନ ଗୋଟିଏ ଅଞ୍ଚଳରେ ପତ୍ର କୁଡିଆ କରି ରହିଲେ ପୁଣି ତାକୁ ପରିତ୍ୟାଗ କରି ଅନ୍ୟ ଅଂଚଳକୁ ଉଠି ପଳାଇଲେ ସେମାନଙ୍କୁ ଉଠାକାନା(uthulus) ବା ଅସ୍ଥାୟୀ ବାସିନ୍ଦା କୁହାଗଲା । ଯେଉଁମାନେ ଯାଯାବର ଜୀବନକୁ ସଂପୂର୍ଣ୍ଣ ତ୍ୟାଗ କରି ଏକ ନିର୍ଦ୍ଦିଷ୍ଟ ଅଂଚଳରେ ସ୍ଥାୟୀ ଭାବରେ ବସତି ସ୍ଥାପନ କଲେ, ସେମାନେ ହେଲେ ଜାଘି(Jaghis) ବା ସ୍ଥାୟୀ ବାସିନ୍ଦା । ଉଠାକାନା ମାନଙ୍କୁ ଇଂରାଜୀରେ କହିଲେ wanderer ବା ଯାଯାବର ଏବଂ ଜାଘି ମାନଙ୍କୁ କୁହାଗଲା settler ବା ସ୍ଥାୟୀ ଭାବରେ ରହୁଥିବା ମାଙ୍କିଡିଆ ଗୋଷ୍ଠୀ । ଅବଶ୍ୟ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ସଂପର୍କ ଉତ୍ତମ । ମାଙ୍କିଡିଆ ଗୋଷ୍ଠୀର ପାରମ୍ପରିକ ବାସଗୃହ ତାଳପତ୍ରରେ ନିର୍ମିତ ଯାହା କୁମ୍ଭା ନାମରେ ପରିଚିତ । ବାସସ୍ଥାନ ସାଧାରଣତଃ ପାହାଡତଳ ଅଂଚଳ କିମ୍ବା ପାହାଡ ନିକଟବର୍ତ୍ତୀ କୌଣସି ଗ୍ରାମର ସୀମାନ୍ତ ଅଂଚଳ । ବଣ ଜଙ୍ଗଲ, ପାହାଡପର୍ବତ, ସେମାନଙ୍କ ଜୀବିକାର ଏକମାତ୍ର ଅବଲମ୍ବନ, ସେ ଉଠାକାନା ହୁଅନ୍ତୁ ବା ଜାଘି ଗୋଷ୍ଠୀର ହୋଇ ଥାଆନ୍ତୁ ।

ମୟୂରଭଂଜ ଜିଲ୍ଲାର ଭଣ୍ଡାରିପାଳ, ମାଙ୍କିଡିଆ ସାହି, ବଣଆବସା, ଘଠାଣି, ଧରଧରା ଓ କେନ୍ଦୁମୁଣ୍ଡି ଆଦି ଗାଁ ଗୁଡିକରେ ଜାଘି ଶ୍ରେଣୀର ମାଙ୍କିଡିଆ ରହୁଥିବା ସ୍ଥଳେ ସୁନ୍ ପୋଖରୀ, ମାଡ୍ଲେବସା ଓ ଆମ୍ବଡାଳି ପ୍ରଭୃତି ଗାଁରେ ଉଠାକାନା ଶ୍ରେଣୀର ମାଙ୍କିଡିଆ ଆସି ରହୁଥିବାର ଦେଖାଯାଏ ।

## ପାରମ୍ପରିକ ଗୃହର ଦୃଶ୍ୟ :

ମାଙ୍କିଡିଆମାନଙ୍କ କୁମ୍ଭା ପାରମ୍ପରିକ ଗୃହ ଅର୍ଦ୍ଧଶଙ୍କୁ ବା ଶଙ୍କୁ ଆକାର ହୋଇଥାଏ । ଏହାର ନିମ୍ନଭାଗ ଗୋଲାକୃତି ହୋଇ କ୍ରମଶଃ ଉପରକୁ ଗୋଜିଆ ହୋଇଯାଏ । ଗୃହଟି ସଂପୂର୍ଣ୍ଣ ଭାବରେ ଡାଳପତ୍ରରେ ନିର୍ମାଣ କରାଯାଇଥାଏ । ମଧ୍ୟଭାଗରେ ଗୋଟିଏ ବାଉଁଶ ପୋତାଯାଇ ଶକ୍ତ କରିବାକୁ ଚେଷ୍ଟା କରିଥାଆନ୍ତି । ଡାଳ ଓ ପତ୍ରକୁ ଏପରି ଚୁନ୍ଦାଚୁନ୍ଦି କରି ଘରଟିରେ ବାନ୍ଧିଥାଆନ୍ତି ଯେ ବର୍ଷାପାଣି ଭିତରକୁ ଝରି ଆସେନାହିଁ । ସମ୍ମୁଖଭାଗରେ ଛୋଟ ପ୍ରବେଶ ଦ୍ୱାରଟିଏ ଥାଏ । ଆବଶ୍ୟକ ଅନୁଯାୟୀ ଦ୍ୱାର ବନ୍ଦ କରିବା ପାଇଁ ଛୋଟ ତାଟିଟିଏ (ଡାଳପତ୍ରରେ ନିର୍ମିତ) ପ୍ରସ୍ତୁତ କରି ରଖିଥାଆନ୍ତି । କେହି କେହି ଘର ଉପରେ ଝାଟି ଲଦି ଦିଅନ୍ତି । ତଳେ ପ୍ରବାହିତ ବର୍ଷାପାଣିରୁ ଘରଟିକୁ ରକ୍ଷା କରିବାକୁ ମାଟିଠାରୁ ଅଳ୍ପ ଉଚ୍ଚରେ ଗୃହ ନିର୍ମାଣ କରନ୍ତି । ଅବଶ୍ୟ ଏମାନେ ପାହାଡିଆ ଅଂଚଳରେ ରହୁଥିବାରୁ ଜଳ ନିଷ୍କାସନ ଅତିଶୀଘ୍ର ହୋଇଥାଏ । କେହି ବି ଘର ଭିତରେ ଛୋଟ ଭାଡି ବାନ୍ଧି ଥାଆନ୍ତି ଜିନିଷ ପତ୍ର ରଖିବା ପାଇଁ । ଭାଡିଟି ବାଉଁଶରେ ହୁଏ । ଭିତର ପାଖ ପତ୍ର କାନ୍ଥରେ ଖୁଞ୍ଚି ଲଗା ହୋଇଥାଏ । ସେଗୁଡିକରେ ଆବଶ୍ୟକ ଅନୁଯାୟୀ ଜିନିଷ ଟାଙ୍ଗନ୍ତି । ଆଜିକାଲି କେହିକେହି ଚତୁର୍ଭୁଜାକାରରେ ଘର କରୁଥିବା ମଧ୍ୟ ଦେଖାଯାଏ । ଏପରି ଘର ତୁଳନାତ୍ମକ ଭାବରେ ବଡ ଏବଂ ପ୍ରଶସ୍ତ । ସମ୍ମୁଖ ଭାଗରେ ପ୍ରବେଶଦ୍ୱାରର ଓସାର ଓ ଲମ୍ବ ମଧ୍ୟ ବେଶୀ । ଏହା ପାରମ୍ପରିକ ଗୃହର ଅନ୍ୟଏକ ପ୍ରକାର କହିଲେ ଅତ୍ୟୁକ୍ତି ହେବନାହିଁ ।

## ବାସଗୃହର ଗଠନ:

**ହାରାହାରି ଉଚ୍ଚତା :** ଘର ଗୁଡିକର ଉଚ୍ଚତା ପ୍ରାୟତଃ ୮ରୁ ୧୦ ଫୁଟ ମଧ୍ୟରେ ସୀମିତ ରହେ । ତେଣୁ ଦୂରରୁ ଏଗୁଡିକ ଛୋଟ ଗୋଜିଆ ପଲା ଭଳି ଦେଖାଯାଏ ।

**ପ୍ରକୋଷ୍ଠ ସଂଖ୍ୟା :** ଏହି ଘର ଗୁଡିକ ଏକ କୋଠରୀ ବିଶିଷ୍ଟ । ଏତେ ଛୋଟ ଆକୃତିର ଘର ମଧ୍ୟରେ ଅଧିକ ପ୍ରକୋଷ୍ଠ କରିବା ସମ୍ଭବ ନୁହେଁ । ସେହି ଗୋଟିଏ ପ୍ରକୋଷ୍ଠରେ ପରିବାରର ସମସ୍ତ ସଦସ୍ୟ କାଳାତିପାତ କରନ୍ତି ।

**ପ୍ରକୋଷ୍ଠର ଆକାର :** ପ୍ରକୋଷ୍ଠଟିର ଆକାର ୧୦ ଫୁଟ ପର୍ଯ୍ୟନ୍ତ ହୁଏ । ସେଥିରେ ଅତ୍ୟାବଶ୍ୟକ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସହିତ ସମସ୍ତେ ବାସ କରନ୍ତି ।

**କବାଟ :** ଘର ଭିତରକୁ ଯିବା ପାଇଁ ଏକ ଛୋଟ ସୁଡଙ୍ଗ ସଦୃଶ ଫାଙ୍କ ରଖାଯାଇଥାଏ । ଏଥିରେ ୫ ଫୁଟ ଲମ୍ବ ଓ ୩ ଫୁଟ ଚଉଡାର ଝଟା ଓ ତାଳପତ୍ରରେ ନିର୍ମିତ ଏକ ଛୋଟ ଟାଟି (ତାଟା) ବ୍ୟବହୃତ ହୁଏ । ଆବଶ୍ୟକ ପଡିଲେ ଦ୍ୱାର ବନ୍ଦ କରାଯାଏ ।

**ଝରକା :** ଝରକା ଲାଗିବାର କୌଣସି ବ୍ୟବସ୍ଥା ଏହି ଘର ଗୁଡିକରେ ନଥାଏ । ତେଣୁ ଘର ମଧ୍ୟକୁ ମୁକ୍ତ ବାୟୁ ଚଳାଚଳ କରିପାରେ ନାହିଁ ।

## ବାସଗୃହ ନିର୍ମାଣ:

ସେମାନେ କୁମ୍ଭା ତିଆରି କରିବା ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରିଥାଆନ୍ତି । ଏଥିପାଇଁଆଇଁ ସ୍ଥାନ ନିରୂପଣ ହୋଇ ସାରିବା ପରେ ଭିତ୍ତିଭୂମି ସ୍ଥାପନ ଓ ପୂଜାପାଠ ହୋଇ ବାସଗୃହ ନିର୍ମିତ ହୁଏ ।

୧. ଭିତ୍ତିଭୂମି ସ୍ଥାପନା/ନିଅଁ ପକା (ପୂଜାପାଠ, ଧର୍ମୀୟ କର୍ମକର୍ତ୍ତାଙ୍କ ଭୂମି, ଗୃହର ଭବିଷ୍ୟତ ବିଷୟରେ ସୂଚନା ପ୍ରଦାନ ଇତ୍ୟାଦି) ମାଙ୍କିଡିଆ ମାନଙ୍କର ଘର ତିଆରି ପୂର୍ବରୁ ଭିତ୍ତିଭୂମି ସ୍ଥାପନ ପାଇଁ ଏକ ସ୍ୱତନ୍ତ୍ର ଧରଣର ପୂଜାପାଠ ପଦ୍ଧତି ଅବଲମ୍ବନ କରାଯାଇଥାଏ । ଭିତ୍ତିଭୂମି ସ୍ଥାପନ ପୂଜାଦିନ ଗ୍ରାମର ମୁଖ୍ୟ ପୂଜକ ଆଖଡାଣୀ ନିର୍ଦ୍ଧାରିତ ସ୍ଥାନକୁ ଯାଇ ଅଧଫୁଟ ଗଭୀରର ଗୋଟିଏ ଛୋଟ ଗାତ ଖୋଳନ୍ତି । ତା'ପରେ ଧୂପ, ଝୁଣା, ସିନ୍ଦୁର ଦେଇ ପୂଜା ହୁଏ । ତିନି ଗୋଟି ଶାଳପତ୍ରରେ ଅରୁଆ ଚାଉଳ ମୋଡି ଗାତ ଭିତରକୁ ପକାଇ ଥାଆନ୍ତି ଓ ମାଟିଦ୍ୱାରା ଗାତଟିକୁ ପୋତି ଦିଆଯାଏ । ପରଦିନ ସେହି ଗାତଟି ଖୋଳାଯାଏ । ଶାଳପତ୍ରରେ ମୋଡା ହୋଇଥିବା ଅରୁଆ ଚାଉଳ ଯଦି ଥାଏ, ତେବେ ସେଠାରେ କୁମ୍ଭା ନିର୍ମାଣ କରାଯାଇପାରେ । ମାତ୍ର ଯଦି ଚାଉଳ ନଥାଏ ତେବେ ସେ ସ୍ଥାନରେ ଗୃହ ନିର୍ମାଣ ହୋଇପାରେ ନାହିଁ । କାରଣ ତାହା ସେମାନଙ୍କ ପାଇଁ ଅଶୁଭ ଲକ୍ଷଣ । ଗୃହ ନିର୍ମାଣ ପାଇଁ ଏମାନଙ୍କର ଆଉ କୌଣସି ମାପର ଆବଶ୍ୟକତା ନାହିଁ । ଆଖଡାଣୀଙ୍କଠାରୁ ଶୁଭ ସଙ୍କେତ ପାଇଲେ ଗୃହ କର୍ତ୍ତା ଶୁଭଦିନଠାରୁ ସାଧାରଣତଃ ଏକ ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିଥାଆନ୍ତି ।

## ଆବଶ୍ୟକ ସାମଗ୍ରୀ:

କୁମ୍ଭା ନିର୍ମାଣ ପାଇଁ ସମସ୍ତ ସାମଗ୍ରୀ ନିକଟସ୍ଥ ଜଙ୍ଗଲରୁ ସଂଗୃହୀତ ହୋଇଥାଏ । ମୁଖ୍ୟ ପଦାର୍ଥ ମଧ୍ୟରେ ଶାଳଗଛ ଓ ଶାଗୁଆନ୍ ଗଛର ତାଳପତ୍ର ପ୍ରଧାନ । ଏତଦ୍ ବ୍ୟତୀତ ଗୋଟିଏ ଖୁଣ୍ଟି (ବାଉଁଶ ହେଉ ଅବା କାଠ ହେଉ), ୧୨/୧୪ଟି ବତା

(ଘଠାଣ) ଓ କିଛି ପରିମାଣରେ ଶୁଖିଲା ଝଟା (ଝାଟାଣ) ଆବଶ୍ୟକ ହୋଇଥାଏ । ତାଳପତ୍ର, ଝଟା, ଖୁଣ୍ଟି ଇତ୍ୟାଦିକୁ ବାନ୍ଧିବା ପାଇଁ ସିଆଡି ଲଟା କିମ୍ବା ଯେ କୌଣସି ପ୍ରକାର ଶକ୍ତ ଲଟା ସଂଗ୍ରହ କରିଥାଆନ୍ତି ।

## ନିର୍ମାଣ ପଦ୍ଧତି:

କୁମ୍ଭା ତିଆରି ପାଇଁ ଏକ ଖୁଣ୍ଟି ପ୍ରଥମେ ଗାତ ଖୋଳାଯାଇ ପୋତାଯାଇଥାଏ । ଯେଉଁ ଗାତଟି ପୂର୍ବରୁ ଆଖଡାଣୀଙ୍କ ଦ୍ୱାରା ଖୋଳାଯାଇ ପୂଜାଅର୍ଚ୍ଚନା କରାଯାଇଥାଏ, ସେହି ଗାତଟିକୁ ହିଁ ଭଲଭାବରେ ଖୋଳି ଦିଆଯାଏ । ଖୁଣ୍ଟିଟିର ଚତୁପାର୍ଶ୍ୱକୁ ଲାଗି ବତାଗୁଡିକ ଖଞ୍ଜା ଯାଇ ମାଟି ସହିତ ସଂଲଗ୍ନ କରାଯାଏ । ବତାଗୁଡିକର ଉପର ପାର୍ଶ୍ୱରେ ଶୁଖିଲା ଝଟା ଦିଆଯାଏ ଓ ତହିଁ ଉପରେ ଶାଗୁଆନ୍ ଓ ଶାଳ ଗଛର ତାଳପତ୍ର ସଜାଇ ରଖାଯାଇଥାଏ । ଏହି ପ୍ରକ୍ରିୟାରେ ସମଗ୍ର ଘରଟି ଉପରୁ ତଳ ପର୍ଯ୍ୟନ୍ତ ଆବୃତ ହୁଏ । ତାଳପତ୍ର ଗୁଡିକ ଏପରି ଖଞ୍ଜା ଯାଇଥାଏ ଯେ ବର୍ଷାଦିନ ମାନଙ୍କରେ ମଧ୍ୟ ଟିକିଏ ହେଲେ ପାଣି ଭିତରକୁ ଝରେ ନାହିଁ । ଆବଶ୍ୟକ ସ୍ଥଳେ ଲଟା ବ୍ୟବହୃତ ହୁଏ । ତାଳପତ୍ରଗୁଡିକ ପଚି ନଷ୍ଟ ହୋଇଗଲେ ପୁଣି ତା ଉପରେ ଆଉଥରେ ତାଳପତ୍ରର ଘୋଡାଇ ଦିଆଯାଇଥାଏ ।

## ଶ୍ରମ ବିଭାଜନ:

କୁମ୍ଭା ନିର୍ମାଣ କାର୍ଯ୍ୟ ପ୍ରାୟତଃ ପ୍ରତ୍ୟେକ ଗୃହକର୍ତ୍ତାଙ୍କୁ ଜଣା । ଅନ୍ୟର ବିନା ସହାୟତାରେ ମଧ୍ୟ ଏହା ତିଆରି କରାଯାଇପାରେ । ଅବଶ୍ୟ ବେଳେ ବେଳେ ଗୃହ ନିର୍ମାଣରେ କେହିକେହି ଅନ୍ୟ ଲୋକର ସହାୟତା ଲୋଡିଥାଆନ୍ତି । ଏଥିପାଇଁ ସହଯୋଗୀ ଶ୍ରମୀକ ଗୃହକର୍ତ୍ତାଙ୍କ ଠାରୁ ମଜୁରୀ ବା ପାରିଶ୍ରମିକ ସ୍ୱରୂପ ଟଙ୍କା କିମ୍ବା ଚାଉଳ ନିଅନ୍ତି । କେହିକେହି ପରସ୍ପର ପରସ୍ପରର ଘରତିଆରିରେ ସହଯୋଗ କରିଥାଆନ୍ତି ଏବଂ ଏ କ୍ଷେତ୍ରରେ ଶ୍ରମ ପାଇଁ ପାରିଶ୍ରମିକ ଆବଶ୍ୟକ ହୋଇନଥାଏ ।

## ବାସଗୃହ ନିର୍ମାଣରେ ଧର୍ମୀୟ ବିଶେଷଜ୍ଞଙ୍କ ଭୂମିକା:

ଗୃହ ନିର୍ମାଣରେ ସେମାନଙ୍କ ଧର୍ମୀୟ ବିଶେଷଜ୍ଞ ବା ଆଖଡାଣୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରଥମେ ସେ ଘର ତିଆରି ହେବାକୁ ଥିବା ସ୍ଥାନଟିର ଶୁଭାଶୁଭ ନିର୍ଣ୍ଣୟ କରିଥାଆନ୍ତି । ତାଙ୍କଠାରୁ ଶୁଭ ସଙ୍କେତ ପାଇସାରିବା ପରେ ଯାଇ ଗୃହକର୍ତ୍ତା ସଂପୃକ୍ତ ସ୍ଥାନରେ କୁମ୍ଭ ନିର୍ମାଣ କରି ଥାଆନ୍ତି । ଘର ତିଆରି ପାଇଁ ଶୁଭ ସମୟ ନିର୍ଣ୍ଣୟ କରିବା, ପୂଜା ଅର୍ଚ୍ଚନା କରିବା ଇତ୍ୟାଦି ସମସ୍ତ କାର୍ଯ୍ୟ ଆଖଡାଣୀଙ୍କ ବିନା ସହାୟତାରେ ସଂପନ୍ନ

ହେବା ସମ୍ଭବ ନୁହେଁ । ଏହି କାର୍ଯ୍ୟ ପାଇଁ ଗୃହକର୍ତ୍ତା ନିଜ ଖୁସି ମୁତାବକ କିଛି ପାଉଣା ମଧ୍ୟ ଆଖଡାଣୀ ବା ଧର୍ମୀୟ ବିଶେଷଜ୍ଞଙ୍କୁ ଦେଇଥାଆନ୍ତି ।

## ସାଜିକାନ୍ଥ ନିର୍ମାଣରେ ପଡୋଶୀଙ୍କ ସଂପର୍କ:

ମାଙ୍କିଡିଆମାନଙ୍କ ଗୃହରେ ମାଟିକାନ୍ଥ ନଥିବାରୁ ସେଥିରେ ଚିତ୍ର କରିବା ସୁବିଧା ନଥାଏ । ଘରଟିରେ ସମୁଦାୟ ଅଂଶ କେବଳ ତାଳପତ୍ରରେ ଆବୃତ୍ତ ହୋଇ ରହିଥାଏ । ତାଳପତ୍ର ଗୁଡିକ ନଷ୍ଟ ହୋଇଗଲେ ପୁନର୍ବାର ସେହି ତାଳପତ୍ରରେ ଘରକୁ ଆବୃତ୍ତ କରାଯାଏ । ସାଧାରଣ ଭାବରେ ପ୍ରତି ତିନି/ଚାରି ମାସ ଅନ୍ତରରେ ଏହା ବଦଳା ଯାଉଥିବା ବେଳେ ବର୍ଷାଋତୁରେ ପ୍ରାୟ ତିନି ମାସରେ ଛପର ବଦଳାଇବା ଆବଶ୍ୟକ ହୁଏ ।

ସେମାନଙ୍କ ପତ୍ର ଘର ଗୁଡିକ ସଂପୂର୍ଣ୍ଣ ଅଲଗା ଅଲଗା ହୋଇଥାଏ । ଏଥିରେ କାନ୍ଥ ନଥାଏ କିମ୍ବା ସୀମାନ୍ତ ବା ସାଜିକାନ୍ଥ ନିର୍ମାଣର ପ୍ରଶ୍ନ ଉଠେ ନାହିଁ ।

## ମୁଖ୍ୟ ଗୃହ ଓ ଅନ୍ୟାନ୍ୟ ଘର:

**ଗୁହାଳ :** ମାଙ୍କିଡିଆମାନେ ଚାଷ କରନ୍ତି ନାହିଁ କିମ୍ବା ଗାଈଗୋରୁ ପାଳନ କରନ୍ତି ନାହିଁ। ତେଣୁ ଗୁହାଳର ଆବଶ୍ୟକତା ନାହିଁ ।

**ଘୁଷୁରୀ ଗୁହାଳ :** ଏମାନେ ମୁଖ୍ୟ ଗୃହ ବା କୁମ୍ଭା ନିକଟରେ ଛୋଟ ଘରଟିଏ ତାଳପତ୍ର ଓ ବାଉଁଶରେ କରିଥାଆନ୍ତି । ଏହି ଘର ଗୁଡିକର ଉଚ୍ଚତା ପ୍ରାୟ ୩ ଫୁଟ ମଧ୍ୟରେ ଏବଂ ଲମ୍ବ ଓ ଚଉଡା ସାଧାରଣତଃ ୩/୪ ଫୁଟ ପର୍ଯ୍ୟନ୍ତ ହୁଏ । ଏଥିରେ ୪/ ୫ଟି ବଡ ଘୁଷୁରୀ ଓ ଘୁଷୁରୀ ଛୁଆ ରହିପାରନ୍ତି ।

**କୁକୁଡା ଘର/ଭାଡି :** ପ୍ରାୟତଃ ମାଙ୍କିଡିଆମାନେ ଛେଳି ପୋଷନ୍ତି ନାହିଁ କିନ୍ତୁ କୁକୁଡା ରଖନ୍ତି । କୁକୁଡାଙ୍କ ପାଇଁ ସ୍ୱତନ୍ତ୍ର ଘର ବା ଭାଡିର ଆବଶ୍ୟକତା ନଥାଏ । ଦିନରେ କୁକୁଡା ଗୁଡିକୁ ବାହାରକୁ ଛାଡିଦିଆଯାଏ ଏବଂ ରାତିରେ ମୁଖ୍ୟ ଘରର ଗୋଟିଏ କୋଣରେ ବାନ୍ଧି ଦିଅନ୍ତି କିମ୍ବା ନ ବାନ୍ଧିଲେ ମଧ୍ୟ ସେମାନେ ସେମିତି ରହିଯାଆନ୍ତି । ଏବେ ଅବଶ୍ୟ ଜଣେ ଅଧେ ଛେଳି ପୋଷିବା ଦେଖାଯାଏ । ଛେଳି ମଧ୍ୟ ସେହି ମୁଖ୍ୟ ଘର ଭିତରେ ରାତିରେ ରହେ, ଦିନରେ ଚରି ବୁଲେ ।

## ବାସଗୃହର ବ୍ୟବହାର:

ଏକ ପ୍ରକୋଷ୍ଠ ବିଶିଷ୍ଟ ମାଙ୍କିଡିଆମାନଙ୍କ ଘରଟିରେ କୋଠରୀ ନଥାଏ । ଏତେ ଛୋଟ ପରିସୀମାକୁ ଭାଗ କରିବା ସମ୍ଭବ ନୁହେଁ କିମ୍ବା ମାଙ୍କିଡିଆମାନେ

ଗୋଟିଏ କୋଠରୀରେ ଚଳିବା ନିମନ୍ତେ ଅଭ୍ୟସ୍ଥ । ତେଣୁ ରୋଷେଇ, ଖିଆପିଆ, ଶୋଇବା, ଅତିଥି ଚର୍ଚ୍ଚା, ପଶୁପକ୍ଷୀ ପାଳିବା ସମସ୍ତ କାର୍ଯ୍ୟ ସେହି ଗୋଟିଏ ପ୍ରକୋଷ୍ଠରେ ହିଁ ହୁଏ ।

ରୋଷେଇ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ନଥାଏ । ସେହି ଘର ଭିତରେ ଛୋଟ ଆକୃତିର ଚୁଲ୍ଲିଟିଏ କରିଥାଆନ୍ତି । ଘରକୁ ପ୍ରବେଶ ସ୍ଥାନର ଠିକ୍ ଦକ୍ଷିଣ ବା ବାମ ପାର୍ଶ୍ୱରେ ଚୁଲି ହୁଏ । ସାଧାରଣତଃ ବର୍ଷାଦିନ ମାନଙ୍କରେ ଏହି ଚୁଲ୍ଲିରେ ରୋଷେଇ କରନ୍ତି, ନଚେତ୍ ଅନ୍ୟାନ୍ୟ ଋତୁରେ ଘର ବାହାରେ ଚୁଲୀ ତିଆରି କରି ରୋଷେଇ କରିଥାଆନ୍ତି । ତେଣୁ ବାହାରେ ବେଶୀଦିନ ରୋଷେଇ କରିବା ଅଧିକ ଦିନ ହୋଇଥାଏ ।

ଗୃହର ମଧ୍ୟ ସ୍ଥଳଟିକୁ ଶୟନ ପାଇଁ ମନୋନୀତ କରାଯାଏ । ତଳେ ପଟିଆ ପକାଇ କିମ୍ବା ପଟିଆ ଉପରେ ଅଳ୍ପ କେତେ ଖଣ୍ଡ ଲୁଗା ପକାଇ ନିଦ୍ରା ଯାଆନ୍ତି ।

ମାଙ୍କିଡିଆ ମାନଙ୍କ ଭଣ୍ଡାର ଘରର ଆବଶ୍ୟକତା ନଥାଏ । ଏମାନେ ଏମିତି ସ୍ୱଚ୍ଛଳ ନୁହଁନ୍ତି ଯେ ଭଣ୍ଡାର ଘରେ ସାଇତିବାକୁ ଏମାନଙ୍କ ପାଖରେ କିଛି ବଳକା ରହେ । ଯାହା କିଛି ଆସବାବ ପତ୍ର ସେଇ ଗୋଟିଏ ପ୍ରକୋଷ୍ଠ ଭିତରେ ରଖନ୍ତି । କେହି କେହି ଗୃହ ମଧ୍ୟରେ ଗୋଟିଏ ଲେଖାଏଁ ଭାଡି ବାଉଁଶରେ ବାନ୍ଧିଥାଆନ୍ତି । ତାରି ଉପରେ ଜିନିଷ ପତ୍ର ରଖନ୍ତି ନତୁବା ଘରର ଗୋଟିଏ ପାଖରେ ରଖିଥାଆନ୍ତି । ଜଙ୍ଗଲରୁ ସଂଗୃହୀତ ଯତ୍ କିଂଚିତ୍ ଝୁଣା, ମହୁ ଇତ୍ୟାଦି ମୁଣି କିମ୍ବା ବୋତଲରେ ରଖୁଥିବାବେଳେ ଶିଆଡି ଲଟା ଏବଂ ସେଥିରୁ ପ୍ରସ୍ତୁତ ଉପକରଣ ସବୁ ସେହିପରି ଭାଡି କିମ୍ବା ତଳେ ରଖନ୍ତି ।

ମାଙ୍କିଡିଆ ମାନଙ୍କ ଅତିଥିଙ୍କ ପାଇଁ ସ୍ୱତନ୍ତ୍ର କକ୍ଷର ବ୍ୟବସ୍ଥା ନାହିଁ । ଗୃହକୁ ଅତିଥି ଆସିଲେ ଖିଆପିଆ, ବସାଉଠା ସେହି ପ୍ରକୋଷ୍ଠ ଭିତରେ କିମ୍ବା ବାହାରେ କରନ୍ତି । କିନ୍ତୁ ରାତ୍ରିଯାପନ ଗ୍ରାମର ଯୁବଶୟନାଗାର ବା ଯୁବତୀ ଶୟନାଗାରରେ ହୋଇଥାଏ । ପୁରୁଷ ଲୋକ ହୋଇଥିଲେ ଯୁବ ଶୟନାଗାର ଏବଂ ସ୍ତ୍ରୀ ଲୋକ ଅତିଥି ଆସିଲେ ଯୁବତୀ ଶୟନାଗାରରେ ରାତିରେ ଶୋଇଥାଆନ୍ତି କିମ୍ବା ପାଖ ପଡୋଶୀଙ୍କ ଘର ଖାଲି ଥିଲେ ସେଠାରେ ମଧ୍ୟ ଶୋଇବାର ବନ୍ଦୋବସ୍ତ ହୋଇପାରେ ।

**ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ପ୍ରକୋଷ୍ଠ :** କୌଣସି ପ୍ରକୋଷ୍ଠ ସ୍ୱତନ୍ତ୍ର ଉଦ୍ଦେଶ୍ୟ ବା କାର୍ଯ୍ୟ ପାଇଁ ନଥାଏ । ଗୋଟିଏ କୋଠରୀକୁ ଅନ୍ୟ କୌଣସି ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ବିଭାଜନ କରିବା ଅସମ୍ଭବ ।

**ବାରଣ୍ଡା :** ମାଙ୍କିଡିଆ ବାସଗୃହରେ ବାରଣ୍ଡା ହେବାର ବ୍ୟବସ୍ଥା ନାହିଁ । ଘର ବ୍ୟତୀତ ତା' ଚାରିପଟେ ବାରଣ୍ଡା କକରି କୌଣସି ସ୍ୱତନ୍ତ୍ର ବ୍ୟବହାରରେ ଲଗାଇବା, ସେମାନଙ୍କ ଧାରଣାର ବହିର୍ଭୂତ । ତେବେ ଘର ସମ୍ମୁଖର ଖୋଲା ସ୍ଥାନକୁ ସେମାନେ ବାରଣ୍ଡା ଭଳି ବ୍ୟବହାର କରିଥାଆନ୍ତି ।

**ଘର ମଧ୍ୟରେ ବିଭିନ୍ନ କାର୍ଯ୍ୟକଳାପ :**

ମାଙ୍କିଡିଆ ଲୋକମାନେ ସେହି ଗୋଟିଏ ପ୍ରକୋଷ୍ଠ ବିଶିଷ୍ଟ ଘର (କୁମ୍ଭା) ମଧ୍ୟରେ ସମସ୍ତ କାର୍ଯ୍ୟ କରିଥାଆନ୍ତି । ରଜବତୀ ସମୟରେ ସ୍ତ୍ରୀ କିମ୍ବା କନ୍ୟା ସେହି ଘରେ ରହିଲେ ସୁଦ୍ଧା ପୂଜା ସାମଗ୍ରୀ ଛୁଇଁବା ପାଇଁ ସେମାନଙ୍କୁ ବାରଣ ଥାଏ । ଘରର ମଙ୍ଗଳ ପାଇଁ ଏହି ସମୟରେ ଠାକୁରଙ୍କ ନିକଟରେ ମାନସିକ ମଧ୍ୟ ସେମାନେ କରନ୍ତି ନାହିଁ । ଶିଶୁ ଜନ୍ମ ପରେ ପ୍ରସୂତୀ ସେହି ଘର ମଧ୍ୟରେ ଅଲଗା ହୋଇରହେ କିମ୍ବା ତା ପାଇଁ ଏକ ସ୍ୱତନ୍ତ୍ର କୁଡିଆ ତିଆରି କରାଯାଏ । ସେହିଘର ମଧ୍ୟରେ ରହିଲେ ଗୋଟିଏ ଲୁଗା ସାହାଯ୍ୟରେ ଘରଟିକୁ ଦୁଇଭାଗ କରିଦିଆଯାଏ । ଗୋଟିଏ ପାଖରେ ପ୍ରସୂତୀ ଓ ତାର ନବଜାତ ଶିଶୁ ଏବଂ ଅନ୍ୟ ପଟରେ ପରିବାରର ଅନ୍ୟ ସଦସ୍ୟ/ସଦସ୍ୟା ଚଳପ୍ରଚଳ ହୁଅନ୍ତି । ଦଶ ଦିନ ଯାଏ ପ୍ରସୂତୀକୁ କେହି ଛୁଅନ୍ତି ନାହିଁ । ତା ପାଇଁ ସ୍ୱତନ୍ତ୍ର ବାସନ ରହେ ଓ ସେଥିରେ ଖାଦ୍ୟ ବା ପାଣି ଢାଳି ଦିଆଯାଏ । ଏହି ଦଶ ଦିନ ସେ ଘରର କୌଣସି କାର୍ଯ୍ୟ, ଯଥା- ରନ୍ଧାବଢା, ଘରଝଟା, ଶିଆଡି ଚ୍ଛେଲି ବଳିବା ଇତ୍ୟାଦି କରେ ନାହିଁ । ଦଶ ଦିନ ପରେ ସେ ଘରେ ସାଧାରଣ ଭାବରେ ଚଳେ ଏବଂ ସମସ୍ତ କାର୍ଯ୍ୟ କରେ । ଯଦି ଅଲଗା ଘର ସଂଲଗ୍ନ କୁଡିଆରେ ରହେ, ତେବେ ମଧ୍ୟ ଏହିପରି ନିୟମରେ ଚଳିବାକୁ ହୁଏ । କିନ୍ତୁ ଦଶଦିନ ପରେ ସୁଦ୍ଧା ପ୍ରସୂତୀ ପିଲା ଜନ୍ମର ଦୁଇମାସ ଯାଏ ତାର ସ୍ୱାମୀ ସହିତ କୌଣସି ସଂପର୍କ ରଖେ ନାହିଁ । ଏପରିକି ସ୍ପର୍ଶ ମଧ୍ୟ କରିବାକୁ ବାରଣ ଥାଏ । ଶିଶୁ ଜନ୍ମର ଦଶ ଦିନ ଯାଏ ନିଜେ ପ୍ରସୂତୀ କିମ୍ବା ଦାଦନ୍ ବୁଢୀ ଶିଶୁର ଯତ୍ନ ନିଅନ୍ତି । ତାପରେ ପରିବାରର ସମସ୍ତେ ଯତ୍ନ ନେଇ ପାରନ୍ତି । ଗର୍ଭବତୀ ସ୍ତ୍ରୀ ଓ ଦୁଗ୍ଧଦାତ୍ରୀ ମାଆ ସାଧାରଣ ଭାବରେ ଘରେ ଚଳନ୍ତି । ଗର୍ଭବତୀ ସ୍ତ୍ରୀକୁ ସାଧାରଣତଃ ଗ୍ରାମର ମଶାଣୀ ଓ ପୂଜାପୀଠ ଯିବାକୁ ନିଷେଧ କରାଯାଇଥାଏ ।

ମାଙ୍କିଡିଆମାନଙ୍କ ପାଳିତ ଘୁଷୁରୀ ପାଇଁ ସ୍ୱତନ୍ତ୍ର ଏକ ବାଉଁଶପତ୍ର ଘରର ବ୍ୟବସ୍ଥା କରୁଥିଲେ ହେଁ କୁକୁଡା ମାନଙ୍କୁ ନିଜ ଶୋଇବା ସ୍ଥାନରେ ରାତିରେ ରଖନ୍ତି ଏବଂ ଦିନରେ ବାହାରକୁ ଛାଡି ଦିଅନ୍ତି । ଚ୍ଛେଳି ରଖିଲେ ସେ ମଧ୍ୟ ସେହି ଘର ଭିତରେ

ରହେ । ଦୈନନ୍ଦିନର ରୋଷେଇ କାର୍ଯ୍ୟ ବର୍ଷାଦିନରେ ଘର ମଧ୍ୟରେ ହୁଏ, ଗ୍ରୀଷ୍ମ ଓ ଶୀତ ଋତୁରେ ବାହାରେ କରିଥାଆନ୍ତି । ସେହି ଘର ରୋଷେଇ ପାଇଁ ଚୂଲୀ, ରୋଷେଇ ସାମଗ୍ରୀ, ବାସନକୁସନ ଓ ଯାବତୀୟ ଆସବାବ ପତ୍ର ରଖାଯାଏ । ଖିଆପିଆ ଗୃହ ଭିତରେ କିମ୍ବା ଠିକ୍ ଗୃହ ସମ୍ମୁଖ ଖୋଲା ସ୍ଥାନରେ କରନ୍ତି । କୌଣସି ଅତିଥି ଆସିଲେ ସେହି ଘରେ ବାହାରେ ଆତଯାତ ହୁଅନ୍ତି ଏବଂ ରାତିରେ ଶୟନାଗାର ବା ପଡୋଶୀଙ୍କ ଘରେ ବନ୍ଦୋବସ୍ତ କରିଥାଆନ୍ତି । ସେମାନଙ୍କ ଘର କରଣା ଜିନିଷ, ବ୍ୟକ୍ତିଗତ ଆସବାବ ପତ୍ର ସେମିତି କିଛି ପ୍ରାୟ ନଥାଏ । ଯାହା ଅଳ୍ପ କିଛି ଥାଏ, ସେ ସବୁ ସେହି ପ୍ରକୋଷ୍ଠଟିରେ ରଖାଯାଏ । ଭାଡିକରି ରଖନ୍ତି କିମ୍ବା ଦଉଡି, ବାଉଁଶ ଟାଣି, ଖୁଣ୍ଟି ଟଙ୍ଗାନ୍ତି । ପୋଷାକପତ୍ର ମଧ୍ୟ ସେମାନଙ୍କର ଖୁବ୍ କମ୍ । ବୟସ୍କ ତଥା ଯୁବକ ଯୁବତୀଙ୍କର ଗୋଟିଏ/ଦୁଇଟି ଥାଇପାରେ କିନ୍ତୁ ଛୋଟ ପିଲାଙ୍କର ଥାଏ କିମ୍ବା ସେମାନେ ଲଙ୍ଗୁଳା ଦେହରେ କୌପୁନୀ ମାରନ୍ତି । ବର୍ତ୍ତମାନ ଅବଶ୍ୟ ପରିସ୍ଥିତି ସାମାନ୍ୟ ବଦଳିଥିବା ଦେଖାଯାଏ । ଆର୍ଥିକ ଅନାଟନ ମଧ୍ୟରେ ଅଳ୍ପ କିଛି ଟଙ୍କା ପଇସା ପ୍ଲାଷ୍ଟିକ ଜରିରେ ମୋଡି ବ୍ୟାଗ୍ (ଘେଜ୍‌ମା) ଭିତରେ ରଖି ଖୁଣ୍ଟିରେ ଟଙ୍ଗାଇ ଦେଇଥାଆନ୍ତି । ଜଙ୍ଗଲରୁ ସଂଗୃହୀତ ଶିଆଡି ଛେଲି ବା ତହିଁରୁ ପ୍ରସ୍ତୁତ ପଦାର୍ଥ ଘରର ଗୋଟିଏ କୋଣରେ କିମ୍ବା ଭାଡିରେ ରଖନ୍ତି । କେହି କେହି ସେ ସବୁ ବାନ୍ଧି ଉପରେ ଝୁଲାଇ ଥାଆନ୍ତି । ଖଲି, ଦୋନା ମଧ୍ୟ ଘର ଭିତରେ ଥାକ ମାରି ରଖାଯାଏ । ବାସଗୃହ ମଧ୍ୟରେ କୌଣସି ପୂଜା କଲେ, ତାହା ଘର ବାହାରେ ହୋଇଥାଏ । ସମସ୍ତେ ବାଦ୍ୟଯନ୍ତ୍ର ରଖନ୍ତି ନାହିଁ । ଯାହା ଥାଏ, ସେ ସବୁ ଗ୍ରାମର ମୁଖିଆ (ସଭାପତି)ଙ୍କ ଘରେ ରହେ । ଋଷ ନଥିବାରୁ ଏମାନଙ୍କ କୌଣସି ଋଷ ଉପକରଣ/କୃଷି ଯନ୍ତ୍ରପାତି ନାହିଁ କିମ୍ବା ମହଜୁଦ ରଖିବାକୁ ଶସ୍ୟ ନଥାଏ । ମଜୁରୀ ଆକାରରେ ଯାହା ଧାନ ଋଉଳ ପାଆନ୍ତି ଭାତ ଓ ହାଣ୍ଡିଆ କରି ଖାଇ ପିଇ ଦିଅନ୍ତି । ଧାନ କୁଟିବା ପାଇଁ ଏମାନଙ୍କ ଘରେ କିଛି ସୁବିଧା ନାହିଁ । ଘର ଚୂଲ୍ଲିରେ ଧାନ ସିଝାଇ ପାଖ ପଡୋଶୀ ଗ୍ରାମର କୌଣସି ଲୋକର ଢିଙ୍କିରେ କୁଟି ଆଣନ୍ତି।

ଛୋଟ ଆକୃତିର ଘର ଯୋଗୁଁ ମାଙ୍କିଡିଆମାନେ କୁମ୍ଭା ଭିତରେ ଓ ଠିକ୍ ବାହାର ସ୍ଥାନକୁ ଘର ଭଳିଆ ବ୍ୟବହାର କରିଥାଆନ୍ତି ।

## ଘର ସମ୍ବନ୍ଧୀୟ ଶୁଚି ଅଶୁଚି:

### ସମୃଦ୍ଧିର/ଉନ୍ନତିର ଲକ୍ଷଣ :

ଗୃହ ମଧ୍ୟରେ ଯଦି ପାରା (ପେରୁଆ), ଟିଆ (ମିରୁ) ଓ ସାର (ସାଲ୍) ଚଢେଇ ଆସି ବସନ୍ତି ବା ରାବନ୍ତି, ତେବେ ଏହାକୁ ଉନ୍ନତିର ଲକ୍ଷଣ ବୋଲି ମାଙ୍କିଡିଆଙ୍କ ବିଶ୍ୱାସ । ଏପରି ସୂଚନା ଘରେ ଦେଖାଦେଲେ ସେମାନଙ୍କୁ ରୋଗବ୍ୟାଧି

କିମ୍ବା ଘରେ ଅଶାନ୍ତି ହୁଏ ନାହିଁ । ଫଳରେ ସେମାନେ ଦେବଦେବୀଙ୍କୁ କୃତଜ୍ଞତା ଜଣାଇ ଥାଆନ୍ତି ।

**ପ୍ରତିଷ୍ଠା କରିବା:** ଅନ୍ୟ ଗୋଷ୍ଠୀ ପରି ସେମାନେ ନୂତନ ଗୃହ ପ୍ରତିଷ୍ଠା କରନ୍ତି ।

**ଅପବିତ୍ରତା/କଳୁଷିତତାର କାରଣ :** ମହିଳା ରଜୋବତୀ ହେଲେ ଘରଟି ଅପବିତ୍ର ହୋଇଥାଏ । ଏହି ସମୟରେ ସେ ଘରେ ଦେବଦେବୀଙ୍କ ଉତ୍ସର୍ଗୀକୃତ ଦ୍ରବ୍ୟ ଛୁଇଁବା ନିଷେଧ । ପରିବାରରେ କାହାରି ମୃତ୍ୟୁ ହେଲେ ଘର ଅପବିତ୍ର ହୁଏ । ଏହା ବ୍ୟତୀତ ଘରେ ପେଚ଼ (ହୁନ୍ଦୁର୍) ବସିଲେ ମଧ୍ୟ ଘର ଅପବିତ୍ର ହୋଇଥାଏ ବୋଲି ସେମାନଙ୍କ ବିଶ୍ୱାସ ।

**ପବିତ୍ରକରଣ :** ପବିତ୍ର କରିବା ପାଇଁ ଗୃହକର୍ତ୍ତାଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଆଖଡାଣୀ (ମୁଖ୍ୟ ପୂଜକ) ଘରକୁ ଆସି ପୂଜାପାଠ କରି ଘରକୁ ପବିତ୍ର କରନ୍ତି । ଏହି ଦିନ ଘର ଗୋବରରେ ଲିପା ପୋଛା ହୁଏ । ଆବଶ୍ୟକ ପୂଜା ପାଠ ପରେ ସଂପୃକ୍ତ ପରିବାର ପବିତ୍ର ହେଲେ ବୋଲି ଧରା ଯାଏ ଏବଂ ସେମାନେ ଅନ୍ୟମାନଙ୍କ ସହିତ ମିଳାମିଶା କରିପାରନ୍ତି ।

**ଗୃହ ନଷ୍ଟ ହେବା ଲକ୍ଷଣ :** ମାଙ୍କିଡିଆଙ୍କ ଘରେ ଯଦି ପେଚ଼ (ହୁନ୍ଦୁର୍) ବସି ରାବଦିଏ, ଘରେ ପାଳିଥିବା କୁକୁଡା ନରମ ଅଣ୍ଡା (ଚେମ ଅଣ୍ଡା) ଦିଏ, ତେବେ ଏହାକୁ ଘର ପ୍ରତି ଅଶୁଭ ସୂଚନା ବୋଲି ଗ୍ରହଣ କରିଥାଆନ୍ତି । ଏପରି ବିପତ୍ତିରୁ ରକ୍ଷା ପାଇବା ପାଇଁ ଦେବଦେବୀଙ୍କର ଆଶ୍ରିତ ହୋଇ ପୂଜାପାଠ କରାନ୍ତି ।

**ସ୍ୱତନ୍ତ୍ର ଗୃହ ନିର୍ମାଣ ସମ୍ବନ୍ଧୀୟ ନୀତି ନିୟମ :**

**ଯୁବ ଶୟନାଗାର :** ସେମାନଙ୍କ ଯୁବଶୟନାଗାର (ଯୁବକ ଓ ଯୁବତୀଙ୍କ ପାଇଁ) ପ୍ରଥା ପ୍ରଚଳିତ । ପୁଅ ଟିକିଏ ବଡ ହୋଇଗଲେ, ବାପା ମାଙ୍କ ସହିତ ଗୋଟିଏ କୋଠରୀରେ ଆଉ ଶୁଏ ନାହିଁ । ସେ ଯୁବକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଯୁବ ଶୟନାଗାରରେ ରାତ୍ରିଯାପନ କରେ । ଝିଅ ମଧ୍ୟ କିଶୋରୀ ଅବସ୍ଥାକୁ ଆସିଲେ, ସେ ଯୁବତୀ ଶୟନାଗାରରେ ରାତିରେ ଶୋଇଥାଏ । ଏହି ଯୁବ ଶୟନାଗାର ଗୁଡିକ କେବଳ ରାତିରେ ହିଁ ବ୍ୟବହୃତ ହୁଏ । ଦିନରେ ଯୁବକ-ଯୁବତୀ ସାଧାରଣ ଭାବରେ ପରିବାର ସହିତ ନିଜ ଘରେ ଚଳିଥାଆନ୍ତି । ଯୁବ ଶୟନାଗାର ଗ୍ରାମର କୌଣସି ସ୍ଥାନରେ ହୋଇପାରେ । ଯୁବକ ଶୟନାଗାରଟି କେବଳ ଗ୍ରାମର ଯୁବକ ମାନଙ୍କ ଦ୍ୱାରା ତାଳପତ୍ରରେ ନିର୍ମିତ ହେଉଥିବା ଯୁବତୀ ଶୟନାଗାର ନିର୍ମାଣରେ ଯୁବତୀମାନଙ୍କୁ ଯୁବକ ମାନେ ସାହାଯ୍ୟ କରିଥାଆନ୍ତି । ଏ ଦୁଇଟି ଗୃହ ଟିକିଏ ବଡ ଆକାରରେ ହୁଏ । ଏହାଦ୍ୱାରା ଗ୍ରାମର ଯୁବକ-ଯୁବତୀ

ସେଠାରେ ସ୍ୱଚ୍ଛନ୍ଦରେ ଶୋଇପାରନ୍ତି । ଗ୍ରାମର କାହାରି ଘରକୁ ଅତିଥି ଆସିଲେ ପୁରୁଷ ଲୋକ ଯୁବ ଶୟନାଗାରରେ ଏବଂ ସ୍ତ୍ରୀଲୋକ ଯୁବତୀ ଶୟନାଗାରରେ ରାତ୍ରିଯାପନ କରିଥାଆନ୍ତି । ଏହି ଯୁବ ଶୟନାଗାର ଗୁଡିକ ଅନ୍ୟ କୌଣସି କାର୍ଯ୍ୟ ପାଇଁ ବ୍ୟବହୃତ ହୁଏନାହିଁ । ଗ୍ରାମର ଯେ କୌଣସି ଗୋତ୍ରର ଯୁବକ-ଯୁବତୀଙ୍କ ପାଇଁ ଶୟନାଗାର ବ୍ୟବହାରରେ କୌଣସି ପ୍ରତିବନ୍ଧକ ନାହିଁ। କେବଳ କାହାରି ଘରେ ଅଶୌଚ ହୋଇଥିଲେ କିମ୍ବା କୌଣସି ଯୁବକ ବା ଯୁବତୀକୁ ସଂକ୍ରମଣ ରୋଗ ହୋଇଥିଲେ ଶୟନାଗାରରେ ଶୋଇବାକୁ ବାରଣ କରାଯାଇଥାଏ । ଏହି ଶୟନାଗାର ଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ସେଇ ଯୁବକ ଯୁବତୀଙ୍କ ଉପରେ ନ୍ୟସ୍ତ । ଗ୍ରାମର ଯେ କୌଣସି ସାମୁହିକ କାର୍ଯ୍ୟରେ ଶୟନାଗାରର ଯୁବକ ଯୁବତୀମାନେ ଅକୁଣ୍ଠିତ ଚିତ୍ତରେ ସାହାଯ୍ୟ କରିଥାଆନ୍ତି । ପରସ୍ପରଙ୍କ ମଧ୍ୟରେ ବେଶ୍ ବନ୍ଧୁତ୍ୱ ଭାବ ଥାଏ । ଶୟନାଗାରର କୌଣସି ଯୁବକ କିମ୍ବା ଯୁବତୀଙ୍କର ବିବାହ ହେଲେ ସେମାନେ ପୁଣି ଶୟନାଗାରରେ ଶୁଅନ୍ତି ନାହିଁ । ଶୟନାଗାର ପାଇଁ ଉଦ୍ଦାର ବ୍ୟବସ୍ଥା ନାହିଁ କିମ୍ବା ବୟସ୍କ ବ୍ୟକ୍ତିମାନେ ସେଥିରେ ହସ୍ତକ୍ଷେପ କରନ୍ତି ନାହିଁ ।

### ଗ୍ରାମସ୍ତରୀୟ ଧର୍ମୀୟ ଗୃହ :

ଗ୍ରାମ ସ୍ତରୀୟ ଧର୍ମୀୟ ଗୃହ ଗ୍ରାମର ମୁଖ୍ୟ ପୂଜକ (ଆଖଡାଣୀ)ଙ୍କ ଗୃହ ସମୀପରେ ନିର୍ମିତ ହୋଇଥାଏ । ଏଥିରେ କେବଳ ତାଳପତ୍ରର ଛପର ଥାଏ, କାନ୍ଥ ନଥାଏ କିମ୍ବା ଚତୁଃପାର୍ଶ୍ୱ ଆବଦ୍ଧ ହୋଇ ନଥାଏ । ଏହାର ଆକୃତି ବର୍ଗକ୍ଷେତ୍ର ସଦୃଶ ହୁଏ । ସମ୍ମୁଖରେ ପୂର୍ବଦିଗରକୁ ଏକ ପୂଜାପିଣ୍ଡି ମାଟିରେ ନିର୍ମିତ ହୋଇଥାଏ । ଏଠାରେ ସାପ୍ତାହିକ ପୂଜା, ଗ୍ରାମଦେବତୀ/ଦେବତାଙ୍କ ପୂଜା ସହିତ ଆଖଡାଣୀ ଶିଷ୍ୟମାନଙ୍କୁ ମନ୍ତ୍ର ଶିକ୍ଷା ଦେଇଥାଆନ୍ତି ।

### ବେଦୀପୀଠ :

ବେଦୀ ପୀଠଟି ଆଖଡାଣୀଙ୍କ ଗୃହ ସଂଲଗ୍ନ ସ୍ଥାନରେ ପ୍ରତିଷ୍ଠା କରାଯାଇଥାଏ । ଏହାର ଲମ୍ବ ପ୍ରାୟ ୫ଫୁଟ ଏବଂ ମାଟିରେ ତିଆରି ହୁଏ । ବେଦୀ ପୀଠ ନିକଟରେ ଶାଳଗଛ ରହିଥିବା ଆବଶ୍ୟକ । ପୂଜାପୀଠ ଉପରେ ତୁଳସୀ ଗଛ ଲଗାଯାଇଥାଏ । ପୂଜା ଦିନ ମାନଙ୍କରେ ସେହି ସ୍ଥାନଟି ଗୋବରରେ ଲିପାପୋଛା ହୁଏ ଓ ଆବଶ୍ୟକୀୟ ପୂଜା ଉପକରଣ ଦ୍ୱାରା ଆଖଡାଣୀ ସାପ୍ତାହିକ ପୂଜା, ମାନସିକ ପୂଜା ଓ ଗ୍ରାମ ଦେବତୀ/ ଦେବତାଙ୍କ ପୂଜା ଅର୍ଚ୍ଚନା କରିଥାଆନ୍ତି ।

### ଗୁଣି ଗାରେଡି ଓ ଧର୍ମୀୟ କର୍ମକର୍ତ୍ତାଙ୍କ ଗୃହ :

ଗ୍ରାମର ଗୁଣିଗାରେଡି ଓ ଧର୍ମୀୟ କର୍ମକର୍ତ୍ତା (ଆଖଡାଣୀ)ଙ୍କ ଗୃହ ଗ୍ରାମର ସାଧାରଣ ଲୋକଙ୍କ ଘର ପରି ହୋଇଥାଏ । ଏହା ତାଙ୍କ ନିଜ ଦ୍ୱାରା ନିର୍ମିତ ହୁଏ । ଏଥିପାଇଁ କୌଣସି ସ୍ୱତନ୍ତ୍ର ନୀତି ନିୟମ ପ୍ରଚଳିତ ନାହିଁ ।

## ଗ୍ରାମ ମୁଖ୍ୟ (ସଭାପତି/ଦେହୁରୀ/ଦେରିଃ)ଙ୍କ ଗୃହ :

ଗ୍ରାମର ମୁଖ୍ୟ ବା ସଭାପତି (ଦେହୁରୀ/ଦେରିଃ)ଙ୍କ ଗୃହ ମଧ୍ୟ ଗ୍ରାମର ସାଧାରଣ ଲୋକଙ୍କ ଗୃହ ସଦୃଶ । ଗ୍ରାମର ଯେ କୌଣସି ସ୍ଥାନରେ ତାର ଅବସ୍ଥିତି ହୋଇପାରେ ।

## ଇନ୍ଦିରା ଆବାସ ଯୋଜନା ଏବଂ ଅନ୍ୟାନ୍ୟ ସରକାରୀ ସଂରଚନା :

ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ଭୂମିହୀନ ଲୋକମାନଙ୍କୁ ବାସଗୃହ ଯୋଗାଇ ଦେବା ଇନ୍ଦିରା ଆବାସ ଯୋଜନାର ମୂଳଲକ୍ଷ୍ୟ । ମାଙ୍କିଡିଆ ସାହି ଗ୍ରାମ ସହିତ ଅନ୍ୟ ଅଂଚଳର ମାଙ୍କିଡିଆ ବସ୍ତିର ସମସ୍ତ ଲୋକ ଏହି ପର୍ଯ୍ୟାୟଭୁକ୍ତ ହୋଇଥିବାରୁ ସେମାନଙ୍କୁ ଗୋଟିଏ ଗୋଟିଏ ଏକ କୋଠରୀ ବିଶିଷ୍ଟ ଆଜ୍‌ବେଷ୍ଟସ୍ ବା ଟାଇଲ୍ ଘର ଯୋଗାଇ ଦିଆଯାଇଛି । ସ୍ଥାୟୀ ମାଙ୍କିଡିଆମାନେ ବର୍ତ୍ତମାନ ଏହି ଘର ଗୁଡିକରେ ବସବାସ କରୁଛନ୍ତି । ଅନେକେ ମଧ୍ୟ ଏହି ସରକାରୀ ଘର ସମୀପରେ ଛୋଟ ଝାଟିମାଟି ତାଳପତ୍ରର ଘରଟିଏ ନିର୍ମାଣ କରି ଉଭୟ ଗୃହ ବ୍ୟବହାର କରୁଛନ୍ତି । ମାଙ୍କିଡିଆ ପରମ୍ପରା ପ୍ରିୟ ହେଲେ ହେଁ ପଡୋଶୀ ଗ୍ରାମ ବା ବାହ୍ୟ ଜଗତର ସଂସ୍ପର୍ଶରେ ଆସି ପରିବର୍ତ୍ତନର ଧାରାକୁ ଆପଣେଇନେବାର ଆଗ୍ରହ ପ୍ରକାଶ କରୁଛନ୍ତି । ସେଥିପାଇଁ ସରକାରୀ ପ୍ରୋତ୍ସାହନର ସୁବିଧାସୁଯୋଗ ହାସଲ କରିବା ନିମନ୍ତେ ସେମାନେ ଆଉ କୁଣ୍ଠିତ ନୁହଁନ୍ତି । ପାଣି ପାଇଁ ପ୍ରକୃତି ଉପରେ ନିର୍ଭର କରୁଥିବା ମାଙ୍କିଡିଆ ଏବେ ସରକାରୀ କୂପ ଓ ନଳକୂପର ପାଣି ବ୍ୟବହାର କରୁଛନ୍ତି । ରେସନ କାର୍ଡ ସାହାଯ୍ୟରେ କଣ୍ଟ୍ରୋଲ ସାମଗ୍ରୀ ପାଇପାରୁଛନ୍ତି ।କେହି କେହି ବାର୍ଦ୍ଧକ୍ୟ ଭତ୍ତା ଏବଂ ବିକଳାଙ୍ଗ ଭତ୍ତା ମଧ୍ୟ ପାଉଛନ୍ତି । କିନ୍ତୁ ଏମାନଙ୍କର ସଂଖ୍ୟା ଖୁବ୍ ନଗଣ୍ୟ । ଭୋଟଦାନ ଅଧିକାର ଲାଭ କରି ମାଙ୍କିଡିଆ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରୁଥିବା କାଁଭାଁ ଦେଖାଯାଉଛି ।

## ଆଧୁନିକ ଯୁଗରେ ବ୍ୟବହୃତ ଗୃହ ନିର୍ମାଣ ପଦାର୍ଥ:

ଏବେ ମାଙ୍କିଡିଆ ମାନଙ୍କୁ ଯୋଗାଇ ଦିଆଯାଉଥିବା ସରକାରୀ ଇନ୍ଦିରା ଆବାସ ଗୃହ ଗୁଡିକ ଇଟା, ବାଲି, ସିମେଣ୍ଟ, ଲୁହାଛଡ, ଚିପ୍ସ, ଟାଇଲ ବା ଆଜବେଷ୍ଟସ୍ ପ୍ରଭୃତି ପଦାର୍ଥରେ ନିର୍ମିତ ହେଉଛି ।

## ଗୃହ ନିର୍ମାଣ : ଅତୀତ ଓ ବର୍ତ୍ତମାନ:

ମାଙ୍କିଡିଆ ମାନଙ୍କ ଅତୀତ ଓ ବର୍ତ୍ତମାନର ବାସଗୃହ ମଧ୍ୟରେ ଅନେକ ପାର୍ଥକ୍ୟ । ନିର୍ମାଣ ଶୈଳୀ ତଥା ସାମଗ୍ରୀରେ ବହୁ ତାରତମ୍ୟ । ଅତୀତର ପାରମ୍ପରିକ ଗୃହ ବା କୁମ୍ଭା ଗୁଡିକରେ ଶାଳ ଓ ଶାଗୁଆନ ତାଳପତ୍ର, କାଠ କିମ୍ବା ବାଉଁଶ ବତା, ଶୁଖିଲା ଝଟା

ଇତ୍ୟାଦି ବ୍ୟବହୃତ ହେଉଥିବା ସ୍ଥଳେ ବର୍ତ୍ତମାନ ସରକାରୀ ବାସଗୃହ ଇଟା, ସିମେଣ୍ଟ, ବାଲିରେ ନିର୍ମିତ ହେଉଅଛି । ପାରମ୍ପରିକ ଗୃହ ତୁଳନାରେ ବର୍ତ୍ତମାନର ଗୃହ ଗୁଡିକର ପରିସୀମା ଯଥେଷ୍ଟ ଅଧିକ ଏବଂ ଖୋଲା । ସ୍ଥାୟୀତ୍ୱ ବେଶୀ ତଥା ରକ୍ଷଣାବେକ୍ଷଣର ଝିନ୍‌ଝଟ୍ କମ୍ । ତେଣୁ ମାଙ୍କିଡିଆମାନେ ଅତୀତର ପାରମ୍ପରିକ ଗୃହକୁ ପ୍ରତ୍ୟାଖ୍ୟାନ କରିବାର ମାନସିକତା ଆଣି ସରକାରୀ ବାସଗୃହକୁ, ସ୍ୱୀକୃତିର ସହ ଗ୍ରହଣ କରିନେଇଛନ୍ତି, ଯଦିଓ ପାରମ୍ପରିକ ଗୃହ ବା କୁମ୍ଭା ମାଙ୍କିଡିଆଙ୍କ ପାଇଁ ଅଧିକ ଆରାମଦାୟକ ଏବଂ ନିରାପଦ । ଯେଉଁମାନେ ସରକାରୀ ବାସଗୃହ ପାଇ ନାହାନ୍ତି ସେମାନେ ତାଳପତ୍ରରେ ପାରମ୍ପରିକ ଗୃହ ନିର୍ମାଣ କରି ରହୁଛନ୍ତି । ସେଗୁଡିକ ଆଗପରି ଏତେ କ୍ଷୁଦ୍ରାକୃତି କିମ୍ବା କେବଳ ତାଳପତ୍ରରେ ହେଉନାହିଁ । ସେଥିରେ ଝଟା ଉପରେ ମାଟି ଲଗାଇବା ଓ କେହି କେହି ମାଟି ଲଗାଇବା ସହିତ ଛପରରେ ପତ୍ର ସହ କୁଟା ମଧ୍ୟ ଦେଉଛନ୍ତି । କେତେକ କୋଠରୀଟିକୁ ଝାଟିମାଟିର କାନ୍ଥ ଦେଇ ଦୁଇଭାଗ ମଧ୍ୟ କରୁଛନ୍ତି । ପ୍ରବେଶ ଦ୍ୱାର ବଡ ହେଉଛି ଏବଂ ଝଟାପତ୍ରରେ ନିର୍ମିତ ବଡ ତାଟିଟିଏ ବ୍ୟବହୃତ ହେବା ଦେଖା ଯାଉଛି ।

## ଆଧୁନିକ ଗୃହର ସମସ୍ୟା ଓ ନୂତନ ଦିଗ :

ବର୍ତ୍ତମାନ ମାଙ୍କିଡିଆ ମାନଙ୍କୁ ଯୋଗାଇ ଦିଆଯାଇଥିବା ସରକାରୀ ବାସଗୃହ ଗୁଡିକ ସେମାନଙ୍କ ପାଇଁ ଯେତିକି ସୁବିଧା ତତୋଧିକ ଅସୁବିଧା ମଧ୍ୟ । କାରଣ ଏହି ଇନ୍ଦିରା ଆବାସ ଗୃହ ଗୁଡିକର ନିର୍ମାଣ କାର୍ଯ୍ୟ ଏତେ ନିମ୍ନମାନର ଯେ ୪/୫ ବର୍ଷରେ ଖଣ୍ଡଖଣ୍ଡ ଭୁଷୁଡି ଯାଉଥିବା ଦେଖାଯାଉଛି । ସେ ସବୁର ମରାମତି ପାଇଁ ମାଙ୍କିଡିଆଙ୍କ ପାଖରେ ଅର୍ଥ ସମ୍ବଳ ନାହିଁ ଅଥବା ସରକାର ଆର୍ଥିକ ସହାୟତା ଦେଉନାହାନ୍ତି କିମ୍ବା ସରକାର ତରଫରୁ ମରାମତି ହେଉନାହିଁ । ଫଳରେ ଗୃହ ଗୁଡିକ ପରିତ୍ୟକ୍ତ ଅବସ୍ଥାକୁ ଆସି ଯାଉଛି । ତେଣୁ ବାଧ୍ୟ ହୋଇ ସେମାନେ ପୁଣି ପାରମ୍ପରିକ ଗୃହ କିମ୍ବା ଝାଟିମାଟି ଘର ନିର୍ମାଣ କରି ରହୁଛନ୍ତି । ଯେଉଁମାନେ ଯାଯାବର କେବଳ ବର୍ଷା ଦାଉରୁ ନିଜକୁ ରକ୍ଷା କରିବାକୁ ବର୍ଷାଋତୁରେ ପତ୍ର ଘର କରି ରହୁଥିଲେ, ସେମାନେ ଭାଙ୍ଗି ପଡିଥିବା ଟାଇଲ ବା ଆଜବେଷ୍ଟସ୍ ଘରେ ବର୍ଷାର ପ୍ରକୋପରେ କେମିତି ବା ରହି ପାରନ୍ତେ । ତେଣୁ ଯଦି ସରକାର ସଠିକ ସମୟରେ ଉପଯୁକ୍ତ ପଦକ୍ଷେପ ନେଇ ସହାୟତା ଯୋଗାଇ ଦିଅନ୍ତେ ଏବଂ ମାଙ୍କିଡିଆଙ୍କୁ ପ୍ରଦାନ କରାଯାଉଥିବା ବାସଗୃହ ନିର୍ମାଣର ମାନ ଉନ୍ନତ ହୋଇ ପାରନ୍ତା, ତେବେ ଆଧୁନିକ ଗୃହର ସମସ୍ୟା ସହଜରେ ସଫଳ ସମାହିତ ହୋଇପାରନ୍ତା ।

## ପାରମ୍ପରିକ ଗୃହ ନିର୍ମାଣ, ରକ୍ଷଣା ବେକ୍ଷଣ :

ମାଙ୍କିଡିଆ ମାନଙ୍କ ପାରମ୍ପରିକ ଗୃହ ବା କୁମ୍ଭାର ନିର୍ମାଣ ଶୈଳୀ ଅତ୍ୟନ୍ତ ଚମତ୍କାର । କୁମ୍ଭା ଗୁଡିକୁ ଦେଖିଲେ ଯେ କୌଣସି ଅପରିଚିତ ଲୋକ ଏମାନଙ୍କୁ ମାଙ୍କିଡିଆ ବୋଲି

ସହଜରେ ଠଉରାଇ ପାରେ । ବାସଗୃହରେ ଏମାନେ ସମସ୍ତ ଗୋଷ୍ଠୀ ଠାରୁ ଭିନ୍ନ । କ୍ଷୁଦ୍ରାକୃତିର ଏହି ପାରମ୍ପରିକ ଘରଟି ପରିବାରର ପ୍ରତ୍ୟେକ ସଦସ୍ୟ/ସଦସ୍ୟାଙ୍କ ସମେତ ପାଳିତ ପଶୁପକ୍ଷୀଙ୍କ  ପାଇଁ ଏକ ନିର୍ଭରଯୋଗ୍ୟ ଆଶ୍ରୟସ୍ଥଳୀ । କେବଳ ତାଳପତ୍ରରେ ନିର୍ମିତ ଏହା ଏକ ସ୍ୱତନ୍ତ୍ର ଧରଣର ଶଙ୍କୁଆକାର ବାସଗୃହ । ମାଙ୍କି ଡିଆ ସଂପ୍ରଦାୟର ଏହି ପାରମ୍ପରିକ ବାସଗୃହ ବା କୁମ୍ଭ ନିର୍ମାଣ ଶୈଳୀ, ସଂରକ୍ଷଣ, ମରାମତି ତଥା ସୁରକ୍ଷା ପ୍ରତି ଧ୍ୟାନ ଦେଇ ଉନ୍ନତି ସାଧନ ସକାଶେ କାର୍ଯ୍ୟାନୁଷ୍ଠାନ  ଗ୍ରହଣ କଲେ ହୁଏତ ସେମାନଙ୍କ ପରମ୍ପରା ବଂଚି ରହିବା ସହ ଏକ ପରମ୍ପରା ପ୍ରିୟ ଜାତିର ଚେତନାକୁ ସମ୍ମାନ ମିଳି ପାରନ୍ତା । ପାରମ୍ପରିକ ବାସଗୃହ ଯୁଗପୋଯୋଗୀ ହେଲେ ହୁଏତ ସେମାନେ ପରିବର୍ତ୍ତନର ସ୍ରୋତରେ ଖୁବ୍ ଶୀଘ୍ର ସାମିଲ ହୋଇ ପାରନ୍ତା ।

କୁମ୍ଭା ନିର୍ମାଣ ପାଇଁ କ୍ଷେତ୍ର ପ୍ରସ୍ତୁତି ସମୟରେ ସ୍ଥାନଟିକୁ ସମତଳ କରି ଇଟା, ସିମେଣ୍ଟ ଓ ବାଲିରେ ପକ୍କା ପିଣ୍ଡି ଉପରେ କଂକ୍ରିଟ ଖୁଣ୍ଟି ପୋତାଯାଇ ଘର ନିର୍ମାଣ କଲେ ଅଧିକ ମଜଭୂତ ହେବା ସହିତ ଘର ଭିତରର ଚଟାଣ ପରିଷ୍କାର ପରିଚ୍ଛନ୍ନ ଓ ବ୍ୟବହାର ଉପଯୋଗୀ ହୋଇପାରନ୍ତା । ଏହା ବ୍ୟତୀତ ଘରର ଆକାରରେ ମଧ୍ୟ ପରିବର୍ତ୍ତନର ଆବଶ୍ୟକତା ରହିଛି । ବଡ ଆକାରରେ ଘର ହେଲେ ଗୋଟିଏ ପରିବାରରେ ଅତିକମ୍‌ରେ ୪/୫ ଜଣ ସଦସ୍ୟଙ୍କ ସହିତ ପଶୁପକ୍ଷୀ ସୁରୁଖୁରୁରେ ଚଳପ୍ରଚଳ ହୁଅନ୍ତେ ଏବଂ ସାଧାରଣ ଭାବରେ ଗୃହ ମଧ୍ୟରେ ସବୁ କାର୍ଯ୍ୟ ହୋଇପାରନ୍ତା ।

ପାରମ୍ପରିକ ଗୃହ ବା କୁମ୍ଭାର ମରାମତି ପାଇଁ ମଧ୍ୟ ନୂତନ କୌଶଳ ପ୍ରୟୋଗ କରାଯାଇପାରେ । ଘର ଗୁଡିକରେ ବ୍ୟବହୃତ ତାଳପତ୍ରର ଛପର ସାଧାରଣତଃ ବର୍ଷା ଯୋଗୁ ଶୀଘ୍ର ପଚିସଢି ଯାଇଥାଏ କିମ୍ବା ପବନରେ ଉଡିଯିବା ସମ୍ଭାବନା ଥାଏ । ଫଳରେ ଏମାନଙ୍କୁ ବର୍ଷରେ ୩/୪ ଥର ତାଳପତ୍ର ବଦଳାଇବାକୁ ପଡେ । ଯଦି ତାଳପତ୍ର ଛପର ଉପରେ ପଲିଥିନ୍ ଆବୃତ୍ତ କରାଯାଆନ୍ତା ତେବେ ବର୍ଷା ଯୋଗୁଁ ତାହା ଶୀଘ୍ର ନଷ୍ଟ ହୁଅନ୍ତାନାହିଁ  କିମ୍ବା ପବନରେ ଉଡିଯାଆନ୍ତା ନାହିଁ । ଏହା ଦ୍ୱାରା ସେମାନଙ୍କୁ ବାରମ୍ବାର ଘର ମରାମତି କରିବାକୁ ପଡନ୍ତା ନାହିଁ ।

ମାଙ୍କିଡିଆ ମାନଙ୍କ ପାରମ୍ପରିକ ଗୃହ ବା କୁମ୍ଭାର ସଂରକ୍ଷଣ ଓ ନିରାପତ୍ତା ପାଇଁ ଘରର ମୂଳପିଣ୍ଡି ଓ ଛପରକୁ ଅଧିକ ମଜଭୂତ କରିବା ଆବଶ୍ୟକତା ରହିଛି । ଘରର ଉଚ୍ଚତା ମଧ୍ୟ ବୃଦ୍ଧି କରାଗଲେ ଚଳିବାକୁ ବେଶ୍ ଆରାମଦାୟକ ହୁଅନ୍ତା । ଗୃହର ବହିଃପାର୍ଶ୍ୱ ସାମାନ୍ୟ ଉଚ୍ଚ କରାହେଲେ ଭଲ । କାରଣ ବାହାରର ବର୍ଷା ପାଣି ଘର ମଧ୍ୟକୁ ସହଜରେ ପ୍ରବେଶ କରିପାରିବ ନାହିଁ ଓ ଏହା ଗୃହର ସଂରକ୍ଷଣ ତଥା ନିରାପତ୍ତା ଦୃଷ୍ଟିରୁ ହିତକର ।

ଏଥି ସହିତ ଗୃହର ସୁରକ୍ଷା ପାଇଁ ପରିବାର ସଦସ୍ୟଙ୍କ ସହିତ ଗ୍ରାମବାସୀ ବା ପଡୋଶୀଙ୍କର ସହଯୋଗ ଆବଶ୍ୟକ । କୌଣସି ଘରର ଗୃହକର୍ତ୍ତା କିମ୍ବା ସପରିବାର ଯଦି କୌଣସି କାରଣରୁ ଘରେ ଦୀର୍ଘଦିନ ଅନୁପସ୍ଥିତ ରୁହନ୍ତି ତେବେ ପଡୋଶୀ ତଥା ଗ୍ରାମବାସୀ ଘରଟିର ସୁରକ୍ଷା ପ୍ରତି ଦୃଷ୍ଟି ଦେବା ବିଧେୟ । ଏଥି ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ସହଯୋଗ ସଚେତନତା ସୃଷ୍ଟି କରାଇବା ଉଚିତ୍ ।

ଆବଶ୍ୟକ ଅନୁଯାୟୀ ପ୍ରତ୍ୟେକ ଦିଗ ପ୍ରତି ଦୃଷ୍ଟି ଦେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ମାଙ୍କିଡିଆ ଗୋଷ୍ଠୀର ପାରମ୍ପରିକତା ବଞ୍ଚାଇ ରଖିହେବ ।

# ପଡୋଶୀ ଗୋଷ୍ଠୀ

ଯେ କୌଣସି ଗୋଷ୍ଠୀର ମଣିଷ ସୁସ୍ଥ ସୁନ୍ଦର ଜୀବନଯାପନ ପାଇଁ ପଡୋଶୀ ଗୋଷ୍ଠୀ ମାନଙ୍କ ସହିତ ସୁସଂପର୍କ ସ୍ଥାପନ କରିବା ଅନିର୍ବାଯ୍ୟ । କାରଣ ସବୁ ପ୍ରକାର ବିପଦ ଆପଦରେ ଏହି ପଡୋଶୀ ଗୋଷ୍ଠୀ ହିଁ ପ୍ରକୃତ ବନ୍ଧୁର ଭୂମିକା ଗ୍ରହଣ କରି ଥାଆନ୍ତି । ଏହା ଦ୍ୱାରା ଲୋକମାନଙ୍କୁ ସମସ୍ତ ଅଭାବ ପରିପୂରଣ ଦିଗରେ ସହାୟତା ମିଳିଥାଏ । କୌଣସି ଗ୍ରାମରେ ଅଗ୍ନିକାଣ୍ଡ ଘଟିଲେ, ସଂକ୍ରାମକ ରୋଗ ବ୍ୟାପିଲେ ପଡୋଶୀ ଗୋଷ୍ଠୀର ଲୋକେ ଛୁଆଁ ଅଛୁଆଁ, ଜାତିଭେଦ ଭୁଲି ପ୍ରପୀଡିତ ଗ୍ରାମର ଲୋକମାନଙ୍କୁ ସବୁପ୍ରକାର ସହାୟତା ଦେଇଥାଆନ୍ତି । ତଦ୍ୱାରା ସାମାଜିକ ଜୀବନ ସୁନ୍ଦର ଓ ସୁଖମୟ ହୁଏ ।

ମାଙ୍କିଡିଆମାନେ ଅନ୍ୟ ପଡୋଶୀ ଗୋଷ୍ଠୀ ମାନଙ୍କ ସହିତ ବା ଅନ୍ୟ ଗୋଷ୍ଠୀର ଲୋକମାନେ ମାଙ୍କିଡିଆ ଗୋଷ୍ଠୀ ସହିତ ସଂପର୍କ କମ୍ ରଖନ୍ତି । କାରଣ ଏମାନଙ୍କ ବାସସ୍ଥଳୀ ପାହାଡତଳ ଅଂଚଳ କିମ୍ବା କୌଣସି ସୀମାନ୍ତ ଅଂଚଳ ହୋଇଥିବାରୁ ଏମାନେ ଅନ୍ୟ ଗୋଷ୍ଠୀଙ୍କ ଠାରୁ ଏକ ଘରିକିଆ ପରି ମନେ ହୁଅନ୍ତି ।

## ପଡୋଶୀ ସମ୍ବନ୍ଧୀୟ ଧାରଣା:

ମାଙ୍କିଡିଆ ମାନଙ୍କ ପଡୋଶୀ ଗୋଷ୍ଠୀଙ୍କ ଉପରେ ଧାରଣା ବେଶ୍ ଉତ୍ତମ । ସେମାନେ ଯେପରି ଶାନ୍ତିପ୍ରିୟ, ପଡୋଶୀ ପ୍ରଜାତି ଗୋଷ୍ଠୀଙ୍କ ସହିତ ସେହିପରି ଉତ୍ତମ ସଂପର୍କ ସ୍ଥାପନ କରି ଶାନ୍ତିମୟ ଜୀବନଯାପନ କରିବାକୁ ପସନ୍ଦ କରନ୍ତି । ଜୀବିକା ନିର୍ବାହ ପାଇଁ ଅନେକ ସମୟରେ ମାଙ୍କିଡିଆ ପଡୋଶୀ ଗ୍ରାମର ବିଭିନ୍ନ ଗୋଷ୍ଠୀର ଲୋକଙ୍କ ଉପରେ ନିର୍ଭର କରୁଥିବାରୁ, ସେମାନଙ୍କ ସହିତ ସୁସଂପର୍କରେ ଆବଦ୍ଧ ହୋଇଥାଆନ୍ତି । ପଡୋଶୀମାନେ ମଧ୍ୟ ସୁଖଦୁଃଖ ପ୍ରତ୍ୟେକ କ୍ଷେତ୍ରରେ ମାଙ୍କିଡିଆଙ୍କ ପ୍ରତି ସହାନୁଭୂତିଶୀଳ ହୋଇଥାଆନ୍ତି ।

## ସହ ବାସିନ୍ଦା ଅନ୍ୟାନ୍ୟ ଗୋଷ୍ଠୀ :

ମୟୂରଭଂଜ ଜିଲ୍ଲାର କପ୍ତିପଦା ବ୍ଲକ ଅନ୍ତର୍ଗତ ପୋଡାଡିହା ଗ୍ରାମ ପଞ୍ଚାୟତର ମାଙ୍କିଡିଆ ସାହି ବସ୍ତିଟି ସଂପୂର୍ଣ୍ଣ ଭାବରେ ମାଙ୍କିଡିଆ ଲୋକମାନେ ବସବାସ କରୁଥିବା ଏକ ଗ୍ରାମ । ଏହି ଗ୍ରାମକୁ ଲାଗି ପଶ୍ଚିମ ଦିଗରେ ଉଠାଣି ସାହି ଓ ପୂର୍ବକୁ ସର୍ବଣାଘାଟୀ ନାମକ ଦୁଇଟି ପଡୋଶୀ ଗ୍ରାମ ରହିଛି । ସର୍ବଣାଘାଟୀକୁ ବାଦ୍ ଦେଲେ ଉଠାଣି ସାହି ଗ୍ରାମରେ କେବଳ ଆଦିବାସୀ- ବାଥୁଡି, ମାହାଲୀ ଆଦି ଗୋଷ୍ଠୀର ଲୋକମାନେ ରହିଛନ୍ତି ।

ଏହି ଉଭୟ ଗ୍ରାମର ଗୋଷ୍ଠୀଙ୍କ ସହିତ ମାଙ୍କିଡିଆ ମାନଙ୍କର ସଂପର୍କ ଭଲ । ଅବଶ୍ୟ ମାଙ୍କିଡିଆମାନେ ବସବାସ କରୁଥିବା ଅନ୍ୟ ଗ୍ରାମ ଗୁଡିକରେ ବିଭିନ୍ନ ଗୋଷ୍ଠୀର ଲୋକ ରହୁଥିବା ଦେଖାଯାଏ । ଯେପରି ମୟୂରଭଂଜ ଜିଲ୍ଲାର ଖୁଣ୍ଟା ବ୍ଲକ ଅନ୍ତର୍ଗତ ଡେଙ୍ଗାମ୍ ଗ୍ରାମ ପଞ୍ଚାୟତରେ ଥିବା ବଣିଆବସା ଗ୍ରାମଟି ପ୍ରାୟ ଆଦିବାସୀ ଲୋକଙ୍କୁ ନେଇ ଗଠିତ । ପାହାଡ ପର୍ବତର ସବୁଜିମାରେ ଚତୁଃପାର୍ଶ୍ୱ ଘେରି ରହିଛି । ସେଠାରେ ମାଙ୍କିଡିଆ ବ୍ୟତୀତ ଖଡିଆ, ସାନ୍ତାଳ, କୋହ୍ଲ ଆଦି ସଂପ୍ରଦାୟର ଲୋକମାନେ ବସବାସ କରୁଅଛନ୍ତି । କିନ୍ତୁ ପାହାଡତଳର ଯେଉଁ ଅଂଚଳରେ ମାଙ୍କିଡିଆମାନେ ରହୁଛନ୍ତି ସେଠାରେ ଅନ୍ୟ କୌଣସି ଗୋଷ୍ଠୀର ଲୋକ ନାହାନ୍ତି । ଅନତି ଦୂରରେ ସେମାନଙ୍କ ବସତି । ବିଶେଷ କରି ଏକ ବିରାଟ ଖଡିଆ ବସ୍ତି ସେଠାରେ ଅଛି ।

ମୟୂରଭଂଜ ଜିଲ୍ଲାର୍ ପୋଡାଡିହା ପଞ୍ଚାୟତ ଅନ୍ତର୍ଗତ ମାଙ୍କିଡିଆ ବସ୍ତିର ପଡୋଶୀ ଗ୍ରାମ ମାନଙ୍କର ଯେଉଁ ଗୋଷ୍ଠୀ ସମୂହ ବସବାସ କରୁଛନ୍ତି, ସେମାନେ ହେଲେ- ବାଥୁଡି, ଭୂମିଜ, ମାହାଲୀ, ଲୋଧା, ଉଜିଆ, ଗୁଡିଆ, ଶବର, କୁମ୍ଭାର, ଚମାର, ତନ୍ତୀ, କମାର, ରାଢୀ, ଖଣ୍ଡାୟତ, କ୍ଷତ୍ରୀୟ, ବ୍ରାହ୍ମଣ,କରଣ ପ୍ରଭୃତି । ତନ୍ମଧ୍ୟରୁ ବାଥୁଡିଙ୍କ ସଂଖ୍ୟା ଅଧିକ ।

## ବିଭିନ୍ନ ଗୋଷ୍ଠୀ ସଂପର୍କ :

**ଆର୍ଥିକ ସଂପର୍କ :** ଆର୍ଥିକ କ୍ଷେତ୍ରରେ ମାଙ୍କିଡିଆମାନେ ବିଭିନ୍ନ ପ୍ରଜାତିକ ଗୋଷ୍ଠୀମାନଙ୍କ ସହିତ ଓତଃପ୍ରୋତ ଭାବେ ଜଡିତ । ସେମାନେ ଅନ୍ୟ ଗୋଷ୍ଠୀମାନଙ୍କର କୃଷି କ୍ଷେତରେ କାର୍ଯ୍ୟକରି ମଜୁର ପାଆନ୍ତି । ଏହାଦ୍ୱାରା ମାଙ୍କିଡିଆ ସିଧାସଳଖ ଲାଭବାନ୍ ହେଉଥିବା ସ୍ଥଳେ ଅନ୍ୟ ଗୋଷ୍ଠୀ ସହଜରେ ଓ ଠିକ୍ ସମୟରେ ମାଙ୍କିଡିଆମାନଙ୍କ ଶ୍ରମଶକ୍ତିକୁ କ୍ରୟ କରି କାର୍ଯ୍ୟ ନିର୍ବାହ କରିଥାଆନ୍ତି । ଏହା ବ୍ୟତୀତ ମାଙ୍କିଡିଆମାନେ ଅନ୍ୟ ଗୋଷ୍ଠୀର ଲୋକଙ୍କଠାରୁ ଟଙ୍କାପଇସା ଓ ଧାନଚାଉଳ ଧାର କରଜ ସୂତ୍ରରେ ନେଇ ଅନେକ ସମୟରେ ଆସନ୍ନ ଅସୁବିଧାକୁ ଏଡାଇ ପାରନ୍ତି । ଜଙ୍ଗଲରୁ ସଂଗୃହୀତ ଶିଆଡି ଛେଲିରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ହସ୍ତନିର୍ମିତ ଦ୍ରବ୍ୟସବୁ ପଡୋଶୀ ଗ୍ରାମ ଗୁଡିକରେ ଘର ଘର ବୁଲି ବିକ୍ରିକରି ଆର୍ଥିକ ଗୁଜୁରାଣ ମେଣ୍ଟାଇ ଥାଆନ୍ତି । ଏହା ତାଙ୍କର ମୁଖ୍ୟ ବୃତ୍ତି । ତେଣୁ ଆର୍ଥିକ ଦୃଷ୍ଟିରୁ ମାଙ୍କିଡିଆମାନେ ପଡୋଶୀ ଗୋଷ୍ଠୀ ଉପରେ ନିର୍ଭରଶୀଳ । ଅତଏବ ଗୋଷ୍ଠୀସଂପର୍କ ଉତ୍ତମ ହେବା ସ୍ୱାଭାବିକ ।

**ସାମାଜିକ ସଂପର୍କ :** ମନୁଷ୍ୟ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ, ତାର ମନୋବୃତ୍ତି ତାକୁ ପଡୋଶୀମାନଙ୍କ ସହିତ ଭଲ ସଂପର୍କ ରଖିବାକୁ ବାଧ୍ୟ କରିଥାଏ । ତେଣୁ ସଂପର୍କ ରକ୍ଷା କ୍ଷେତ୍ରରେ ସାମାଜିକ ଦିଗଟି ବେଶ୍ ଗୁରୁତ୍ୱପୂର୍ଣ୍ଣ । କେତେକ ସାମାଜିକ

ଉତ୍ସବାନୁଷ୍ଠାନରେ କେହି କେହି ମାଙ୍କିଡିଆ ସାନ୍ତାଳ ଓ କୋହ୍ଲ ଗୋଷ୍ଠୀର ବନ୍ଧୁମାନଙ୍କୁ ନିମନ୍ତ୍ରଣ କରିଥାଆନ୍ତି । ସେମାନେ ମାଙ୍କିଡିଆ ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଉତ୍ସବରେ ଯୋଗ ଦେଉଥିଲେ ହେଁ କୌଣସି ପ୍ରକାର ଖାଦ୍ୟ କିମ୍ବା ପାନୀୟ ଗ୍ରହଣ କରନ୍ତି ନାହିଁ । ଅବଶ୍ୟ ଆଜିକାଲି କିଏ କେମିତି ପାନୀୟ ଗ୍ରହଣ କରୁଥିବା ମାଙ୍କିଡିଆମାନେ କହନ୍ତି । ବେଳେ ବେଳେ ମାଙ୍କିଡିଆ ଯୁବକମାନେ ପଡୋଶୀ ଗୋଷ୍ଠୀର ଯୁବକମାନଙ୍କ ସହିତ ଦାଣ୍ଡିଆ ଖେଳୁଥିବା ଦେଖାଯାଏ । ଖେଳରେ ଜାତିଧର୍ମର ବାଚ୍ଛବିଚ୍ଛର ନଥାଏ । ପରସ୍ପର ସହଯୋଗ ଭିତ୍ତିରେ ଖେଳନ୍ତି । ପଡୋଶୀ ଗ୍ରାମରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହେଲେ (ଯାତ୍ରା, ଗାଆଣ ଇତ୍ୟାଦି) ମାଙ୍କିଡିଆଙ୍କ ଆବାଳବୃଦ୍ଧ ବନିତା ଦର୍ଶକ ଭାବରେ ଉପଭୋଗ କରିଥାଆନ୍ତି ।

କିନ୍ତୁ ଯାହା ଦେଖାଯାଉଛି ପଡୋଶୀ ଗୋଷ୍ଠୀଙ୍କ ସହିତ ସାମାଜିକ ସଂପର୍କ କ୍ଷେତ୍ରରେ ମାଙ୍କିଡିଆ ବହୁ ପଛରେ ଅଛନ୍ତି । ଏମାନଙ୍କ ପ୍ରତି ଅନ୍ୟ ଗୋଷ୍ଠୀ ଲୋକଙ୍କର କିପରି ମନୋଭାବ, ତାହା ସଠିକ୍ ଜଣା ନହେଲେ ମଧ୍ୟ ଅନୁମାନ ଲଗାଯାଇ ପାରେ ଯେ ସେମାନେ ମାଙ୍କିଡିଆଙ୍କୁ ନୀଚ ଦୃଷ୍ଟିରେ ଦେଖନ୍ତି । ସେମାନଙ୍କର ବସତି ସ୍ଥାପନରୁ ଏହା ସ୍ପଷ୍ଟ ଅନୁମେୟ । ମୟୂରଭଂଜର ପ୍ରତ୍ୟେକ ମାଙ୍କିଡିଆ ବସତି କେବଳ ମାଙ୍କିଡିଆଙ୍କୁ ନେଇ ହିଁ ଗଢି ଉଠିଛି । ତାଙ୍କର ପାଖ ପଡୋଶୀ ଭାବରେ ଆଉ କୌଣସି ଗୋଷ୍ଠୀର ଲୋକ ନାହାନ୍ତି । ଅବଶ୍ୟ ଅନତି ଦୂରରେ ଅଛନ୍ତି କିନ୍ତୁ ବସ୍ତି ଭିତରେ ନୁହେଁ । ଜନୈକ ମାଙ୍କିଡିଆ କହନ୍ତି ଯେ, ଅଳ୍ପ କେତେକ ଗୋଷ୍ଠୀ ବ୍ୟତୀତ ସେମାନେ ସବୁ ଲୋକଙ୍କ ଘରେ ଖାଇପାରନ୍ତି । ମାତ୍ର ତାଙ୍କ ଘରେ କୌଣସି ଗୋଷ୍ଠୀର ଲୋକ ଖାଆନ୍ତି ନାହିଁ । କେବଳ ସେମିତି କେତେକ ପରିସ୍ଥିତିରେ ସାନ୍ତାଳ, କୋହ୍ଲ ଆଦିର ଲୋକ ପାନୀୟ ଗ୍ରହଣ କରନ୍ତି । ଅବଶ୍ୟ ତୁଳନାତ୍ମକ ଭାବରେ ଦେଖିଲେ ମୟୂରଭଂଜର ଅନ୍ୟ ଆଦିବାସୀ ଗୋଷ୍ଠୀଙ୍କଠାରୁ ମାଙ୍କିଡିଆ ମାନଙ୍କର ଜୀବନ ଧାରଣର ମାନ ଅନୁନ୍ନତ ।

**ରାଜନୈତିକ ସଂପର୍କ :** ମାଙ୍କିଡିଆମାନେ ଅର୍ଥନୈତିକ ଦୃଷ୍ଟିରୁ ବେଶ୍ ଅନଗ୍ରସର ହୋଇଥିବାରୁ ରାଜନୀତି ତଥା ରାଜନୈତିକ ସଂପର୍କ ଏମାନଙ୍କ ପାଇଁ ମୂଲ୍ୟହୀନ । ତଥାପି ଆଜିକାଲିର ଭୋଟ ରାଜନୀତି ମାଙ୍କିଡିଆ ମାନଙ୍କ ଗୁରୁତ୍ୱ ବଢାଇ ଦେଇଛି । ଭୋଟ ପାଇଁ ରାଜନୈତିକ (ପଡୋଶୀ ଗୋଷ୍ଠୀର) ବ୍ୟକ୍ତି ବା ନେତାମାନେ ଭୋଟ ପ୍ରଚାର ପାଇଁ ସେମାନଙ୍କ ଦ୍ୱାରସ୍ଥ ହେଉଛନ୍ତି । ତେଣୁ କୌଣସି ନିର୍ବାଚନ ଆସିଲେ ପଡୋଶୀ ଗୋଷ୍ଠୀଙ୍କ ସହିତ ଏମାନଙ୍କର ସଂପର୍କ ବଢିଯାଏ । ଅବଶ୍ୟ ଏବେ ମାଙ୍କିଡିଆମାନେ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରିବା ନିମନ୍ତେ ଆଗ୍ରହ ପ୍ରକାଶ କଲେଣି । ଡେଙ୍ଗାମ୍ ପଞ୍ଚାୟତର ବଣିଆବସା ଗ୍ରାମରେ ଜଣେ ମାଙ୍କିଡିଆ ୱାର୍ଡମେମ୍ବର ଅଛନ୍ତି ।

ଏତଦ୍ ଭିନ୍ନ କୌଣସି କାରଣରୁ ଅନ୍ୟ ପଡୋଶୀ ଗୋଷ୍ଠୀ ସହିତ ଗଣ୍ଡଗୋଳ ଉପୁଜିଲେ ପ୍ରଥମେ ଗ୍ରାମସଭାରେ ଆଲୋଚନା ହୋଇ ସଭାପତି (ଦେହିଃ)ଙ୍କ ଦୃଷ୍ଟିକୁ ଅଣାଯାଏ ଏବଂ ତାଙ୍କରି ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ ହୁଏ । ନିଜ ଗ୍ରାମର କୌଣସି ଲୋକ ଯଦି ପଡୋଶୀ ଗ୍ରାମର କୌଣସି ଲୋକ ସହିତ ଗଣ୍ଡଗୋଳରେ ଲିପ୍ତ ରହେ, ତେବେ ପଡୋଶୀ ଗ୍ରାମର୍ ଗଣ୍ଡଗୋଳକାରୀଙ୍କ ସହ ତାଙ୍କରି ଗ୍ରାମର କେତେକ ଭଦ୍ରବ୍ୟକ୍ତି ଓ ପ୍ରତ୍ୟକ୍ଷ ସାକ୍ଷୀଙ୍କୁ ନେଇ ଯେ କୌଣସି ଗ୍ରାମରେ ଆଲୋଚନା ହୁଏ ଏବଂ ଦୋଷୀକୁ ଉପଯୁକ୍ତ ଜୋରିମନା ତଥା ଅର୍ଥଦଣ୍ଡ ଦିଆଯାଇଥାଏ ।

**ଧାର୍ମିକ ସଂପର୍କ :** ମାଙ୍କିଡିଆମାନଙ୍କ ଧାର୍ମିକ କ୍ଷେତ୍ରରେ ପଡୋଶୀ ଗୋଷ୍ଠୀମାନଙ୍କ ସହିତ ସେପରି କୌଣସି ବିଶେଷ ସଂପର୍କ ଥିବାର ଜଣାଯାଏ ନାହିଁ । ପ୍ରତ୍ୟେକଙ୍କ ଧାର୍ମିକ ରୀତିନୀତି ଓ ବିଶ୍ୱାସ ସଂପୂର୍ଣ୍ଣ ନିଜସ୍ୱ । କେହି କାହାର ଧର୍ମକାର୍ଯ୍ୟରେ ହସ୍ତକ୍ଷେପ କରନ୍ତି ନାହିଁ । ମାଙ୍କିଡିଆମାନେ ମଧ୍ୟ ଧର୍ମାନ୍ତରୀକରଣ ସପକ୍ଷରେ ନୁହନ୍ତି । ଏପର୍ଯ୍ୟନ୍ତ କେହି କୌଣସି ଭିନ୍ନ ଧର୍ମ ଗ୍ରହଣ କରିଥିବା ଦେଖାଯାଇ ନାହିଁ । କେବେ କେବେ ପଡୋଶୀ ଗ୍ରାମର ଯେ କୌଣସି ଗୋଷ୍ଠୀର ବ୍ୟକ୍ତି, ଏପରିକି ବ୍ରାହ୍ମଣଲୋକ ମଧ୍ୟ ନିଜର ବ୍ୟକ୍ତିଗତ ସ୍ୱାର୍ଥସିଦ୍ଧି ପାଇଁ ମାଙ୍କିଡିଆମାନଙ୍କ ଧାର୍ମିକ ମୁଖ୍ୟ ଆଖଡାଣୀଙ୍କ ପାଖକୁ ଆସିଥାଆନ୍ତି । ଆଖଡାଣୀଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକ ପୂଜାସାମଗ୍ରୀ ଯୋଗାଇ ଦିଅନ୍ତି । ଆଖଡାଣୀ ତାଙ୍କ ରୀତିନୀତିରେ ନିଜ ଦେବଦେବୀଙ୍କ ଠାରେ ପୂଜାପାଠ କରି ସଂପୃକ୍ତ ବ୍ୟକ୍ତିର ସମସ୍ୟା ଦୂର କରିବାରେ ସହାୟତା କରନ୍ତି । କେତେକ ଲୋକ ସାନ୍ତାଳ ଓ କୋହ୍ଲମାନଙ୍କ ପରି ଦୁର୍ଗାପୂଜା ଓ କାଳିପୂଜା ସେମାନେ ପାଳନ କରୁଥିବା ବେଳେ କରମ୍ ପୂଜା ବେଶ୍ ନିଷ୍ଠାର ସହ ତୁଲାଇ ଥାଆନ୍ତି ।

**ଅନ୍ୟାନ୍ୟ ସଂପର୍କ :** ଆଧୁନିକ ଚଳଣି ଓ ସଂପର୍କର ସଂସ୍ପର୍ଶରେ ଆସି ମାଙ୍କିଡିଆମାନେ କିଛି ଉନ୍ନତ ହେଉଥିବା ପରିଲକ୍ଷିତ ହେଉଛି । ଜିନିଷପତ୍ର କିଣାବିକାରେ ପଡୋଶୀ ପ୍ରଜାତି ଗୋଷ୍ଠୀଙ୍କ ସହିତ ବନ୍ଧୁତ୍ୱ ଭାବ ସୃଷ୍ଟି ହୋଇପାରୁଛି । ସ୍ଥାନୀୟ ହାଟରେ ଆତଯାତ ଯୋଗୁଁ ଭାବର ଆଦାନପ୍ରଦାନ ସମ୍ଭବ ହେଉଛି । ହାଟରେ ବିକ୍ରି ହେଉଥିବା ହାଣ୍ଡିଆ ଓ ମହୂଲୀ ମଦ ମଧ୍ୟ ବିଭିନ୍ନ ଗୋଷ୍ଠୀର ଆଦିବାସୀଙ୍କ ମଧ୍ୟରେ ସଂପର୍କର ସେତୁ ଗଢି ଦେଉଛି । ସାଧାରଣ ଦିନମାନଙ୍କରେ ଚଳନ୍ତି ରାସ୍ତା ପାର୍ଶ୍ୱରେ ବସୁଥିବା ହାଣ୍ଡିଆ ଭାଟି ଗୁଡିକର ଭୂମିକା କିଛି କମ୍ ନୁହେଁ । ଏଠାରେ ସେମାନେ ସଙ୍ଗାତ ମିତ ମଧ୍ୟ ହୋଇ ଯାଆନ୍ତି । ଏତଦ୍ ଭିନ୍ନ ରାସ୍ତା ମରାମତି, ସ୍ଥାନୀୟ ହାଟ ପ୍ରତିଷ୍ଠା ଆଦି କାମରେ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ସ୍ଥାପିତ ହୁଏ । ଆଜିକାଲି ମାଙ୍କିଡିଆ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରୁଥିବାରୁ ସାମୂହିକ ଉନ୍ନତି ପାଇଁ ପଡୋଶୀ ଗୋଷ୍ଠୀଙ୍କ ସହିତ ସଂପର୍କ ରଖିବାକୁ ଚେଷ୍ଟିତ ।

**ଖାଦ୍ୟ ଗ୍ରହଣ ଓ ପ୍ରତ୍ୟାଖ୍ୟାନ :** ଆବାଳବୃଦ୍ଧ ବନିତା ପ୍ରତ୍ୟେକ ମାଙ୍କିଡିଆ ଯେ କୌଣସି ଗୋଷ୍ଠୀଙ୍କ ଠାରୁ ଖାଦ୍ୟ ଗ୍ରହଣ କରି ପାରନ୍ତି । ଏଥିରେ କୌଣସି ପ୍ରତିବନ୍ଧକ ନାହିଁ । ବିଶେଷ କରି ପର୍ବପର୍ବାଣି ଦିନ ମାନଙ୍କରେ ଓଡିଆ ଲୋକମାନଙ୍କ ଘରେ ଘରେ ବୁଲି ଭାତ, ତରକାରୀ, ମୁଢି, ଚୂଡା, ପିଠାପଣା ଇତ୍ୟାଦି ସଂଗ୍ରହ କରନ୍ତି । ଓଡିଆ ଘରେ ଯଦି ବାହାଘର କିମ୍ବା କୌଣସି ଉତ୍ସବ ହୁଏ , ବଳିଥିବା ଖାଦ୍ୟ ଦ୍ରବ୍ୟ ସବୁ ମାଙ୍କିଡିଆ ଟୁଆପିଲାମାନେ ତହିଁ ପରଦିନ ସକାଳେ ବାସନ ଧରି ସଂଗ୍ରହ କରିବାକୁ ଯାଆନ୍ତି । ଆଶ୍ଚର୍ଯ୍ୟର କଥା ଏହି ଯେ ମାଙ୍କିଡିଆ ମାନଙ୍କ ଘରେ ଅନ୍ୟ କୌଣସି ଗୋଷ୍ଠୀର ଲୋକ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ସାନ୍ତାଳ, କୋହ୍ଲ ଆଦି କେହି କେହି ପରିଚିତ ବନ୍ଧୁ ମାଙ୍କିଡିଆଙ୍କ ବିବାହୋତ୍ସବରେ ନିମନ୍ତ୍ରିତ ହୋଇ ଯୋଗ ଦେଉଥିଲେ ହେଁ ଖାଦ୍ୟ କିମ୍ବା ପାନୀୟ ସ୍ପର୍ଶ କରନ୍ତି ନାହିଁ । ଅବଶ୍ୟ କୌଣସି ଅବାଞ୍ଛିତ ପରିସ୍ଥିତିର ସମ୍ମୁଖୀନ ହୋଇ ସେମାନେ ବାଧ୍ୟରେ ପାନୀୟ ଗ୍ରହଣ କରିଥିବା ମାଙ୍କିଡିଆମାନେ କହନ୍ତି ।

## ଅନ୍ୟ ଗୋଷ୍ଠୀର ଅପରିହାର୍ଯ୍ୟ ଭୂମିକା :

ମାଙ୍କିଡିଆମାନଙ୍କର ଅନ୍ୟ ଗୋଷ୍ଠୀ ସହିତ ଓ ସେମାନଙ୍କର ମାଙ୍କିଡିଆ ଗୋଷ୍ଠୀ ସହିତ ସଂପର୍କ ସଂପୂର୍ଣ୍ଣ ବିଲୋପ ଏବେ ସମ୍ଭବ ନୁହେଁ । କାରଣ ପରସ୍ପର ମଧ୍ୟରେ ନିର୍ଭରଶୀଳତା ବେଶ୍ ବୃଦ୍ଧି ପାଇଗଲାଣି । ମାଙ୍କିଡିଆଙ୍କ ପଡୋଶୀ ଅଂଚଳରେ ବାଥୁଡି, ଭୂୟାଁ, ଭୂମିଜ, ଉଜିଆ, ମାହାଲୀ ଆଦି ଆଦିବାସୀ ମାନଙ୍କ ସହିତ କୁମ୍ଭାର, କମାର, ଚମାର, କରଣ, ବ୍ରାହ୍ମଣ, ଖଣ୍ଡାୟତ, କ୍ଷତ୍ରୀୟ ଆଦି ଅଣ-ଆଦିବାସୀ ଗୋଷ୍ଠୀ ବସବାସ କରିଥାଆନ୍ତି । ମାଙ୍କିଡିଆ ମାନେ ସେମାନଙ୍କ ଶିକାର ଉପକରଣ (ବର୍ଚ୍ଛା, ବାଲା, କଟୁରୀ, କୁରାଢୀ ଇତ୍ୟାଦି) ପଡୋଶୀ କମାର ମାନଙ୍କଠାରୁ କିଣିଥାଆନ୍ତି । ତେଣୁ କୌଣସି ପରିସ୍ଥିତିରେ ମାଙ୍କିଡିଆ କମାରଙ୍କ ସହିତ ସଂପର୍କ ଛିନ୍ନ କରିପାରିବେ ନାହିଁ । ସେହିପରି ଭାତରୁ ହାଣ୍ଡିଆ ପ୍ରସ୍ତୁତ କରିବା ପାଇଁ କୁମ୍ଭାର ଉପରେ ନିର୍ଭର କରିବାକୁ ପଡିଥାଏ । ମାହାଲୀଙ୍କଠାରୁ ଡଲା, କୁଲା (ହାଟା), ଝୁଡି (ଝୁଡିନି), ହାଣ୍ଡିଆ ଚଲାଇବା ଚଲା (ଛଲା) ଇତ୍ୟାଦି ସଂଗ୍ରହ କରିଥାଆନ୍ତି । ହାଟ, ବଜାରରୁ ବିଭିନ୍ନ ଗୋଷ୍ଠୀର ଲୋକଙ୍କ ପାଖରୁ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ, ବିବାହୋତ୍ସବ ତଥା ପର୍ବପର୍ବାଣିରେ ବ୍ୟବହୃତ ବିଭିନ୍ନ ପ୍ରକାର ସାମଗ୍ରୀ କ୍ରୟ କରିବାର ଆବଶ୍ୟକତା ଥାଏ । ଅନୁରୂପ ଭାବରେ ଅନ୍ୟ ଗୋଷ୍ଠୀର ଲୋକେ ମାଙ୍କିଡିଆଙ୍କ ପାଖରୁ ଶିଆଡି ଛେଲିରୁ ପ୍ରସ୍ତୁତ ଶିକା, ଦଉଡି, ପଘା, ଡାହୁଣୀ ଇତ୍ୟାଦି ସଂଗ୍ରହ କରିଥାଆନ୍ତି । ଅନ୍ୟ ଗୋଷ୍ଠୀଙ୍କ ଚଷ ଜମିରେ ମାଙ୍କିଡିଆମାନେ ମୂଲିଆ କାମ କରନ୍ତି । ଏଥିରେ

ଉଭୟେ ଲାଭବାନ୍ ହୁଅନ୍ତି । ଶ୍ରମ ଦାନ (ପାରିଶ୍ରମିକ ନେଇ) ଓ ଶ୍ରମ ଆଦାୟ (କାର୍ଯ୍ୟ ହାସଲ ପାଇଁ) ଏକ ସଂଗେ ହୋଇଥାଏ । ତେଣୁ ପଡୋଶୀ ଗୋଷ୍ଠୀ ମାଙ୍କିଡିଆଙ୍କ ସହିତ ସଂପର୍କ ରଖନ୍ତି ।

## ଅନ୍ୟାନ୍ୟ ଗୋଷ୍ଠୀର ବର୍ତ୍ତମାନ ଅବସ୍ଥା :

ଅନ୍ୟାନ୍ୟ ଗୋଷ୍ଠୀଙ୍କ ବର୍ତ୍ତମାନ ସ୍ଥିତିରେ ଯଥେଷ୍ଟ ପରିବର୍ତ୍ତନ ଆସିଛି । ଦୈନନ୍ଦିନ ସେମାନେ ନିଜକୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରି ପରିବାର ପ୍ରତିପୋଷଣ କରୁଛନ୍ତି । ସାନ୍ତାଳ, ବାଥୁଡି, କୋହ୍ଲ, ଭୂମିଜ ଆଦି ଲୋକମାନେ କୃଷି ଉପରେ ନିର୍ଭର କଲେ ହେଁ ଏବେ ଅଧିକ ସ୍ୱଚ୍ଛନ୍ଦରେ ଚଳିବା ପାଇଁ ପାର୍ଶ୍ୱ ବ୍ୟବସାୟ ମଧ୍ୟ କରୁଛନ୍ତି । ତନ୍ତୀ, ସେମାନଙ୍କ କୌଳିକ ବୃତ୍ତି ଲୁଗା ବୁଣିବା ବ୍ୟତୀତ ଚାଷ କଲେଣି । ସେହିପରି କୁମ୍ଭାର, କମାର ବିଭିନ୍ନ ଉପକରଣ ତିଆରି କରି ବିକ୍ରୟରୁ ଯାହା ରୋଜଗାର କରନ୍ତି, ସେଇଥିରେ ସେମାନେ ଗୁଜୁରାଣ ମେଣ୍ଟାନ୍ତି । ମାହାଲୀ ମଧ୍ୟ ତାଙ୍କ ବ୍ୟବସାୟ ଉପରେ ନିର୍ଭରଶୀଳ । ତେବେ ପୂର୍ବାପେକ୍ଷା ବର୍ତ୍ତମାନର ସ୍ଥିତିରେ ଗୋଷ୍ଠୀଗୁଡିକର ଯଥେଷ୍ଟ ଅର୍ଥନୈତିକ ଉନ୍ନତି ପରିଲକ୍ଷିତ ହେଉଛି । ପୂର୍ବରୁ ଏମାନେ ନଡା ଛପର ଘରେ ବସବାସ କରୁଥିଲେ । ମାତ୍ର ବର୍ତ୍ତମାନ ଅଧିକାଂଶ ଟାଇଲ ଘରେ ରହିଲେଣି । କେହି କେହି ପକ୍କା ଛାତଘର ମଧ୍ୟ କରିଛନ୍ତି । ଚାଷକାର୍ଯ୍ୟ ବ୍ୟତୀତ କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟ, ସରକାରୀ-ବେସରକାରୀ ଚାକିରି ପ୍ରଭୃତି ଦ୍ୱାରା ନିଜକୁ ବେଶ୍ ଉନ୍ନତ କରିପାରିଛନ୍ତି । କେବଳ ଆଦିବାସୀ ନୁହଁନ୍ତି, ଅଣ-ଆଦିବାସୀ ଗୋଷ୍ଠୀ ମଧ୍ୟ ତୁଳନାତ୍ମକ ଭାବରେ ବେଶ୍ ସ୍ୱଚ୍ଛନ୍ଦରେ ଚଳୁଛନ୍ତି । ଆର୍ଥିକ, ସାମାଜିକ, ସାଂସ୍କୃତିକ, ରାଜନୈତିକ-ସବୁ ଦିଗରେ ସମସ୍ତେ ଯଥେଷ୍ଟ ଉନ୍ନତି ମୁଖର । ସେମାନଙ୍କ ଚିନ୍ତାଧାରା ଓ ଚଳଣିରେ ମଧ୍ୟ ପରିବର୍ତ୍ତନ ଆସିଛି । ଆଧୁନିକତାର ସ୍ରୋତରେ ସାମିଲ ହେବାର ଅଭୀପ୍ସା ସେମାନଙ୍କୁ ଉଦ୍‌ଯୋଗୀ କରିଛି । ମାତ୍ର ସମସ୍ତ ଗୋଷ୍ଠୀଙ୍କ ତୁଳନାରେ ମାଙ୍କିଡିଆ ମାନେ ବହୁ ପଛରେ ଅଛନ୍ତି । ମାଙ୍କିଡିଆ ପରମ୍ପରାକୁ ତ୍ୟାଗ କରି ପରିବର୍ତ୍ତନକୁ ସ୍ୱାଗତ କରିବାରେ ବିଶେଷ ଆଗ୍ରହୀ ନୁହଁନ୍ତି । ସେଥିପାଇଁ ସମୟର କ୍ଷିପ୍ର ଗତି ସହିତ ସେମାନେ ପାଦ ମିଳାଇ ଚାଲି ପାରୁନାହାନ୍ତି । ଆର୍ଥିକ, ସାମାଜିକ, ସାଂସ୍କୃତିକ- ପ୍ରତ୍ୟେକ ଦିଗରେ ସେମାନେ ପଛୁଆ । ପାରମ୍ପରିକ କୌଳିକ ବୃତ୍ତି- ସିଆଳି ଛେଲିରୁ ପଦାର୍ଥମାନ ପ୍ରସ୍ତୁତ କରିବା ବ୍ୟତୀତ ଅନ୍ୟ କୌଣସି ବୃତ୍ତି ଅବଲମ୍ବନ କରିବା ଦେଖାଯାଉନାହିଁ । ଚିନ୍ତାଧାରାର ମାନ ଉନ୍ନତ ହେଲେ ହୁଏତ କିଛି ଉନ୍ନତି ସମ୍ଭବ ହୁଅନ୍ତା ।

## ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ସୃଷ୍ଟିର କାରକ ଓ କାରଣ :

ବେଳେ ବେଳେ ଅନ୍ୟ ଗୋଷ୍ଠୀମାନଙ୍କ ସହିତ ମାଙ୍କିଡିଆ ମାନଙ୍କର ବିଭିନ୍ନ ବିଷୟକୁ ନେଇ ଗଣ୍ଡଗୋଳ ଓ ଉତ୍ତେଜନା ସୃଷ୍ଟି ହୁଏ । ପ୍ରଜାତି ଗୋଷ୍ଠୀର ଲୋକମାନେ ସେମାନଙ୍କୁ ଜମିରେ କାମ କରାଇ ନିର୍ଦ୍ଧାରିତ ମଜୁରୀ ଠାରୁ ଯଥେଷ୍ଟ କମ୍ ମଜୁରି ଦେଇ ଥାଆନ୍ତି । ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ବାଦାନୁବାଦ ସୃଷ୍ଟି ହୁଏ । ଅନେକ ସମୟରେ ମଧ୍ୟ ମାଙ୍କିଡିଆମାନଙ୍କୁ ମଜୁରି ଆକାରରେ ନିମ୍ନମାନର ଧାନ, ପୋକଲଗା ବା ଗନ୍ଧ ଚାଉଳ (ଗୁମା ଚାଉଳ) କିମ୍ବା ରହୁଣିଆ ଅଟା ଦିଅନ୍ତି । ଏହା ମାଙ୍କିଡିଆ ମାନଙ୍କ କ୍ଷତି ପହଞ୍ଚାଇବା ସହିତ ସେମାନଙ୍କ ମନରେ କ୍ରୋଧ ସୃଷ୍ଟି କରାଇଥାଏ । କେବେ କେବେ ଅନ୍ୟ ପ୍ରଜାତି ଗୋଷ୍ଠୀର ଲୋକମାନେ ମାଙ୍କିଡିଆ ମାନଙ୍କ ସରଳତା କିମ୍ବା ଆବଶ୍ୟକତାର ସୁଯୋଗ ନେଇ ସେମାନଙ୍କଠାରୁ ଯଥେଷ୍ଟ କମ୍ ମୂଲ୍ୟରେ ଦଉଡି, ପଘା, ଶିକା ଇତ୍ୟାଦି କ୍ରୟ କରିଥାଆନ୍ତି । ମାଙ୍କିଡିଆଙ୍କ ଘରୁ କୁକୁଡା, ଘୁଷୁରୀ, ଛେଳି ଆଦି କିଣା-ବିକାରେ ଠକାଠକି କରି ଗୋଷ୍ଠୀର ଲୋକମାନେ ସେମାନଙ୍କ କ୍ଷତିସାଧନ କରିବା ସହ ଉତ୍ତେଜକ ପରିସ୍ଥିତିର ସୂତ୍ରପାତ କରନ୍ତି । କେବେ କେମିତି ମାଙ୍କିଡିଆ ସାହି ସହିତ ସଂଲଗ୍ନ ପଡୋଶୀଲୋକଙ୍କ ଚାଷଜମିରେ ମାଙ୍କିଡିଆଙ୍କ ପାଳିତ କୁକୁଡା, ଘୁଷୁରୀ, ଛେଳି ଆଦି ପଶି ଶସ୍ୟ ନଷ୍ଟ କରିଦେବା ଫଳରେ ମଧ୍ୟ ଉତ୍ତେଜନା ସୃଷ୍ଟି ହୋଇଥାଏ ।

## ସୁସଂପର୍କ ସ୍ଥାପନର ପ୍ରସ୍ତାବ ଓ ସୁପାରିଶ :

ମାଙ୍କିଡିଆମାନଙ୍କ ଉନ୍ନତି ପାଇଁ ପଡୋଶୀ ଗୋଷ୍ଠୀମାନଙ୍କ ସହିତ ସୁସଂପର୍କ ଏକାନ୍ତ ଅନିବାର୍ଯ୍ୟ । ଏଥିପାଇଁ ଉତ୍ତମ ବାତାବରଣ ଆବଶ୍ୟକ । ପ୍ରଥମତଃ ପରସ୍ପର ମଧ୍ୟରେ ଆସ୍ଥାଭାବ ରହିବା ବିଧେୟ । ଉଭୟଙ୍କ ସାମାଜିକ ରୀତିନୀତିକୁ ଉଭୟେ ସମ୍ମାନ ଜଣାଇବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ପୂଜା ମହୋତ୍ସବ ମାନଙ୍କରେ ପରସ୍ପର ସକ୍ରିୟ ଅଂଶ ଗ୍ରହଣ କରିବା ଉଚିତ । ଏହା ଦ୍ୱାରା ଭାବ ତଥା ପରମ୍ପରାର ଆଦାନ ପ୍ରଦାନ ହୋଇଥାଏ । ସାମୂହିକ କାର୍ଯ୍ୟରେ ସମସ୍ତଙ୍କ ସହଯୋଗ ଆବଶ୍ୟକ । ମୁଖ୍ୟତଃ ଚିନ୍ତାଧାରା/ମନୋଭାବର ପରିବର୍ତ୍ତନ ଲୋଡା । ସମସ୍ତ ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ ରହି ବିଶ୍ୱଭାତୃତ୍ୱ ଚେତନା ସୃଷ୍ଟି କରିବା ଏକାନ୍ତ ଜରୁରୀ । ତା' ନହେଲେ ସୁସଂପର୍କ ସ୍ଥାପନର କଳ୍ପନା ଆକାଶ କୁସୁମ ସମ ପ୍ରତିଭାତ ହେବ । ଆଧୁନିତାର ସ୍ପର୍ଶରେ ଏହି ପ୍ରକ୍ରିୟାର ଅଙ୍କୁରୋଦ୍‌ଗମ ହୋଇଛି ।

# ପାରମ୍ପରିକ ହସ୍ତଶିଳ୍ପ ଓ ଚାରୁକଳା
## (ବୁଗାଇ ଆମ୍ମା)

କଳାରେ ଉତ୍କର୍ଷତା ଲାଭ ଯୋଗୁଁ ଓଡିଶାର ନାମ ଉତ୍କଳ । କଳା ନୈପୁଣ୍ୟ ପାଇଁ କେବଳ ଭାରତବର୍ଷରେ ନୁହେଁ, ଆନ୍ତର୍ଜାତୀୟ କ୍ଷେତ୍ରରେ ମଧ୍ୟ ଓଡିଶା ବେଶ୍ ପରିଚିତ । ସାମାଜିକ ଓ ସାଂସ୍କୃତିକ ଦିଗରେ ବ୍ୟାପକ ପରିବର୍ତ୍ତନ ସତ୍ତ୍ୱେ ଉତ୍କଳୀୟ ଶିଳ୍ପୀର କଳାନୈପୁଣ୍ୟ ଏବେ ସୁଦ୍ଧା ଭାସ୍ୱର । କଳାକୁ ନେଇ ଉତ୍କଳର ପ୍ରତ୍ୟେକ ଗୋଷ୍ଠୀର ଏକ ସ୍ୱତନ୍ତ୍ରତା ରହିଛି । ତନ୍ମଧ୍ୟରୁ ମାଙ୍କିଡିଆମାନେ ନିଜର ପରମ୍ପରା କ୍ରମେ ତାଙ୍କର କାରିଗରୀ କଳାକୌଶଳକୁ ବଞ୍ଚାଇ ରଖିଛନ୍ତି । ନିଜେ କଳାକୃତି ପାଇଁ ସେମାନଙ୍କ ସ୍ୱାତନ୍ତ୍ର ଉଲ୍ଲେଖନୀୟ ।

### ହସ୍ତଶିଳ୍ପ ଓ ଚାରୁକଳା : ଧାରଣା ଓ ଉତ୍ପତ୍ତି

ମାଙ୍କିଡିଆମାନଙ୍କ ଜୀବନଧାରା ସହିତ କଳା ଓ ହସ୍ତଶିଳ୍ପର ଅତୁଟ ସଂପର୍କ ରହିଛି । ସେମାନଙ୍କ ଜୀବନ ଶୈଳୀ ଅନୁଧ୍ୟାନ କଲେ ଜଣାଯାଏ ଯେ ସେମାନେ ପ୍ରତ୍ୟେକେ ଜଣେ ଜଣେ ଦକ୍ଷ କଳାକାର ଓ ପ୍ରତ୍ୟେକଟି ପରିବାର ଗୋଟିଏ ଗୋଟିଏ ହସ୍ତଶିଳ୍ପକେନ୍ଦ୍ର । କଳା ମାଙ୍କିଡିଆଙ୍କ ପାଇଁ କେବଳ ଚିତ୍ତବିନୋଦନର ଏକ ମାଧ୍ୟମ ନୁହେଁ, ପରନ୍ତୁ ତାଙ୍କର ଜାବନ ଧାରଣର ମାଧ୍ୟମ- ପେଶା ବା ବୃତ୍ତି । ମାଙ୍କିଡିଆ ଉତ୍ପତ୍ତି ହେବା ଦିନଠାରୁ ହୁଏତ ଏହି କଳା ସେମାନଙ୍କର ରକ୍ତରେ ମିଶି ରହିଛି । ତେଣୁ ପରମ୍ପରା ପ୍ରିୟ ମାଙ୍କିଡିଆମାନେ ଆଜିବି ତାଙ୍କ କଳାକୃତିର ମହତ୍ତ୍ୱକୁ ଅକ୍ଷୁର୍ଣ୍ଣ ରଖିପାରିଛନ୍ତି । ଏହି ବିଶିଷ୍ଟ ହସ୍ତଶିଳ୍ପଟି ହେଉଛି, ଶିଆଡି ଛେଲିରୁ ପ୍ରସ୍ତୁତ ଗୃହୋପକରଣ । ପ୍ରାକୃତିକ ପରିବେଶରୁ ସଂଗୃହୀତ ଶିଆଳି ଛେଲିରେ କଳା ସାମଗ୍ରୀ ପ୍ରସ୍ତୁତ କରିବାରେ ସେମାନେ ସିଦ୍ଧହସ୍ତ । ମାଙ୍କିଡିଆ ପୁରୁଷ ଓ ମହିଳା ସହିତ ଅଳ୍ପ ବୟସ୍କ ପିଲାମାନେ ମଧ୍ୟ ଜଣେ ଜଣେ କୁଶଳୀ କାରିଗର । ରାତି ପାହିବା କ୍ଷଣି ହିଁ ପ୍ରତ୍ୟେକ କାରିଗର ନିଜନିଜକୁ କାରିଗରୀ ବିଦ୍ୟାରେ ନିୟୋଜିତ କରିଥାଆନ୍ତି । ପୁରୁଷ ଲୋକମାନେ ଜଙ୍ଗଲରୁ କଞ୍ଚାମାଲ୍ ଆଣୁଥିବା ସ୍ଥଳେ ମହିଳା ଓ ପିଲାମାନେ ତାକୁ ଉତ୍ପାଦିତ ଦ୍ରବ୍ୟର ପରିଣତ କରନ୍ତି । ଏହି କାର୍ଯ୍ୟ ଚାଲୁଥିବା ବେଳେ ମନେହୁଏ ସତେ ଯେପରି ଏହା ଏକ ହସ୍ତଶିଳ୍ପର ଗ୍ରାମ । ଏହା ବ୍ୟତୀତ ଶିକାର, ଗୀତ, ନୃତ୍ୟ, ବାଦ୍ୟ ପାଇଁ ମଧ୍ୟ ସେମାନଙ୍କ କଳାକୃତିର ସ୍ୱତନ୍ତ୍ର ମୂଲ୍ୟାୟନ କରାଯାଇପାରେ । ଜୀବନକୁ ସରସ, ସୁନ୍ଦର କରି ଗଢି ତୋଳିବା ପାଇଁ କଳା

ଓ ହସ୍ତଶିଳ୍ପରେ ନିଜକୁ ହଜାଇ ଦେଇ ଅନିର୍ବଚନୀୟ ଶାନ୍ତି ଉପଲବ୍ଧି କରନ୍ତି । ତେବେ ଏହି କଳା ଓ ହସ୍ତଶିଳ୍ପର ଉତ୍ପତ୍ତି ଓ ଇତିହାସ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ଭାବରେ ସେମାନେ କିଛି କହି ପାରନ୍ତି ନାହିଁ । ଲୋକକଥା ଅନୁଯାୟୀ ଜଙ୍ଗଲରେ ପଶୁପକ୍ଷୀଙ୍କ ଗୀତ ଓ ନାଚର ଉତ୍ପତ୍ତି ସହିତ ଏମାନଙ୍କର ଗୀତ ତଥା ନାଚ କଳା ସୃଷ୍ଟି ହୋଇଛି । ଏହା ସହିତ ଜୀବିକା ନିର୍ବାହ ପାଇଁ ପ୍ରକୃତିର ବାଧ୍ୟବାଧକତାରେ ନିଜକୁ ଶିଆଡି ଲତା ହସ୍ତଶିଳ୍ପରେ ନିୟୋଜିତ କରିବା ଏକ ପ୍ରକାର ସଂଯୋଗ ବୋଲି କୁହାଯାଇପାରେ ।

## କଳା, ହସ୍ତଶିଳ୍ପ ଓ ଦ୍ରବ୍ୟର ସୌନ୍ଦର୍ଯ୍ୟବୋଧତା:

**ଶିକାର ଉପକରଣ :** ସେମାନେ ସାଧାରଣତଃ ଶୀକାରପ୍ରିୟ । ପୁଣି ଶିକାର ମଧ୍ୟରେ ହନୁମାଙ୍କଡ (ହାଣ୍ଡୁ) ଓ ପାତି ମାଙ୍କଡ (ଗାଡି) ଶିକାର ଅଧିକ ପ୍ରିୟ । ଗୁଣ୍ଡୁଚିମୂଷା (ତୁଲ୍) ଓ ଗୋଧିକା (ତମ୍ ହଚ) ମଧ୍ୟ ସେମାନେ ଶୀକାର କରନ୍ତି । ଶିକାର ସମୟରେ ମାଙ୍କିଡିଆ ଜାଲ (ଝାଲି), କୁରାଢୀ (ଟାଙ୍ଗା), ଠେଙ୍ଗା, ଧନୁ(ସାର୍), ତୀର (ଆଃ), ବ୍ୟାଗ/ଥଳି (ଘେଜ୍ ମା) ଓ ଦଉଡି (ହେତୁଆ ପାତାଙ୍ଗୀ) ଇତ୍ୟାଦି ଉପକରଣମାନ ବ୍ୟବହାର କରିଥାଆନ୍ତି । ଏହି ଉପକରଣ ମାନଙ୍କରେ କଳାର ସ୍ପର୍ଶ ରହିଥାଏ । ଜାଲ (ଝାଲି)କୁ ସେମାନେ ନିଜେ ଶିଆଡି  ଦଉଡିକୁ ଛନ୍ଦି ଛନ୍ଦି ହାତରେ ତିଆରି କରନ୍ତି । ଏହି ଜାଲ କେବଳ ଶିକାର ପାଇଁ ହିଁ ତିଆରି କରାଯାଇଥାଏ । ଏହାକୁ ଏପରି ସୁନ୍ଦର ଭାବେ ସଜାଇ ବୁଣାଯାଇଥାଏ  ଯେ ଶିକାର ପାଇଁ ପ୍ରସ୍ତୁତି ସମୟରେ ଏହା ଏକ ଦୋଳିର ଭ୍ରମ ଆଣିଥାଏ । ଧନୁ ଓ ତୀରରେ ସେମାନେ ବିଭିନ୍ନ ପ୍ରକାର ପର (ଇହିଲ୍), ଯଥା- କୁକୁଡା ପର (ସିମ୍ ଇହିଲ୍) ଓ ମୟୂର ପର (ମାରା ଇହିଲ୍) ଲଗାଇ ବେଶ୍ ଆକର୍ଷଣୀୟ କରିଥାଆନ୍ତି । ଧନୁରେ ମୋଟା ସୂତା ବନ୍ଧା ଯାଇଥାଏ । ଏହାଦ୍ୱାରା ଧନୁଟି ସହଜରେ ଭାଙ୍ଗେ ନାହିଁ । ତୀରର ଅଗ୍ରଭାଗରେ ଏକ ଲୁହାର ମୁନ ଲଗାନ୍ତି । ସେଥିରେ ପଶୁ ପକ୍ଷୀ ଶିକାର ହୁଏ ।

ମାଛ ଧରିବା ପାଇଁ ଜାଲର ବ୍ୟବହାର ମାଙ୍କିଡିଆ ମାନଙ୍କୁ ଜଣାନାହିଁ ।  ଯଦି କେହି କେବେ ମାଛ ଧରିବାକୁ ଇଚ୍ଛା କରନ୍ତି, ତେବେ ଅତି ଅଳ୍ପ ପାଣି ଥିବା ଛୋଟ ଛୋଟ ଖାଲକୁ ବେଲା ସାହାଯ୍ୟରେ ପାଣି ଶୁଖାଇ ମାଛ ଧରନ୍ତି ।

**କୃଷି ଉପକରଣ ଓ ଯନ୍ତ୍ରପାତି :** କୃଷି କାର୍ଯ୍ୟ ପାଇଁ ନିଜସ୍ୱ ଜମିବାଡି ନଥିବାରୁ ମାଙ୍କିଡିଆ କୃଷି ଉପକରଣ ଓ ଯନ୍ତ୍ରପାତି ଘରେ ରଖି ନଥାଆନ୍ତି । ତେଣୁ କଳା ଓ ଶିଳ୍ପର ପାରଦର୍ଶିତା ଏଥିରେ ଦେଖାଯିବାର ପ୍ରଶ୍ନ ଉଠେନି ।

**ଗୃହ ଉପକରଣ :** ସେମାନେ ଗୃହ ଉପକରଣ ଭାବରେ ଭାତ ହାଣ୍ଡି (ଘଟୁ), ତରକାରୀ ଡେକ୍‌ଚି (ଉଡୁଡିବି), ଥାଳୀ(ଥାଳା), ବେଲା (ବାଟି), ଗ୍ଲାସ (ଗିଲାସ ବାଟି), ଚଟୁ (ବକା), ପନିକି (ବିର୍‌ଠି), କୁଲା (ହାଟା), ପିଢା (ଗାଣ୍ଡା) ଇତ୍ୟାଦି ବ୍ୟବହାର କରିଥାଆନ୍ତି । ଏହି ସବୁ ପଦାର୍ଥ ତାଙ୍କର ନିଜସ୍ୱ ପ୍ରସ୍ତୁତି ନୁହେଁ । ଶିଆଡି ଛେଲିରୁ ପ୍ରସ୍ତୁତ ଦଉଡି, ଟୋକେଇ ଓ ଟୁପା ହିଁ କେବଳ ଏମାନେ ବ୍ୟବହାର କରନ୍ତି । ଦଉଡି ସାଧାରଣତଃ ମୋଡି ମୋଡି ତିଆରି କରୁଥିବା ବେଳେ ଟୋକେଇ ଓ ଟୁପା ସୁନ୍ଦର ଭାବରେ ବୁଣନ୍ତି । ଟୋକେଇଟି ଫୁଲ ଆଙ୍କିବା ଭଳି ଦେଖାଯାଏ । ଉପର ମୁଣ୍ଡରେ ମୋଟା ଶିଆଗଳି ଛେଲି ବନ୍ଧାଯାଏ । ଟୁପାଟି ଏତେ ଘଞ୍ଚରେ ଶିଆଡି ଛେଲି ରେ ବୁନ୍ଦା ଯାଇଥାଏ ଯେ ସେଥିରୁ ତେଲ ବହି ଯାଏ ନାହିଁ ।

**ବ୍ୟକ୍ତିଗତ ଆସବାବପତ୍ର :** ବ୍ୟକ୍ତିଗତ ଆସବାବ ପତ୍ର ମାଙ୍କିଡିଆମାନଙ୍କର ଖୁବ୍ କମ୍ ଥାଏ । ଆର୍ଥିକ ଅନଗ୍ରସରତା ଯୋଗୁଁ ସେମାନେ ସେଥିରେ ମନ ବଳାନ୍ତି ନାହିଁ ।

**ପୋଷାକ/ବସ୍ତ୍ର(କିଚୁରୀ) :** ମାଙ୍କିଡିଆମାନେ ଖୁବ୍ କମ୍ ବସ୍ତ୍ର ବ୍ୟବହାର କରନ୍ତି । ପୁରୁଷ ଲୋକ ଚୁଅ ହାତ ଲମ୍ବର ଗାମୁଛା (ଧଳା ବା ଗାର ପକା) ବା ଲୁଙ୍ଗି ଓ ଗଞ୍ଜି ପରିଧାନ କରନ୍ତି । କେତେବେଳେ କେମିତି କୁର୍ତ୍ତା ପିନ୍ଧିଥାଆନ୍ତି । ସ୍ତ୍ରୀଲୋକମାନେ ଛିଟ ଶାଢୀ, କେହି କେହି ନବବିବାହିତା ସ୍ତ୍ରୀ ଶାଢୀ ସହିତ ସାୟା, ବ୍ଲାଉଜ ମଧ୍ୟ ପିନ୍ଧନ୍ତି । ଏମାନଙ୍କ ଶାଢୀରେ ବିଭିନ୍ନ ପ୍ରକାର ଫୁଲ, ପଶୁପକ୍ଷୀଙ୍କ ଚିତ୍ର, ଗଛଲତା ଇତ୍ୟାଦିର ଛିଟ ପଡିଥାଏ । ଗାଢ ରଙ୍ଗର ଛିଟ ଶାଢୀ ଏମାନଙ୍କୁ ଭାରି ପସନ୍ଦ ।

**ଗହଣା/ଅଳଙ୍କାର :** ମାଙ୍କିଡିଆ ମହିଳାମାନେ ନିଜ ନିଜର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ଅଳଙ୍କାର ଲଗାଇବାକୁ ଭଲ ପାଆନ୍ତି । ସେଗୁଡିକ ହେଲା ହାର(ମାଳା), ଚୂଡି (ସାକିମ୍), କାନଫୁଲ (ଝୁରଝୁରୀ), ମୁଦି (ଆଙ୍ଗ୍‌ଠି), ନାକଫୁଲ (ନୁପୁର୍), ପାଉଁଜି ଇତ୍ୟାଦି । ସାଧାରଣତଃ ଝିଅର ବିବାହ ସମୟରେ ଏଗୁଡିକର ବହୁଳ ବ୍ୟବହାର ଦେଖାଯାଏ । ଅଳଙ୍କାର ସବୁ ସିଲଭର କିମ୍ବା ତମ୍ବାରେ ତିଆରି ହୋଇଥାଏ ଓ ଏ ସବୁର କ୍ରୟ ମୂଲ୍ୟ ଅତି ଶସ୍ତା । ସରୁସରୁ ଗୁନ୍ଥା ହୋଇଥିବା ହାର, ବିଭିନ୍ନ ଆକୃତିର କାରୁକାର୍ଯ୍ୟ ହୋଇ ସୁନେଲୀ ରଂଗର ପ୍ରଲେପ ଦିଆଯାଇଥିବା ଚୂଡି ବା ଖଡୁ, ସରୁ ସିଲଭର ତାରରେ ଗୋଲ ଗୋଲ ହୋଇଥିବା କାନଫୁଲ (ତହିଁରେ ଝରା ଲାଗିଥାଏ), ବିଭିନ୍ନ ଚିତ୍ର ଥିବା ମୁଦି ପ୍ରଭୃତି ମାଙ୍କିଡିଆ ମହିଳା ମାନଙ୍କ ବେଶ୍ ପସନ୍ଦ । ଛୋଟ ଆକାରର ନାକଫୁଲ ପିନ୍ଧି ମୁଖର ସୌନ୍ଦର୍ଯ୍ୟ ଏମାନେ ବଢାଇଥାଆନ୍ତି । ତେବେ ସାଧାରଣ ଭାବରେ ମାଙ୍କିଡିଆ

ମହିଳାମାନେ ସବୁଦିନେ ପ୍ରାୟ ଗହଣା ବା ଅଳଙ୍କାର ଲଗାଇ ନଥାଆନ୍ତି । କେହି କେହି ପୁରୁଷ ମଧ୍ୟ ଡାହାଣ ହାତରେ ଖଡୁ ପିନ୍ଧିଥିବାର ଦେଖାଯାଏ । ମାଙ୍କିଡିଆ ସମାଜ ସୌନ୍ଦର୍ଯ୍ୟ ପ୍ରିୟ ହେଲେ ହେଁ ଅର୍ଥ ଅଭାବରୁ କୌଣସି ଥିରେ ବିଶେଷ ମନ ବଳାନ୍ତି ନାହିଁ ।

**ଚିତ୍ର କଳା:** ମାଙ୍କିଡିଆ ସମାଜରେ ଚିତ୍ର କଳା କରିବା ଦେଖାଯାଏ ନାହିଁ । ଏମାନଙ୍କ ଘରମାନଙ୍କରେ ମାଟିର କାନ୍ଥ ନଥିବାରୁ ହୁଏତ ଚିତ୍ର କରିବା ଏମାନଙ୍କୁ ଜଣାନାହିଁ । କିନ୍ତୁ କୁଟିକମ ଅଳଙ୍କାର ଓ ଛିଟ ଶାଢୀରୁ ସୌନ୍ଦର୍ଯ୍ୟପ୍ରିୟତାର ସୂଚନା ମିଳେ ।

**ଚିତା(ଖୋଦ୍‌ନିଆ) କୁଟା:** ଦେହର ବିଭିନ୍ନ ଅଙ୍ଗରେ ଚିତା କୁଟାଇବା, ସେମାନଙ୍କ କଳାପ୍ରିୟ ଭାବର ଅନ୍ୟତମ ନିଦର୍ଶନ । ହାତ ପାପୁଲିରେ, ବାହୁରେ ଏପରିକି କପାଳର ଟୋପା ଲଗାଇବା ସ୍ଥାନରେ ଏମାନେ ଚିତା କୁଟାଇଥାଆନ୍ତି । ସେଥିରେ ବିଭିନ୍ନ ପ୍ରକାର ଫୁଲ ଓ ଗଛଲତାର ଚିତ୍ର ଥାଏ । ସମୟ ସମୟରେ ତାଙ୍କ ଗ୍ରାମକୁ ଆସୁଥିବା କେଳୁଣିମାନେ ଚିତା କୁଟେଇ ଥାଆନ୍ତି । ଚିତାକୁଟା ପରି ଯନ୍ତ୍ରଣାଦାୟକ କାର୍ଯ୍ୟ ମଧ୍ୟ କେବଳ କଳାପ୍ରିୟତା ଯୋଗୁଁ କରାଇବା ନିମନ୍ତେ କୁଣ୍ଠିତ ହୁଅନ୍ତି ନାହିଁ ।

**ଦେବଦେବୀଙ୍କୁ ଉତ୍ସର୍ଗ ସାମଗ୍ରୀ:** ମାଙ୍କିଡିଆମାନେ ଦେବଦେବୀଙ୍କ ଉଦ୍ଦେଶ୍ୟରେ କୌଣସି ଧାତୁଦ୍ରବ୍ୟ ଅନ୍ୟ ଉତ୍ସର୍ଗ କରୁଥିବା ଦେଖାଯାଏ ନାହିଁ । ମାନସିକରେ କେବଳ କୁକୁଡା, ବୋଦା, ଘୁଷୁରୀ ଇତ୍ୟାଦି ଅନ୍ତର୍ଗତ । ପୂଜାରେ ସିନ୍ଦୁର, ଧୂପ,ଝୁଣା, ପଞ୍ଚବର୍ଣ୍ଣୀ, ଶାଳପତ୍ର, ଶିଆଡି ପତ୍ର କିମ୍ବା ଫଳମୂଳ ଲାଗିଥାଏ ।

**ବାଦ୍ୟ ଯନ୍ତ୍ର :** ସେମାନଙ୍କର ବିବାହୋତ୍ସବ ଓ ପର୍ବପର୍ବାଣି ମାନଙ୍କରେ ହେଉଥିବା ନାଚଗୀତ ସମୟରେ ବାଦ୍ୟଯନ୍ତ୍ର ବ୍ୟବହାର କରନ୍ତି । ବାଦ୍ୟଯନ୍ତ୍ର ଗୁଡିକ ହେଲା- ମାଦଳ (ତୁଙ୍ଗ୍‌ଦା ନାଗରା), ଚଡକା(ଚଡ୍‌ଚଡି), ତୂରୀ (ତୂରୀ), ଟଙ୍ଗ୍‌(ମାଦଳ ଆକୃତିର ଛୋଟିଆ ବାଦ୍ୟଯନ୍ତ୍ର) ଓ ବଂଶୀ ଇତ୍ୟାଦି । ଗୀତନାଚର ଆସରକୁ ବାଦ୍ୟଯନ୍ତ୍ର ଅଧିକ ଆକର୍ଷଣୀୟ କରିଥାଏ । ବାଦ୍ୟଯନ୍ତ୍ର ଗୁଡିକ କାରୁକାର୍ଯ୍ୟପୂର୍ଣ୍ଣ ହୋଇଥାଏ । ମାଦଳ ଓ ଟଙ୍ଗ୍ ପ୍ରସ୍ତୁତିରେ ବଡ କାଠଗଣ୍ଡିକୁ ଗୋଲାକାର ଆକାରରେ କାଟି ମଧ୍ୟଭାଗକୁ ଖୋଳି ସଂପୂର୍ଣ୍ଣ ଫାଙ୍କା କରାଯାଏ । ଉପର ଅଂଶ ମାଙ୍କଡ ଚମଡାରେ ଆଚ୍ଛାଦିତ ହୁଏ । ଏହାକୁ ଅଧିକ ମଜଭୂତ କରିବାକୁ ଲମ୍ବ ଆକାରରେ ସରୁସରୁ ଚମଡା କାଟି କାଠର ହାଣ୍ଡି ଉପରେ ଛୁକ ଛୁକ ଭାବରେ ବାନ୍ଧି ଦିଆଯାଇଥାଏ । ଶକ୍ତ ହେବା ସହିତ ବାଦ୍ୟ ଯନ୍ତ୍ରର ସୌନ୍ଦର୍ଯ୍ୟ ବୃଦ୍ଧି ପାଏ । ତୂରୀର ଉପର ପାର୍ଶ୍ୱରେ ବିଭିନ୍ନ ପ୍ରକାର ଗଛଲତା ଓ ଫୁଲଚିତ୍ର ଖୋଦେଇ କରାଯାଇଥାଏ ।

ବଂଶୀ ବାଉଁଶରେ ତିଆରି ହୁଏ । ସୁନ୍ଦର ଦେଖାଯିବା ପାଇଁ ସେଥିରେ ମୟୁର ପର ଖଞ୍ଜାଯାଏ । ତେଣୁ ବାଦ୍ୟଯନ୍ତ୍ରରୁ ସେମାନଙ୍କ ସୌନ୍ଦର୍ଯ୍ୟବୋଧର ସୂଚନା ମିଳେ ।

**କାଷ୍ଠ ଖୋଦନ :** ମାଙ୍କିଡିଆମାନେ କ୍ୱଚିତ୍ କାଠ ନିର୍ମିତ ସରଂଜାମ ବ୍ୟବହାର କରିଥାଆନ୍ତି । ସେ ମଧ୍ୟରୁ ଖଟ(ପରକମ), ପିଢା (ଗାଣ୍ଡୁ), ଖଡିକା (ଡାଡୁମ୍), ବେଣ୍ଟ(ବେଣ୍ଟା) ଇତ୍ୟାଦି । ଏଥିରୁ କେବଳ ପିଢାରେ କାଠ ଖୋଦେଇ ଚିତ୍ର ହୋଇଥିବା ଦେଖାଯାଏ । ଖଟର ଦଣ୍ଡା ଓ ଖୁରା କାଠରେ ହୁଏ ଏବଂ ଦଉଡିରେ ବୁଣାଯାଇଥାଏ । କାଠଟିଏ ଗୋଲାକାର ଆକୃତିରେ କୁରାଢୀରେ ଚାଞ୍ଛି କୁରାଢୀ ବେଣ୍ଟ କରନ୍ତି ।

**ମୃତ୍ତିକା ଶିଳ୍ପ :** ମାଙ୍କିଡିଆ ସଂପ୍ରଦାୟର ଲୋକେ କେବଳ ରୋଷେଇ ପାଇଁ ଚୁଲି ମାଟିରେ ତିଆରି କରନ୍ତି । ମାଟି ନିର୍ମିତ କଳସୀ(ଚୁକା), ଭାତହାଣ୍ଡି (ଘଟୁ) ଇତ୍ୟାଦି କୁମ୍ଭାର ମାନଙ୍କ ପାଖରୁ କିଣି ଆଣିବା ବ୍ୟତୀତ ଅନ୍ୟ କୌଣସି ମାଟି ଦ୍ରବ୍ୟ ବ୍ୟବହାର କରୁଥିବାର ଦେଖାଯାଏ ନାହିଁ । ଚୁଲ୍ଲି(ଚୁଲା) ପ୍ରସ୍ତୁତି ସମୟରେ ସୁନ୍ଦର ତଥା ମଜଭୂତ ହେବା ପାଇଁ ମାଟି ସହିତ ନାଲି ଗୋଡି ମିଶାଇ ଥାଆନ୍ତି ।

**ଘାସ ଏବଂ ପତ୍ରରୁ ନିର୍ମିତ ଦ୍ରବ୍ୟ :** ଏମାନେ ଘାସରେ କୌଣସି କଳା କାର୍ଯ୍ୟ କରୁଥିବା ଦେଖାଯାଏ ନାହିଁ କିନ୍ତୁ ପତ୍ରରେ ବିଭିନ୍ନ ପ୍ରକାର ଦ୍ରବ୍ୟ ପ୍ରସ୍ତୁତ କରନ୍ତି । ଶିଆଡି ପତ୍ର ଓ ଶାଳପତ୍ରରେ ଖଲି (ପାତଡା) ଓ ଦୋନା (ଫଂଲୁ) ବାଉଁଶ କାଠି ସାହାଯ୍ୟରେ ସୁନ୍ଦର ଭାବରେ କରନ୍ତି । ତାଳ ପତ୍ରରେ ନିର୍ମିତ ଶଙ୍କୁ ଆକାର ବାସଗୃହ (ଆଡା) ହିଁ ମାଙ୍କିଡିଆ ମାନଙ୍କର ହସ୍ତଶିଳ୍ପର ଚରମ ନିଦର୍ଶନ । ମାଟିରୁ ଅଳ୍ପ ଉଚ୍ଚ କରି ଗୋଲାକାର ଆକୃତିରେ ଘରଟି ତିଆରି ହୁଏ । ମୂଳରୁ ଓସାରିଆ ହୋଇ ଉପରକୁ ଗୋଜିଆ ହୋଇଯାଏ । ତାଳପତ୍ରକୁ ଛନ୍ଦାଛନ୍ଦି କରି ଘରଟି ଏପରି ପ୍ରସ୍ତୁତ କରନ୍ତି ଯେ ସେଥିରେ ବର୍ଷା ପାଣି ପ୍ରବେଶ କରିପାରେ ନାହିଁ । ସମ୍ମୁଖ ଭାଗରେ ଛୋଟ ଆକାରରେ ଫାଙ୍କା ରଖନ୍ତି ଘର ଭିତରକୁ ଯିବା ଆସିବା ପାଇଁ ପ୍ରବେଶ ଦ୍ୱାରକୁ ବନ୍ଦ କରିବା ପାଇଁ ଛୋଟ ଟାଟିଟିଏ ମଧ୍ୟ ଥାଏ । ସେଇଟିକୁ ତାଳପତ୍ରରେ ତିଆରି କରିଥାଆନ୍ତି । ଆବଶ୍ୟକ ସମୟରେ ଦ୍ୱାର ବନ୍ଦ ହୁଏ । ସ୍ଥାନେ ସ୍ଥାନେ ମାଙ୍କିଡିଆ ମାନଙ୍କ ଏହି ପାରମ୍ପରିକ ବାସଗୃହ ଚତୁର୍ଭୁଜ ଆକୃତିରେ ମଧ୍ୟ ହେଉଛି । ପ୍ରବେଶ ଦ୍ୱାର ବଡ ଆକାରରେ କରି ତାଳପତ୍ରରେ ବଡ ଟାଟିଟିଏ ରଖୁଛନ୍ତି । ଏବେ କେହି କେହି ପତ୍ରତାଳ ସହିତ କୁଟା ମଧ୍ୟ ବ୍ୟବହାର କଲେଣି ।

**ତନ୍ତୁ ନିର୍ମିତ ଦ୍ରବ୍ୟ :**

ସମୟ ସମୟରେ ସେମାନେ ଜଙ୍ଗଲରୁ କିଛି କିଛି ଟସର ଗୋଟେଇ ଆଣନ୍ତି । ଏହାକୁ ସୁନ୍ଦର କରିବା ପାଇଁ ଧନୁତୀରରେ ଲଗାନ୍ତି ।

**ବାଉଁଶ ଓ ବେତ ନିର୍ମିତ ଦ୍ରବ୍ୟ :**

ସେମାନେ ବାଉଁଶରୁ ଠେଙ୍ଗା, ଧନୁ, ତୀର, ବଂଶୀ, କାଠି (ଖଲି, ଦୋନା ପାଇଁ) ଇତ୍ୟାଦି ପ୍ରସ୍ତୁତ କରନ୍ତି । ଏ ସବୁ ଦ୍ରବ୍ୟ ଗୁଡିକର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ମୟୂର ପର ଓ ଟସର ସୂତା ମଧ୍ୟ ବ୍ୟବହାର କରିଥାଆନ୍ତି । ଏତଦ୍ ବ୍ୟତୀତ ମାହାଲୀ ମାନଙ୍କ ଠାରୁ ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗ ଝୁଡି (ଝୁଡିନି), କୁଲା (ହାଟା), ଖଇଞ୍ଚ (ଗୁଦି) ଇତ୍ୟାଦି କିଣିବାକୁ ପସନ୍ଦ କରନ୍ତି । କିନ୍ତୁ ବେତ ନିର୍ମିତ କୌଣସି ଦ୍ରବ୍ୟ ଏମାନେ ପ୍ରସ୍ତୁତ ତଥା ବ୍ୟବହାର କରନ୍ତି ନାହିଁ ।

**ପର ଓ ନଖ ନିର୍ମିତ ଦ୍ରବ୍ୟ :**

ପର ମାନଙ୍କ ମଧ୍ୟରୁ ମୟୂର ପର (ଇମାରା ଇହିଲ୍) ସେମାନେ ଧନୁ ତୀର (ସାର୍ ଓ ଆଃ)ର ପଚ୍ଛ ପାଖରେ ଲଗାନ୍ତି । ଏହା ଦ୍ୱାରା ଧନୁ ତୀରର ସୌନ୍ଦର୍ଯ୍ୟ ବୃଦ୍ଧି ପାଏ । କୁକୁଡା ପର (ସିମ୍ ଇହିଲ୍)ରେ ପ୍ରାୟ କାନ କୁଣ୍ଡାଇ ହୁଅନ୍ତି । ବାଘନଖ ଯଦି ଜଙ୍ଗଲରୁ କେବେ ପାଆନ୍ତି ତେବେ ତାକୁ ସୂତାରେ ବାନ୍ଧି ଲକେଟ୍ ଭଳିଆ ବେକରେ ଝୁଲାଇ ଦିଅନ୍ତି ।

**ପଥର ଖୋଦେଇ :** ମାଙ୍କିଡିଆମାନେ ମସଲା ବାଟିବା ବା ଛେଚିବା ପାଇଁ ସାଧାରଣ ପଥର ବ୍ୟବହାର କରୁଥିଲେ ମଧ୍ୟ କେହି କେହି ଶିଳ ଓ ଶିଳପୁଆ ବ୍ୟବହାର କରୁଥିବାର ଦେଖାଯାଏ । ଶିଳ, ଶିଳପୁଆ ଅଭାବରେ ସେଇ ଆକୃତିର ପଥର ମଧ୍ୟ କାମରେ ଲଗାଇଥାଆନ୍ତି । ଶିଳ ପାଇଁ ସମତଳ ପଥର ଓ ଶିଳପୁଆ ପାଇଁ ଲମ୍ବାଳିଆ ଗୋଲେଇ ପଥର ପାହାଡରୁ ଆଣନ୍ତି । ଏହି ପଥର ଗୁଡିକ ମଧ୍ୟ ଏତେ ଚିକ୍କଣ ହୋଇଥାଏ ଯେ ଶିଳ୍ପୀର ହସ୍ତ ପ୍ରସ୍ତୁତି ଦ୍ରବ୍ୟ ପରି ଦେଖାଯାଏ ।

**ପାନିଆ :** ମାଙ୍କିଡିଆ ମାନେ ବିଳମ୍ବରେ ହେଲେ ସୁଦ୍ଧା ପାନିଆ ବ୍ୟବହାର ଜାଣିବାଠାରୁ ପ୍ଲାଷ୍ଟିକ ପାନିଆ ବ୍ୟବହାର କରୁଛନ୍ତି । ପାଖ ଆଖ ହାଟ ବଜାରରୁ ରଙ୍ଗ ବେରଙ୍ଗ ଚିତ୍ରିତ ପାନିଆ କିଣି ଆଣିଥାଆନ୍ତି ।

ତାଳପତ୍ର ନିର୍ମିତ ବାସଗୃହ (ଆଡା) ଯେପରି ମାଙ୍କିଡିଆ ମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ, ଶିଆଡି ଛେଲିରୁ ପ୍ରସ୍ତୁତ ଶିଳ୍ପ କଳା ସେମାନଙ୍କୁ ସ୍ୱତନ୍ତ୍ର କାରୀଗରର ସ୍ୱୀକୃତି ପ୍ରଦାନ କରିଥାଏ । ଏହି କଳା ପାଇଁ ହିଁ ସେମାନେ ଅନ୍ୟ ଗୋଷ୍ଠୀ ଠାରୁ ନିଆରା ।

# ଔଷଧ ଓ ଭେଷଜଙ୍କ (ରାନୁ ଓ ଡାକ୍ତର)

ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ମଣିଷ ବିଜ୍ଞତାର ଚରମ ପାରାକାଷ୍ଠା ପ୍ରଦର୍ଶନ କରିଥିଲେ ହେଁ ପ୍ରାକୃତିକ ପ୍ରକ୍ରିୟାକୁ ସଂପୂର୍ଣ୍ଣ ଭାବରେ ପ୍ରତିହତ କରି ପାରିନାହିଁ । ତେଣୁ ତାକୁ ଜୀବନର ଚଲା ପଥରେ ନାନା ଘାତ ପ୍ରତିଘାତର ସମ୍ମୁଖୀନ ହେବାକୁ ପଡିବ । ତନ୍ମଧ୍ୟରେ ରୋଗବ୍ୟାଧି ଅନ୍ୟତମ । ଏଥିରୁ ରକ୍ଷା ପାଇବାକୁ ମଣିଷ ଅହରହ ଚେଷ୍ଟିତ । ବିଭିନ୍ନ ପ୍ରକାର ରୋଗ ପାଇଁ ଔଷଧ ପ୍ରସ୍ତୁତିରେ ବ୍ୟସ୍ତ । ତେଣୁ ଔଷଧ ପାଇଁ ମଣିଷ ପ୍ରତ୍ୟକ୍ଷରେ ବା ପରୋକ୍ଷରେ ହେଉ ପ୍ରକୃତି ଉପରେ ନିର୍ଭର କରେ । ପ୍ରକୃତି ହେଉଛି ଔଷଧର ଗନ୍ତାଘର । ସେମାନେ ଜଙ୍ଗଲ ସଂପଦ ଉପରେ ଅଧିକ ନିର୍ଭରଶୀଳ ହୋଇଥିବାରୁ ଭେଷଜ ପଦାର୍ଥ ମୁଖ୍ୟତଃ ଜଙ୍ଗଲରୁ ସଂଗ୍ରହ କରନ୍ତି ।

## ବିଭିନ୍ନ ପ୍ରକାର ଔଷଧ:

**ତୃଣ(ଘାସ) :** ଔଷଧ ଭାବରେ ମାଙ୍କିଡିଆ ଲୋକମାନେ କେବଳ ଦୂବଘାସ ବ୍ୟବହାର କରନ୍ତି । ଦୂବଘାସକୁ ଚିନି ସହିତ ବାଟି ରକ୍ତ ଝରୁଥିବା ସ୍ଥାନରେ ପ୍ରଲେପ ଦେଲେ ରକ୍ତସ୍ରାବ ବନ୍ଦ ହେବା ସହିତ ଘାଆ ଶୀଘ୍ର ଶୁଖିଯାଏ ।

**ଗୁଳ୍ମ/ବୁଦା :** ଜଙ୍ଗଲୀ ପାଲୁଅର ବୁଦା ଶିଳରେ ବାଟି ତହିଁରୁ ରସ ବାହାର କରାଯାଏ ଓ ଏହାକୁ ପାଣିରେ ମିଶାଇ ପିଇଲେ ପେଟ ଗରମରୁ ରକ୍ଷା ମିଳେ ।

**ପତ୍ର(ସାକାମ୍) :** ଔଷଧ ଭାବରେ ସାରାମ୍, ଲୁତୁର୍, ଅଗ୍ନିଝାଳ, ପାତାଳ ଗରୁଡ, ମାଙ୍କଡ ପିଚୁଲା, ରାଲି (ପାନ ପତ୍ର ପରି ଏକ ପତ୍ର), ବିଶଲ୍ୟକରଣୀ, ଛୁାଲ ବିଚ୍ଛାଲ, ଆଡାତ୍ ପିଟୁ, ବେଗୁନିଆ, ଡାଳିମରା (ପିତା ପତ୍ର) ପ୍ରଭୃତି ପତ୍ର ବ୍ୟବହୃତ ହୁଏ । ଏଥି ମଧ୍ୟରୁ ସାରାମ୍ ଲୁତୁର୍, ଅଗ୍ନିଝାଳ, ଡାଳିମରା ପତ୍ର ବାଟି ବା ତାହାର ଚେରକୁ ବାଟି ପିଇଲେ ଜ୍ୱର, ଥଣ୍ଡା ଯୋଗୁଁ କାଶ, ପେଟ ବ୍ୟଥା ଓ ବହୁତ ଦିନର ପୁରୁଣା ଜ୍ୱର ଭଲ ହୁଏ । ପାତାଳ ଗରୁଡ ପତ୍ର ମଧ୍ୟ ପେଟ ବ୍ୟଥା ଉପଶମ କରିଥାଏ । ଏହାର ରସ ବାହାର କରି ଗରମ ପାଣି ସହିତ ମିଶାଇ ପିଇବାକୁ ହୁଏ । ପାଟି ଘାଆ ହୋଇଥିଲେ ବେଗୁନିଆ ପତ୍ର କଞ୍ଚା ଚୋବାଇ ଖାଇଲେ ତାହା ଭଲ ହୋଇଯାଏ । ରାଲି ପତ୍ର ଚୋବାଇ ଖାଇଲେ ପେଟବ୍ୟଥା ସହିତ ମୁଣ୍ଡବ୍ୟଥା ମଧ୍ୟ ଭଲ ହୁଏ । ବିଶଲ୍ୟକରଣୀ ପତ୍ରର ରସକୁ ମୁଣ୍ଡରେ ଲେପନ କଲେ ମୁଣ୍ଡବ୍ୟଥା ଦୂର ହୁଏ । ଏହି ପତ୍ର ଘାଆରେ ମଧ୍ୟ ବ୍ୟବହୃତ ହୋଇଥାଏ ।

**କାଣ୍ଡ(ଡଙ୍ଗା) :** ବଡ ବାସଙ୍ଗ ଡାଳକୁ ଖରାରେ ଶୁଖାଇ, ତାକୁ ନିଆଁରେ ପୋଡି ଦିଆଯାଏ । ଦରପୋଡା ଅବସ୍ଥାରେ ଗୁଣ୍ଡ କରି ଗୋଲମରିଚ ସହିତ ମିଶାଇ ଦନ୍ତମଞ୍ଜନ ପାଉଡର ପ୍ରସ୍ତୁତ କରାଯାଇଥାଏ । ଏହା ଦ୍ୱାରା ଦାନ୍ତ ପରିଷ୍କାର ହୁଏ ।

**ଚେର :** ସାରାମ୍ ଲୁତୁର୍, ଅଗ୍ନିଝାଳ, ହାଡାତ୍ ପିଟୁ ଇତ୍ୟାଦି ଚେରକୁ ବାଟି ତହିଁର ରସ ଗରମ ପାଣି ସହିତ ପିଇଲେ ପେଟବ୍ୟଥା, ବାତ, ଜ୍ୱର, କାଶ ଇତ୍ୟାଦି ଭଲ ହୁଏ । ଅରଖ ଚେରକୁ ବାଟି କୁକୁର କିମ୍ବା ବିଲୁଆ କାମୁଡିଥିବା କ୍ଷତସ୍ଥାନରେ ଲଗାଇଲେ କିମ୍ବା ପାନ କଲେ ସାତଦିନ ମଧ୍ୟରେ ବିଷ ସଂପୂର୍ଣ୍ଣ ନଷ୍ଟ ହୋଇ ଯାଇଥାଏ ।

**ଲତା :** ବାଇଡଙ୍କ ଲତାକୁ ବାଟି ସାମାନ୍ୟ ଗରମ କରି ବର୍ଷାଦିନରେ ବାଲି ଖାଇଥିବା ପାଦ ଅଙ୍ଗୁଠିରେ ପ୍ରଲେପ ଦେଲେ ଘାଆ ଆଉ ବଢେ ନାହିଁ, ଆସ୍ତେ ଆସ୍ତେ ଭଲ ହୋଇଯାଏ ।

**ମଞ୍ଜି (ଜାଙ୍ଗ୍) :** ସାରଜମ୍ (ଶାଳ) ମଞ୍ଜିକୁ ଗୁଣ୍ଡ କରି ସାମାନ୍ୟ ଜଳ ମିଶାଇ ଦ୍ରବଣ କରମି ପାନ କଲେ ପେଟବ୍ୟଥା ଭଲ ହୁଏ । ସୁନାରି ମଞ୍ଜି ନିଆଁରେ ପୋଡି, ଉଷ୍ମ ଥିବା ଅବସ୍ଥାରେ ଗୁଣ୍ଡ କରି ମହୁ ସହିତ ଖାଇବାକୁ ଦେଲେ ଛୋଟ ପିଲାଙ୍କ ନିମୋନିଆ ରୋଗ ଭଲ ହୋଇଥାଏ ।

**ଫୁଲ (ବାହା) :** ଗେଣ୍ଡୁଫୁଲ ଚ୍ଛେଚି ତାର ରସକୁ କାନରେ ପକାନ୍ତି । ଏହା ଦ୍ୱାରା କାନଟଣା ଓ କାନ ବ୍ୟଥା ଭଲ ହୁଏ । ଦୁଦୁରା ଫୁଲ ଖରାରେ ଶୁଖାଇ ଗୁଣ୍ଡ କରାଯାଏ । ସେହି ଗୁଣ୍ଡକୁ ମହୁ ସହିତ ମିଶାଇ ୧୦/୧୨ ଦିନ ପାନ କଲେ ସ୍ତ୍ରୀ ମାନଙ୍କର ବନ୍ଧ୍ୟାଦୋଷ ଦୂର ହୋଇଥାଏ ।

**ଛେଲି/ବଲ୍କଲ (ବାକ୍ଲା) :** ଶାଳ ଗଛ ଛେଲି ଓ ଆମ୍ବଗଛ ଛେଲିକୁ ବାଟି ସେହି ରସ ଗରମ ପାଣି ସହିତ ପିଇଲେ ତରଳ ଝାଡାରୁ ରକ୍ଷା ମିଳେ । କରଞ୍ଜ ଓ ନିମ୍ବ ଗଛଛେଲିର ରସ ଗର୍ଭବତୀ ସ୍ତ୍ରୀକୁ ପ୍ରସବ ସମୟରେ ଦିଆଯାଇଥାଏ । ଏହାଦ୍ୱାରା ପ୍ରସବ ଯନ୍ତ୍ରଣାରୁ ଉପଶମ ମିଳେ । ନିମ୍ବଗଛର ଛେଲିକୁ ପାଣିରେ ସିଝାଇ, ସେହି ପାଣି କାଛୁ କୁଣ୍ଡିଆ ହୋଇଥିବା ସ୍ଥାନରେ ଲଗାଇ ପରିଷ୍କାର କରି ଦେଲେ ଅଳ୍ପ ଦିନ ମଧ୍ୟରେ କାଛୁ କୁଣ୍ଡିଆ ଭଲ ହୋଇଯାଏ । କାଞ୍ଚନ ଗଛ ଛେଲିକୁ ଶୁଖାଇ, ଗୁଣ୍ଡକରି ଶୁଖୁ ନଥିବା ଘା'ରେ ପ୍ରୟୋଗ କଲେ ପୁରୁଣା ଘା' ସଂପୂର୍ଣ୍ଣ ଶୁଖିଯାଏ । ମାଙ୍କଡ ପିଚୁଳା ଛେଲିକୁ ବାଟି ପିଇଲେ ଯାବତୀୟ ସ୍ତ୍ରୀରୋଗ ଭଲ ହୁଏ ।

## ଗୁଣ୍ଡ, ମଲମ, ପତଳା ଖଣ୍ଡ ଏବଂ ଅନ୍ୟାନ୍ୟ :

**ଗୁଣ୍ଡ :** କଞ୍ଚନ ଗଛର ଛେଲି ଶୁଖାଇ,ଗୁଣ୍ଡ କରି ଘାରେ ପ୍ରୟୋଗ କରାଯାଏ । ବହୁ ଦିନର ପୁରୁଣା ଘା' ସଂପୂର୍ଣ୍ଣ ଶୁଖିଯାଏ । ଦୁଦୁରା ଫୁଲ ଖରାରେ ଶୁଖାଇ, ଗୁଣ୍ଡ କରି, ସେହି ଗୁଣ୍ଡକୁ ମହୁ ସହିତ ଖାଆନ୍ତି । ଫଳରେ ସ୍ତ୍ରୀ ମାନଙ୍କର ବନ୍ଧ୍ୟାଦୋଷ ଦୂର ହୁଏ ।

ବଡ ବାସଙ୍ଗ ଡାଳକୁ ଖରାରେ ଶୁଖାଇ, ନିଆଁରେ ପୋଡି, ଦରପୋଡା ଡାଳକୁ ଗୁଣ୍ଡ
ଗୋଲମରିଚ ଗୁଣ୍ଡ ସହିତ ମିଶାଇ ଦାନ୍ତ ଘଷିଲେ ଦାନ୍ତ ପରିଷ୍କାର ଓ ସୁସ୍ଥ ରହେ ।

**ମଲମ :** ଦୁବ ଘାସକୁ ଚିନି ସହିତ ବାଟି ରକ୍ତସ୍ରାବ ହେଉଥିବା ସ୍ଥାନରେ ପ୍ରଲେ
ଦିଆଗଲେ ତୁରନ୍ତ ରକ୍ତସ୍ରାବ ବନ୍ଦ ହୋଇଯାଏ । ଅରଖ ଚେରକୁ ବାଟି କୁକୁର କି
ବିଲୁଆ କାମୁଡା କ୍ଷତସ୍ଥାନରେ ଲଗାଇଲେ ବିଷ ନଷ୍ଟ ହୁଏ । ବାଇଡଙ୍କ ଚେରକୁ ପ
ସାମାନ୍ୟ ଗରମ ଅବସ୍ଥାରେ ବର୍ଷା ଦିନର ବାଲିଖାଇଥିବା ଘାରେ ପ୍ରଲେପ ଦେଲେ
ଖୁବ୍ ଶୀଘ୍ର ଶୁଖିଯାଏ ।

**ପତଳା ଖଣ୍ଡ ଓ ଅନ୍ୟାନ୍ୟ :** ଅନେକ ଔଷଧୀୟ ଦ୍ରବ୍ୟ ମାଙ୍କିଡିଆମାନେ ପତଳା ଖ
ଆକାରରେ ଛେଚାଇ ଖାଆନ୍ତି ବା ରସ ବାହାର କରି ପାନ କରନ୍ତି । ଏ ସବୁ ହେ
ସାରାମ ଲୁତୁଟ, ଅଗ୍ନିଝାଳ, ଡାଳିମରା, ପାତାଳଗରୁଡ ଇତ୍ୟାଦି । ଏହି ଗଛ ଗୁଡିକ
ଚେର ଓ ଡାଳ ସିଧାସଳଖ ଛେଚାଇ ଖିଆଯାଇପାରେ କିମ୍ବା ସେଥିରୁ ରସ ବାହାର କ
ଗରମ ବା ଥଣ୍ଡା ପାଣି ସହିତ ପାନ କରାଯାଇପାରେ ।

## ପ୍ରୟୋଗ ପ୍ରଣାଳୀ :

**ଚବ୍ୟଛେଷ୍ୟ :** ସାରାମ୍ ଲୁତୁର୍, ଅଗ୍ନିଝାଳ ଓ ଡାଳିମରା ଆଦି ଗଛର ପତ୍ର ଓ ଚେର
ଛେଚାଇ ଛେଷି ଛେଷି ସେବନ କରାଯାଇପାରେ । କିମ୍ବା ରସ ବାହାର କରି ପାନ
କରାଯାଇପାରେ ।

**ଲୌହ୍ୟ :** ସାପ କାମୁଡିଲେ ଆରୋଗ୍ୟ ପାଇଁ ପାତାଳ ଗରୁଡ ଚେରକୁ ବାଟି ପାଣି
ସହିତ ପାନ କରାଯାଏ କିମ୍ବା ବଟା ଚେର ଋଟି ଋଟି ଖାଇଥାଆନ୍ତି । ଦୁଦୁରା ଫୁଲ ଗୁଣ୍ଡ
ମହୁ ସହିତ ମିଶାଇ ବନ୍ଧ୍ୟାଦୋଷ ଥିବା ସ୍ତ୍ରୀଲୋକ ଋଟି ଋଟି ଖାଇପାରନ୍ତି ।

**ପେୟ :** ଆରୋଗ୍ୟ ଲାଭ ପାଇଁ ମାଙ୍କିଡିଆ ଅଧିକାଂଶ ଔଷଧୀୟ ଦ୍ରବ୍ୟ ଦ୍ରବଣ ଆକାରରେ
ପିଇ ଥାଆନ୍ତି । ସାରାମ୍ ଲୁତୁର୍, ଅଗ୍ନିଝାଳ, ଆଡାତପିଟୁ, ପାତାଳ ଗରୁଡ, ଡାଳିମରା,
ଶାଳ, ଆମ୍ବ, କରଞ୍ଜ, ନିମ୍ବ ଇତ୍ୟାଦି ଗଛର ଛେଲିର ରସ ପ୍ରଭୃତି ବିଭିନ୍ନ ପତ୍ର, ଚେର
ଓ ଛେଲି ରସକୁ ପିଇବାକୁ ହୋଇଥାଏ ।

**ଅନ୍ୟ ଜିନିଷ ସହିତ ଖାଇବା :** ପତ୍ର, ଫୁଲ, ଚେର, ଫଳ, ଛେଲି, କାଣ୍ଡ ବା ଘାସରୁ
ପ୍ରସ୍ତୁତ ଯେ କୌଣସି ଔଷଧୀୟ ଦ୍ରବ୍ୟକୁ କେବଳ ପାଣି ସହିତ ପାନ କରାଯାଇଥାଏ
।ଅନ୍ୟ କୌଣସି ପଦାର୍ଥ ସହିତ ମିଶାଇ ପ୍ରୟୋଗ କରାଯାଏ ନାହିଁ । କେବଳ ଦୁଦୁରା
ଫୁଲର ଗୁଣ୍ଡ ମହୁ ସହିତ ଖାଇଲେ ସ୍ତ୍ରୀମାନଙ୍କ ବନ୍ଧ୍ୟାଦୋଷ ଦୂର ହୁଏ ଏବଂ ପିଲାମାନଙ୍କର

ନିମୋନିଆ ରୋଗ ପାଇଁ ସୁନାରୀ ମଞ୍ଜିକୁ ନିଆଁରେ ପୋଡି ଉଷ୍ମ ଥିବା ଅବସ୍ଥାରେ ଗୁଣ୍ଡ କରି ମହୁ ସହିତ ବ୍ୟବହୃତ ହୋଇଥାଏ ।

**ସ୍ଥାନ ନିରୂପଣ :**

ମାଙ୍କିଡିଆମାନେ କେତେକ ନିର୍ଦ୍ଦିଷ୍ଟ ସ୍ଥାନରୁ ଔଷଧୀୟ ବୃକ୍ଷଲତା ସଂଗ୍ରହ କରିଥାଆନ୍ତି । ଝରଣା କୂଳରୁ ପାଲୁଅ ବୁଦା ସଂଗୃହୀତ ହୁଏ । ଏହାର ମୂଳ ଅଂଶକୁ ଛେଚି ସେହି ରସ ପାନ କଲେ ପେଟ ଗରମରୁ ରକ୍ଷା ମିଳେ । କେବେ କେବେ ଝରଣା କୂଳରୁ କିଆ ଗଛର ଚେର ମଧ୍ୟ ଆଣିଥାଆନ୍ତି । ଏହି ଚେରକୁ ବାଟି ପିଇଲେ ପାଟିଘାଆ ଭଲ ହୁଏ । ଅଧିକାଂଶ ଔଷଧୀୟ ଦ୍ରବ୍ୟ ପାହାଡ ଉପରୁ ସଂଗ୍ରହ କରାଯାଇଥାଏ, ଯଥା- ଅଗ୍ନିଝାଳ, ହାଡାତ୍ ପିଟୁ, ଛାଲବିଛାଲ, ସାରାମ ଲୁତୁର୍ ଇତ୍ୟାଦି ।

ସନ୍ତସନ୍ତିଆ ସ୍ଥାନମାନଙ୍କରୁ ଶୁନ୍‌ଶୁନିଆ ଶାଗ ଓ ଥାଲକୁଡି ପତ୍ର ମିଳିଥାଏ । ଏହା ଶରୀରକୁ ଲୌହସାର ଶକ୍ତି ଯୋଗାଇବା ସହିତ ପେଟ ରୋଗ ଭଲ କରେ । ଗେଣ୍ଡୁଫୁଲ ଓ ଦୁଦୁରା ଫୁଲ ସଂଗୃହୀତ ହୁଏ । ମଧ୍ୟାହ୍ନରେ ଅରଖ ଗଛର ଚେର, ପାତାଳ ଗରୁଡ ଚେର, ଆମ୍ବ, ନିମ୍ବ, ଶାଳ, କରଞ୍ଜ ଇତ୍ୟାଦି ଗଛର ଛେଲି ସଂଗ୍ରହ କରାଯାଇଥାଏ । ସନ୍ଧ୍ୟା ସମୟରେ ଗୟଶ ପତ୍ର, ବେଲପତ୍ର, ପାଳଧୁଆ ପତ୍ର, ଙ୍ଗଶିଉଳି ପତ୍ର ଇତ୍ୟାଦି ସଂଗୃହୀତ ହୁଏ । ପାଟିଘାଆ ପାଇଁ ଗୟଶ ପତ୍ର, ପଟରୋଗ ପାଇଁ ବେଲପତ୍ର, ସ୍ୱପ୍ନଦୋଷ ପାଇଁ ପାଳଧୁଆ ପତ୍ର ଓ ମ୍ୟାଲେରିଆ ର ପାଇଁ ଗଙ୍ଗଶିଉଳି ପତ୍ର ବ୍ୟବହୃତ ହୋଇଥାଏ । ଅନ୍ୟ କୌଣସି ଔଷଧୀୟ ବ୍ୟ ସଂଗ୍ରହରେ ସେପରି କିଛି କାଳ ନିର୍ଣ୍ଣିତ ହୋଇ ନଥାଏ କିମ୍ବା ରାତ୍ରର କୌଣସି ପ୍ରହରରେ ମାଙ୍କିଡିଆ ଔଷଧୀୟ ଦ୍ରବ୍ୟ ସଂଗ୍ରହ କରନ୍ତି ନାହିଁ । ତେବେ ଯାହା ମନେ ହୁଏ ଔଷଧୀୟ ଦ୍ରବ୍ୟ ସଂଗ୍ରହରେ ମାଙ୍କିଡିଆଙ୍କର କିଛି ନୀତି ନିୟମ ନାହିଁ, ଯେତେବେଳେ ଯାହା ଆଣିବାକୁ ସୁବିଧା କିମ୍ବା ଆବଶ୍ୟକ ତାହା ସେମାନେ ଅନାୟାସରେ ଆଣି ଥାଆନ୍ତି ।

**ବିଭିନ୍ନ ଲୋକଙ୍କ ସାହାଯ୍ୟରେ ଔଷଧ ପ୍ରସ୍ତୁତ :**

ମାଙ୍କିଡିଆମାନେ ଔଷଧୀୟ ଚେର, ପତ୍ର, ଫୁଲ, କାଣ୍ଡ ଇତ୍ୟାଦି ନିଜେ ସଂଗ୍ରହ କରନ୍ତି । ନିଜେ କିମ୍ବା ପରିବାରର ଯେ କୌଣସି ସଦସ୍ୟ/ସଦସ୍ୟା ସେସବୁକୁ ଛେଚି କିମ୍ବା ବାଟି ରୋଗୀକୁ ଦେଇଥାଆନ୍ତି । ଏଥିରେ କୌଣସି ପ୍ରତିବନ୍ଧକ ନଥାଏ କିମ୍ବା ସେମାନେ ଅନ୍ୟ କୌଣସି ବ୍ୟକ୍ତିଙ୍କ ସହାୟତା ଲୋଡି ନଥାଆନ୍ତି । କେବେ କେମିତି କେବଳ ବୟସ୍କ ବ୍ୟକ୍ତି ଗଛ ଚିହ୍ନିବାରେ ଅଭିଜ୍ଞ ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତି । ଔଷଧର ମାତ୍ରା ପାଇଁ ମଧ୍ୟ ବୟସ୍କ ତଥା ଅଭିଜ୍ଞ ଲୋକଙ୍କ ଉପଦେଶ ଗ୍ରହଣ କରିଥାଆନ୍ତି । ଏହା ଦ୍ୱାରା ବିଭିନ୍ନ ରୋଗ ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ପାଇଥାଆନ୍ତି ।

**ଉପାଦାନ ମିଶ୍ରଣରେ ତିଆରି ଔଷଧ ଓ ତାର ବ୍ୟବହାର :**

ଅଧାପୋଡା ବଡ ବାସଙ୍ଗ ଡାଳର ଗୁଣ୍ଡ ସହିତ ଗୋଲମରିଚ ଗୁଣ୍ଡ ମିଶାଇ ଦନ୍ତମଞ୍ଜନ ପ୍ରସ୍ତୁତ ହୁଏ । ଏହା ଦ୍ୱାରା ଦାନ୍ତ ପରିଷ୍କାର, ଶକ୍ତ ହେବା ସହିତ ପାଟିର ଦୁର୍ଗନ୍ଧ ଦୂର ହୁଏ । ସୁନାରୀ ମଂଜିକୁ ପୋଡି, ଗୁଣ୍ଡକରି ମହୁ ସହିତ ଖାଇଲେ ଛୋଟ ପିଲାର ନିମୋନିଆ ରୋଗ ଭଲ ହୁଏ । ହୁହୁରା ଫୁଲକୁ ଖରାରେ ଶୁଖାଇ ଗୁଣ୍ଡ କରି ମହୁ ସହିତ ୧୦/୧୨ ଦିନ ଖାଇଲେ ସ୍ତ୍ରୀଲୋକର ବନ୍ଧ୍ୟା ଦୋଷ ଦୂର ହୋଇ ସନ୍ତାନବତୀ ହୋଇପାରେ । ଦୁବଘାସକୁ ଚିନି ସହିତ ବାଟି ରକ୍ତସ୍ରାବ ହେଉଥିବା ସ୍ଥାନରେ ପ୍ରଲେପ ଦେଲେ ସଂଗେ ସଂଗେ ରକ୍ତ ସ୍ରାବ ବନ୍ଦ ହୁଏ ।

**କୀଟ ପତଙ୍ଗ ଇତ୍ୟାଦିରୁ ପ୍ରସ୍ତୁତ ଔଷଧ ଓ ପ୍ରୟୋଗ :**

**କୀଟପତଙ୍ଗ ଓ ପକ୍ଷୀ :** ଧୂଳିପୋକ, କାଇ ଓ ଉଇ ବସାକୁ ଏକତ୍ର ବାଟି ଗଳାରେ ପ୍ରଲେପ ଦେଲେ ଗଳଗଣ୍ଡ ରୋଗ ଭଲ ହୋଇଥାଏ । ପାରା ଓ ବାଦୁଡିର ମାଂସ ତରକାରୀ କରି ଖାଇଲେ କାଶ ଓ ଶ୍ୱାସ ରୋଗ ଦୂର ହୁଏ । ବର୍ଷାଦିନରେ ଉଡୁଥିବା ବା ବାହାରୁଥିବା କଲେଇ ପୋକକୁ ପତ୍ରରେ ପୋଡି ପତୁଆ କରି ଖାଇଲେ ଶରୀରରେ ପ୍ରଚୁର ଶକ୍ତି ହୁଏ । ଦେହର ଦୁର୍ବଳତା ଦୂର ହୋଇ ସ୍ଫୁର୍ତ୍ତି ଆସେ ।

**ଝିଟିପିଟି :** ଝିଟିପିଟିର ମାଂସ ସହିତ ସପ୍ତଫେଣୀ ସିଜୁର ରସକୁ ଏକତ୍ର ସିଝାଇ ଘୁମୁରା ରୋଗରେ ଆକ୍ରାନ୍ତ କୁକୁଡା ଓ ଶ୍ୱାସ ରୋଗରେ ଆକ୍ରାନ୍ତ ଘୁଷୁରୀକୁ ଖାଇବାକୁ ଦେଲେ ଆରୋଗ୍ୟ ଲାଭ କରନ୍ତି ।

**ଗେଣ୍ଡା, ଶାମୁକା:** ଗେଣ୍ଡା ଓ କୁଜି ଗେଣ୍ଡାର ମାଂସ ତରକାରୀ କରି ଖାଇଲେ ଦୃଷ୍ଟି ଶକ୍ତି ବୃଦ୍ଧି ପାଏ । ଗେଣ୍ଡ ଖୋଳପା, ଶାମୁକା ଖୋଳପା ଓ ପାରାର ମଳ ଏକତ୍ର ଶିଳରେ ବାଟି, ସେହି ପ୍ରସ୍ତୁତିକୁ ବଥ ଉପରେ ପ୍ରଲେପ ଦେଲେ ବଥ ଫାଟିଯାଏ , ଫଳରେ ବ୍ୟକ୍ତି ଯନ୍ତ୍ରଣାରୁ ମୁକ୍ତି ପାଏ ।

ମାଙ୍କିଡିଆ ମାନଙ୍କର ସ୍ୱତନ୍ତ୍ର ଭାବରେ କୌଣସି ଭେଷଜଜ୍ଞ ବା ବୈଦ୍ୟ ନଥାଆନ୍ତି । କହିବାକୁ ଗଲେ ପ୍ରତ୍ୟେକ ପରିବାରର କର୍ତ୍ତାମାନେ ଜଣେ ଜଣେ ବୈଦ୍ୟ । ନିଜ ପରିବାର ସଦସ୍ୟ/ସଦସ୍ୟାଙ୍କ ଚିକିତ୍ସା ନିଜେ ହିଁ କରିଥାଆନ୍ତି । ଯେଉଁ ରୋଗ ପାଇଁ ଯେତେବେଳେ ଯାହା ଆବଶ୍ୟକ, ବଣ ଜଙ୍ଗଲ ପାହାଡ ଆଦିରୁ ସଂଗ୍ରହ କରିଆଣି ଘରେ ଔଷଧ ପ୍ରସ୍ତୁତ କରି ରୋଗୀକୁ ଆରୋଗ୍ୟ କରାଇବା ନିମନ୍ତେ କ୍ଷମ ହୁଅନ୍ତି । ଯଦି ଔଷଧୀୟ ବୃକ୍ଷ ଚିହ୍ନିବାରେ କିମ୍ୱା ଅନୁମାନରେ କୌଣସି ସନ୍ଦେହ ହୁଏ, ତେବେ ଗ୍ରାମର ବୟସ୍କ ତଥା ଅଭିଜ୍ଞ ବ୍ୟକ୍ତିଙ୍କର ପରାମର୍ଶ ନେଉନ୍ତି ।

ସଂପ୍ରତି ସମୟ ବଦଳିଲାଣି । ରୋଗ ବ୍ୟାଧି ମଧ୍ୟ ପରିବେଶ ଯୋଗୁଁ ବଢିଗଲାଣ । ସେଥିପାଇଁ ମାଙ୍କିଡିଆମାନେ ସେମାନଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାକୁ ବାଧ୍ୟ ହୋଇଥିବା ପରି ମନେ ହୁଏ । ରୋଗୀ ଓ ରୋଗ ଆଉ ତାଙ୍କ ଆୟତ୍ତରେ ରହୁ ନଥିବାରୁ ସେମାନେ ଅନୁଭବ କଲେଣି । ତେଣୁ ରୋଗବ୍ୟାଧିରୁ ରକ୍ଷା ପାଇବା ପାଇଁ ବର୍ତ୍ତମାନ ମାଙ୍କିଡିଆ ସରକାରୀ ଡାକ୍ତରଖାନା ଓ ଔଷଧ ଉପରେ ନିର୍ଭରଶୀଳ । ସରକାରୀ ସାହାଯ୍ୟ ଓ ସୁଯୋଗ ହାସଲ କରିବାକୁ ସେମାନେ ମଧ୍ୟ ତତ୍ପର । ଏପରିକି ପରିବାର ନିୟୋଜନ ପାଇଁ ଜଣେ ଜଣେ ସରକାରୀ ଡାକ୍ତରଖାନାର ସହାୟତା ଲୋଡୁଥିବା ଦେଖାଯାଏ, ଯଦିଓ ଜନ୍ମ ନିୟନ୍ତ୍ରଣକୁ ଉଚିତ୍ ଦୃଷ୍ଟିରେ ଗ୍ରହଣ କରିନିଅନ୍ତି ।

ତେବେ ଏବେ ମଧ୍ୟ ସେମାନେ ଜଙ୍ଗଲଜାତ ଔଷଧ ବ୍ୟବହାର ସଂପୂର୍ଣ୍ଣ ପରିତ୍ୟାଗ କରିଚ୍ଛନ୍ତି, ତାହା କୁହାଯାଇପାରିବ ନାହିଁ ।

# ବାର୍ଷିକ
# ପର୍ବ ପର୍ବାଣି
# ସାରଣୀ

## "ମାଙ୍କିଡ଼ିଆ" ପର୍ବପର୍ବାଣି ସାରଣୀ

| ଓଡ଼ିଆ, ମାଙ୍କିଡ଼ିଆ ଓ ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବଦେବୀ | ପୂଜାରୀ | ପୂଜୋ- -ପକରଣ | ପୂଜାଉପଚାର, ବ୍ୟକ୍ତିଗତ /ସାମୁହିକ | ସଂାସ୍କୃତିକ କାର୍ଯ୍ୟକ୍ରମ (ନାଚଗୀତ) | ମନ୍ତବ୍ୟ |
|---|---|---|---|---|---|---|---|---|
| ୧. ବୈଶାଖ /ବୈଶାଖ ବଙ୍ଗା / ଏପ୍ରିଲ୍-ମେ | ନୂଆବର୍ଷ ଓ ହୁଲ୍‌ମୁଟ୍ | ବୈଶାଖ ମାସର ପ୍ରଥମ ଦିନଟି ନୂଆବର୍ଷ ରୂପେ ପାଳନ କରାଯାଏ । ହୁଲ୍‌ମୁଟ୍ ପର୍ବଟି କେବଳ ଭାଗଚାଷୀମାନେ ପାଳନ କରନ୍ତି । | ଗ୍ରାମ ଦେବତୀ ଓ ଗ୍ରାମ ଦେବତା (ପଞ୍ଚୁ ବୁଢୀ ଓ ପଞ୍ଚୁ ଆଡାମ୍) | ଘରର ମୁଖିଆ | ସିନ୍ଦୁର, ଅରୁଆ ଚାଉଳ, ଝୁଣା, ଧୁପ, ପଞ୍ଚବର୍ଣ୍ଣୀ, ଶାଳପତ୍ର | ବୈଶାଖ ମାସର ସଂକ୍ରାନ୍ତି ଦିନଠାରୁ ନୂଆବର୍ଷ ଆରମ୍ଭ ହେଉଥିବାରୁ ବର୍ଷଯାକ ସୁଖ ଶାନ୍ତିରେ ରହିବା ପାଇଁ ଗ୍ରାମ ଦେବତୀ/ଦେବତାଙ୍କୁ ପୂଜା କରିଥାନ୍ତି । ହୁଲ୍‌ମୁଟ୍ ପର୍ବଟି କେବଳ ଯଦି କେହି ଭାଗଚାଷୀ ଥାନ୍ତି ସେହିମାନେ କେବଳ ପାଳନ କରନ୍ତି । | ନୂଆବର୍ଷ ଉପଲକ୍ଷେ ଘରେ ଘରେ ହାଣ୍ଡିଆ ପ୍ରସ୍ତୁତ କରି ପୋଢଶୀ ଲୋକଙ୍କୁ ନିମନ୍ତ୍ରଣ ଓଷାର ପୁରୁଷ ଓ ସ୍ତ୍ରୀ ନାଚ୍-ଗୀତ କରିଥାନ୍ତି । | ନୂଆବର୍ଷଟିର ଆରମ୍ଭ ଏହି ମାସରୁ ଆରମ୍ଭ ହେଉଥିବାରୁ ଏହିମାସକୁ ଅଧିକ ଗୁରୁତ୍ୱ ଦିଆଯାଇ ପର୍ବପର୍ବାଣୀ ଗୁଡିକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ । |
| ୨. ଜ୍ୟେଷ୍ଠ ଜ୍ୟେଷ୍ଠ ବଙ୍ଗା ମେ-ଜୁନ୍ | - | - | - | - | - | - | - | - |
| ୩. ଆଷାଢ଼ ଆଷାଢ଼ ବଙ୍ଗା ଜୁନ୍-ଜୁଲାଇ | ରଜପର୍ବ ଓ ଅଷାଢିଆ ପୂଜା | ଅଷାଢ଼ ମାସର ପ୍ରଥମ ଦିନକୁ ରଜପର୍ବ ରୂପେ ପାଳନ କରାଯାଏ । ଏହି ମାସର ଯେକୌଣସି ଗୋଟିଏ ଦିନରେ ଅଷାଢିଆ ପୂଜାକରାଯାଇଥାଏ । | ପଞ୍ଚୁ ବୁଢୀ, ପିଞ୍ଚୁ ଆଡାମ୍, ବଡ଼ ଦେବତା, ସ୍ଥାନୀୟ ସମସ୍ତ ଜଙ୍ଗଲର ଠାକୁର, ଠାକୁରାଣୀ | ଗ୍ରାମ ଆଖଡ଼ାଣୀ ଓ ଆବଶ୍ୟକ ସ୍ଥଳେ ଘରର ମୁଖିଆ | ପଞ୍ଚବର୍ଣ୍ଣୀ, ଅରୁଆ ଚାଉଳ, ଧୂପ, ଝୁଣା, ଶାଳପତ୍ର, ଶିଆଡ଼ି ପତ୍ର, କୁକୁଡ଼ା ଓ ବୋଦା | ଏହି ପର୍ବରେ ଘରେ ଘରେ ମୁଖିଆ ପୂଜାପାଠ କରନ୍ତି ଓ ପରସ୍ପରକୁ ନିମନ୍ତ୍ରଣ ଜଣାଇ ମାଂସ ଓ ହାଣ୍ଡିଆ ପ୍ରଦାନ କରିଥାନ୍ତି । ଅଷାଢିଆ ପୂଜାରେ ପରିବାରରୁ ଜଣେ ଜଣେ ଉପସ୍ଥିତ ରହି ସାମୂହିକ ପୂଜାପାଠ ରହିଥାନ୍ତି । | ଆଷାଢ଼ ମାସର ଝିପିଝିପି ବର୍ଷାସାଙ୍ଗକୁ ହାଣ୍ଡିଆ ପାନ କରି ସ୍ତ୍ରୀ ଓ ପୁରୁଷଙ୍କ ନାଚ ଅତ୍ୟନ୍ତ ମନୋମୁଗଧ କର । ଧୁମ୍‌ସା, ନାଗରାର ତାଳେ ତାଳେ ସେମାନଙ୍କ ଅଙ୍ଗଭଙ୍ଗୀ ବେଶ୍ ଆମୋଦଦାୟକ | ରଜପର୍ବ ସେମାନଙ୍କୁ ଯଥେଷ୍ଟ ଆନନ୍ଦ ଦେଇଥାଏ, ବର୍ଷା ଭଲ ହେବାପାଇଁ ମାନସିକ କରି ପୂଜା ପାର୍ବଣରେ ନିଜକୁ ହଜାଇ ଦେଇଥାନ୍ତି । |

## "ମାଙ୍କିଡ଼ିଆ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

### "ମାଙ୍କିଡ଼ିଆ" ପର୍ବପର୍ବାଣି ସାରଣୀ

| ଓଡ଼ିଆ, ମାଙ୍କିଡ଼ିଆ ଓ ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବଦେବୀ | ପୂଜାରୀ | ପୂଜୋ--ପକରଣ | ପୂଜାଉପଚାର,ବ୍ୟକ୍ତିଗତ /ସାମୁହିକ | ସଂସ୍କୃତିକ କାର୍ଯ୍ୟକ୍ରମ (ନାଚଗୀତ) | ମନ୍ତବ୍ୟ |
|---|---|---|---|---|---|---|---|---|
| ୪. ଶ୍ରାବଣ /ଶ୍ରାବଣ ବଙ୍ଗା /ଜୁଲାଇ-ଅଗଷ୍ଟ | ଗହ୍ମାପର୍ବ ଓ ଚିଉଡ (ଚିଭା) ଅମାବାସ୍ୟା | ଶ୍ରାବଣ ପୂର୍ଣ୍ଣିମାରେ ଗହ୍ମାପର୍ବ ପାଳନ କରାଯାଏ, ଏହି ମାସର ମଧ୍ୟ ଭାଗରେ ଚିଉଡ ଅମାବାସ୍ୟା ପର୍ବ ପଡ଼େ | ପିଞ୍ଜୁବୁଢ଼ୀ,ପିଞ୍ଜୁ ଆଡ଼ାମ୍ ଗ୍ରାମ ଦେବତା ଓ ଦେବତା ଜଙ୍ଗଲ ଠାକୁରାଣୀ | ଘରର ମୁଖିଆ ନିଜେ | ପଞ୍ଚୁବର୍ଣ୍ଣ, ଝୁଣା, ଧୂପ, ସିଆଡ଼ି ପତ୍ର, ଶାଳପତ୍ର, ଅରୁଆ ଚାଉଳ, କୁକୁଡ଼ା ଇତ୍ୟାଦି | ଏହି ପର୍ବପର୍ବାଣୀରେ ଗ୍ରାମ ଦେବା/ଦେବୀଙ୍କ ନିକଟରେ ପୂର୍ବରୁ ମନାସିଥିବା ମାନସିକ ପୂରଣ ହୋଇଥିଲେ କୁକୁଡ଼ା, ବୋଦା ବଳି ଚଢାଯାଇ ପୂଜା କରାଯାଇଥାଏ । | ନାଚ-ଗୀତ ସାଙ୍ଗକୁ ବର ଓ କନ୍ୟା ମଧ୍ୟରେ ବାହାଘର ହେବାର ଥିଲେ ଏହି ପର୍ବମାନଙ୍କରେ ତାହା କରାଯାଇପାରେ । | ଏହି ଗହ୍ମାପର୍ବ ଓ ଚିଉଡ ଅମାବାସ୍ୟାରେ ଗ୍ରାମ ଦେବୋଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ବିଶେଷ ପୂଜା ଓ ଗୀତ ବୋଲା ଯାଇଥାଏ । |
| ୫. ଭାଦ୍ରବ /ଭାଦ୍ରବ ବଙ୍ଗା /ଅଗଷ୍ଟ-ସେପ୍ଟେମ୍ବର | ନୂଆଖାଇ (ନମାଜମ୍) | ଭାଦ୍ରବ ମାସର ମଧ୍ୟ ଭାଗରେ ନୂଆଖାଇ ପର୍ବପଡ଼େ | ଗ୍ରାମ ଦେବତା | ଘରର ମୁଖିଆ | ଝୁଣା, ଧୂପ, ଶାଳପତ୍ର, ସିଆଡ଼ିପତ୍ର ଇତ୍ୟାଦି । | ସମସ୍ତେ ଏହି ପର୍ବ ପାଳନ କରନ୍ତି ନାହିଁ, ଯଦି କେହି ଭାଗଚାଷୀ ଥାଆନ୍ତି, ଏହି ପର୍ବ ପାଳନ କରନ୍ତି । | ଭାଗଚାଷୀ କରିଥିବା ବ୍ୟକ୍ତିଜଣକ ତାଙ୍କର ସାଙ୍ଗ ସାଥୀଙ୍କୁ ଡ଼ାକି ହାଣ୍ଡିଆ ପ୍ରଦାନ କରି ଗୀତ ନାଚ କରିଥାନ୍ତି । | ନୂଆଶସ୍ୟରୁ ଆଗମନହେତୁ ଏହା ପାଳନ କରାଯାଏ. ଏହି ପର୍ବ ପୂର୍ବରୁ ନୂତନ ଶସ୍ୟ ଖାଇବା ନିଷେଧ । |

## "ମାଙ୍କିଡ଼ିଆ" ପର୍ବପର୍ବାଣି ସାରଣୀ

| ଓଡ଼ିଆ, ମାଙ୍କିଡ଼ିଆ ଓ ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବଦେବୀ | ପୂଜାରୀ | ପୂଜୋ--ପକରଣ | ପୂଜାଉପଚାର,ବ୍ୟକ୍ତିଗତ /ସାମୁହିକ | ସଂସ୍କୃତିକ କାର୍ଯ୍ୟକ୍ରମ (ନାଚଗୀତ) | ମନ୍ତବ୍ୟ |
|---|---|---|---|---|---|---|---|---|
| ୬. ଆଶ୍ୱିନ /ଆଶ୍ୱିନ ବଙ୍ଗା /ସେପ୍ଟେମ୍ବର-ଅକ୍ଟୋବର | ଦାସାଏଁ ବା ଆଂହର | ଆଶ୍ୱିନ ମାସର ମଧ ଭାଗରେ | ଦେବୀ ଦୁର୍ଗା | ପୂଜାରୀ ଓ ତାଙ୍କର ଚେଲା | ଝୁଣା, ଧୂପ, ପଞ୍ଚବର୍ଣ୍ଣୀ,ଶାଳପତ୍ର, ସିଆଡ଼ି ପତ୍ର ସାଙ୍ଗକୁ ଅନ୍ତତଃ ୨୦/୨୫ଟି କୁକୁଡ଼ା ଓ ଗୋଟିଏ ବୋଦା | ସାମୂହିକ ଭାବେ ଗ୍ରାମର ପୁରୁଷ/ସ୍ତ୍ରୀ ଏକାତ୍ରିତ ହୋଇ ଦେବୀ ଦୁର୍ଗାଙ୍କ ଉଦ୍ଦେଶ୍ୟରେ ପୂଜାରୀ ପୂଜା କରେ । ଚେଲାମାନେ ଗାଁକୁ ଯାଇ କୁକୁଡ଼ା ଓ ମାନସିକ ପୂରଣ ହୋଇଥିବା ବ୍ୟକ୍ତିଠାରୁ ବୋଦାକୁ ଆଣି ବଳି ଦିଆଯାଏ, ମନ୍ତ୍ର ଶିକ୍ଷା ମଧ ଏହି ପୂଜାରେ ହୋଇଥାଏ । | ଅନ୍ତତଃ ୩/୪ ଦିନ ପର୍ଯ୍ୟନ୍ତ ଏହି ପୂଜା ଲାଗି ରହେ, ଗୀତ, ନାଚ ସାଙ୍ଗକୁ ନାଟକ (ଡ୍ରାମା) ଶିଖିଥିଲେ ପରିବେଷଣ କରାଯାଏ । | ଏହି ଆଂହାର ପୂଜାରେ ଆଖୁଚାଷୀ ତାଙ୍କର ଅନୁଗତ ଶିଷ୍ୟମାନଙ୍କୁ ମନ୍ତ୍ର-ତନ୍ତ୍ର ଶିକ୍ଷା କାର୍ଯ୍ୟର ଶୁଭାରମ୍ଭ କରିଥାନ୍ତି । |
| ୭. କାର୍ତ୍ତିକ /କାର୍ତ୍ତିକ ବଙ୍ଗା /ଅକ୍ଟୋବର-ନଭେମ୍ବର | ସରାଏ ବଙ୍ଗା କାଳୀ ପୂଜା | କାର୍ତ୍ତିକ ମାସର ମଧ ଭାଗରେ | ମାଆ କାଳୀ ପିଞ୍ଜୁବୁଢ଼ୀ ପିଞ୍ଜୁଆଡାମ୍ | ଘରର କର୍ତ୍ତା | ପଞ୍ଚୁବର୍ଣ୍ଣୀ,ଧୂପ, ଝୁଣା,ଶାଳପତ୍ର | ଘରର କର୍ତ୍ତା ନିଜ ଘରର ସମସ୍ତଙ୍କର ଶୁଭ ମନାସି ଏହି ପର୍ବ ପାଳନ କରିଥାନ୍ତି, ଘୁଷୁରୀ, କୁକୁଡ଼ାକୁ ଭୋଗ ନ ହେବାପାଇଁ କାଳୀ ଠାକୁରାଣୀ ଓ ଗ୍ରାମ ଦେବତାଙ୍କୁ ପୂଜା କରାଯାଇଥାଏ । | ଘରେ ଘରେ ପ୍ରସ୍ତୁତ ହାଣ୍ଡିଆ ପାନ କରି ମନ ଆନନ୍ଦରେ ନୂଆ ଜାମା ପିନ୍ଧି ନାଚ-ଗୀତରେ ନିଜକୁ ମଜ୍‌ଗୁଲ କରିଥାନ୍ତି । | ଓଡ଼ିଶାର ଯେତେ ପ୍ରସିଦ୍ଧ କାଳୀ ଠାକୁରାଣୀ ଅଛନ୍ତି ସମସ୍ତଙ୍କ ଉଦ୍ଦେଶ୍ୟରେ ପୂଜାପାଠ କରାଯାଏ, ଏହାଦ୍ୱାରା ସେମାନଙ୍କୁ ଓ ପଶୁପକ୍ଷୀମାନଙ୍କ ଭୋଗ ହେବା ନାହିଁ ବୋଲି ଏମାନଙ୍କର ବିଶ୍ୱାସ । |

## "ମାଙ୍କିଡ଼ିଆ" ପର୍ବପର୍ବାଣି ସାରଣୀ

| ଓଡ଼ିଆ, ମାଙ୍କିଡ଼ିଆ ଓ ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବଦେବୀ | ପୂଜାରୀ | ପୂଜୋ-ପକରଣ | ପୂଜାଉପଚାର,ବ୍ୟକ୍ତିଗତ /ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ (ନାଚଗୀତ) | ମନ୍ତବ୍ୟ |
|---|---|---|---|---|---|---|---|---|
| ୮. ମାର୍ଗଶିର /ମାର୍ଗଶିର ବଙ୍ଗା /ନଭେମ୍ବର-ଡ଼ିସେମ୍ବର | - | - | - | - | - | - | - | - |
| ୯. ପୌଷ /ପୌଷ ବଙ୍ଗା /ଡ଼ିସେମ୍ବର-ଜାନୁୟାରୀ | ମକର ପର୍ବ ବା (ସାକାରାତ୍) | ପୌଷ ମାସର ପ୍ରଥମ ଦିନଠାରୁ ୮ଦିନ ପର୍ଯ୍ୟନ୍ତ ପାଳନ କରାଯାଏ । | ଗ୍ରାମ ଦେବତୀ/ ଦେବତା, ଜଙ୍ଗଲ ଦେବତା, ଘରର ଇଷ୍ଟ ଦେବତାଙ୍କୁ ପୂଜା କରାଯାଏ । | ସାମୂହିକ ପୂଜାରେ ଗାଁ ଆଖଡାଶୀ ଓ ଘରୋଇ ପୂଜାରେ ନିଜେ ଗୃହକର୍ତ୍ତା ପୂଜାରୀ ହୁଅନ୍ତି । | ଝୁଣା, ଧୂପ, ଶାଳପତ୍ର, ସିଆଡ଼୍ ପତ୍ର ସାଙ୍ଗକୁ ଗୋଟିଏ ବୋଦା ୨୦/୨୫ଟି କୁକୁଡ଼ା ଓ ୨ଟି ପାରା ପୂଜା ହୁଏ । | ଗ୍ରାମର ମୁଖ୍ୟପୂଜକଙ୍କ ସମେତ ତାଙ୍କ ଚେଲାମାନେ ସମବେତ ହୋଇ ପୂଜା କରନ୍ତି, ଗୃହକର୍ତ୍ତା ନିଜ ଘରର ମଙ୍ଗଳପାଇଁ ଘରେ ଘରେ ଇଷ୍ଟଦେବତାଙ୍କୁ ଧୂପ, ଝୁଣା ଦେଇ ମାନସିକ ପୂଜା କରନ୍ତି । | ପୂଜା ପରେ ସ୍ଥଳରେ ୭/୮ ଦିନ ପର୍ଯ୍ୟନ୍ତ ନାଚ-ଗୀତ ହୋଇଥାଏ, ନାଟକ (ଡ୍ରାମା) ଶିଖି ଥିଲେ ମଧ୍ୟ ପରିବେଷଣ ହୋଇଥାଏ । | ଏହି ମକର ପର୍ବକୁ ଖୁବ୍ ଧୁମ୍ ଧାମ୍‌ରେ ପାଳନ କରବା ପାଇଁ ପୂର୍ବରୁ ସମସ୍ତ ବନ୍ଦୋବସ୍ତ କରିଥାନ୍ତି, ହାଣ୍ଡିଅ, ମାଂସ ସହିତ ନାଚ-ଗୀତ ୭/୮ ଦିନ ପର୍ଯ୍ୟନ୍ତ ପାଳନ କରିଥାନ୍ତି । |

| "ମାଙ୍କିଡ଼ିଆ" ପର୍ବପର୍ବାଣି ସାରଣୀ | | | | | | | | |
|---|---|---|---|---|---|---|---|---|
| ଓଡ଼ିଆ, ମାଙ୍କିଡ଼ିଆ ଓ ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବଦେବୀ | ପୂଜାରୀ | ପୂଜୋ--ପକରଣ | ପୂଜାଉପଚାର,ବ୍ୟକ୍ତିଗତ /ସାମୂହିକ | ସଂସ୍କୃତିକ କାର୍ଯ୍ୟକ୍ରମ (ନାଚଗୀତ) | ମନ୍ତବ୍ୟ |
| ୧୦.ମାଘ /ମାଘ ବଙ୍ଗା /ଜାନୁୟାରୀ-ଫେବ୍ରୁୟାରୀ | ଠାକୁରାଣୀ ପୂଜା | ମାସରଯେକୌଣସି ଦିନ ଏହା ପାଳନ କରାଯାଇପାରେ । | ସମସ୍ତ ଜଙ୍ଗଲ ଠାକୁରାଣୀଙ୍କୁ ସମେତ ଏହି ମାସରେ ସ୍ୱତନ୍ତ୍ର ପୂଜା କରାଯାଏ । | ଗାଁ ପୂଜାରୀ ଆଖଡ଼ାଙ୍କ ସମେତ ଗ୍ରାମବାସୀ ବୃନ୍ଦ । | ଧୂପ, ଝୁଣା, ପଞ୍ଚୁବର୍ଣ୍ଣୀ ସମେତ କୁକୁଡ଼ା ଓ ବୋଦା । | ସାମୂହିକ ଭାବେ ଏହା ନିକଟସ୍ଥ ଜଙ୍ଗଲର ଶାଳଗଛ ମୂଳରେ ସମସ୍ତ ଜଙ୍ଗଲ ଠାକୁରାଣୀଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶରେ ପୂଜା କରାଯାଏ। | - | ନିଜର ଜୀବିକା ପାଇଁ ସଦା ଜଙ୍ଗଲ ଉପରେ ନିର୍ଭର କରୁଥିବାରୁ ଜଙ୍ଗଲ ପୂଜା କରାଯାଇଥାଏ । |
| ୧୧.ଫାଲଗୁନ /ଫାଲଗୁନ ବଙ୍ଗା /ଫେବ୍ରୁୟାରୀ-ମାର୍ଚ୍ଚ | ବାହାବଙ୍ଗା (ଡ଼ାଲପୂଜା) ଓ ହୋଲି ଉତ୍ସବ | ଫାଲଗୁନ ମାସର ଚନ୍ଦ୍ର ଦର୍ଶନ ଦିନ ଡ଼ାଲପୂଜା ହୁଏ ଓ ମାସର ପ୍ରଥମ ଭାଗରେ ହୋଲି ଉତ୍ସବ ପଡ଼େ । | ପିଞ୍ଝୁ, ବୁଢୀ ଓ ପିଞ୍ଝୁ ଆଡାମ୍ | ଆଖଡ଼ାଣୀ ଓ ତାଙ୍କ ଚେଲା। ହୋଲିରେ ଯୁବକ-ଯୁବତୀ ମାନେ ଅଂଶ ଗ୍ରହଣ କରନ୍ତି । | ଧୂପ, ଝୁଣା, ବିଭିନ୍ନ ପ୍ରକାର ଫୁଲରେ ଡ଼ାଳ ପୂଜାହୁଏ, ହୋଲିରେ ନାଲିରଙ୍ଗ ବ୍ୟତୀତ ଅନ୍ୟରଙ୍ଗକୁ ବ୍ୟବହାର କରନ୍ତି । | ସାମୂହିକ ଭାବେ ଏହା ପାଳନ କରାଯାଏ । | ଡ଼ାଳପୂଜାରେ ଗୀତ-ନାଚ ହୋଇଥାଏ । | ଡ଼ାଳପୂଜା ତାଙ୍କର ପୂର୍ବରୁ ହୋଇ ଆସୁଥିବାରୁ ଏହା ପାଳନ କରାଯାଏ, ହୋଲି ପର୍ବ ଅନ୍ୟମାନଙ୍କଠାରୁ ଦେଖି-ଶିଖି ପାଳନ କରୁଛନ୍ତି। |
| ୧୨.ଚୈତ୍ର /ଚୈତ୍ର ବଙ୍ଗା /ମାର୍ଚ୍ଚ-ଏପ୍ରିଲ୍ | - | - | - | - | - | - | - | - |

# ବାର୍ଷିକ ଦ୍ରବ୍ୟ ସଂଗ୍ରହ ସାରଣୀ

| "ମାଙ୍କିଡ଼ିଆ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ | | | | | | | |
|---|---|---|---|---|---|---|---|
| ଓଡ଼ିଆ, ମାଙ୍କିଡ଼ିଆ ମାସର ନାମ | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣି ଦେବଦେବୀ | ସଂଗୃହୀତ ବନଜାତ ଦ୍ରବ୍ୟ | | ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| ବୈଶାଖ /ବୈଶାଖ ବଙ୍ଗା /ଏପ୍ରିଲ୍- ମେ | ଶାଳପତ୍ର (ସାରଜମ୍ ସାକାମ୍) ସିଆଡ଼ି ପତ୍ର (ଲାମା ସାକାମ୍), ଜାଳେଣି କାଠ (ତିରିଲ୍ ଝୁରିତ୍) ଡାଳପତ୍ର, ସିଆଡ଼ି ଛେଲି (ବାଏର୍) | କେନ୍ଦୁ (ତିରିଲ୍), ଆମ୍ବ (ଉଲ୍), ଶାଳମଞ୍ଜି (ସାରଜମ୍ ଜାଙ୍ଗ), ଝୁଣା, (ଧୁନା), ମହୁ (ହରମ୍ ସି) ଦାନ୍ତକାଠି ( ବିଭିନ୍ନ ପ୍ରକାରର ଔଷଧୀୟ ଚେର (ରେହେତ୍) । | ଏହି ମାସରେ ହୁଲମୁଟ୍ ପୂଜା, ଏହି ପୂଜାରେ ଜଙ୍ଗଲରୁ ଅଣାଯାଇ ଥିବା ଶାଳ, ସିଆଡ଼ି ପତ୍ରକୁ ପୂଜାରେ ବ୍ୟବହାର କରାଯାଏ । ଗ୍ରାମ ଠାକୁରାଣୀଙ୍କୁ ପୂଜା ମଧ୍ୟ କରାଯାଏ । | ଶାଳପତ୍ରକୁ ଖାଦ୍ୟ ସେବନର ଉପକରଣ ହିସାବରେ ଓ ପୂଜାପାଠରେ ବ୍ୟବହାର କରଯାଏ । ଝୁଣାକୁ ପୂଜା କାର୍ଯ୍ୟରେ ଓ ମହୁକୁ ଔଷଧ ପାଇଁ ବ୍ୟବହାର କରାଯାଏ । ସିଆଡ଼ି ଛେଲିରୁ ଦଉଡ଼ି, ପଘା ତିଆରି କରି ବ୍ୟବହାର ଓ ବିକ୍ରି କରାଯାଇଥାଏ । | କେନ୍ଦୁ, ଆମ୍ବକୁ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ । | ଶାଳମଞ୍ଜିକୁ ସ୍ଥାନୀୟ ବେପାରୀକୁ ବିକ୍ରୀ କରିଥାନ୍ତି, ସିଆଡ଼ିଛେଲିରୁ ତିଆରି ଦ୍ରବ୍ୟକୁ ଗାଁ, ଗାଁ ବୁଲି ବିକ୍ରୀ କରିଥାନ୍ତି । | ଝୁଣା, ମହୁକୁ ସେମାନେ ଜଙ୍ଗଲରୁ ପେରୁଥିବା ସମୟରେ ଯଦି ପାଆନ୍ତି, ତେବେ ସଂଗ୍ରହ କରନ୍ତି, ନଚେତ୍ ନାହିଁ । |
| ଜ୍ୟେଷ୍ଠ /ଜ୍ୟେଷ୍ଠ ବଙ୍ଗା /ମେ-ଜୁନ୍ | ଶାଳପତ୍ର (ସାରଜମ୍ ସାକାମ୍), ସିଆଡ଼୍ ପତ୍ର (ଲାମା ସାକାମ୍), ଜାଳେଣି କାଠ(ସାହାମ୍ ଝୁରିତ୍) ଡାଳପତ୍ର ସିଆଡ଼୍ ଛେଲି (ବାଏର୍) | ଆମ୍ବ(ଉଲ୍), କେନ୍ଦୁ (ତିରିଲ୍), ଝୁଣା (ଧୁନା),ମହୁ(ହରମ୍ ସି), ଚାରକୋଳି, ଦାନ୍ତକାଠି, ପିତାଶାଗ । | – | ଜାଳେଣି କାଠକୁ ନିଜର ରୋଷେଇ କାର୍ଯ୍ୟରେ ଜାଳେଣି ରୂପେ, ଶାଳ ଓ ସିଆଡ଼ ପତ୍ରକୁ ଖାଦ୍ୟ ସେବନରେ ବ୍ୟବହାର କରନ୍ତି, ସିଆଡ଼ ଛେଲିରୁ ଦଉଡ଼ି, ପଘା ତିଆରି କରାଯାଇ ଛେଲି ବାନ୍ଧିବା କାର୍ଯ୍ୟରେ ବ୍ୟବହାର କରନ୍ତି । | ଆମ୍ବ, କେନ୍ଦୁ ଇତ୍ୟାଦି ଫଳକୁ ଖାଦ୍ୟାକାରରେ ବ୍ୟବହାର କରନ୍ତି । | ଜାଳେଣି କାଠ (ସାହାନ୍ ଝୁରିତ୍)କୁ ସମୟ ସମୟରେ ଦୋଡ଼ଣୀ ଗ୍ରାମରେ ବିକ୍ରୀ କରିଥାନ୍ତି, ପଘା, ଶିକା, ଡ଼ାହୁଣୀ ଇତ୍ୟାଦିକୁ ଗ୍ରାମମାନଙ୍କରେ ବିକ୍ରୀ କରିଥାନ୍ତି । | ଆମ୍ବ, କେନ୍ଦୁ ଇତ୍ୟାଦି ଫଳକୁ ଖାଇବା ପାଇଁ କେବଳ ସଂଗ୍ରହ କରାଯାଇଥାଏ, ବିକ୍ରୟ ପାଇଁ ନୁହେଁ । |

## “ମାଙ୍କିଡ଼ିଆ” ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

| ଓଡ଼ିଆ, ମାଙ୍କିଡ଼ିଆ ମାସର ନାମ | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣି ଦେବଦେବୀ | ସଂଗୃହୀତ ବନଜାତ ଦ୍ରବ୍ୟ | | ବିପଣନ | ମନ୍ତବ୍ୟ |
|---|---|---|---|---|---|---|---|
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| ଆଷାଢ /ଆଷାଢ ବଙ୍ଗା /ଜୁନ୍-ଜୁଲାଇ | ଶାଳପତ୍ର (ସାରଜମ୍ ସାକାମ୍), ସିଆଡ଼ ପତ୍ର (ଲାମା ସାକାମ୍), ଜାଳେଣି କାଠ (ସାହାନ୍ ଝୁରିତ୍) ଦାନ୍ତକାଠି ବିଭିନ୍ନ ପ୍ରକାରର ଶାଗ (ଆଡ଼ା) ଡ଼ାଳ ପତ୍ର, ଖୁଣ୍ଟି, ବତା । | ଛତୁ (ଉତ୍), ଆମ୍ବ (ଉଲ୍), ପତାସ()ଔଷଧୀୟ ଚେର (ରେହେଡ) ଯଥା- ଅଗ୍ନିଝାଳ, ରାନୁ, ହାଡ଼ାତ୍, ପିତୁର, ଗଦ ଇତ୍ୟାଦି । | ଆଷାଢ ମାସର ଗ୍ରାମ ଦେବତୀଙ୍କୁ ରଜ ପର୍ବରେ ପୂଜା କରାଯାଏ, ଆଷାଢିଆ ପୂଜା ମଧ କରାଯାଇ ଭଲ ବର୍ଷାପାଇଁ ଜଙ୍ଗଲ ଦେବତାଙ୍କୁ କୁକୁଡ଼ା ବଳି ଦିଆଯାଇଥାଏ । | ଶାଳପତ୍ର ଓ ସିଆର୍ଡ଼ି ପତ୍ରକୁ ଖୋଲି, ଦୋନା ତିଆରି କରି ନିଜ ବ୍ୟବହାର୍ଯ୍ୟରେ ଲଗାଇଥାନ୍ତି । ଡ଼ାଳପତ୍ର ଓ ଖୁଣ୍ଟି ବତାକୁ ଘର ନିର୍ମାଣ କାର୍ଯ୍ୟରେ ବ୍ୟବହାର କରନ୍ତି । | ବିଭିନ୍ନ ଫଳମୂଳ ଓ ଛତୁକୁ ଖାଦ୍ୟରୂପେ ଓ ଜାଳେଣି କାଠକୁ ରୋଷେଇ କାର୍ଯ୍ୟରେ ବ୍ୟବହାର କରନ୍ତି । | ଜାଳେଣି କାଠକୁ ଓ ପତ୍ରରୁ ପ୍ରସ୍ତୁତ ଖଲି ଓ ଦୋନାକୁ ସ୍ଥାନୀୟ ବେପାରୀକୁ ବିକ୍ରୀ କରିଥାନ୍ତି । | ଏହି ମାସରେ ଭଲ ବର୍ଷା ହୋଇ ଜଙ୍ଗଲ ସବୁଜିମାଭରା ହୋଇ ଯାଉଥିବାରୁ ତରକାରୀ ପାଇଁ ଏହା ବେଶ୍ ପ୍ରଫୁଲ୍ଲିତ ଥିବାପରି ମନେ ହୁଅନ୍ତି । |
| ଶ୍ରାବଣ /ଶ୍ରାବଣ ବଙ୍ଗା /ଜୁଲାଇ-ଅଗଷ୍ଟ | ଶାଳ ପତ୍ର( ସାରଜମ୍ ସାକାମ୍), ସିଆଡ଼ି ପତ୍ର (ଲାମା ସାକାମ୍), ଜାଳେଣି କାଠ(ସାହାନ୍ ଝୁରିତ୍), ଡ଼ାଳପତ୍ର(), ଦାନ୍ତକାଠି(),ଶାଗ(ଆଡ୍ଡା), ଛତୁ(ଉତ୍), ଡ଼ାଳପତ୍ର, ଖୁଣ୍ଟି । | ବିଭିନ୍ନ ଔଷଧୀୟ ଚେର ଯଥା:- ଆଡ଼୍‌ତ୍ ପିଟ୍ଟୁ, ଅଗ୍ନିଝାଳ ଇତ୍ୟାଦି । | ଗହ୍ମା ପୂର୍ଣ୍ଣିମା ଓ ଚିତଉ ଅମାବ୍ୟସାରେ ଗ୍ରାମ ଦେବତୀଙ୍କୁ କୁକୁଡ଼ା, ବୋଦା ଇତ୍ୟାଦି ବଳି ଦିଆଯାଇଥାଏ । | ଶାଳପତ୍ର ଓ ସିଆଡ଼ି ପତ୍ରକୁ ପୂଜାର ଉପକରଣ ହିସାବରେ ଓ ଜାଳେଣି କାଠକୁ ରୋଷେଇ ପାଇଁ ବ୍ୟବହାର କରାଯାଏ । ଡ଼ାଳପତ୍ର ଓ ଖୁଣ୍ଟିକୁ ଘର ତିଆରିରେ ଲଗାଇଥାନ୍ତି । | ଔଷଧୀୟ ଚେରକୁ ବିଭିନ୍ନ ରୋଗର ଉପଶମ ପାଇଁ ବ୍ୟବହାର କରାଯାଇଥାଏ । | ଶାଳପତ୍ର ଓ ସିଆଡ଼ି ପତ୍ରରୁ ପ୍ରସ୍ତୁତଦୋନାକୁ ବିକ୍ରୀ କରିଥାନ୍ତି । | ଛତୁ ଏହି ମାସରେ ଭଲ ପରିମାଣରେ ପାଇଁ ପାରୁଥିବାରୁ ତରକାରୀ ପାଇଁ ଏହା ବେଶ୍ ସାହାଯ୍ୟ କରିଥାଏ । |

## "ମାଙ୍କିଡ଼ିଆ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

| ଓଡ଼ିଆ, ମାଙ୍କିଡ଼ିଆ ମାସର ନାମ | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣି ଦେବଦେବୀ | ସଂଗୃହୀତ ବନଜାତ ଦ୍ରବ୍ୟ | | ବିପଣନ | ମନ୍ତବ୍ୟ |
|---|---|---|---|---|---|---|---|
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| ଭାଦ୍ରବ /ଭାଦ୍ରବ ବଙ୍ଗା / ଅଗଷ୍ଟ - ସେପ୍ଟେମ୍ବର | ଜାଳେଣି କାଠ, ଡ଼ାଳପତ୍ର, ଛତୁ, ଶାଳପତ୍ର, ସିଆଡ଼ି ପତ୍ର, ସିଆଡ଼ି ଛେଲି ଇତ୍ୟାଦି । | ବିଭିନ୍ନ ଔଷଧୀୟ ଚେର | ନୂଆଖାଇ (ନାମାଜମ୍) | ସିଆଡ଼ି ଛେଲିରୁ ଗୃହପୋକରଣ ଦ୍ରବ୍ୟ ତିଆରି କରିଥାନ୍ତି । ଜାଳେଣି କାଠକୁ ରୋଷେଇ କାର୍ଯ୍ୟରେ, ଡ଼ାଳପତ୍ରକୁ ଘର ମରାମତି କାର୍ଯ୍ୟରେ ବ୍ୟବହୃତ କରନ୍ତି । | ଔଷଧୀୟ ଚେରକୁ ରୋଗର ଉପଶମ ପାଇଁ ବ୍ୟବହାର କରନ୍ତି । | ସିଆଡ଼ି ଛେଲିରୁ ପ୍ରସ୍ତୁତ ଦ୍ରବ୍ୟକୁ ଗାଁ-ଗଣ୍ଡାମାନଙ୍କରେ ବିକ୍ରୀ କରିଥାନ୍ତି । | ବର୍ଷାର ପ୍ରାବଲ୍ୟ କମି ଯାଇଥିବାରୁ ଜଙ୍ଗଲକୁ ଯିବାପାଇଁ ଅଧିକ ସଂଖ୍ୟକ ଲୋକ ଆଗ୍ରହ ପ୍ରକାଶ କରନ୍ତି । |
| ଆଶ୍ୱିନ /ଆଶ୍ୱିନ ବଙ୍ଗା /ସେପ୍ଟେମ୍ବର- ଅକ୍ଟୋବର | ସିଆଡ଼ି ପତ୍ର, ସିଆଡ଼ି ଛେଲି, ଜାଳେଣି କାଠ, ଦାନ୍ତକାଠି, ଶାଳ ପତ୍ର, ଡ଼ାଳ ପତ୍ର, ଖୁଣ୍ଟି, ବତାଇ ଇତ୍ୟାଦି । | ବିଭିନ୍ନ ଔଷଧୀୟ ଚେର ଛତୁ । | ଦାସାଏଁ ବା ଆଠହାର୍ ଏହି ପୂଜାରେ ଦେବୀ ଦୁର୍ଗାଙ୍କ ଉଦ୍ଦେଶରେ ପୂଜା କରାଯାଏ, ଅନ୍ତତଃ ୨୦/୨୫ଟି କୁକୁଡ଼ା, ବୋଦା ଇତ୍ୟାଦିକୁ ବଳି ଦିଆଯାଏ । | ସିଆଡ଼ି ଛେଲିରୁ ଶିକା, ଦଉଡ଼ି, ପଘା ଇତ୍ୟାଦି ତିଆରି ହୋଇ ବ୍ୟବହାର ଓ ବିକ୍ରୀ ହୁଏ, କାଠକୁ ଜାଳେଣୀ ରୂପେ ବ୍ୟବହାର କରାଯାଇଥାଏ । ଡ଼ାଳପତ୍ର ଓ ଖୁଣ୍ଟି, ବତାକୁ ଘର ତିଆରି ଓ ମରାମତି କାର୍ଯ୍ୟରେ ବ୍ୟବହୃତ ହୁଏ । | ଔଷଧୀୟ ଚେରକୁ ରୋଗର ଉପଶମ ପାଇଁ ବ୍ୟବହାର କରାଯାଇଥାଏ । | ଜାଳେଣି କାଠ, ଖଲି ଓ ଦୋନା, ପଘା, ଶିକାକୁ ଗାଁମାନଙ୍କରେ ବିକ୍ରୀ କରାଯାଏ । | - |

| ଓଡ଼ିଆ, ମାଙ୍କିଡ଼ିଆ ମାସର ନାମ | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣି ଦେବଦେବୀ | ସଂଗୃହୀତ ବନଜାତ ଦ୍ରବ୍ୟ | | ବିପଣନ | ମନ୍ତବ୍ୟ |
|---|---|---|---|---|---|---|---|
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| କାର୍ତ୍ତିକ /କାର୍ତ୍ତିକ ବଙ୍ଗା /ଅକ୍ଟୋବର-ନଭେମ୍ବର | ସିଆଡ଼ିପତ୍ର, ଶାଳ ପତ୍ର, ଜାଳେଣୀ କାଠ, ସିଆଡ଼ି ଛେଲି, ଝୁଣା, ଦାନ୍ତକାଠି, ଡ଼ାଳପତ୍ର, ଖୁଣ୍ଟି, ବତା । | ଔଷଧୀୟ ଚେର, ମୂଳ ଇତ୍ୟାଦି । | ସରାଏ ବଙ୍ଗା (କାଳୀପୂଜା) ଏହି ମାସରେ ପାଳନ ହୋଇଥାଏ ଓ ଗ୍ରାମଦେବତୀଙ୍କୁ କୁକୁଡ଼ା, ବଳି ଦିଆଯାଇଥାଏ । | ଶାଳ ଓ ସିଆଡ଼ିପତ୍ର କୁ ପୂଜାରେ ବ୍ୟବହୃତ ହୋଇଥାଏ, ଶୁଖିଲା କାଠକୁ ଜାଳେଣୀରୂପେ ବ୍ୟବହାର କରାଯାଇଥାଏ । | ରୋଗ ଉପଶମ ପାଇଁ ଔଷଧୀୟ ବୃକ୍ଷ ଉଡ଼ାଳ,ଚେର, ମୂଳକୁ ବ୍ୟବହାର କରାଯାଇଥାଏ । | ସିଆଡ଼ି ଓ ଶାଳପତ୍ରରୁ ତିଆରି ଖଲି ଓ ଦୋନାକୁ ସ୍ଥାନୀୟ ବେପାରୀଙ୍କୁ ବିକ୍ରୀ କରାଯାଇଥାଏ । | – |
| ମାର୍ଗଶିର /ମାର୍ଗଶିର ବଙ୍ଗା / ନଭେମ୍ବର-ଜାନୁୟାରୀ | ସିଆଡ଼ି ଛେଲି, ଜାଳେଣୀକାଠ, ଶାଳପତ୍ର, ସିଆଡ଼ି ପତ୍ର, ଦାନ୍ତକାଠି । | ଝୁଣା, ମହୁ, ଔଷଧୀୟ ବୃକ୍ଷ । | – | ଜାଳେଣିକାଠକୁ ରୋଷେଇ କାର୍ଯ୍ୟରେ , ଶାଳପତ୍ର ଓ ସିଆଡ଼ି ପତ୍ରକୁ ଖାଦ୍ୟ ସେବନରେ ଉପକରଣ ହିସାବରେ ବ୍ୟବହାର କରାଯାଏ, ଦାନ୍ତକାଠିକୁ ଦାନ୍ତଘଷିବା କାର୍ଯ୍ୟରେ ବ୍ୟବହାର କରାଯାଏ । | ଔଷଧୀୟ ଦ୍ରବ୍ୟକୁ ରୋଗ ନିବାରଣରେ ବ୍ୟବହାର କରନ୍ତି । | ସିଆଡ଼ି ଛେଲିରୁ ପ୍ରସ୍ତୁତ ଦ୍ରବ୍ୟକୁ ଗାଁ ମାନଙ୍କରେ ବିକ୍ରୀ କରାଯାଇଥାଏ । ଝୁଣା, ମହୁକୁ ମଧ୍ୟ ବିକ୍ରୀ କରିଥାନ୍ତି । | ଅଧିକ ମାତ୍ରାରେ ଥଣ୍ଡା ଏହି ମାସରେ ଅନୁଭୂତ ହେଉଥିବାରୁ ଜଙ୍ଗଲରୁ ଶୁଖିଲାକାଠ ଗୋଟାଇ ତାକୁ ନିଆଁ ଜାଳି ଶୀତରୁ ରକ୍ଷା ପାଇବାପାଇଁ ଚେଷ୍ଟା କରନ୍ତି । |

## "ମାଙ୍କିଡ଼ିଆ" ବନଜାତ ଦ୍ରବ୍ୟ ସଂଗହ ସାରଣୀ

| ଓଡ଼ିଆ, ମାଙ୍କିଡ଼ିଆ ମାସର ନାମ | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣି ଦେବଦେବୀ | ସଂଗୃହୀତ ବନଜାତ ଦ୍ରବ୍ୟ | | ବିପଣନ | ମନ୍ତବ୍ୟ |
|---|---|---|---|---|---|---|---|
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| ପୌଷ /ପୌଷ ବଙ୍ଗା /ନଭେମ୍ବର-ଡିସେମ୍ବର | ଜାଳେଣି କାଠ, ସିଆଡ଼ି ଛେଲି, ଶାଳ ପତ୍ର, ଦାନ୍ତକାଠି, ଡ଼ାଳପତ୍ର, ଖୁଣ୍ଟି, ବତା । | ମହୁ, ଝୁଣା, ଔଷଧିୟ ଦ୍ରବ୍ୟା | ମକର ପର୍ବ (ସାଧାରାତ) ଏହି ମାସରେ ପଡ଼େ । ବିଜର ଇଷ୍ଟଦେବତା, ଜଙ୍ଗଲ ଦେବତାଙ୍କୁ ପୂଜା କରାଯାଏ, ୨୦/୨୫ଟି କୁକୁଡ଼ା ଓ ୨ଟି ପାରାକୁ ବଳୀ ଦିଆଯାଏ । | ଖୁଣ୍ଟି, ବତା, ଡ଼ାଳପତ୍ରକୁ ଗୃହ ନିର୍ମାଣ କାର୍ଯ୍ୟରେ, ଜାଳେଣି କାଠକୁ ଜାଳେଣୀ ରୂପେ, ଦାନ୍ତକାଠିକୁ ଦାନ୍ତ ଘଷିବାରେ ବ୍ୟବହାର କରନ୍ତି । | ମହୁ, ଝୁଣା, ଶାଳ ଓ ସିଆଡ଼ି ପତ୍ରକୁ ପୂଜା କାର୍ଯ୍ୟରେ ବ୍ୟବହାର ହୁଏ, ଔଷଧିୟ ଦ୍ରବ୍ୟକୁ ରୋଗ ଉପଶମ ପାଇଁ ବ୍ୟବହାର କରାଯାଏ । | ସିଆଡ଼ି ଛେଲି ଦ୍ରବ୍ୟକୁ ଗାଁ ମାନଙ୍କରେ ଓ ଖଲି, ଦୋନାକୁ ସ୍ଥାନୀୟ ବେପାରୀକୁ ବିକ୍ରୀ କରାଯାଇ ଥାଏ । | 'ସାକାରତ୍' ପର୍ବରେ ସମସ୍ତେ ମାତିଥିବାରୁ ଜଙ୍ଗଲକୁ ଯିବା ଏହି ମାସରେ କମ୍ ଦେଖା ଯାଇଥାଏ । |
| ମାଘ /ମାଘ ବଙ୍ଗ /ଜାନୁୟାରୀ-ଫେବୃଆରୀ | ଶାଳପତ୍ର, ସିଆଡ଼ି ପତ୍ର, ଜାଳେଣି କାଠ, ଡ଼ାଳପତ୍ର, ଖୁଣ୍ଟି,ବତା ଇତ୍ୟାଦି । | ଔଷଧିୟ ବୃକ୍ଷରୁ ଚେର, ମୂଳ, ମହୁ, ଝୁଣା । | ଜଙ୍ଗଲ ଠାକୁରାଣୀ ପୂଜା, ସମସ୍ତ ଜଙ୍ଗଲ ଠାକୁରାଣୀଙ୍କୁ ସନ୍ତୁଷ୍ଟ କରିବାପାଇଁ କୁକୁଡ଼ା ଓ ବୋଦାକୁ ବଳି ଦିଆଯାଏ । | ଡ଼ାଳପତ୍ର ଓ ଖୁଣ୍ଟିବତାକୁ ଗୃହ ତିଆରି ଓ ମରାମତି କାର୍ଯ୍ୟରେ, ପତ୍ରରୁ ଖଲି ଓ ଦୋନା ତିଆରି କରି ଖାଦ୍ୟ ସେବନ ବେଳେ ବ୍ୟବହାର କରନ୍ତି । | ଔଷଧିୟ ଦ୍ରବ୍ୟକୁ ରୋଗ ଉପଶମରେ ଓ ମହୁ, ଝୁଣାକୁ ନିଜର ପୂଜା କାର୍ଯ୍ୟରେ ବ୍ୟବହାର କରନ୍ତି । | ଖଲି, ଦୋନାକୁ ସ୍ଥାନୀୟ ବେପାରୀଙ୍କୁ ଓ ସିଆଡ଼ି ଛେଲି ପ୍ରସ୍ତୁତ ଦ୍ରବ୍ୟକୁ | ଅଧିକ ମାତ୍ରାରେ ଥଣ୍ଡା ଏହି ମାସରେ ଅନୁଭୂତ ହେଉଥିବାରୁ ଜଙ୍ଗଲରୁ ଶୁଖିଲାକାଠ ଗୋଟାଇ ତାକୁ ନିଆଁ ଜାଳି ଶୀତରୁ ରକ୍ଷା ପାଇବାପାଇଁ ଚେଷ୍ଟା କରନ୍ତି । |

| "ମାଙ୍କିଡିଆ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ | | | | | | | |
|---|---|---|---|---|---|---|---|
| ଓଡ଼ିଆ, ମାଙ୍କିଡ଼ିଆ ମାସର ନାମ | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣି ଦେବଦେବୀ | ସଂଗୃହୀତ ବନଜାତ ଦ୍ରବ୍ୟ | | ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| ଫାଲଗୁନ /ଫାଲଗୁନ୍ ବଙ୍ଗା /ଫେବୃଆରୀ-ମାର୍ଚ୍ଚ | ଜାଳେଣି କାଠ, ଡ଼ାଳପତ୍ର, ଶାଳପତ୍ର, ସିଆଡ଼ି ପତ୍ର, ଖୁଣ୍ଟି, ବତା, ମହୁଲଫୁଲଳ, (ମାତ୍‌କମ୍ ବାହା), ଶାଳଫୁଲ (ସାରଜମ୍ ବାହା) | ମହୁ, ଝୁଣା ଓ ବିଭିନ୍ନ ଔଷଧୀୟ ଚେର । | ବାହାବଙ୍ଗ (ଫୁଲ ପୂଜା) ହୋଲି ଉତ୍ସବ ପାଳନ ହୁଏ, ଗ୍ରାମ ଦେବାଦେବୀଙ୍କୁ ପୂଜା କରାଯାଏ । | ଖୁଣ୍ଟି, ବତା, ଡ଼ାଳପତ୍ରକୁ ଗୃହ ନିର୍ମାଣରେ, ଜାଳେଣି କାଠକୁ ରୋଷେଇ କାର୍ଯ୍ୟରେ ବ୍ୟବହାର କରନ୍ତି । | ମହୁ, ଝୁଣାକୁ ପୂଜାକାର୍ଯ୍ୟରେ ଓ ଔଷଧୀୟ ଦ୍ରବ୍ୟକୁ ରୋଗ ଉପଚାରରେ ବ୍ୟବହାର ହୁଏ । | ମହୁଲ ଓ ଶାଳଫୁଲକୁ ସ୍ଥାନୀୟ ବେପାରୀଙ୍କୁ ବିକ୍ରୀ କରାଯାଇଥାଏ । | ମହୁଲ ଫୁଲ ଓ ଶାଳଫୁଲ କେବଳ ଏହି ମାସରେ ସଂଗ୍ରହ କରା ଯାଇଥାଏ । |
| ଚୈତ୍ର /ଚୈତ୍ର ବଙ୍ଗା /ମାର୍ଚ୍ଚ-ଏପ୍ରିଲ୍ | ସିଆଡ଼ି ଛେଲି, ସିଆଡ଼ି ପତ୍ର, ଶାଳପତ୍ର, ଜାଳେଣୀ କାଠ, ମହୁଲ ମଞ୍ଜି (ମାତ୍‌କମ୍ ଜାଙ୍ଗ), ଶାଳ ମଞ୍ଜି (ସାରଜମ୍ ଜାଙ୍ଗ) | ଝୁଣା, ମହୁ ଓ ବିଭିନ୍ନ ଔଷଧୀୟ ଚେର । | - | ସିଆଡ଼ି ଛେଲିଜାତ ଦ୍ରବ୍ୟକୁ ପାଠମାନଙ୍କରେ, ପତ୍ରରୁ ତିଆରି ଖଲି ଓ ଦୋନାକୁ ଖାଦ୍ୟ ସେବନରେ ବ୍ୟବହାର କରନ୍ତି । | ଔଷଧୀୟ ଦ୍ରବ୍ୟକୁ ରୋଗ ନିରୁପଣରେ ବ୍ୟବହାର କରନ୍ତି । ଝଣା ମହୁକୁ ପୂଜା କାର୍ଯ୍ୟରେ କିମ୍ବା ସଞ୍ଚୟ କରି ରଖିଥାନ୍ତି । | ଖଲି, ଦୋନାକୁ ବେପାରିଙ୍କୁ ବିକ୍ରୀ କରଯାଏ। ସିଆଡ଼ି ଛେଲିଜାତ ଦ୍ରବ୍ୟକୁ ଗାଁ ମାନଙ୍କରେ ବିକ୍ରୀ କରିଥାନ୍ତି। ମହୁଲ ଓ ଶାଳ ମଞ୍ଜିକୁ ବେପାରୀଙ୍କୁ ବିକ୍ରୀ କରାଯାଇଥାଏ । | ମହୁଲ ମଞ୍ଜି ଓ ଶାଳମଞ୍ଜି ଗୋଟେଇ ବା ପାଇଁ ଏହି ମାସଟି ହିଁ ପ୍ରକୃଷ୍ଟ । |